R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୩୪୩
ତିଥି: ଅଷ୍ଟମୀ
୧୮ ସେପ୍ଟେମ୍ବର ୨୦୨୬, ଶୁକ୍ରବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

समय SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 343
18 September 2026, Friday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

### ଏକ ମାସ ବ୍ୟାପୀ ସେବା ସଂକଳ୍ପ ଅଭିଯାନ ଆରମ୍ଭ

## ମୋଦୀ ହେଉଛନ୍ତି 'ବିକଶିତ ଭାରତର ବିନ୍ଧାଣି'

ଭୁବନେଶ୍ୱର, ୧୭ ।୯ (ସବ୍ୟୁ) : "ରକ୍ତଦାନ କରି ଗୋଟିଏ ଜୀବନ ବଞ୍ଚାଇବାର ଅନୁଭବ ଆମର ଉଚ୍ଚ ମାନବୀୟ ମୂଲ୍ୟବୋଧର ପରିଚୟ ପ୍ରଦାନ କରିଥାଏ। ବିଜ୍ଞାନ ଯେତେ ଆଗେଇଲେ ମଧ୍ୟ ରକ୍ତର କୌଣସି ବିକଳ୍ପ ନାହିଁ ଏବଂ ଏହା କୌଣସି କାରଖାନାରେ ତିଆରି ହୋଇପାରିବ ନାହିଁ," ବୋଲି 'ସେବା ସଂକଳ୍ପ ଅଭିଯାନ' ଅବସରରେ ୟୁନିଟ-୩ ସ୍ଥିତ ଇଡ୍‌କୋ



### ଲୋକସେବା ଭବନରେ ଚାରାରୋପଣ
### ପ୍ରଦର୍ଶନୀ ପଡିଆରେ ମେଗା-ରକ୍ତଦାନ ଶିବିର
### 'ଅଟଳ ରକ୍ତଦାନ ଅଭିଯାନ' ପାଇଁ ୫୦.୫୪ କୋଟି
### ଯୁବବର୍ଗ ସମାଜସେବା, ରାଷ୍ଟ୍ର ନିର୍ମାଣରେ ବ୍ରତୀ ହୁଅନ୍ତୁ

ପ୍ରଦର୍ଶନୀ ପଡିଆରେ ଆୟୋଜିତ ମେଗା-ରକ୍ତଦାନ ଶିବିର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କହିଛନ୍ତି। ଏହି ପୂର୍ବରୁ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ଏକ ଅଶୋକ ଗଛର ଚାରା ମଧ୍ୟ ରୋପଣ କରିଥିଲେ। (୯ ପୃଷ୍ଠାରେ)

### ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଭୁବନେଶ୍ୱର, ୧୭ ।୯ : (ସବ୍ୟୁ) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ୭୬ତମ ଜନ୍ମ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।ସାମାଜିକ ଗଣମାଧ୍ୟରେ ସେ ଉଲ୍ଲେଖ କରିଛନ୍ତି ଯେ, ବିକଶିତ ଭାରତର ସ୍ୱପ୍ନ ଦ୍ରଷ୍ଟା, ଦେଶର ସ୍ୱାଭିମାନ ଓ ଜନସେବାର ଅନ୍ୟାନ୍ୟ ପ୍ରତିକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଜନ୍ମଦିବସ ଅବସରରେ ଓଡିଶାବାସୀଙ୍କ ପକ୍ଷରୁ ଆନ୍ତରିକ ଶୁଭେଚ୍ଛା ।

ସେ ଦର୍ଶାଇଛନ୍ତି ଯେ, ଓଡିଶା ଓ ଓଡିଶାବାସୀଙ୍କ ପ୍ରତି ତାଙ୍କର ଗଭୀର ସ୍ନେହ ଏବଂ ରାଜ୍ୟର ଭିତ୍ତିଭୂମି ବିକାଶ ପାଇଁ ତାଙ୍କର ଅସୀମ ସହଯୋଗ ନିମନ୍ତେ ଆମେ ସଦା କୃତଜ୍ଞ। ଏହି ସ୍ମରଣୀୟ ଅବସରରେ ମୋଦୀଙ୍କ ଜନକଲ୍ୟାଣକାରୀ ଆଦର୍ଶରେ ଅନୁପ୍ରାଣିତ ହୋଇ ଆମେ ସେବା ସଂକଳ୍ପ ପର୍ବ ପାଳନ କରୁଛୁ। ନିଷ୍ଠାପର ଜନସେବା, ଗରିବ କଲ୍ୟାଣ, ସମାଜର ଶେଷ ଧାଡିରେ ଥିବା ପ୍ରତ୍ୟେକ ବ୍ୟକ୍ତି ମୁହଁରେ ହସ ଫୁଟାଇ ଏବଂ ସମୃଦ୍ଧ ସଶକ୍ତ ଓ ବିକଶିତ ଓଡିଶା ଗଠନ ପାଇଁ ଆମେ ପୂର୍ଣ୍ଣ ସଂକଳ୍ପବଦ୍ଧ। ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ମୋଦୀଙ୍କର ଦୀର୍ଘ, ନିରାମୟ ଜୀବନ, ଉତ୍ତମ ସ୍ୱାସ୍ଥ୍ୟ ଓ ଅପାର କୃପା କାମନା କରୁଛି। ତାଙ୍କର ଦୀର୍ଘ (୯ ପୃଷ୍ଠାରେ)

### ଆଇଏମ୍‌ଡି ଆକଳନ ବଢ଼ାଇଲା ଚିନ୍ତା

## ଅବପାତରେ ପରିଣତ ହୋଇପାରେ ଲଘୁଚାପ

ଭୁବନେଶ୍ୱର, ୧୭ ।୯ (ସବ୍ୟୁ) : ଉତ୍ତର ଥାଇଲାଣ୍ଡ ଉପରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣି ବଳୟ ଧୀରେ ଧୀରେ ଉତ୍ତର ଆଣ୍ଡାମାନ ଆଡକୁ ଗତି କରୁଛି। ଭାରତୀୟ ପାଣିପାଗ ବିଭାଗ (ଆଇଏମଡି)ର ଆକଳନ ଅନୁଯାୟୀ ଆସନ୍ତା ୧୮ ତାରିଖ ସନ୍ଧ୍ୟା ସୁଦ୍ଧା ଏହା ଉତ୍ତର ଆଣ୍ଡାମାନ ସାଗର ଉପରେ ପହଞ୍ଚିପାରେ। ଘୂର୍ଣ୍ଣିବଳୟଟି ସମୁଦ୍ର ଉଚ୍ଚତା ଠାରେ ୭.୬ କିଲୋମିଟର ପର୍ଯ୍ୟନ୍ତ ବ୍ୟାପିଛି। ଏହାର ପ୍ରଭାବରେ ୧୯ ତାରିଖରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ ଓ ଧୀରେ ଧୀରେ ଏହା ପଶ୍ଚିମ -ଉତ୍ତର ପଶ୍ଚିମ ଆଡକୁ ଅଗ୍ରସର ହେବ। ଦକ୍ଷିଣ ଓଡିଶା ଓ ଉତ୍ତର ଆନ୍ଧ୍ର ଉପକୂଳରେ ୩ ରୁ ୪ ଦିନ ମଧ୍ୟରେ ପହଞ୍ଚିବ ବୋଲି ଆଇଏମଡି ଆକଳନ କରିଛି।

ତେବେ ଆଇଏମଡିର ଆକଳନ ଏବେ ଚିନ୍ତା ବଢାଇଛି। ସମ୍ଭାବ୍ୟ ବାତ୍ୟାକୁ ନେଇ ଜୋରଦାର ଚର୍ଚ୍ଚା ଆରମ୍ଭ ହୋଇଛି। ଆଇଏମଡିର ବୁଲେଟିନ ଅନୁଯାୟୀ ୧୬୮ ଘଣ୍ଟା ଅର୍ଥାତ୍ ୬ ଦିନ ପ୍ରୋବାବିଲିଟି ଅଫ ସାଇକ୍ଲୋଜେନେସିସ୍ ଜାରି କରିଛି। ୪ ଦିନ ପରେ ଅର୍ଥାତ ୨୧ ବା ୨୨ ତାରିଖ ବେଳକୁ ଏହା ଅବପାତରେ ପରିଣତ ହେବାର ୬୭ ପ୍ରତିଶତ ସମ୍ଭାବନା ରହିଛି। ଏହାର ପ୍ରଭାବରେ ସମୁଦ୍ର ଅଶାନ୍ତ ହୋଇପଡିବା ସହ ପାଖାପାଖି ୪୦ ରୁ ୫୦ କିଲୋମିଟର ପବନ ବହିବା ସହ ବଡ ବର୍ଷା ହୋଇପାରେ। ଏହା ଅଧିକ ଘନୀଭୂତ ହେବାର ଆଶଙ୍କା ରହିଛି। ମୌସୁମୀ ଅପସାରଣ କରୁଥିବାରୁ ଉପକୂଳଠୁ ଦୂରରେ ରୁହେ ତେବେ ଏହା ଆହୁରୀ ଅଧିକ ଘନୀଭୂତ ହୋଇପାରେ। ଜିଇଏଫଏସ୍ ଏବଂ ଇସିଏମଡବ୍ଲ୍ୟୁ ଭଳି ଆନ୍ତର୍ଜାତୀୟ ମଡେଲ ଅନୁସାରେ ଏହା ଅଧିକ ଘନୀଭୂତ ହୋଇ (୯ ପୃଷ୍ଠାରେ)

### ଡିଜିପି ନିଯୁକ୍ତି ମାମଲା

## ୨୨ରେ ପରବର୍ତ୍ତୀ ଶୁଣାଣି

ନୂଆଦିଲ୍ଲୀ, ୧୭ ।୯ : ଓଡିଶା ଡିଜିପି ନିଯୁକ୍ତି ମାମଲାର ଶୁଣାଣି ଆସନ୍ତା ୨୨ ତାରିଖକୁ ଘୁଞ୍ଚିଛି। ସୁପ୍ରିମକୋର୍ଟରେ ଏହି ମାମଲାର ଶୁଣାଣି ଚାଲିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ପକ୍ଷ ରଖି ଆଡଭୋକେଟ୍ ଜେନେରାଲ ପିତାମ୍ବର ଆଚାର୍ଯ୍ୟ କହିଥିଲେ ଯେ, ଏହି ମାମଲାରେ କିଛି ଅଫିସରଙ୍କ ଅଭିସନ୍ଧି ରହିଛି। ତେଣୁ ସରକାର ସମ୍ପୂର୍ଣ୍ଣ ଭାବେ ଆଇନ ସମତ କାର୍ଯ୍ୟ କରିଛନ୍ତି।

ଏଜି କହିଥିଲେ ଯେ, ସୁପ୍ରିମକୋର୍ଟରେ କିଛି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଶୁଣାଣି ୨୨ ତାରିଖକୁ ଘୁଞ୍ଚିଛି। ସେ ଓ ସଲିସେଟର ଜେନେରାଲ ତ୍ୱରିତ ଶୁଣାଣି ପାଇଁ ନିବେଦନ କରିଛନ୍ତି। ୟୁପିଏସସିକୁ ନାମ ସୁପାରିଶ କରିବାରେ କୌଣସି ତ୍ରୁଟି କରାଯାଇନାହିଁ। ପ୍ରକାଶ ରାୟ ଆଧାରରେ ନାମ ସୁପାରିଶ କରାଯାଇଛି। କୌଣସି ଠାରେ ସୁପ୍ରିମକୋର୍ଟ କହିନାହାଁନ୍ତି କେତେଜଣଙ୍କ ନାମ ସୁପାରିଶ ହେବ। କିଛି ଲୋକଙ୍କ ମଧ୍ୟରେ ଭ୍ରାନ୍ତ ଧାରଣା ରହିଛି।

ଯଦି ତିନୋଟି ନାମ ପକାଯିବ। ୟୁପିଏସସି ଏହାକୁ ଫେରାଇ ଦେବ ତାହାହେଲେ କ'ଣ ହେବ ବୋଲି ସେ ପ୍ରଶ୍ନ କରିଛନ୍ତି। ଓଡିଶା ପୋଲିସ ଡିଜି ଚୟନ ପ୍ରକ୍ରିୟାରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାବଳୀ ତଥା ୟୁପିଏସସି ନିର୍ଦ୍ଧାରିତ ନିୟମାବଳୀ ସମ୍ପୂର୍ଣ୍ଣ ଉଲଂଘନ ହୋଇଛି ବୋଲି ଆବେଦନକାରୀ ଅଭିଯୋଗ କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଓକିଲ ପି ଚିଦାମ୍ବରମ ଯୁକ୍ତି ବାଢିଥିଲେ ଯେ, ୨୦୦୬ ମସିହାରେ ପ୍ରକାଶ ସିଂ ମାମଲାରେ ସୁପ୍ରିମ୍‌କୋର୍ଟ ଦେଇଥିବା ରାୟକୁ ଉଲଂଘନ କରାଯାଇ ଜଣେ ଏଡିଜି ପାହ୍ୟାର ଅଫିସରଙ୍କୁ ରାତାରାତି ଡିଜି ପ୍ୟାନେଲରେ ସାମିଲ କରାଯାଇଛି।

### ଋଷରୁ ତେଲ କିଣିବା ପ୍ରସଙ୍ଗ

## ଭାରତ ଉପରେ ଟ୍ରମ୍ପ ଲଗାଇବେ ୧୦୦% ଶୁଳ୍କ

ନୂଆଦିଲ୍ଲୀ, ୧୭ ।୯ : ରୁଷରୁ ତେଲ କିଣୁଥିବା ଦେଶଗୁଡିକ ଉପରେ ଆମେରିକା ବଡ ଟାରିଫ ଲାଗାଇଛି। ଏହି କ୍ରମରେ ଚୀନ ଓ ଭାରତ ସମେତ କେତେକ ରାଷ୍ଟ୍ର ଉପରେ ୧୦୦ ପ୍ରତିଶତ ଶୁଳ୍କ ଲଗାଇଛି। ଆମେରିକାର ପ୍ରତିନିଧି ମଣ୍ଡଳ ସଭା ଏହାକୁ ପାରିତ କରିଥିବା ଜଣାପଡିଛି। ଏହି ସଭାରେ ୨୬୨-୧୫୯ ଭୋଟ୍‌ରେ ଅନୁମୋଦିତ ହୋଇଥିଲା। ବିଲ ପାରିତ ହେଲା ପରେ ଟ୍ରମ୍ପ ପ୍ରଶାସନର ଜଣେ ସଦସ୍ୟ ଉଭୟ ଭାରତ ଓ ଚୀନକୁ ଚେତାବନୀ ଦେଇଛନ୍ତି। ଭାରତ ଓ ଚୀନ ତୁରନ୍ତ ରୁଷର ତୈଳ ଓ ଗ୍ୟାସ ଉପରେ ନିର୍ଭରଶୀଳତା କମାନ୍ତୁ ନଚେତ ଆମେରିକା ପକ୍ଷରୁ ଆର୍ଥିକ ଦଣ୍ଡର ସମ୍ମୁଖୀନ ହେବାକୁ ପ୍ରସ୍ତୁତ ରୁହନ୍ତୁ।



ତେବେ ଆମେରିକାର ଏହି ପଦକ୍ଷେପ ପରେ ଭାରତ ପକ୍ଷରୁ କୁହାଯାଇଛି ଯେ, ଆମେ ଦେଶର ୧.୪ ବିଲିୟନ ଲୋକଙ୍କ ଶକ୍ତି ସୁରକ୍ଷା ପାଇଁ ପ୍ରତିବଦ୍ଧ। ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି ଯେ, ଏହା ପାରିତ ହେବା ପରେ ବାଣିଜ୍ୟ ଆର୍ଥିକ କ୍ଷେତ୍ରରେ ବିପଦ ରହିଛି। ଏହି ବିଲଟି ରୁଷିଆର ନେତୃତ୍ୱକୁ ଟାର୍ଗେଟ କରାଯାଇ ଅଣାଯାଇଛି। ଭାରତ ଏବେ ରୁଷିଆରୁ ଅଧିକ ଅଶୋଧିତ ତୈଳ କ୍ରୟ କରୁଛି। ଏହି ନୂଆ ବିଧେୟକ ଆମେରିକା ରାଷ୍ଟ୍ରପତି ଆଣିଲା ପରେ ଅତ୍ୟଧିକ ଶୁଳ୍କ ପଡିବ। ଭାରତୀୟ ତୈଳ ବିଶୋଧନାଗାର ଗୁଡିକ ମଧ୍ୟ ଆମେରିକା, ବ୍ରାଜିଲ, କାନାଡା, ଭେନିଜୁଆଲାରୁ ମଧ୍ୟ (୯ ପୃଷ୍ଠାରେ)

### ଆମେରିକା ପ୍ରତିନିଧିମଣ୍ଡଳ ସଭାରେ ପାରିତ
### ଆମେ ବାଣିଜ୍ୟ, ଆର୍ଥିକ ସ୍ୱାର୍ଥକୁ ସୁରକ୍ଷିତ କରିବୁ : ଭାରତ
### ଋଷ୍ ଉପରୁ ନିର୍ଭରଶୀଳତା କମାନ୍ତୁ ନଚେତ୍ ଆର୍ଥିକ ଦଣ୍ଡ : ଆମେରିକା ସାଂସଦ

## ବଜ୍ରପାତରେ ଦୁଇ ମହିଳା ମୃତ

ବରଗଡ଼, ୧୭ ।୯ (ସବ୍ୟୁ) : ବରଗଡ଼ ଜିଲ୍ଲା ସୋହେଲା ବ୍ଲକ ପାଣିମୋରା ପଞ୍ଚାୟତ କୁସୁର୍ ଗ୍ରାମରେ ଗୁରୁବାର ବଜ୍ରପାତରେ ଦୁଇଜଣ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ କଟାପାଲି ଗ୍ରାମର ଜାହ୍ନବୀ ପଧାନ (୪୫) ଓ ରିତା ପଧାନ (୩୨)। ସୂଚନା ଅନୁସାରେ, କଟାପାଲି ଗ୍ରାମର ଜାହ୍ନବୀ ଓ ରିତା ସକାଳେ ଚାଷଜମିରେ କାମ କରିବା ପାଇଁ ନିକଟସ୍ଥ ଗାଁ କୁସୁର୍ ଯାଇଥିଲେ।

କାମ କରୁଥିବା ବେଳେ ମଧ୍ୟାହ୍ନରେ ସେଠାରେ ବର୍ଷା ସହିତ ବଜ୍ରପାତ ହୋଇଥିଲା। ଫଳରେ ଉଭୟ ମହିଳା ଚାଷଜମିରେ ଟଳି ପଡ଼ିଥିଲେ । ବହୁ ସମୟ ପର୍ଯ୍ୟନ୍ତ ସେମାନେ ଘରକୁ ନଫେରିବାରୁ ପରିବାର ଲୋକେ ସେମାନଙ୍କୁ ଖୋଜିବାକୁ ଯାଇଥିଲେ। ଏହି ସମୟରେ ଉଭୟେ ବିଲରେ ପଡ଼ିଥିବା ଦେଖିଥିଲେ । ବଜ୍ରପାତରେ ଉଭୟଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିବା ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ପଠାଇଛି ।

## ଆଇପିଏସ୍ ଜଗମୋହନ ମୀନାଙ୍କ ଇସ୍ତଫା ଗୃହୀତ

ଭୁବନେଶ୍ୱର, ୧୭ ।୯ : ୨୦୧୩ ବ୍ୟାଚର ଆଇପିଏସ୍ ଅଫିସର ଜଗମୋହନ ମୀନାଙ୍କ ଇସ୍ତଫା ଗୃହିତ ହୋଇଛି। କେନ୍ଦ୍ର ଗୃହମନ୍ତ୍ରଣାଳୟ ପକ୍ଷରୁ ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ରାଷ୍ଟ୍ରପତି ତାଙ୍କ ଇସ୍ତଫାକୁ ଗ୍ରହଣ କରିଛନ୍ତି। ଚଳିତ ମାସ ୧୧ ତାରିଖରୁ ଏହା କାର୍ଯ୍ୟକାରୀ ହେବ।

ଆଇପିଏସ୍ ଅଫିସର ଶ୍ରୀ ମୀନା ବ୍ୟକ୍ତିଗତ କାରଣ ଯୋଗୁଁ ଚାକିରି ଛାଡିବା ନେଇ ଜୁନ୍‌ରେ ରାଜ୍ୟ ସରକାରଙ୍କୁ ତାଙ୍କ ଇସ୍ତଫା ପତ୍ର ପଠାଇଥିଲେ। ସରକାର ତାଙ୍କ ଇସ୍ତଫା ପତ୍ର ଉପରେ ବିଚାର ବିମର୍ଶ କରିବା ପରେ ଗତ ସପ୍ତାହରେ ଏହାକୁ ମଞ୍ଜୁରୀ ଦେଇଥିଲେ। ଏହାପରେ ଏହାକୁ ଗୃହ ମନ୍ତ୍ରଣାଳୟକୁ ପଠାଇଦିଆଯାଇଥିଲା। ଇସ୍ତଫା ଦେବା ପରେ ଶ୍ରୀ ମୀନା କହିଥିଲେ ଏହି ନିଷ୍ପତ୍ତି ତାଙ୍କର ବ୍ୟକ୍ତିଗତ । ପରିବାର ସଦସ୍ୟ ବନ୍ଧୁ ମାନଙ୍କ ସହ ଆଲୋଚନା ପରେ ସେ ଏହି ପଦକ୍ଷେପ ଗ୍ରହଣ କରିଛନ୍ତି। ୩୬ ବର୍ଷୀୟ ଶ୍ରୀ ମୀନା ରାଜସ୍ଥାନର ବାସିନ୍ଦା। ଆଇଆଇଟି କାନପୁରରୁ ଶିକ୍ଷା ପରେ ସେ ୟୁପିଏସସିର ସିଭିଲ ସର୍ଭିସେସ୍ ପରୀକ୍ଷାରେ ସର୍ବ ଭାରତୀୟ ସ୍ତରରେ ୮୪୯ ର୍‍ୟାଙ୍କ ହାସଲ କରି ଆଇପିଏସରେ ଯୋଗ ଦେଇଥିଲେ। ୧୩ ବର୍ଷର ପୋଲିସ ସେବା କାଳରେ ଅନୁଗୁଳ, ଗଞ୍ଜାମ, ମାଲକାନଗିରି ଜିଲ୍ଲାରେ ଏସପି ଭାବେ କଟକ ଓ ଭୁବନେଶ୍ୱରର ଡିସିପି ଭାବେ କାର୍ଯ୍ୟ କରିଥିଲେ।

### ଇସ୍ତଫାକୁ ମଞ୍ଜୁର କଲେ ଗୃହ ମନ୍ତ୍ରଣାଳୟ
### ଚଳିତମାସ ୧୧ରୁ ହେବ କାର୍ଯ୍ୟକାରୀ

## ମହାନଦୀ ଜଳବିବାଦ : ୨୮ରେ ଶୁଣାଣି

ଭୁବନେଶ୍ୱର, ୧୭ ।୯ (ସବ୍ୟୁ) : ମହାନଦୀ ଜଳବିବାଦ ମାମଲାର ଶୁଣାଣି ଆସନ୍ତା ୨୮ ତାରିଖକୁ ଘୁଞ୍ଚିଛି। କେନ୍ଦ୍ରୀୟ ଜଳ ଆୟୋଗଙ୍କ ମଧ୍ୟସ୍ତତାରେ ଉଭୟ ରାଜ୍ୟ ମଧ୍ୟରେ ବୈଶୟିକ ଆଲୋଚନା ଚାଲିଛି। ବିବାଦର ସମାଧାନ ଦିଗରେ ତଥ୍ୟ ଆଧାରିତ ଆଲୋଚନାକୁ ଗୁରୁତ୍ୱ ଦିଆଯାଉଛି।

ମହାନଦୀ ଜଳବିବାଦକୁ ନେଇ ମଧ୍ୟ ସିଡବ୍ଲ୍ୟୁସି ଏକ ବୈଶୟିକ କମିଟି ଗଠନ କରିଛନ୍ତି। ଉକ୍ତ କମିଟି ଉଭୟ ଓଡିଶା ଓ ଛତିଶଗଡ ପକ୍ଷରୁ ଦିଆଯାଇଥିବା ତଥ୍ୟର ବିଶ୍ଳେଷଣ କରାଯାଉଛି। ଉଭୟ ରାଜ୍ୟ ନିଜର ଚାହିଦା ଓ ଆବଶ୍ୟକତା ସମ୍ପର୍କିତ ତଥ୍ୟ ସିଡବ୍ଲ୍ୟୁସି ନିକଟରେ ଦାଖଲ କରିଛନ୍ତି। ଏହାର ବିଶ୍ଳେଷଣ ପରେ ବିବାଦର ସମାଧାନ ପାଇଁ ଆଲୋଚନା ଆଗକୁ ବଢିବ। ଚଳିତ ବର୍ଷ ଜୁଲାଇରେ କେନ୍ଦ୍ର ଜଳ ଶକ୍ତିମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଓଡିଶା ଓ ଛତିଶଗଡ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ମହାନଦୀ ଜଳ ବିବାଦର ଆପୋଷ ସମାଧାନ ନେଇ ବୈଠକ ବସିଥିଲା। ଉଭୟ ରାଜ୍ୟ ବୈଷୟିକ ପରାମର୍ଶ ଓ ଆଲୋଚନା ମାଧ୍ୟମରେ ସମାଧାନ ଦିଗରେ ଆଗକୁ ବଢ଼ିବା ପାଇଁ ଗୁରୁତ୍ୱ ଦେଇଥିଲେ।

## ୟୁପିଆଇ ଏମ୍‌ଡିଆର ଦେୟକୁ ନେଇ ଶାସକ-ବିରୋଧୀ ମୁହାଁମୁହିଁ

ନୂଆଦିଲ୍ଲୀ, ୧୭ ।୯ : ୟୁପିଆଇ ପେମେଣ୍ଟରେ ମର୍ଚ୍ଚାଣ୍ଟ ଡିସ୍କାଉଣ୍ଟ ରେଣ୍ଟ(ଏମଡିଆର) ଲାଗୁକୁ ନେଇ ଏବେ ସରକାର ଓ ବିରୋଧୀଙ୍କ ମଧ୍ୟରେ ବାଦାନୁବାଦ ବଢିଛି। ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ, ସଂସଦର ଆର୍ଥିକ ଷ୍ଟାଣ୍ଡିଂ କମିଟିରେ ଏହି ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଏହି କମିଟିରେ କଂଗ୍ରେସ ସାଂସଦମାନେ ମଧ୍ୟ ରହିଥିଲେ। ତେବେ କଂଗ୍ରେସ ପକ୍ଷରୁ କୁହାଯାଇଛି ଯେ, ଏମଡିଆର ପ୍ରସ୍ତାବ ନେଇ କମିଟି ବୈଠକରେ କୌଣସି ଆଲୋଚନା ହୋଇନଥିଲା।

ଏମଡିଆରକୁ ନେଇ ରାଜନୈତିକ ବିବାଦ ବଢିବାରେ ଲାଗିଛି। ଉଭୟ ସରକାର ଓ ବିରୋଧୀ ଏହି ପ୍ରସଙ୍ଗରେ ମୁହାଁମୁହିଁ ହୋଇଛନ୍ତି। ସରକାର କହୁଛନ୍ତି




ଯେ, କମିଟିର ୪୪ ତମ କାର୍ଯ୍ୟାନୁଷ୍ଠାନ ଗ୍ରହଣ ରିପୋର୍ଟରେ ଏମଡିଆରକୁ ନେଇ ସୂଚନା ରହିଥିଲା। ଏହି ରିପୋର୍ଟକୁ ଗ୍ରହଣ କରାଯାଇଥିଲା। ବିରୋଧୀ ସାଂସଦମାନେ ମଧ୍ୟ ଏହି ପ୍ରସ୍ତାବରେ ସହମତି ଦେଇଥିଲେ। ସେମାନେ ଏହାକୁ ନେଇ ଆପତ୍ତି ଉଠାଇନଥିଲେ। ସରକାରୀ ସୂତ୍ରରୁ ସୂଚନା ଅନୁଯାୟୀ ୫ କଂଗ୍ରେସ ସାଂସଦ ପି ଚିଦାମ୍ବରମ, ମନୀଷ ତିୱାରୀ, ଗୌରଭ ଗୋଗେଇ, କିଶୋରୀ ଲାଲ, କେ ଗୋପୀନାଥ ଏହି ରିପୋର୍ଟ ଗ୍ରହଣ ବେଳେ ଉପସ୍ଥିତ ଥିଲେ। ମାତ୍ର ସେମାନେ କୌଣସି ଆପତ୍ତି ଦର୍ଶାଇନଥିଲେ। ଲୋକସଭାରେ ଗୋଗେଇ ହେଉଛନ୍ତି କଂଗ୍ରେସର ଉପନେତା। କଂଗ୍ରେସ ସାଂସଦମାନେ ବିଧିବଦ୍ଧ ଭାବେ ଏହାକୁ ବିରୋଧ କରିନଥିଲେ। ତେବେ ଏଭଳି ଆସିଲା ପରେ କଂଗ୍ରେସ ପକ୍ଷରୁ ସୂଚନା ଦିଆଯାଇଛି। କଂଗ୍ରେସ କହିଛି ଯେ, ଏମଡିଆର ଯୋଜନା ଗୋଗେଇଙ୍କ ସମ୍ମୁଖକୁ ଅଣାଯାଇନଥିଲା। ଯେଉଁ ୟୁପିଆଇ ଏମଡିଆର ପ୍ରସ୍ତାବ ନିକଟରେ ସରକାର ଘୋଷଣା କରିଛନ୍ତି ତାହା କମିଟିରେ ଆଲୋଚନା ହୋଇନଥିଲା। ଗୌରଭ ଗୋଗେଇ କହିଛନ୍ତି ଯେ, କମିଟି ସମ୍ମୁଖରେ ଆର୍ଥିକ ସେବା ପକ୍ଷରୁ କୌଣସ ପ୍ରସ୍ତାବ ଦିଆଯାଇନଥିଲା। ତେବେ ସଦସ୍ୟ ମାନେ (୯ ପୃଷ୍ଠାରେ)

## ସରକାରଙ୍କ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରିବ ଦାରା ସିଂ

ନୂଆଦିଲ୍ଲୀ, ୧୭ ।୯ : ଅଷ୍ଟ୍ରେଲିୟମ ମେସିନାରୀ ଗ୍ରାହମଷ୍ଟେନ୍ସ ତାଙ୍କ ଦୁଇ ନାବାଳକ ପୁଅକୁ ଗୁଳି ମାରିଥିବା ମାମଲାର ଅଭିଯୁକ୍ତ ଦାରା ସିଂ ମାମଲାର ଶୁଣାଣି ୩ ସପ୍ତାହ ପର୍ଯ୍ୟନ୍ତ ଘୁଞ୍ଚିଛି। ରାଜ୍ୟ ସରାକାରଙ୍କ ଦଣ୍ଡ ସମୀକ୍ଷା ବୋର୍ଡ ଦାରା ସିଂର ଆଗୁଆ ମୁକ୍ତି ଆବେଦନକୁ ଖାରଜ କରିବା ନିଷ୍ପତ୍ତି ସୁପ୍ରିମକୋର୍ଟକୁ

### ୩ ସପ୍ତାହ ପରେ ପରବର୍ତ୍ତୀ ଶୁଣାଣି

ଜଣାଇଦିଆଯାଇଛି। ତେବେ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ଦାରା ସିଂ ପୁଣି ଚ୍ୟାଲେଞ୍ଜ୍ କରିବେ। ଏଥିପାଇଁ ତାଙ୍କ ଓକିଲ ଦୁଇ ସପ୍ତାହ ସମୟ ମାଗିଥିଲେ। ତେବେ ସୁପ୍ରିମକୋର୍ଟ ଏହାର ପରବର୍ତ୍ତୀ ଶୁଣାଣି ଆସନ୍ତା ୩ ସପ୍ତାହ ପରେ ଧାର୍ଯ୍ୟ କରିଛନ୍ତି।





ଜଷ୍ଟିସ୍ ମନୋଜ ମିଶ୍ର ଓ ଜଷ୍ଟିସ୍ ବିଜୟ ବିଷ୍ଣୋଇଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ସରକାରଙ୍କ ନିଷ୍ପତ୍ତିକୁ ଶୁଣାଣି କରି ରେକର୍ଡଭୁକ୍ତ କରିଛନ୍ତି। ଅଗଷ୍ଟ ୩୧ ଦଣ୍ଡ ସମୀକ୍ଷା ବୋର୍ଡ ବୈଠକରେ ଦାରା ସିଂର ଆଗୁଆ ମୁକ୍ତି ଆବେଦନକୁ ଖାରଜ କରାଯାଇଥିଲା। ଏହା ସମାଜ ଉପରେ ପ୍ରଭାବ ପକାଇବ ଓ ସାମ୍ପ୍ରଦାୟିକ ଉତ୍ତେଜନା ବୃଦ୍ଧି ପାଇବ ବୋଲି କେନ୍ଦୁଝର ଜିଲ୍ଲା ପ୍ରଶାସନ ଦର୍ଶାଇଥିଲା। ତେବେ ସରକାର ଏହି ନିଷ୍ପତ୍ତି ନେବାକୁ ବିଳମ୍ବ କରିଥିଲେ। ତେବେ ସୁପ୍ରିମକୋର୍ଟ କ୍ଷୁବ୍ଧ ହୋଇ ଆଜି ନିଷ୍ପତ୍ତି (୯ ପୃଷ୍ଠାରେ)

# ସୋସିଆଲ କୋଟ୍ସ



ଆକ୍ଟିଂ କରିବାର ଜିଦ୍ କାରଣରୁ ମୁଁ ଅଧାରୁ ପାଠ ଛାଡିଥିଲି । ଏହି ନିଷ୍ପତ୍ତି ସେତେବେଳେ ମୋ ବାପାଙ୍କୁ ଭଲ ଲାଗି ନଥିଲା । ହେଲେ ସେହି ନିଷ୍ପତ୍ତି କାରଣରୁ ମୁଁ ଆଜି ଏଠି ପହଞ୍ଚିଛି ।

**ସେହନାଜ ଗିଲ୍, ଅଭିନେତ୍ରୀ**



ହନୁମାନ ଫିଲ୍ମ ସୁଟିଂ ସମୟରେ ମୋତେ ଅଲୌକିକତାର ଅନୁଭବ ହୋଇଥିଲା । ଲାଗିଥିଲା ଯେପରି ଶ୍ରୀହନୁମାନ ନିଜେ ତାଙ୍କ କାହାଣୀକୁ ଫିଲ୍ମ ଆକାରରେ ପ୍ରସ୍ତୁତ କରୁଛନ୍ତି । ସବୁ ବାଧା ବିଘ୍ନ ତାଙ୍କରି କାରଣରୁ ଦୂର ହୋଇଥିଲା ।

**ପ୍ରଶାନ୍ତ ବର୍ମା, ନିର୍ଦ୍ଦେଶକ**



ବିଗ୍ ବସ୍ ହାଉସ୍‌ରେ ସବୁ ସ୍ଥାନରେ ମାଇକ ଲାଗିଥାଏ । ଏପରିକି ବାଥରୁମ୍‌ରେ ମଧ୍ୟ ମାଇକ୍ ଲାଗିଥାଏ । ଯେଉଁ କାରଣରୁ ବାଥରୁମ୍‌ରେ ବି କେହି ଯଦି କାନ୍ଦେ ତାହା ମଧ୍ୟ ରେକର୍ଡ ହୋଇଥାଏ ।

**ଇଶା ମାଲବୀୟ, ଅଭିନେତ୍ରୀ**

# ବିଶ୍ୱ ବାଉଁଶ ଦିବସ

ପ୍ରତିବର୍ଷ ସେପ୍ଟେମ୍ବର ୧୮ ତାରିଖରେ ବିଶ୍ୱବ୍ୟାପୀ ପାଳିତ ହୋଇଥାଏ 'ବିଶ୍ୱ ବାଉଁଶ ଦିବସ' । ପରିବେଶ ସୁରକ୍ଷା ଏବଂ ସ୍ଥାୟୀ ଆର୍ଥିକ ବିକାଶ କ୍ଷେତ୍ରରେ ବାଉଁଶର ମହତ୍ତ୍ୱକୁ ଏହି ଦିବସ ସମସ୍ତଙ୍କ ସାମ୍ନାକୁ ଆଣିଥାଏ । ୨୦୦୯ ମସିହାରେ ବ୍ୟାଙ୍କକ୍‌ଠାରେ ଅନୁଷ୍ଠିତ ୮ମ ୱାର୍ଲ୍ଡ ବାମ୍ବୁ କଂଗ୍ରେସରେ ୱାର୍ଲ୍ଡ ବାମ୍ବୁ ଅର୍ଗାନାଇଜେସନ ଦ୍ୱାରା ଏହି ଦିବସର ଶୁଭାରମ୍ଭ କରାଯାଇଥିଲା । ବାଉଁଶ କେବଳ ଏକ ଘାସ ଜାତୀୟ ଉଦ୍ଭିଦ ନୁହେଁ, ବରଂ ଏହାକୁ 'ସବୁଜ ସୁନା' ଭାବେ ଗ୍ରହଣ କରାଯାଏ । ଯାହା ବାୟୁମଣ୍ଡଳରୁ ପ୍ରଚୁର ପରିମାଣର ଅଙ୍ଗାରକାମ୍ଳ ଶୋଷଣ କରି ଜଳବାୟୁ ପରିବର୍ତ୍ତନର ମୁକାବିଲା କରିବାରେ ଏବଂ ମୃତ୍ତିକା କ୍ଷୟ ରୋକିବାରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥାଏ । ଏହାବ୍ୟତୀତ, ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା, ଗୃହ ନିର୍ମାଣ, ହସ୍ତଶିଳ୍ପ, କାଗଜ ଶିଳ୍ପ ଏବଂ ଜୈବ-ଇନ୍ଧନ ପ୍ରସ୍ତୁତି କ୍ଷେତ୍ରରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାରେ ଏହାର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି । ପ୍ଲାଷ୍ଟିକର ଏକ ପରିବେଶ-ଅନୁକୂଳ ବିକଳ୍ପ ଭାବେ ବାଉଁଶର ବ୍ୟବହାରକୁ ପ୍ରୋତ୍ସାହିତ କରିବା, ଏହାର ସଂରକ୍ଷଣ ତଥା ନୂତନ ଜ୍ଞାନକୌଶଳ ମାଧ୍ୟମରେ ସ୍ଥାୟୀ ରୋଜଗାର ପନ୍ଥା ଆପଣାଇବା ପାଇଁ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ।



# ୬କୋଟି ଖର୍ଚ୍ଚରେ ମହାକାଶ ବୁଲା

ମହାକାଶ ଭ୍ରମଣର ସ୍ୱପ୍ନ ଦେଖୁଥିବା ଲୋକଙ୍କ ପାଇଁ ଚୀନର ଏକ ଟ୍ରାଭେଲ କମ୍ପାନୀ ବିଶେଷ ସ୍ପେସ୍-ଟ୍ରିପ୍ ପ୍ୟାକେଜ୍ ଆରମ୍ଭ କରିଛି । ଯାହା ମାଧ୍ୟମରେ ପ୍ରାୟ ୬.୪ କୋଟି ଟଙ୍କା ଖର୍ଚ୍ଚ କରି ୯୦ ମିନିଟ୍ ପାଇଁ ମହାକାଶ ଯାତ୍ରା କରିହେବ` ଏହି ପ୍ୟାକେଜ୍ ଅଧୀନରେ ଆମେରିକାର ନ୍ୟୁ ମେକ୍ସିକୋରୁ 'ଭର୍ଜିନ୍ ଗାଲାକ୍ଟିକ୍' ସବ୍‌ଅରବିଟାଲ୍ ଫ୍ଲାଇଟ୍‌ରେ ମହାକାଶ ଯାତ୍ରା କରିବା ପୂର୍ବରୁ ଯାତ୍ରୀମାନଙ୍କୁ ସିମୁଲେଟର, ଜି-ଫୋର୍ସ, ପାରାବୋଲିକ୍ ଫ୍ଲାଇଟ୍ ଏବଂ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ୪ ଦିନର ସ୍ୱତନ୍ତ୍ର ତାଲିମ ଦିଆଯିବ । ଏହି ୯୦ ମିନିଟର ଯାତ୍ରାରେ ମହାକାଶଚାରୀମାନେ ୧୭ଟି ଝରକା ଦେଇ ପୃଥିବୀର ଦୃଶ୍ୟ ଦେଖିବା ସହ କିଛି ସମୟ ପାଇଁ ଶୂନ୍ୟ ମାଧ୍ୟାକର୍ଷଣ ବା ଓଜନହୀନତାର ଅନୁଭୂତି ନେବେ । ଯାତ୍ରା ଶେଷରେ ସେମାନଙ୍କୁ 'କମର୍ସିଆଲ୍ ଆଷ୍ଟ୍ରୋନଟ୍' ପ୍ରମାଣପତ୍ର ପ୍ରଦାନ କରାଯିବ । ଏହି ପ୍ୟାକେଜ୍‌ରେ କେବଳ ସ୍ପେସ୍ ଟ୍ରିପ୍ ଏବଂ ରହିବା ଖର୍ଚ୍ଚ ସାମିଲ ଥିବା ବେଳେ ବିମାନ ଭଡ଼ା, ଭିସା ଓ ବୀମା ଖର୍ଚ୍ଚ ଅଲଗା ଦେବାକୁ ପଡ଼ିବ । ଏହି ଅଫର ଲଞ୍ଚହେବା ପରେ ଚୀନରୁ ଦୁଇଜଣ ବ୍ୟକ୍ତି ଏହାକୁ ବୁକ୍ କରିସାରିଛନ୍ତି ।



# ପିମ୍ପୁଡି ଭିଡୁଛି ଗଣେଶଙ୍କ ରଥ

ପ୍ରତିବର୍ଷ ଗଣେଶପୂଜାରେ ବିଭିନ୍ନ ପ୍ରକାର ନିଆରା ଘଟଣା ସାମନାକୁ ଆସିଥାଏ । ସେହିଭଳି ଏକ ଘଟଣା ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି । ଆନ୍ଧ୍ରପ୍ରଦେଶର କାକିନାଡ଼ା ଜିଲ୍ଲାସ୍ଥିତ ପେଦାପୁରମ୍‌ର ମାଇକ୍ରୋ ଆର୍ଟିଷ୍ଟ ସାଇ ଥାଲ୍ଲାବଜ୍ଜୁଲା ଏକ ନିଆରା କଳାକୃତି ସୃଷ୍ଟି କରି ଚର୍ଚ୍ଚାକୁ ଆସିଛନ୍ତି । ସେ ମାତ୍ର ୧ ସେଣ୍ଟିମିଟରର ଏକ ଅତି କ୍ଷୁଦ୍ର କାଠ ରଥ ନିର୍ମାଣ କରି ସେଥିରେ ଭଗବାନ ଗଣେଶଙ୍କର ଏକ ସୂକ୍ଷ୍ମ ମୂର୍ତ୍ତି ସ୍ଥାପନ କରିଛନ୍ତି, ଯାହାକୁ ଏକ ପିମ୍ପୁଡ଼ି ଟାଣୁଥିବାର ଦେଖିବାକୁ ମିଳିଛି । ଭଗବାନ ଗଣେଶ କେବଳ ମଣିଷ ନୁହନ୍ତି, ବରଂ ପିମ୍ପୁଡ଼ି ଭଳି ଅତି କ୍ଷୁଦ୍ର ଜୀବମାନଙ୍କ ଦ୍ୱାରା ମଧ୍ୟ ପୂଜିତ ହୁଅନ୍ତିବୋଲି ଏହି ପ୍ରତୀକାତ୍ମକ ବାର୍ତ୍ତା ଦେବା ପାଇଁ ଶିଳ୍ପୀ ସାଇ ଏହି କଳାକୃତିଟି ପ୍ରସ୍ତୁତ କରିଛନ୍ତି । ରଥ ସହ ପିମ୍ପୁଡ଼ିଟି ଯୋଡ଼ିହୋଇ ଆଗକୁ ବଢୁଥିବା ଏହି ଭିଡିଓଟି ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି ।



# ଇତିହାସ

୧୮୦୩- ଇଂରେଜ୍‌ମାନେ ପୁରୀ ଉପରେ କବ୍‌ଜା କଲେ ।

୧୮୧୨- ମସ୍କୋରେ ଅଗ୍ନିକାଣ୍ଡ ଘଟିବା କାରଣରୁ ୧୨ ହଜାର ଲୋକଙ୍କ ମୃତ୍ୟୁ ।

୧୮୫୧- ନ୍ୟୁୟର୍କ ଟାଇମ୍ସ ଖବରକାଗଜର ପ୍ରକାଶନ ଆରମ୍ଭ ।

୧୯୧୯- ହଲାଣ୍ଡରେ ମହିଳାମାନଙ୍କୁ ଭୋଟ୍ ଦେବାର ଅଧିକାର ହସ୍ତଗତ ହେଲା ।

୧୯୬୭- ନାଗାଲାଣ୍ଡ ଇଂରାଜୀ ଭାଷାକୁ ଅଫିସିଆଲ୍ ଭାଷା ରୂପେ ଆପଣାଇଲା ।

୧୯୮୬- ମହିଳା ବିମାନ ଚାଳକଙ୍କ ଦ୍ୱାରା ପ୍ରଥମକରି ବମ୍ବେରୁ ଗୋଆ ମଧ୍ୟରେ ଜେଟ୍ ବିମାନ ଉଡାଣ ।

୨୦୦୩- ଅଗରତାଲା ଏବଂ ଢାକା ମଧ୍ୟରେ ପ୍ରଥମ ବସ୍ ସେବା ଶୁଭାରମ୍ଭ ।

୨୦୧୬- ଜାମ୍ମୁକାଶ୍ମୀରର ଉରୀ ସେକ୍ଟରରେ ଆତଙ୍କବାଦୀ ଆକ୍ରମଣରେ ଏକାଧିକ ଯବାନ ସହିଦ ।

# ବହି ପଢ଼ିଲେ ମିଳୁଛି ଟଙ୍କା

ସିଙ୍ଗାପୁର ସରକାର ନିଜ ନାଗରିକଙ୍କ ମଧ୍ୟରେ ବହି ପଢ଼ିବା ଅଭ୍ୟାସକୁ ଉତ୍ସାହିତ କରିବା ପାଇଁ ଏକ ପାଞ୍ଚ ବର୍ଷିଆ ଅଭିଯାନ ଆରମ୍ଭ କରିଛନ୍ତି । ଯେଉଁଥିରେ ପାଠକମାନଙ୍କୁ ବହି ପଢ଼ିବା ପାଇଁ ଆର୍ଥିକ ପୁରସ୍କାର ମିଳିବ । ଏହି କାର୍ଯ୍ୟକ୍ରମ ଅଧୀନରେ ପ୍ରତିଦିନ ଅନ୍ତତଃ ୧୫ ମିନିଟ୍ ପଢୁଥିବା ବ୍ୟକ୍ତିଙ୍କୁ ୨୦ଟି ଭର୍ଚୁଆଲ୍ କଏନ୍ ଦିଆଯିବ। ଯାହାକୁ ସେମାନେ ସରକାରୀ ୱେବସାଇଟ୍‌ରେ ଲଗ୍ କରିପାରିବେ । ଏହିପରି ପ୍ରାୟ ୫୦ ଦିନ ପଢ଼ି ୧,୦୦୦ କଏନ୍ ସଂଗ୍ରହ କଲେ ୧ ସିଙ୍ଗାପୁର ଡଲାର (ପ୍ରାୟ ୭୫ ଟଙ୍କା) ନଗଦ ପୁରସ୍କାର ମିଳିବ। ଲୋକମାନେ ନିଜର ଫ୍ରି ସମୟରେ ବସ୍, ଟ୍ରେନ୍ କିମ୍ବା କାଫେରେ ବହି କିମ୍ବା ସ୍କ୍ରିନ୍‌ରେ ପଢ଼ି ଏହି ସୁବିଧା ନେଇପାରିବେ। ଆଜିକାଲି ଲୋକମାନେ ବହି ବଦଳରେ ସୋସିଆଲ ମିଡିଆ ରିଲ୍ସ ଓ ଭିଡିଓ ଦେଖିବାରେ ଅଧିକ ସମୟ ବିତାଉଥିବାରୁ ସରକାର ଏହି ଉପାୟ ଆପଣାଇଛନ୍ତି । ସରକାର ଦୈନନ୍ଦିନ ପଢ଼ାପଢ଼ିକୁ ପ୍ରୋତ୍ସାହିତ କରିବା ପାଇଁ ଏହି ଆର୍ଥିକ ପୁରସ୍କାରର ଯୋଜନାକୁ ସୋସିଆଲ ମିଡିଆରେ ଖୁବ ପ୍ରଶଂସା ମିଳୁଥିବା ଦେଖିବାକୁ ମିଳିଛି ।



# ହସକଥା

କାଳିଆ: ଭାଇ, ବାହାଘର ପରେ ଜୀବନ କେମିତି ଚାଲିଛି?

ହରିଆ: ପୂରା "ସାଇଲେଣ୍ଟ ମୋଡ୍"ରେ!

କାଳିଆ: ସାଇଲେଣ୍ଟ ମୋଡ୍ ମାନେ ?

ହରିଆ: ମାନେ, ସ୍ତ୍ରୀର ଗାଳି "ଭାଇବ୍ରେସନ୍"ରେ ଶୁଣିବାକୁ ପଡ଼େ ଆଉ ମୁଁ ନିଜେ "ମ୍ୟୁଟ୍" ହୋଇ ରହେ !

# କଙ୍ଗନାଙ୍କ କଡ଼ା ଉତ୍ତର



ଅଭିନେତ୍ରୀ ତଥା ସାଂସଦ କଙ୍ଗନା ରାଣାୱତ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିରୋଧରେ ବିବାଦୀୟ ମନ୍ତବ୍ୟ ଦେଇଥିବା ରାକ୍ଷୀ ସାୱନ୍ତଙ୍କୁ କଡ଼ା ସମାଲୋଚନା କରିଛନ୍ତି । କଙ୍ଗନା କହିଛନ୍ତି ଯେ ଏପରି ମନ୍ତବ୍ୟ ଦେଉଥିବା ଲୋକଙ୍କୁ ସଫେଇ କର୍ମଚାରୀ ଭାବେ ବି ଚାକିରି ମିଳିବ ନାହିଁ । ଏକ ପୋଷ୍ଟ ମାଧ୍ୟମରେ କଙ୍ଗନା କହିଛନ୍ତି ଯେ ବିଫଳ ଓ ଈର୍ଷାଳୁ ଲୋକମାନେ ନିଜର ନକାରାତ୍ମକ ମାନସିକତାକୁ ଲୁଚାଇବା ପାଇଁ ଜଣେ ସଫଳ ନାରୀର ଚରିତ୍ର ସଂହାର କରିବାକୁ ଚେଷ୍ଟା କରନ୍ତି । ଯାହାକୁ କଦାପି ବରଦାସ୍ତ କରାଯିବା ଉଚିତ ନୁହେଁ। ପ୍ରତ୍ୟେକ ପେଶାରେ ଦକ୍ଷତା ଓ ଯୋଗ୍ୟତା ଆବଶ୍ୟକ ବୋଲି କଙ୍ଗନା ମତଦେଇଛନ୍ତି। କଙ୍ଗନା ରକ୍ଷୀଙ୍କୁ ବୃଥା ଆଶାରେ ନରହି ନିଜ ରିଲ୍ସ ଦେଖିବା ସହ କାନ୍ଦିବାକୁ କଟାକ୍ଷ କରିଛନ୍ତି। ସୂଚନାଯୋଗ୍ୟ, ସମ୍ପ୍ରତି ଏକ ପୋଡକାଷ୍ଟ ସାକ୍ଷାତକାରରେ ରାକ୍ଷୀ, ପ୍ରଧାନମନ୍ତ୍ରୀ ମୋଦୀ, କଙ୍ଗନା ରାଣାୱତ ଓ ସ୍ମୃତି ଇରାନୀଙ୍କୁ ନେଇ ଏକ ଅଶୋଭନୀୟ ଓ ଆପତ୍ତିଜନକ ଟିପ୍ପଣୀ ଦେଇଥିଲେ ।



**ମେଷ:** ଅଯଥା ଅଶାନ୍ତି, ଲୋକସମ୍ପର୍କରେ ଉନ୍ନତି, ପାରିବାରିକ ସହଯୋଗ, ବ୍ୟବସାୟରେ ସ୍ୱଳ୍ପଲାଭ, ଶରୀର ସୁସ୍ଥ, ଶତ୍ରୁ ସମସ୍ୟା, ଗୁରୁଜନଙ୍କ ଆଶୀର୍ବାଦ। ଦ୍ୱିଜା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା-ମା' ଭୁବନେଶ୍ୱରୀ।

**ବୃଷ:** ମାନସମ୍ମାନ ଲାଭ, ଶୁଭଖବର, ବ୍ୟବସାୟରେ ଉନ୍ନତି, ସମ୍ପର୍କରେ ସୁଧାର, ସମ୍ପତ୍ତିଲାଭ, ଦେବଦର୍ଶନ, ଶତ୍ରୁ ପରାଜିତ, ଦେବଦର୍ଶନରେ ସନ୍ତୁଷ୍ଟ। ରୋହିଣୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୧୦, ଆରାଧନା-ପ୍ରଭୁ ହନୁମାନ।

**ମିଥୁନ:** ଖର୍ଚ୍ଚବୃଦ୍ଧି, ପାରିବାରିକ ଶାନ୍ତି, ଦ୍ରବ୍ୟକ୍ରୟ, ବିଶିଷ୍ଟ ବ୍ୟକ୍ତିଙ୍କ ସାହାଯ୍ୟ, ବ୍ୟବସାୟରେ ସନ୍ତୁଷ୍ଟ, ଅଯଥା କଳହ, କର୍ମକ୍ଷେତ୍ରେ ପରିଶ୍ରମ, ଋଣ କରିପାରନ୍ତି, ଶରୀର ସୁସ୍ଥ। ପୁନର୍ବସୁ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଗୋଲାପି, ସଂଖ୍ୟା-୭, ଆରାଧନା-ମହାଲକ୍ଷ୍ମୀ।

**କର୍କଟ:** ଆୟ ଉତ୍ତମ ରହିବ, ଶୁଭଖବର, ଦୂରଯାତ୍ରା ସଫଳ, ଲୋକସମ୍ପର୍କ ବୃଦ୍ଧି, ବନ୍ଧୁଲାଭ, ସ୍ୱାସ୍ଥ୍ୟସମସ୍ୟା, ଅଯଥା ଖର୍ଚ୍ଚ। ପୁଷ୍ୟା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ- କମଳା, ସଂଖ୍ୟା-୮, ଆରାଧନା- ପ୍ରଭୁ ଜଗନ୍ନାଥ।

**ସିଂହ:** କର୍ମକ୍ଷେତ୍ରେ ଖୁସି, ବନ୍ଧୁସାହାଯ୍ୟ, ଦାମ୍ପତ୍ୟସୁଖ, ଶରୀର ସୁସ୍ଥ, ଅର୍ଥଲାଭ, ଗୃହେ ଉତ୍ସବ, ସମ୍ପର୍କରେ ସୁଧାର, ବିଦ୍ୟାରେ ସଫଳ, ଦେବଦର୍ଶନ, ମାନସିକ ଶାନ୍ତି। ପୂର୍ବାଫାଲଗୁନି ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ମାଟିଆ, ସଂଖ୍ୟା- ୯, ଆରାଧନା-ପ୍ରଭୁ ରାଧାବଲ୍ଲଭ।

**କନ୍ୟା:** ଆୟବୃଦ୍ଧି, ଋଣପରିଶୋଧ, ପୁରାତନ ବନ୍ଧୁଦର୍ଶନ, ଦୂରଯାତ୍ରା, ଶୁଭ ଆଲୋଚନା, ସମସ୍ୟା ସମାଧାନ, ଅଯଥା କଳହ, ପାରିବାରିକ ସହଯୋଗ, ଶରୀର ସୁସ୍ଥ, କାର୍ଯ୍ୟ ସଫଳ। ହସ୍ତା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଆକାଶି, ସଂଖ୍ୟା-୬, ଆରାଧନା-ମା' ଭଗବତୀ।

**ତୁଳା:** ଯାତ୍ରାରେ ସତର୍କ, ମାନସିକ କଷ୍ଟ, ବନ୍ଧୁସାହାଯ୍ୟ, ଦାମ୍ପତ୍ୟ କଳହ, ଅର୍ଥ ସମସ୍ୟା, ଶରୀର ସୁସ୍ଥ, ଦେବଦର୍ଶନ, ବ୍ୟବସାୟରେ ସ୍ୱଳ୍ପଲାଭ, ସନ୍ତାନଲାଭ। ବିଶାଖା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା ସଂଖ୍ୟା-୪, ଆରାଧନା-ଶଙ୍କର ଭଗବାନ।

**ବିଛା:** ଦ୍ରବ୍ୟଲାଭ, ଶୁଭଖବର, ଦେବକାର୍ଯ୍ୟରେ ଆଗ୍ରହ, ବାଣିଜ୍ୟେ ଲାଭ, ଶତ୍ରୁସମସ୍ୟା ସମାଧାନ, ସମ୍ପତ୍ତିଲାଭ, ମାନସିକ ଶାନ୍ତି, ଶରୀର ସୁସ୍ଥ, ପରିବାରରେ ଖୁସିଖବର । ଜ୍ୟେଷ୍ଠା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା- ୯, ଆରାଧନା-ଭଗବାନ ବିଷ୍ଣୁ।

**ଧନୁ:** ସୁସମ୍ବାଦ ପ୍ରାପ୍ତି, କିଛି କାର୍ଯ୍ୟରେ ବିଳମ୍ବ, ଅର୍ଥଲାଭ, ଦେବକାର୍ଯ୍ୟରେ ସନ୍ତୁଷ୍ଟ, ପୁରାତନ ବନ୍ଧୁଲାଭ, ଦୂରଯାତ୍ରା ସଫଳ, ସାମାଜିକ ପ୍ରତିଷ୍ଠା, ଗୃହେ ସମସ୍ୟା, ମାନସିକ ଶାନ୍ତି। ପୂର୍ବାଷାଢ଼ା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା- ୯, ଆରାଧନା- ମା' ମଙ୍ଗଳା।

**ମକର:** କର୍ମକ୍ଷେତ୍ରେ ଅଶାନ୍ତି, ମନରେ ଉତ୍ସାହ ଟିକେ କମ୍ ରହିବ, ଶରୀର ଅସୁସ୍ଥ, ଅର୍ଥହାନି, ଦେବକାର୍ଯ୍ୟରେ ସନ୍ତୁଷ୍ଟ, ଦାମ୍ପତ୍ୟଖୁସି, ସନ୍ତାନଲାଭ। ଉତ୍ତରାଷାଢ଼ା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ବାଇଗଣି, ସଂଖ୍ୟା-୪, ଆରାଧନା- ମା' ଦକ୍ଷିଣକାଳୀ।

**କୁମ୍ଭ:** କିଛି କାର୍ଯ୍ୟରେ ବିବାଦ, ଶୁଭ ଆଲୋଚନା, ଅର୍ଥଲାଭ, ପାରିବାରିକ ଶାନ୍ତି, ଅଯଥା ଖର୍ଚ୍ଚ, ସ୍ୱଳ୍ପ ଲାଭ, ଶରୀର ସୁସ୍ଥ, ମାନସିକ ଅଶାନ୍ତି, ଦୂରଯାତ୍ରାରେ ଆନନ୍ଦ, ସନ୍ତାନଲାଭ । ପୂର୍ବଭାଦ୍ର ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୪, ଆରାଧନା-ମା' ବଗଳାମୁଖୀ।

**ମୀନ:** ଦୂରଯାତ୍ରା ସଫଳ, ମାନସିକ ଶାନ୍ତି, ଅର୍ଥଲାଭ, ସମସ୍ୟା ସମାଧାନ, ଦେବଦର୍ଶନ, ବନ୍ଧୁଲାଭ, ସ୍ୱାଦିଷ୍ଟ ଭୋଜନ, ଶତ୍ରୁ ପରାଜିତ, ପାରିବାରିକ ଖୁସି, ସନ୍ତାନଲାଭ। ରେବତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା- ୯, ଆରାଧନା-ମା' ଗ୍ରାମଦେବତୀ।

**ଭାଦ୍ରବ ଶୁକ୍ଳ ପକ୍ଷ ସପ୍ତମୀ**
**୧୮.୯.୨୦୨୬, ଶୁକ୍ରବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮








ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୬ତମ ଜନ୍ମଦିନ ଅବସରରେ ରାଜ୍ୟବ୍ୟାପୀ ସେବା ସଂକଳ୍ପ ଅଭିଯାନର କାର୍ଯ୍ୟକ୍ରମ ଅଧିନରେ ଯୁବ ମୋର୍ଚ୍ଚା ପକ୍ଷରୁ ଆୟୋଜିତ ମେଗା ରକ୍ତଦାନ ଶିବିରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

## ସେବା ସଂକଳ୍ପ ଅଭିଯାନ-୨୦୨୬

# ମୋଦୀଜୀଙ୍କ ସ୍ୱପ୍ନ ପୂରଣ କରିବ ଓଡ଼ିଶା, ଭାରତ ହେବ ବିଶ୍ୱଗୁରୁ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ସଞ୍ଜ ନଇଁଆସୁଥିଲା। ଭୁବନେଶ୍ୱରର ଐତିହାସିକ ମୁକ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଧୀରେ ଧୀରେ ଜମୁଥିଲା ଆଲୋକର ବାତାବରଣ। ସେ ଆଲୋକ କୌଣସି କୃତ୍ରିମ ବୈଦ୍ୟୁତିକ ଲାଇଟ ନଥିଲା, ବରଂ ତାହା ଥିଲା ଆମ ପରମ୍ପରା ଓ ସଂସ୍କୃତିର ପ୍ରତୀକ ସ୍ୱରୂପ ପବିତ୍ର ସଳିତାର ଶିଖା। ଧାଡ଼ିରେ ଜଳୁଥିଲା ହଜାର ହଜାର ଦୀପ। ସନ୍ଧ୍ୟା ଆରତୀର ଘଣ୍ଟ ଘଣ୍ଟା-ଶଙ୍ଖ ଧ୍ୱନି ଏବଂ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀମାନଙ୍କ ଗାୟନରେ ମୁକ୍ତେଶ୍ୱର'ର ପ୍ରାଚୀନ ପାଷାଣ ପ୍ରାଚୀର ଗୁଞ୍ଜରିତ ହୋଇଉଠିଥିଲା। ଭକ୍ତିର ଏହି ମାଦକତା ଭିତରେ, ହଜାର ହଜାର ମହିଳା ଏକାଠି ହୋଇ ଜାଳିଥିଲେ ୧୧,୦୦୦ ରୁ ଅଧିକ ଦୀପ। ଗୋଟିଏ ପରେ ଗୋଟିଏ ସଳିତା ଜଳିଉଠିବା କ୍ଷଣି ସମ୍ପୂର୍ଣ୍ଣ ମନ୍ଦିର ପରିସର ଏକ ସ୍ୱର୍ଣ୍ଣାଭ ପ୍ରଭାରେ ପ୍ରଜ୍ୱଳିତ ହୋଇଉଠିଥିଲା, ଯେମିତି ମନେହେଉଥିଲା ଆକାଶର ତାରାସବୁ ମାଟିକୁ ଓହ୍ଲାଇ ଆସିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୬ତମ ଜୟନ୍ତୀ ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୋଜିତ



"ଆଶୀର୍ବାଦର ଦୀପ" କାର୍ଯ୍ୟକ୍ରମରେ ହଜାର ହଜାର ମହିଳା ତଥା ଯୁବବର୍ଗଙ୍କ ସମାଗମ ଏକ ଭାବପୂର୍ଣ୍ଣ ମୁହୂର୍ତ୍ତ ସୃଷ୍ଟି କରିଥିଲା। ହାତରେ ଜଳନ୍ତା ଦୀପ ଧରି ଉପସ୍ଥିତ ସମସ୍ତେ ପ୍ରଧାନମନ୍ତ୍ରୀ ମୋଦୀ ଜୀଙ୍କ ଦୀର୍ଘ ଆୟୁ, ସୁସ୍ଥ ଓ ନିରାମୟ ଜୀବନ ପାଇଁ ନିଷ୍ପାପର ପ୍ରାର୍ଥନା କରିଥିଲେ। ଏହି ମୁହୂର୍ତ୍ତ ଆହୁରି ଆକର୍ଷଣୀୟ ହୋଇ ଉଠିଥିଲା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ। ମୁଖ୍ୟମନ୍ତ୍ରୀଙ୍କ ସମେତ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଏକାମ୍ର ବିଧାୟକ ବାବୁ ସିଂ ଏବଂ ବ୍ରହ୍ମଗିରି ବିଧାୟିକା ଶ୍ରୀମତୀ ଉପାସନା ମହାପାତ୍ର ମଧ୍ୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଦୀପ ପ୍ରଜ୍ୱଳନ କରିଥିଲେ। ଏହି ଆଧ୍ୟାତ୍ମିକ ସମାବେଶ ମଧ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜେ ଉପସ୍ଥିତ ସମସ୍ତ ଉତ୍ସାହିତ ଯୁବବର୍ଗଙ୍କ ଗହଣକୁ ଯାଇ ସେମାନଙ୍କ ସହ ଭାବବିନିମୟ କରିଥିଲେ। ସମସ୍ତଙ୍କ ଏହି ଅକୁଣ୍ଠ ଆଶୀର୍ବାଦ, ସମର୍ପଣ ଓ ଶ୍ରଦ୍ଧାଭାବକୁ ସେ ଆନ୍ତରିକତାର ସହ ଉଚ୍ଚ ପ୍ରଶଂସା କରିଥିଲେ। ଏହି ଅବସରରେ ଗଣମାଧ୍ୟମକୁ ବିବୃତ୍ତି ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କ ୭୬ତମ ଜନ୍ମ ଦିନ ଅବସରରେ ମୁଁ ତାଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି। ଏହି ପବିତ୍ର ଦୀପର ଶିଖା ମୋଦୀଜୀଙ୍କ ପ୍ରତି ସାଢେ ଚାରି କୋଟି ଓଡ଼ିଶାବାସୀଙ୍କ ହୃଦୟରୁ

### ରାଜ୍ୟର ୩୦ଟି ଜିଲ୍ଲାରେ ପ୍ରଜ୍ଜ୍ୱଳିତ ହେଲା ଏକ କୋଟି ଦୀପ

ନିସୃତ ଆଶୀର୍ବାଦର ପ୍ରତୀକ। ଭାରତ ନିଶ୍ଚୟ ବିଶ୍ୱଗୁରୁ ହେବ, ମୋଦୀଜୀଙ୍କ ସ୍ୱପ୍ନ ସାକାର କରିବାକୁ ଆମେ ନିରନ୍ତର ଉଦ୍ୟମ ଜାରି ରଖିବୁ।"

ପ୍ରସିଦ୍ଧ ଓଡ଼ିଆ ଗାୟକ-ଗାୟିକାମାନଙ୍କ ଭକ୍ତିପୂତ ଭଜନ ପରିବେଶକୁ ଅଧିକ ଆଧ୍ୟାତ୍ମିକ ଓ ମନ୍ତ୍ରମୁଗ୍ଧକର କରିତୋଳିଥିଲା। , 'ସେବା ସଂକଳ୍ପ ଅଭିଯାନ-୨୦୨୬' ଅନ୍ତର୍ଗତ ରାଜ୍ୟର ୩୦ଟି ଜିଲ୍ଲାରେ ୧ କୋଟିରୁ ଅଧିକ 'ଆଶୀର୍ବାଦର ଦୀପ' ପ୍ରଜ୍ୱଳିତ କରାଯାଇଛି। ପ୍ରତ୍ୟେକ ପରିବାର ନିଜ ଘରେ ଗୋଟିଏ ଲେଖାଏଁ ଦୀପ ପ୍ରଜ୍ୱଳନ କରି ଏହି ରାଜ୍ୟବ୍ୟାପୀ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି। ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଓ ସୁଭଦ୍ରା ଯୋଜନାର ହିତାଧିକାରୀମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଛନ୍ତି। ପରିବାର ସ୍ତରରୁ ଆରମ୍ଭ କରି ଗ୍ରାମପଞ୍ଚାୟତ, ବ୍ଲକ ଓ ଜିଲ୍ଲା ସ୍ତର ପର୍ଯ୍ୟନ୍ତ 'ଆଶୀର୍ବାଦର ଦୀପ' କାର୍ଯ୍ୟକ୍ରମ ବ୍ୟାପକ ଭାବେ ଆୟୋଜିତ ହୋଇଛି।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୬ତମ ଜନ୍ମଦିନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନ ପରିସରରେ ଅଶୋକା ଚାରା ରୋପଣ କରୁଛନ୍ତି ।

# ଡିଆଇ ପାଇପ ଚୋରି ମାମଲାରେ ୩ ଗିରଫ; ୧୫ ପାଇପ ଉଦ୍ଧାର

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ଶିଳ୍ପାଂଚଳ ଥାନା ଅଧୀନ ଗଡଖୋର୍ଦ୍ଧାସ୍ଥିତ ମା' ଗଡ଼ଚଣ୍ଡୀ ମନ୍ଦିର ସମ୍ମୁଖରେ ଥିବା ଏକ ଗୋଦାମ ରୁ ଡକ୍ଟାଇଲ ଆଇରନ (ଡିଆଇ) ପାଇପ ଚୋରି ଅଭିଯୋଗ ମାମଲାରେ ପୁଲିସ ୩ ଜଣଙ୍କୁ ଗିରଫ କରିଛି। ଏହି ଘଟଣାରେ ଚୋରି ହୋଇଥିବା ୧୫ଟି ଡିଆଇ ପାଇପ ମଧ୍ୟ ପୁଲିସ ଉଦ୍ଧାର କରିଛି। ଚୋରି ହୋଇଥିବା ପାଇପ କିପରି ଗୋଦାମ ରୁ ବାହାରିଲା ଏବଂ ପରବର୍ତ୍ତୀ ସମୟରେ କାହା କାହା ହାତକୁ ଯାଇଥିଲା, ତାହା ନେଇ ତଦନ୍ତ ଜାରି ରହିଛି। ଏନେଇ ସ୍ୱଚ୍ଛ ଏନଭରନମେଂଟ ପ୍ରାଇଭେଟ ଲିମିଟେଡ ସହ ସମ୍ପୃକ୍ତ ଥିବା ଏବଂ ବର୍ତମାନ ଭୁବନେଶ୍ୱର ସହିଦନଗରରେ ରହୁଥିବା କୋଲକତା ରାମଗଡ ର ପାର୍ଥ ରାୟ ଙ୍କ ଅଭିଯୋଗକ୍ରମେ ପୁଲିସ ଖୋର୍ଦ୍ଧା ଶିଳ୍ପାଂ ଚଳ ଥାନାରେ ୨୯୩/୨୬ରେ ଏକ ମାମଲା ରୁଜୁ ହୋଇଥିଲା। ମାମଲା ରୁଜୁ ପରେ ପୁଲିସ ତଦନ୍ତ ଆରମ୍ଭ କରି ଗୋଦାମ ରୁ ଚୋରି ହୋଇଥିବା୧୫ଟି ଡିଆଇ ପାଇପ ଉଦ୍ଧାର କରିଥିଲା। ଏହି ଉଦ୍ଧାର ପରେ ଘଟଣା ସହ ସମ୍ପୃକ୍ତ ଥିବା ସନ୍ଦେହରେ ୩ ଜଣଙ୍କୁ ପୁଲିସ ଗିରଫ କରିଛି। ଗିରଫ ବ୍ୟକ୍ତିମାନେ ହେଲେ ଖୋର୍ଦ୍ଧା ଜିଲ୍ଲା ଜଟଣୀ ଥାନା ଅଧୀନ ଦେଉଳବସ୍ତ ଗ୍ରାମର ସୁଶାନ୍ତ ସାମନ୍ତରାୟ (୪୨), ପଶ୍ଚିମବଙ୍ଗର ପୂର୍ବ ମେଦିନୀପୁର ଜିଲ୍ଲା ସୁତାହାଟ ଥାନା ଅଧୀନ ନନ୍ଦରାମପୁରର ସହଦେବ ବରାଳ (୬୪) ଏବଂ ଖୋର୍ଦ୍ଧା ମଡେଲ୍ ଥାନା ଅଧୀନ ତଳସାହିର ଶିବ ପ୍ରସାଦ ସେଠୀ (୪୫)।

# ଛତିଶଗଡ଼ର ପ୍ରାକୃତିକ ସମ୍ପଦ ଜୀବିକା, ଅର୍ଥନୈତିକ ସଶକ୍ତୀକରଣର ଆଧାର: ମୁଖ୍ୟମନ୍ତ୍ରୀ

ରାଇପୁର (ଶକ୍ତି ପ୍ରକାଶ ନନ୍ଦ ): ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି), ଭୁବନେଶ୍ୱର ପକ୍ଷରୁ ଆୟୋଜିତ ଆନ୍ତଃରାଜ୍ୟ ଗଣମାଧ୍ୟମ ଅଧ୍ୟୟନ ଗସ୍ତରେ ଛତିଶଗଡ଼ ଯାଇଥିବା ଓଡ଼ିଶାର ଗଣମାଧ୍ୟମ ପ୍ରତିନିଧି ଦଳ ରାୟପୁରଠାରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେଓ ସାଏଙ୍କ ସହ ମତବିନିମୟ କରିଛନ୍ତି।



ଆଲୋଚନା ସମୟରେ ରାଜ୍ୟର ବିକାଶ ଯାତ୍ରା, ପ୍ରାକୃତିକ ସମ୍ପଦ, ଜଙ୍ଗଲଭିତ୍ତିକ ଜୀବିକା ଏବଂ ସ୍ଥାନୀୟ ଲୋକଙ୍କ ଅର୍ଥନୈତିକ ସଶକ୍ତୀକରଣ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ତଥ୍ୟ ରଖିଥିଲେ। ଓଡ଼ିଶାର ଗଣମାଧ୍ୟମ ପ୍ରତିନିଧି ଦଳକୁ ଛତିଶଗଡ଼ରେ ସ୍ୱାଗତ ଜଣାଇ ଶ୍ରୀ ସାଏ କହିଥିଲେ ଯେ, ରାଜ୍ୟର ବିକାଶମୂଳକ ପଦକ୍ଷେପ ଓ ସରକାରୀ ଯୋଜନାଗୁଡ଼ିକୁ ଲୋକଙ୍କ ନିକଟରେ ପହଞ୍ଚାଇବାରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।ଏହି ଅବସରରେ 'ସେବା ସଂକଳ୍ପ ଅଭିଯାନ' ସମ୍ପର୍କରେ ମଧ୍ୟ ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ। ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୧୭ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମାସବ୍ୟାପୀ ଅଭିଯାନରେ ୧୩ଟି କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏଥିରେ ମହିଳା, କୃଷକ, ଶ୍ରମିକ, ବ୍ୟବସାୟୀ, ଡାକ୍ତର ଓ ଇଞ୍ଜିନିୟରଙ୍କ ସମେତ ବିଭିନ୍ନ ବର୍ଗର ଲୋକଙ୍କ ଅଂଶଗ୍ରହଣ ରହିବ ବୋଲି ସେ କହିଥିଲେ।ଛତିଶଗଡ଼ର ପ୍ରାକୃତିକ ସମ୍ପଦର ସମ୍ଭାବନା ଉପରେ ଆଲୋକପାତ କରି ଶ୍ରୀ ସାଏ ଲୌହ, କୋଇଲା, ବକ୍ସାଇଟ୍, ହୀରା, ସୁନା ଓ ଲିଥିୟମ୍ ଭଳି ଖଣିଜ ସମ୍ପଦ ବିଷୟରେ ଉଲ୍ଲେଖ କରିଥିଲେ। ଏହି ସମ୍ପଦ ଶିଳ୍ପ ଓ ବାଣିଜ୍ୟିକ ବିକାଶ ସହିତ ରାଜ୍ୟର ଅର୍ଥନୀତିକୁ ମଧ୍ୟ ସମୃଦ୍ଧ କରୁଛି ବୋଲି ସେ କହିଥିଲେ।ଜଙ୍ଗଲ ସମ୍ପଦର ଭୂମିକା ଉପରେ ମଧ୍ୟ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ଛତିଶଗଡ଼ର ପ୍ରାୟ ୪୪ ପ୍ରତିଶତ ଭୂଭାଗ ଜଙ୍ଗଲ ଆଚ୍ଛାଦିତ ହୋଇଥିବା ଦର୍ଶାଇ ସେ 'ଏକ ପେଡ୍ ମା କେ ନାମ୍' ଭଳି ବୃକ୍ଷରୋପଣ ଅଭିଯାନ ଏବଂ କାମ୍ପା ପାଣ୍ଠି ମାଧ୍ୟମରେ ଚାଲିଥିବା ବିଭିନ୍ନ ପ୍ରୟାସ ସମ୍ପର୍କରେ କହିଥିଲେ। ଜଙ୍ଗଲଜାତ ଦ୍ରବ୍ୟ ଗ୍ରାମୀଣ ଓ ଆଦିବାସୀ ଅର୍ଥନୀତିର ଏକ ପ୍ରମୁଖ ଆଧାର ବୋଲି ସେ ଉଲ୍ଲେଖ କରିଥିଲେ। ପ୍ରାୟ ୧୩ ଲକ୍ଷ ପରିବାର କେନ୍ଦୁପତ୍ର ସଂଗ୍ରହ ସହ ଜଡ଼ିତ ଥିବାବେଳେ ସରକାର ସଂଗ୍ରହକାରୀଙ୍କୁ ପ୍ରତି ଷ୍ଟାଣ୍ଡାର୍ଡ ବ୍ୟାଗ୍ ପିଛା ୫,୫୦୦ ଟଙ୍କା ପ୍ରଦାନ କରୁଛନ୍ତି। ଏଥିସହ ସଂଗ୍ରହକାରୀଙ୍କୁ ଜୋତା ଯୋଗାଇ ଦିଆଯାଉଛି। କେନ୍ଦୁପତ୍ର ବିକ୍ରିରୁ ମିଳୁଥିବା ଲାଭରୁ ବୋନସ୍ କିମ୍ବା ଡିଭିଡେଣ୍ଡ ମଧ୍ୟ ହିତାଧିକାରୀଙ୍କୁ ପ୍ରଦାନ କରାଯାଉଥିବା ସେ କହିଥିଲେ। ଜଙ୍ଗଲଜାତ ଦ୍ରବ୍ୟରେ ମୂଲ୍ୟଯୋଗ କରିବା ଉପରେ ମଧ୍ୟ ଶ୍ରୀ ସାଏ ଗୁରୁତ୍ୱ ଦେଇଥିଲେ। ମହୁଲ, ତେନ୍ତୁଳି ଓ ଆତ ଭଳି ଜଙ୍ଗଲଜାତ ଦ୍ରବ୍ୟର ପ୍ରକ୍ରିୟାକରଣ, ପ୍ୟାକେଜିଂ ଓ ବିପଣନ ମାଧ୍ୟମରେ ସ୍ଥାନୀୟ ସ୍ତରରେ ନିଯୁକ୍ତି ଓ ଆୟର ସୁଯୋଗ ସୃଷ୍ଟି ହେଉଥିବା ସେ କହିଥିଲେ। ଏହା ଜଙ୍ଗଲ ଉପରେ ନିର୍ଭରଶୀଳ ସମ୍ପ୍ରଦାୟଙ୍କ ଅର୍ଥନୈତିକ ସଶକ୍ତୀକରଣରେ ସହାୟକ ହେଉଛି ବୋଲି ସେ ମତ ଦେଇଥିଲେ। ଏହି ମତବିନିମୟ ଓ କ୍ଷେତ୍ର ପରିଦର୍ଶନ ମାଧ୍ୟମରେ ଛତିଶଗଡ଼ର ପ୍ରାକୃତିକ ସମ୍ପଦ, ଜୀବିକା ଓ ଅର୍ଥନୈତିକ ବିକାଶ ମଧ୍ୟରେ ଥିବା ସମ୍ପର୍କକୁ ନିକଟରୁ ବୁଝିବାର ସୁଯୋଗ ମିଳିଥିଲା।

## ବିଭିନ୍ନ ବିଭାଗୀୟ ଯୋଜନା ଓ କାର୍ଯ୍ୟକ୍ରମର କାର୍ଯ୍ୟକାରିତା ସଂପର୍କରେ ସମୀକ୍ଷା

# ସହରାଞ୍ଚଳ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକାରିତା ନେଇ ଆଲୋଚନା

ଭୁବନେଶ୍ୱର, (ସବ୍ୟୁ): ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳମାନଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହ, ଗୃହ ଓ ନଗର ଉନ୍ନୟନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀଙ୍କ ସମେତ ଅନ୍ୟ ସଂପୃକ୍ତ ବିଭିନ୍ନ ବିଭାଗର ସଚିବ ଏବଂ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ବୈଠକରେ ସମସ୍ତ ଜିଲ୍ଲାପାଳ ଆଭାସୀ ମାଧ୍ୟମରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ବୈଠକରେ ଜିଲ୍ଲାସ୍ତରରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ବିଭାଗୀୟ ପ୍ରମୁଖ ଯୋଜନା ଓ ପ୍ରକଳ୍ପର ଅଗ୍ରଗତି, ଜମି ସମ୍ବନ୍ଧୀୟ ସମସ୍ୟା, ଅନୁମୋଦନ, କାର୍ଯ୍ୟାନ୍ୱୟନରେ ରହୁଥିବା ସମସ୍ୟା ଏବଂ ଆବଶ୍ୟକ ଜିଲ୍ଲାସ୍ତରୀୟ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ସବିଶେଷ ସମୀକ୍ଷା କରାଯାଇଥିଲା । ଗୃହ ଓ ନଗର ଉନ୍ନୟନ, ଶ୍ରମ ଓ କର୍ମଚାରୀ ରାଜ୍ୟବୀମା , ମହିଳା ଓ ଶିଶୁ ବିକାଶ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ହସ୍ତତନ୍ତ, ବୟନ ଶିଳ୍ପ ଓ ହସ୍ତଶିଳ୍ପ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି, ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ଏମ୍ଏସ୍ଏମ୍ଇ ବିଭାଗର ବିଭିନ୍ନ ପ୍ରସଙ୍ଗ ସ୍ଥାନ



ପାଇଥିଲା ।

ନଗର ଉନ୍ନୟନ ବିଭାଗ ପକ୍ଷରୁ ଜଳଯୋଗାଣ ଓ ବିଭିନ୍ନ ପ୍ରକଳ୍ପଗୁଡ଼ିକରେ ଜମି ସମ୍ବନ୍ଧୀୟ ସମସ୍ୟା ଦୂର କରିବା ଉପରେ ଆଲୋଚନା ହୋଇଥିଲା । ଖୋର୍ଦ୍ଧା, ସମ୍ବଲପୁର ଓ କଟକ ଜିଲ୍ଲାର ୫ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଜମି ସମସ୍ୟାର ସମାଧାନ ପାଇଁ ଜିଲ୍ଲାପାଳମାନଙ୍କ ଦ୍ୱରିତ କାର୍ଯ୍ୟାନୁଷ୍ଠାନ ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏଥିସହ କ୍ରେଡିଟ୍ ରିପେମେଣ୍ଟ ଗ୍ୟାରେଣ୍ଟି ସବ୍-ସ୍କିମ୍ ଅଧୀନରେ ଛୋଟ ସହରାଞ୍ଚଳ ସଂସ୍ଥାଗୁଡ଼ିକୁ ବଜାରଭିତ୍ତିକ ଅର୍ଥ ସଂଗ୍ରହର ସୁଯୋଗ ଏବଂ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ବର୍ଜ୍ୟ ପରିଚାଳନା ନିୟମର ଜିଲ୍ଲାସ୍ତରୀୟ ଅନୁପାଳନର ସମୀକ୍ଷା କରାଯାଇଥିଲା । ଶ୍ରମ ଓ ଇଏସ୍ଆଇ ବିଭାଗ ପକ୍ଷରୁ ୧୦୦ ଶଯ୍ୟା ବିଶିଷ୍ଟ ଇଏସ୍ଆଇ ହସ୍ପିଟାଲ୍ ପାଇଁ ଜମିର ସୁବ୍ୟବସ୍ଥା, ଶିଶୁ ଶ୍ରମ ନିରାକରଣ ସମ୍ବନ୍ଧୀୟ ଜିଲ୍ଲାସ୍ତରୀୟ ଟାସ୍କ ଫୋର୍ସ ବୈଠକ, ଶ୍ରମ ନିରୀକ୍ଷଣ କମିଟି ଏବଂ ରାସାୟନିକ ଦୁର୍ଘଟଣା ପାଇଁ ଜିଲ୍ଲା ଓ ସ୍ଥାନୀୟ ସଙ୍କଟ ପରିଚାଳନା ଗୋଷ୍ଠୀର ନିୟମିତ ବୈଠକ ଓ ମକ୍ ଡ୍ରିଲ୍ ଉପରେ ଆଲୋଚନା ହୋଇଥିଲା । ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ପୋଷଣ ମାସ-୨୦୨୬, 'ସୁପୋଷିତ ଓଡ଼ିଶା' ମିଶନ, ଡିଜିଟାଲ୍ ନିରୀକ୍ଷଣ ଫର୍ମ ଆଦି ବିଭିନ୍ନ ପ୍ରସଙ୍ଗ ସମୀକ୍ଷା କରାଯାଇଥିଲା । କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଏଗ୍ରିଷ୍ଟାକ୍ ଅଧୀନରେ କୃଷକ ପଞ୍ଜୀକରଣ ଏବଂ ଖରିଫ-୨୦୨୬ ଡିଜିଟାଲ୍ କ୍ରପ୍ ସର୍ଭେର ଅଗ୍ରଗତି ସମୀକ୍ଷା କରାଯାଇଥିଲା । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଆବାସିକ ହଷ୍ଟେଲ୍ ଏବଂ ଅନ୍ୟାନ୍ୟ ପ୍ରସଙ୍ଗ ସହ ଛାତ୍ରଛାତ୍ରୀଙ୍କ ଆପାର୍ ଆଇଡି ସୃଷ୍ଟି ସମ୍ପର୍କରେ ସମୀକ୍ଷା କରାଯାଇଥିଲା । ବୈଠକରେ ସମସ୍ତ ଜିଲ୍ଲାପାଳଙ୍କୁ ନିଜ ନିଜ ଜିଲ୍ଲାରେ ସମ୍ପୃକ୍ତ ବିଭାଗ ସହ ସମନ୍ୱୟ ରଖି ଜମି ଅଧିଗ୍ରହଣ, ପ୍ରକଳ୍ପ ଅନୁମୋଦନ, ନିର୍ମାଣ ଓ କାର୍ଯ୍ୟାନ୍ୱୟନ ସମ୍ପର୍କିତ ସମସ୍ୟାଗୁଡ଼ିକର ସମୟସୀମା ମଧ୍ୟରେ ସମାଧାନ କରିବା ସହ ନିୟମିତ ଭାବେ ପ୍ରଗତିର ସମୀକ୍ଷା କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଜିଲ୍ଲାସ୍ତରୀୟ ନିରୀକ୍ଷଣ ଓ ବିଭାଗୀୟ ସମନ୍ୱୟ ମାଧ୍ୟମରେ ଅନୁମୋଦିତ ପ୍ରକଳ୍ପ ଓ ଯୋଜନାଗୁଡ଼ିକର ଲାଭ ଲୋକଙ୍କ ନିକଟରେ ଯେପରି ଶୀଘ୍ର ପହଞ୍ଚି ପାରିବ, ସେ ସଂପର୍କରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ଗୁରୁତ୍ୱାରୋପ କରିଥିଲେ ।



'ସମୟ' କାର୍ଯ୍ୟାଳୟରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜାର୍ଚ୍ଚନା

### ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୀର୍ଘ, ସୁସ୍ଥ ଓ ନିରାମୟ ଜୀବନ କାମନା କରି

# ଶ୍ରୀମନ୍ଦିର ସମ୍ମୁଖରେ 'ଆଶୀର୍ବାଦର ଦୀପ ଜଳାଇଲେ ରାଜ୍ୟ ସଭାପତି

ଭୁବନେଶ୍ୱର, (ସବ୍ୟୁ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ଶାସନକାଳରେ ଦେଶରେ ବୈପ୍ଲବିକ ପରିବର୍ତନ ଘଟିଛି। ଦେଶ ଆଜି ପ୍ରଗତି ପଥରେ ଆଗେଇ ଚାଲିଛି। ମୋଦିଜୀ ନିରନ୍ତର ଭାବେ ଗତ ୫୦ବର୍ଷର ସାଧାରଣ ଜୀବନ ଏବଂ ୨୫ ବର୍ଷ ଧରି ଗୁଜୁରାଟର ମୁଖ୍ୟମନ୍ତ୍ରୀ ଓ ଦେଶର ପ୍ରଧାନମନ୍ତ୍ରୀ ଭାବେ ଯେଉଁ ଭଳି ସୁଶାସନ ଦେଇଛନ୍ତି ତାହା ସମସ୍ତଙ୍କ ପାଇଁ ପ୍ରେରଣାଦାୟୀ। ମୋଦିଜୀ ନିଷ୍ଠାର ସହ ଜନ ସେବା କରି ଦେଶର କେବଳ ଅର୍ଥନୈତିକ ଶକ୍ତି ବୃଦ୍ଧି କରିନାହାନ୍ତି, ସାରା ବିଶ୍ୱରେ ଭାରତର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ମହିଳା, କୃଷକଠାରୁ ଆରମ୍ଭ କରି ଆଦିବାସୀଙ୍କ ପର୍ଯ୍ୟନ୍ତ ସବୁ ବର୍ଗଙ୍କୁ ସୂଚାରୁରୂପେ ମୌଳିକ ସୁବିଧା ଉପଲବ୍ଧ କରାଇଛନ୍ତି।



ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଠାରୁ ଆରମ୍ଭ କରି ଶିଳ୍ପ କ୍ଷେତ୍ରରେ ଆଜି ଦୃତ ପ୍ରଗତି ହୋଇଛି ବୋଲି ରାଜ୍ୟ ସଭାପତି ମନମୋହନ ସାମଲ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ୭୬ତମ ଜନ୍ମଦିନ ଅବସରରେ ପୁରୀ ଯାଇ ଶ୍ରୀମନ୍ଦିର ସମ୍ମୁଖରେ ଆଶୀର୍ବାଦର ଦୀପ ପ୍ରଜ୍ୱଳନ କରିବା ଅବସରରେ କହିଛନ୍ତି। ଏହି ଅବସରରେ ମାନ୍ୟବର ସାଂସଦ ଡା.ସମ୍ବିତ ପାତ୍ର, ରାଜ୍ୟ ସଂପାଦକ ଶ୍ରୀ ସରୋଜ କର, ଜିଲ୍ଲା ସଭାପତି ଡା.ଦେବେନ୍ଦ୍ରନାଥ ତରାଇଙ୍କ ସମେତ ବହୁ ସଂଖ୍ୟାରେ କାର୍ଯ୍ୟକର୍ତ୍ତା ଓ ସାଧାରଣ ଜନତା ଉପସ୍ଥିତ ରହି 'ଆଶୀର୍ବାଦର ଦୀପ' ଜାଳିଥିଲେ।

ସେହିପରି ଭୁବନେଶ୍ୱର ଶ୍ରୀରାମ ମନ୍ଦିରରେ ମାନ୍ୟବର ମନ୍ତ୍ରୀ ଡା.କୃଷ୍ଣଚନ୍ଦ୍ର ମହାପାତ୍ର, ରାଜ୍ୟ ସାଧାରଣ ସଂପାଦକ (ସଂଗଠନ) ଶ୍ରୀ ମାନସ କୁମାର ମହାନ୍ତି, ରାଜ୍ୟସଭା ସାଂସଦ ସୁଜିତ୍ କୁମାର, ରାଜ୍ୟ ସାଧାରଣ ସଂପାଦକ ଶ୍ରୀ ବିରଂଚି ନାରାୟଣ ତ୍ରିପାଠୀ, ରାଜ୍ୟ ମୁଖପାତ୍ର ଶ୍ରୀ ସୁଦୀପ୍ତ ରାୟ, ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଅଭିଲାଷ ପଣ୍ଡାଙ୍କ ସମେତ ଅନେକ ସଂଖ୍ୟାରେ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ଦୀର୍ଘ, ସୁସ୍ଥ ଓ ନିରାମୟ ଜୀବନ କାମନା କରି 'ଆଶୀର୍ବାଦର ଦୀପ' ଜଳାଇଥିଲେ। ରାଜ୍ୟର ବିଭିନ୍ନ ମନ୍ଦିର ସମେତ ପ୍ରମୁଖ ଅନୁଷ୍ଠାନ ଓ ସ୍ଥାନଗୁଡ଼ିକରେ ଦୀପ ଜାଳି ତାଙ୍କ ଦୀର୍ଘ, ସୁସ୍ଥ ଓ ନିରାମୟ ଜୀବନ କାମନା କରାଯାଇଛି। ଦଳର ରାଜ୍ୟ ନେତୃବୃନ୍ଦ ଓ କାର୍ଯ୍ୟକର୍ତାଙ୍କ ସହ ସାଧାରଣ ଜନତା ଆଜି ନିଜ ନିଜ ଘରେ ମୋଦିଜୀଙ୍କ ପାଇଁ ଦୀପ ଜାଳି ତାଙ୍କ ଦୀର୍ଘାୟୁ କାମନା କରିଛନ୍ତି।

# ସୌଭାଗ୍ୟନଗର ଷ୍ଟୋରରେ ମାଲାବାର ଗୋଲ୍ଡ ର 'ଆର୍ଟିଷ୍ଟ୍ରି ଶୋ'

ଭୁବନେଶ୍ୱର, (ସବ୍ୟୁ): ଦେଶର ପ୍ରମୁଖ ସୁନା ଓ ହୀରା ଅଳଙ୍କାର ଖୁଚୁରା ବିକ୍ରେତା ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡସ୍ ପକ୍ଷରୁ ଭୁବନେଶ୍ୱର ସୌଭାଗ୍ୟନଗରସ୍ଥିତ ଶୋ'ରୁମ୍‌ରେ 'ଆର୍ଟିଷ୍ଟ୍ରି ଶୋ' ଆରମ୍ଭ ହୋଇଛି। ପ୍ରଜ୍ଞା ବେହେରା ଏହି 'ଆର୍ଟିଷ୍ଟ୍ରି ଶୋ'ର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡସ୍ର ଅନ୍ୟାନ୍ୟ ପରିଚାଳନା କର୍ମଚାରୀ ଉପସ୍ଥିତ ଥିଲେ। ପ୍ରଦର୍ଶନୀରେ ରହିଥିବା ପ୍ରତ୍ୟେକ ଅଳଙ୍କାର ଅନନ୍ୟ ଡାଏମଣ୍ଡସ୍ର ବିଭିନ୍ନ ବ୍ରାଣ୍ଡର ଅଳଙ୍କାର ସ୍ଥାନ ପାଇଛି। ମାଲାବାର ଗ୍ରୁପ୍ର ଅଧ୍ୟକ୍ଷ ଏମ୍.ପି. ଅହମ୍ମଦ କହିଛନ୍ତି ଯେ, ସୌଭାଗ୍ୟନଗର ଶୋ'ରୁମ୍‌ରେ 'ଆର୍ଟିଷ୍ଟ୍ରି ଶୋ' ଆରମ୍ଭ କରିବା ସହ ଅଳଙ୍କାର ନିର୍ମାଣର ଉତ୍କର୍ଷକୁ ପ୍ରଦର୍ଶନ କରୁଥିବା ଆକର୍ଷଣୀୟ ଡିଜାଇନ୍ ଗ୍ରାହକଙ୍କ ସମ୍ମୁଖରେ ଉପସ୍ଥାପନ କରି ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡସ୍ ଆନନ୍ଦିତ। ଗ୍ରାହକମାନେ ଉଚ୍ଚ ଗୁଣବତ୍ତା, ଶୁଦ୍ଧତା ଓ ଯୁକ୍ତିସଙ୍ଗତ ମୂଲ୍ୟର ନିଶ୍ଚିତତା ସହ ଅଳଙ୍କାର କିଣିପାରିବେ। ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡସ୍ ସ୍ୱଚ୍ଛତା ଓ ନ୍ୟାୟସଙ୍ଗତ ମୂଲ୍ୟ ନିର୍ଦ୍ଧାରଣ ପ୍ରତି ପ୍ରତିବଦ୍ଧତା ପାଇଁ




ସେପ୍ଟେମ୍ବର ୧୭ରୁ ୨୭ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ସ୍ୱତନ୍ତ୍ର ପ୍ରଦର୍ଶନୀରେ ହାତ ତିଆରି ଅଳଙ୍କାରର କଳାତ୍ମକ ଦକ୍ଷତା ସହ ପାରମ୍ପରିକ ଓ ଆଧୁନିକ ଡିଜାଇନ୍ର ବିଭିନ୍ନ ସମ୍ଭାର ପ୍ରଦର୍ଶିତ ହେଉଛି। ଭୁବନେଶ୍ୱରସ୍ଥିତ 'ସ୍ମିତା'ସ୍ ଏସ୍ଥେଟିକ୍ସ'ର ଦନ୍ତ ଚିକିତ୍ସକ, ଉଦ୍ୟୋଗୀ ତଥା ପ୍ରତିଷ୍ଠାତା ଡ. ସ୍ମିତା ଏବଂ ଭାରତୀୟ ଡିଜାଇନ୍ର କଳା ଓ ଦକ୍ଷ କାରିଗରୀର ପ୍ରତିଫଳନ। ଏଥିରେ ମାଇନ୍ ଡାଏମଣ୍ଡ ଜୁଏଲେରୀ, ଏରା ଅନକଟ୍ ଡାଏମଣ୍ଡସ୍, ପ୍ରେସିଆ ଜେମ୍ଷ୍ଟୋନ୍ ଜୁଏଲେରୀ, ଏଥନିକ୍ସ ହାଣ୍ଡକ୍ରାଫ୍ଟେଡ୍ ଜୁଏଲେରୀ ଏବଂ ଭିରାଜ୍ ରୟାଲ୍ ପୋଲ୍କି ଜୁଏଲେରୀ ଭଳି ମାଲାବାର ଗୋଲ୍ଡ ଆଣ୍ଡ ପରିଚିତ। 'ଫେୟାର୍ ପ୍ରାଇସ୍ ପ୍ରମିସ୍' ଅଧୀନରେ ଗ୍ରାହକମାନେ ଯୁକ୍ତିସଙ୍ଗତ ମେକିଂ ଚାର୍ଜରେ ଅଳଙ୍କାର କିଣିବାର ସୁବିଧା ପାଇଥାନ୍ତି। ଏଥିସହ 'ୱାନ୍ ଇଣ୍ଡିଆ ୱାନ୍ ଗୋଲ୍ଡ ରେଟ୍' ଯୋଜନା ମାଧ୍ୟମରେ ଦେଶର ସମସ୍ତ ଷ୍ଟୋରରେ ସୁନାର ସମାନ ମୂଲ୍ୟ ନିଶ୍ଚିତ କରାଯାଏ।

## ବିଭିନ୍ନ ଖଜା ଗୋଦାମରେ ପୋଲିସର ଚଢ଼ାଉ

ପୁରୀ, (ସବ୍ୟୁ): ପୁରୀ ସହରର ବିଭିନ୍ନ ସ୍ଥାନରେ ଥିବା ଖଜା ଗୋଦାମ ଓ ପ୍ରସ୍ତୁତି କାରଖାନା ଉପରେ ଗୁରୁବାର ସକାଳୁ ପୋଲିସ ପକ୍ଷରୁ ବ୍ୟାପକ ଚଢ଼ାଉ କରାଯାଇଛି। ସିଟି ଡିଏସପିଙ୍କ ନେତୃତ୍ୱରେ ଟାଉନ ଥାନା ପୋଲିସ, ଖାଦ୍ୟ ସୁରକ୍ଷା ବିଭାଗ ଓ ଓଜନ ଓ ମାପ ବିଭାଗର ମିଳିତ ଟିମ୍ ଏହି ଯାଞ୍ଚରେ ସାମିଲ ହୋଇଛନ୍ତି। ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କୁ ନିମ୍ନମାନର କିମ୍ବା ଭେଜାଲ ଖଜା ଅଧିକ ଦାମରେ ବିକ୍ରି କରାଯାଉଥିବା ନେଇ ଅଭିଯୋଗ ଆସିବା ପରେ ଏହି ସ୍ୱତନ୍ତ୍ର ଯାଞ୍ଚ ଅଭିଯାନ ଆରମ୍ଭ ହୋଇଥିବା ଜଣାପଡ଼ିଛି। ଶ୍ରୀକୃଷ୍ଣ ସିନେମା ଲେନ୍, ବଡ଼ଦାଣ୍ଡ, ସ୍ୱର୍ଗଦ୍ୱାର ସମେତ ସହରର ବିଭିନ୍ନ ଅଞ୍ଚଳରେ ଥିବା ଖଜା ଗୋଦାମ ଓ କାରଖାନାରେ ଟିମ୍ ପକ୍ଷରୁ ଯାଞ୍ଚ ଚାଲିଛି। ଖଜାର ଗୁଣବତ୍ତା, ଓଜନ, ପ୍ୟାକେଜିଂ, ଖାଦ୍ୟ ସୁରକ୍ଷା ଲାଇସେନ୍ସ ଓ ଅନ୍ୟାନ୍ୟ ଆବଶ୍ୟକ କାଗଜପତ୍ର ଯାଞ୍ଚ କରାଯାଉଛି। ଯାଞ୍ଚ ସମୟରେ ନିମ୍ନମାନର କିମ୍ବା ଅନୁପଯୁକ୍ତ ଖାଦ୍ୟ ସାମଗ୍ରୀ ମିଳିଲେ ନମୁନା ସଂଗ୍ରହ ସହ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ସୂଚନା ମିଳିଛି। ଅଭିଯାନ ଜାରି ରହିଥିବାରୁ ଏହାର ଶେଷରେ କେତେ ପରିମାଣର ଖଜା ଜବତ ହୋଇଛି କିମ୍ବା କେତେଜଣ ବ୍ୟବସାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇଛି, ସେନେଇ ସ୍ପଷ୍ଟ ତଥ୍ୟ ମିଳିନାହିଁ।

## ଲୋକସେବା ଭବନ ପରିସର 'ତମାଖୁମୁକ୍ତ ଅଞ୍ଚଳ' ଘୋଷିତ

ଭୁବନେଶ୍ୱର, (ସବ୍ୟୁ): ଜନସ୍ୱାସ୍ଥ୍ୟର ସୁରକ୍ଷା, ସ୍ୱଚ୍ଛ ଓ ସୁସ୍ଥ ପରିବେଶ ସୃଷ୍ଟି ତଥା ତମାଖୁ ବ୍ୟବହାରର କୁପ୍ରଭାବରୁ କର୍ମଚାରୀ ଓ ସାଧାରଣ ଲୋକଙ୍କୁ ସୁରକ୍ଷା ଦେବା ଉଦ୍ଦେଶ୍ୟରେ ଲୋକସେବା ଭବନ ପରିସରକୁ 'ତମାଖୁମୁକ୍ତ ଅଞ୍ଚଳ' ଭାବେ ଘୋଷଣା କରାଯାଇଛି। ଏ ସମ୍ପର୍କରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏକ ନୋଟିଫିକେସନ୍ ଜାରି କରାଯାଇଛି। ତମାଖୁ ବ୍ୟବହାର କ୍ୟାନ୍ସର, ହୃଦ୍‌ରୋଗ ଓ ଫୁସଫୁସଜନିତ ରୋଗ ସମେତ ବିଭିନ୍ନ ଅଣସଂକ୍ରାମକ ରୋଗର ଏକ ପ୍ରମୁଖ କାରଣ। ତମାଖୁ ବ୍ୟବହାର ଯୋଗୁଁ ଦେଶରେ ପ୍ରତିବର୍ଷ ପ୍ରାୟ ୧୩ ଲକ୍ଷ ଲୋକଙ୍କ ମୃତ୍ୟୁ ଘଟୁଥିବା ନୋଟିଫିକେସନ୍‌ରେ ଉଲ୍ଲେଖ କରାଯାଇଛି।

ଏହି ଅବସରରେ ମାନ୍ୟବର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି, "ସ୍ୱଚ୍ଛ ଭାରତ, ସ୍ୱସ୍ଥ ଭାରତ ଏବଂ 'ନିଶାମୁକ୍ତ ଭାରତ ଅଭିଯାନ'ର ଲକ୍ଷ୍ୟକୁ ସୁଦୃଢ଼ କରିବା ସହ ଲୋକସେବା ଭବନକୁ ଏକ ସ୍ୱଚ୍ଛ, ସୁସ୍ଥ ଓ ତମାଖୁମୁକ୍ତ କାର୍ଯ୍ୟସ୍ଥଳ ଭାବେ ଗଢ଼ି ତୋଳିବା ପାଇଁ ଏହି ପଦକ୍ଷେପ ନିଆଯାଇଛି। ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନ ଏବଂ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ତମାଖୁ ସେବନ ବିରୋଧୀ ଅଭିଯାନକୁ ଆହୁରି ସୁଦୃଢ଼ କରାଯାଉଛି। ଆମ ଆଗାମୀ ପିଢ଼ିକୁ ଏକ ସୁସ୍ଥ ଜୀବନ ଓ ସଠିକ୍ ବାର୍ତ୍ତା ଦେବା ପାଇଁ ଆମେ ସର୍ବଦା ତତ୍ପର ଅଛୁ। ତମାଖୁ ବ୍ୟବହାରରୁ ସମ୍ପୂର୍ଣ୍ଣ ବିରତି ପାଇଁ ଆଗାମୀ ଦିନରେ ମଧ୍ୟ ଆମର ପ୍ରୟାସ ଜାରି ରହିବ। ନୋଟିଫିକେସନ୍ ଅନୁଯାୟୀ, ଲୋକସେବା ଭବନ ପରିସରରେ ଧୂମ୍ରପାନ, ତମାଖୁ ସେବନ ଏବଂ ତମାଖୁ ଛେପ ପକାଇବା ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି। ଏହି ନିୟମର ଉଲ୍ଲଂଘନକୁ ଆଇନ ଅନୁଯାୟୀ ଦଣ୍ଡନୀୟ ଅପରାଧ ଭାବେ ବିବେଚନା କରାଯିବ।

## ଲୁଟ୍ ଅଳଙ୍କାର ଜବତ, ମା'-ପୁଅ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଅଳଙ୍କାର ଲୁଟ୍ ଅଭିଯୋଗରେ ଧଉଳି ଥାନା ପୋଲିସ ମା'-ପୁଅଙ୍କୁ ଗିରଫ କରିଛି । ତାଙ୍କ ନିକଟରୁ ଲୁଟ୍ ଅଳଙ୍କାର ଜବତ କରାଯାଇଛି । ଜବତ ଅଳଙ୍କାର ମଧ୍ୟରେ ଗୋଟିଏ ସୁନାଚେନ୍, ହଳେ ଶଙ୍ଖା, ଗୋଟିଏ ହାତମୁଦି ଥିବା ପୋଲିସ କହିଛି । ଗିରଫ ହୋଇଥିବା ମା'-ପୁଅ ହେଲେ ସୋନାଲି ସାହୁ (୩୮) ଓ ପୁଅ ବିଶ୍ୱରଞ୍ଜନ ସାହୁ (୧୯) । ଅଭିଯୋଗକାରିଣୀ ରାଜଲକ୍ଷ୍ମୀ ପ୍ରଧାନ ଧଉଳି ଥାନା ଅଞ୍ଚଳରେ ସୋନାଲି ସାହୁଙ୍କ ଘରେ ଭଡାରେ ରହୁଥିଲେ । ନିଜର ଦେହ ଅସୁସ୍ଥ କାରଣରୁ ସେ ଚିକିତ୍ସା ପାଇଁ ଯାଇଥିବା ବେଳେ ସମସ୍ତ ସୁନା ଅଳଙ୍କାର ଏକ ଲୁହା ଆଲମାରିରେ ରଖିଥିଲେ । ଘର ମାଲିକାଣୀ ସୋନାଲିଙ୍କ ପାଖରେ ଘରର ଏକ ଚାବି ଥିବାରୁ ଅଭିଯୋଗକାରିଣୀଙ୍କ ଅନୁପସ୍ଥିତିରେ ସେ ଓ ତାଙ୍କ ପୁଅ ବିଶ୍ୱରଞ୍ଜନ ମିଶି ବିପୁଳ ପରିମାଣର ସୁନା ଅଳଙ୍କାର ଚୋରି କରିନେଇଥିଲେ । ଅଭିଯୋଗ ଆଧାରରେ ଧଉଳି ଥାନା ପୋଲିସ ମା'-ପୁଅଙ୍କୁ ଥାନାକୁ ଆଣି ପଚରାଉଚରା କରିବା ପରେ ସେମାନେ ଅଳଙ୍କାର ଲୁଟ୍ ସମ୍ପର୍କରେ କହିଥିଲେ । ଲୁଟ୍ ଅଳଙ୍କାରକୁ ସେମାନେ ଏକ ଘରୋଇ ଫାଇନାନ୍ସ କମ୍ପାନୀରେ ବନ୍ଧା ରଖିବା ସହ କିଛି ବିକ୍ରି କରିଦେଇଥିଲେ । ସେହି ଟଙ୍କାରେ ଏକ ବୁଲେଟ୍ ଓ ଆଇଫୋନ୍ କିଣିଥିଲେ ମା'-ପୁଅ ବୋଲି ପୋଲିସ

### ଦକ୍ଷିଣ ଆଫ୍ରିକା ଗସ୍ତରେ ବାଚସ୍ପତି

# କେପ୍‌ଟାଉନ୍ ଠାରେ ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘ ସମ୍ମିଳନୀରେ ଯୋଗଦାନ

ଭୁବନେଶ୍ୱର, (ସବ୍ୟୁ): ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ଦକ୍ଷିଣ ଆଫ୍ରିକା ଗସ୍ତରେ ଯାଇ କେପ୍‌ଟାଉନ୍‌ଠାରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘର ୬୯ତମ ଅଧିବେଶନରେ ଯୋଗ ଦେଇଛନ୍ତି। ସେଠାକାର ଅନ୍ତର୍ଜାତୀୟ ସମ୍ମିଳନୀ କେନ୍ଦ୍ରଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୫୬ଟି ଦେଶର ବାଚସ୍ପତି, ମନ୍ତ୍ରୀ, ସାଂସଦ, ବିଧାୟକ ଓ ସଚିବଙ୍କ ସମେତ ବିଭିନ୍ନ ଦେଶର ପ୍ରତିନିଧିମାନେ ଯୋଗଦେଇଛନ୍ତି। ଅଧିବେଶନରେ ଉଦ୍‌ବୋଧନ ଦେଇ ବାଚସ୍ପତି ଶ୍ରୀମତୀ ପାଢ଼ୀ କହିଛନ୍ତି ଯେ ଭାରତର ଦୃଷ୍ଟିକୋଣ ହେଉଛି ବିକାଶ ଏବଂ ସ୍ଥିରତା ସହ ଏକତ୍ର ଭାବେ ଆଗକୁ ବଢ଼ିବା ଉଚିତ । ବିକାଶ ଏବଂ ଜଳବାୟୁ ସ୍ଥିରତା ପୃଥକ ଭାବରେ ଅନୁସରଣ କରାଯାଇପାରିବ ନାହିଁ । କୃଷି, ଜଳ, ଶକ୍ତି, ସ୍ୱାସ୍ଥ୍ୟ, ସହର, ଭିତ୍ତିଭୂମି, ଜଙ୍ଗଲ, ଉପକୂଳ ଏବଂ ବିପର୍ଯ୍ୟୟ ପରିଚାଳନା ସହିତ ଜଳବାୟୁ ସମସ୍ୟା ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଏଣୁ ରାଜ୍ୟ ଏବଂ ସ୍ଥାନୀୟ ପ୍ରତିଷ୍ଠାନଗୁଡ଼ିକ ସ୍ଥାନୀୟ ପରିସ୍ଥିତି ଅନୁଯାୟୀ ପରିବେଶ ଏବଂ ସମ୍ବଳ ପାଇଁ ଉପଯୁକ୍ତ ସମାଧାନ ନିର୍ଣ୍ଣୟ କରନ୍ତି । ଜଳବାୟୁ ସ୍ଥିରତା ବିକାଶର ଏକ ଅବିଚ୍ଛେଦ୍ୟ ଅଂଶ ହୋଇଥିବାରୁ ପ୍ରଦୂଷଣ ଏବଂ ଜଳବାୟୁ ପରିବର୍ତ୍ତନକୁ ଏକାଠି ସମାଧାନ କରାଯିବା ଉଚିତ । ଏହା ଦ୍ୱାରା ସ୍ୱଚ୍ଛ ଶକ୍ତି, ଶକ୍ତି କ୍ଷେତ୍ରରେ ଦକ୍ଷତା, ଉନ୍ନତ



ବର୍ଜ୍ୟ ପରିଚାଳନା, ଉନ୍ନତ ଅର୍ଥନୀତି ପଦ୍ଧତି ଦ୍ୱାରା ଜଳବାୟୁ, ଜନସ୍ୱାସ୍ଥ୍ୟ ଏବଂ ଜୀବନର ଗୁଣବତ୍ତାରେ ଉତ୍କର୍ଷ ହାସଲ କରାଯାଇପାରିବ ।

ଶ୍ରୀମତୀ ପାଢ଼ୀ ଓଡ଼ିଶାରେ ପ୍ରକୃତିକ ବିପର୍ଯ୍ୟୟର ପ୍ରତିକୂଳ ପ୍ରଭାବ ବିଷୟ ଉଲ୍ଲେଖ କରି କହିଲେ ଯେ ପ୍ରାରମ୍ଭିକ ସତର୍କତା ବ୍ୟବସ୍ଥା, ଘୂର୍ଣ୍ଣିଝଡ଼, ଆଶ୍ରୟସ୍ଥଳ, ସ୍ଥାନାନ୍ତର ବ୍ୟବସ୍ଥା, ସାଂଗଠନିକ ସମନ୍ୱୟ ଏବଂ ଗୋଷ୍ଠୀ ସଂପୃକ୍ତି ଯୋଗୁଁ ରାଜ୍ୟ ଏହି ପ୍ରତିକୂଳତାକୁ ଅତିକ୍ରମ କରିପାରିଛି । ଜଳବାୟୁ ପରିବର୍ତ୍ତନ କେବଳ ଏକ ପରିବେଶଗତ କିମ୍ବା ବୈଜ୍ଞାନିକ ଆହ୍ୱାନ ନୁହେଁ । ଏଣୁ ରାଜ୍ୟ ସରକାର ଏଥି ପାଇଁ ଆଇନ ପ୍ରଣୟନ ସହ ବଜେଟ୍ ବ୍ୟବସ୍ଥା କରିଛନ୍ତି । ତଦାରଖ ଏବଂ ଉତ୍ତରଦାୟିତ୍ୱ ଉପରେ ଗୁରୁତ୍ୱାରୋପ କରିବା ସହ ଗୋଷ୍ଠୀ ସହଭାଗିତା ଜଳବାୟୁର ସ୍ଥିରତା ପାଇଁ ଅପରିହାର୍ଯ୍ୟ ବୋଲି ବାଚସ୍ପତି କହିଛନ୍ତି ।

ଆମେ ନେଉଥିବା ବିକାଶମୂଳକ ନିଷ୍ପତ୍ତିଗୁଡ଼ିକ ଯେପରି ଆମ ସମାଜକୁ ଆଗାମୀ ଦିନରେ ଅଧିକ ସୁରକ୍ଷିତ ରଖିବ ଏବଂ ଜନସାଧାରଣଙ୍କ ଜୀବନ, ଜୀବିକା, ସମ୍ପ୍ରଦାୟ ଏବଂ ଆଗାମୀ ପିଢ଼ିର ଭବିଷ୍ୟତ ସୁନିଶ୍ଚିତ ହୋଇପାରିବ ସେ ଦିଗରେ ସଂସଦର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ବାଚସ୍ପତି ଶ୍ରୀମତୀ ପାଢ଼ୀ କହିଛନ୍ତି । ଏହି ଚାରିଦିନିଆ ସମ୍ମିଳନୀ ସେପେଟମ୍ବର ୧୪ରୁ ଆରମ୍ଭ ହୋଇ ୧୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିବାବେଳେ ରାଜ୍ୟସଭାର ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂହଙ୍କ ନେତୃତ୍ୱରେ ୧୭ଟି ରାଜ୍ୟର ବାଚସ୍ପତିଙ୍କ ସମେତ ୨୦୦ରୁ ଅଧିକ ପ୍ରତିନିଧି ଏହି ସମ୍ମିଳନୀରେ ଯୋଗଦେଇଛନ୍ତି । ଏହି ଅବସରରେ ବାଚସ୍ପତି ଶ୍ରୀମତୀ ପାଢ଼ୀ ରାଜ୍ୟଗୋଷ୍ଠୀ ମହିଳା ସଂସଦର କାର୍ଯ୍ୟକ୍ରମରେ ଯୋଗଦେବା ସହ ସଂସଦୀୟ ବ୍ୟବସ୍ଥାରେ ଦିବ୍ୟାଙ୍ଗମାନଙ୍କ ଅଂଶଗ୍ରହଣ ଉପରେ ହୋଇଥିବା ଆଲୋଚନାରେ ଭାଗ ନେଇଥିଲେ । ସମ୍ମିଳନୀରେ ଉପବାଚସ୍ପତି ଭବାନୀଶଙ୍କର ଭୋଇ, ବିଧାନସଭା ସଚିବ ସତ୍ୟବ୍ରତ ରାଉତ ପ୍ରମୁଖ ମଧ୍ୟ ଯୋଗଦେଇଛନ୍ତି ।

### ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ

# "ମେରି ଡିଗ୍ରୀକା କ୍ୟା" ଶୀର୍ଷକ ପ୍ରେସ୍‌ମିଟ୍

ଭୁବନେଶ୍ୱର, (ସବ୍ୟୁ): ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ର ଗୁରୁବାର ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ "ମେରୀ ଡିଗ୍ରୀକା କ୍ୟା" ପ୍ରେସମିଟ୍ କରିଥିଲେ । ପ୍ରଧାନମନ୍ତ୍ରୀଙ୍କ ଜନ୍ମ ଦିବସକୁ ଦେଶ ସାରା ପାଳନ କରିବାକୁ ଲୋକଙ୍କୁ ବାଧ କରାଯିବାଭଳି ପରିସ୍ଥିତି ସୃଷ୍ଟି କରାଯାଉଛି । ଦରଦାମବୃଦ୍ଧି, ବେକାରୀ ଓ ଦାରିଦ୍ର ବୋଝରେ ଦେଶ ଚାପି ହୋଇଯାଉଥିବାବେଳେ ମୋଦୀଙ୍କ ବର୍ଣ୍ଣାଢ୍ୟ ଜନ୍ମଦିନ ପାଳନ ଦୁର୍ଭାଗ୍ୟ ଜନକବୋଲିଶ୍ରୀ ପାତ୍ରକହିଛନ୍ତି ।ସେ କହିଛନ୍ତି ସେଥିରେ ଆମର କିଛି ଅଭିଯୋଗ କରିବାର ନାହିଁ । ମାତ୍ର ୨୦୧୪ ମସିହାରୁ ୨୦୨୬ ପର୍ଯ୍ୟନ୍ତ ମୋଦୀ ଶାସନରେ ଦେଶର କ'ଣ ଅଗ୍ରଗତି ହୋଇଛି, ଦୀପ ଜାଳିବା ବେଳେ ତା'ରତର୍ଜମା କରିବା ଉଚିତ୍ ।

ଦେଶର ଯୁବକମାନଙ୍କୁ ପ୍ରଧାନମନ୍ତ୍ରୀମୋଦୀ ପ୍ରତାରିତ କରିଛନନ୍ତି । ଏଣୁ ଆଜିର ଦିନରେ ଅଖିଳ ଭାରତ




ଯୁବକଂଗ୍ରେସ "ମେରୀଡିଗ୍ରୀକା କ୍ୟା" ପ୍ରେସମିଟ୍ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଦେଶରେ ୧୫୦ କୋଟି ଲୋକ ଏବଂ ୩୦କୋଟି ପରିବାର । ଅର୍ଦ୍ଧାଧିକ ପରିବାର ଦାରିଦ୍ର୍ୟରେ କାଳକାଟୁଛନ୍ତି । ଗୋଟିଏ ମଧ୍ୟବିତ୍ତ ବା ଗରିବ ପରିବାର, କରଜକରି, ଜମିବିକି, ହାତ ଉଧାରି ଆଣି ବା ବ୍ୟାଙ୍କ ଲୋନ୍‌କରି ପିଲାମାନଙ୍କୁ ପାଠ ପଢ଼ାଉଛି । ହେଲେ ତାଙ୍କୁ ନିଯୁକ୍ତିର ପ୍ରତିଶ୍ରୁତି ଦେଇଥିବା ମୋଦୀ ସରକାର ୨୦୧୪ ରୁ ୨୦୨୬ ମସିହା ଭିତରେ ସେମାନଙ୍କ ପାଇଁ କ'ଣ ବ୍ୟବସ୍ଥାକରିଛି ବୋଲି ପ୍ରଶ୍ନ କରିଛନ୍ତି ଶ୍ରୀ ପାତ୍ର । ୧୨ ବର୍ଷରେ ମୋଦୀ ସରକାରତାଙ୍କର ପ୍ରତିଶ୍ରୁତି ଅନୁସାରେ ୨୪ କୋଟି ନିଯୁକ୍ତି ଦେବାକଥା । ମାତ୍ର ୧ କୋଟି ନିଯୁକ୍ତି ଦେବା ବି ସମ୍ଭବ ହୋଇପାରିଲାନି । ଯେତେବେଳେ ଏ ବାବଦରେ ପ୍ରଶ୍ନ କରାଯାଉଛି, ମୋଦୀ କହୁଛନ୍ତି ପକୋଡା ବିକି ମଧ୍ୟ ନିଯୁକ୍ତିର ଅଂଶ ବିଶେଷ । ଏ ହେଉଛି ମୋଦୀ ମାର୍କାର ବିକାଶ । ଏବେ ଦେଶରେ ୩୪କୋଟି ୨୫ ଲକ୍ଷ ନିଯୁକ୍ତି ଆଶାୟୀ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି । ସରକାରଙ୍କ ମଞ୍ଜୁରୀ ପ୍ରାପ୍ତ ପଦବୀମାତ୍ର ୫୦ ଲକ୍ଷ ୫ ହଜାର ୮୫୦ । ଦେଶର ୨୦୨୫ ମସିହାରେ ୧୫ ରୁ ୨୯ ବର୍ଷ ମଧ୍ୟରେ ବେକାରୀହାର ୯.୯ ପ୍ରତିଶତ ଥିଲା । ଏବେ କେନ୍ଦ୍ର ସରକାରରେ ୧୦ ଲକ୍ଷରୁଉର୍ଦ୍ଧ୍ୱର୍ ଚାକିରୀ ଖାଲି ପଡିଛି । ୪୦ ପ୍ରତିଶତ ଯୁବକ ଗ୍ରାଜୁଏଟ୍ ବେକାର । ସାମ୍ବାଦିକ ସମ୍ମିଳନୀରେ ସ୍ୱାଗତ କର, ଆଲୋକ ଦାସ, ଯାଭେଦ ଅକ୍ତାର, କାର୍କିକାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ ।

# ଆଇଆଇଟି ଭୁବନେଶ୍ୱର, ଆଇଆଇଟି ଆଇଏସ୍‌ଏମ୍ ମଧ୍ୟରେ ବୁଝାମଣାପତ୍ର



ଜଟଣୀ: (ସବ୍ୟୁ): ସେମିକଣ୍ଡକ୍ଟର ଏବଂ ମୌଳିକ ବିଜ୍ଞାନ କ୍ଷେତ୍ର ସମେତ ବିଭିନ୍ନ କ୍ଷେତ୍ରରେ ଗବେଷଣାଗତ ସହଯୋଗ ବୃଦ୍ଧି ଏବଂ ଶିକ୍ଷାଗତ ତଥା ପାଣ୍ଡିତ୍ୟପୂର୍ଣ୍ଣ ଆଦାନପ୍ରଦାନକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଭାରତୀୟ ପ୍ରଯୁକ୍ତିବିଦ୍ୟା ସଂସ୍ଥା (ଆଇଆଇଟି) ଭୁବନେଶ୍ୱର ଏବଂ ଭାରତୀୟ ପ୍ରଯୁକ୍ତିବିଦ୍ୟା ସଂସ୍ଥା (ଇଣ୍ଡିଆନ ସ୍କୁଲ ଅଫ ମାଇନ୍ସ) ଧାନବାଦ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପାଦ କରମଲକର ଏବଂ ଆଇଆଇଟି (ଆଇଏସଏମ) ଧାନବାଦର ନିର୍ଦ୍ଦେଶକ ପ୍ରଫେସର ସୁକୁମାର ମିଶ୍ର ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ। ଏହି ସହଯୋଗ ମିଳିତ ଗବେଷଣା କାର୍ଯ୍ୟକ୍ରମ, ସହଯୋଗପୂର୍ଣ୍ଣ ଗବେଷଣା ପ୍ରକଳ୍ପ ଏବଂ ଡକ୍ଟରେଟ୍ ଛାତ୍ରଙ୍କ ପାରସ୍ପରିକ ତଦାରଖକୁ ସହଜ କରିବ। ଏହି ଅବସରରେ ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପାଦ କରମଲକର କହିଛନ୍ତି "ଆଇଆଇଟି (ଆଇଏସ୍‌ଏମ୍) ଧାନବାଦ ସହିତ ଏହି ସହଯୋଗ ମାଧ୍ୟମରେ ଆମେ ମିଳିତ ଗବେଷଣା, ଶିକ୍ଷାଗତ ଆଦାନପ୍ରଦାନ ଏବଂ ଡକ୍ଟରାଲ୍ କାର୍ଯ୍ୟକଳାପ ପାଇଁ ଅଧିକ ସୁଯୋଗ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛୁ। ସେହିପରି ଆଇଆଇଟି (ଆଇଏସ୍‌ଏମ୍) ଧାନବାଦର ନିର୍ଦ୍ଦେଶକ ପ୍ରଫେସର ସୁକୁମାର ମିଶ୍ର କହିଛନ୍ତି "ଏହି ବୁଝାମଣା ପତ୍ର ଗବେଷଣା ଓ ଶିକ୍ଷା କ୍ଷେତ୍ରରେ ଗଭୀର ସହଯୋଗ ଦିଗରେ ଏକ ବୃହତ୍ତର ଯାତ୍ରାର ଶୁଭାରମ୍ଭ କରୁଛି। ଉଭୟ ଅନୁଷ୍ଠାନର ଦକ୍ଷତା ଓ ବିଶେଷଜ୍ଞତାକୁ ଏକତ୍ରିତ କରି, ଆମେ ଏପରି ଅର୍ଥପୂର୍ଣ୍ଣ ଭାଗୀଦାରୀ ଗଢ଼ିବାକୁ ଆଶା ରଖିଛୁ ଯାହା ଦୀର୍ଘସ୍ଥାୟୀ ପ୍ରଭାବ ସୃଷ୍ଟି କରିବ ଏବଂ ବିଜ୍ଞାନ ତଥା ସମାଜର ଉନ୍ନତିରେ ଯୋଗଦାନ ଦେବ। ଏହି ଚୁକ୍ତିନାମା ପାଞ୍ଚ ବର୍ଷ ପାଇଁ ବଳବତ୍ତର ରହିବ ।

# ସୋଆ ଆଇଡିଏସ୍ ଛାତ୍ରଛାତ୍ରୀଙ୍କ ନିମନ୍ତେ ସ୍ୱତନ୍ତ୍ର ଗ୍ରାଜୁଏସନ୍ କାର୍ଯ୍ୟକ୍ରମ

ଭୁବନେଶ୍ୱର, (ସବ୍ୟୁ) : ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେଂଟାଲ (ଏମ୍‌ଡିଏସ୍) ଛାତ୍ରଛାତ୍ରୀ ମାନଙ୍କ ନିମନ୍ତେ ଏହି ସ୍ୱତନ୍ତ୍ର ଗ୍ରାଜୁଏସନ୍ କାର୍ଯ୍ୟକ୍ରମର ଆୟୋଜନ କରାଯିବା ସହ ଛାତ୍ରଛାତ୍ରୀଙ୍କୁ




ସାଇନସେସ୍ (ଆଇଡିଏସ୍)ରୁ ଶିକ୍ଷା ସମାପ୍ତ କରିଥିବା ଛାତ୍ରଛାତ୍ରୀଙ୍କ ଗ୍ରାଜୁଏସନ୍ ଉତ୍ସବ ଗୁରୁବାର ଦିନ ଆୟୋଜିତ ହୋଇଯାଇଛି। ଆଇଡିଏସ୍‌ର ୨୦୨୦-୨୦୨୫ ବ୍ୟାଚ୍‌ର ବ୍ୟାଚଲର ଅଫ୍ ଡେଂଟାଲ ସର୍ଜରୀ (ବିଡିଏସ୍) ଏବଂ ୨୦୨୨-୨୦୨୫ ବ୍ୟାଚ୍‌ର ମାଷ୍ଟର ଅଫ୍ ଡେଂଟାଲ ସର୍ଜରୀ ଡିଗ୍ରୀ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀ ମାନଙ୍କୁ ଡିଗ୍ରୀ ପ୍ରଦାନ କରିବା ସହ ଶପଥ ପାଠ କରାଇଥିଲେ। ଏହି ଅବସରରେ କୁଳପତି ପ୍ରଫେସର ନନ୍ଦ କହିଥିଲେ ଯେ ଏହି ଡିଗ୍ରୀ କେବଳ ଖଣ୍ଡେ କାଗଜ ନୁହେଁ, ଏହା ପରିଶ୍ରମ, ଧୈର୍ଯ୍ୟ, ସମୟାନୁବର୍ତୀତା, ଶୃଙ୍ଖଳା, ସଂଘର୍ଷ ଓ ପ୍ରତିବଦ୍ଧତାର ପ୍ରତୀକ। ଆଇଡିଏସ୍‌ର ଡିନ୍ ପ୍ରଫେସର(ଡାକ୍ତର) ରୁଚି ଭୂୟାଁ ବାର୍ଷିକ ବିବରଣୀ ପ୍ରଦାନ କରିବା ସହିତ କହିଥିଲେ ଯେ ଛାତ୍ରଛାତ୍ରୀ ମାନେ ଉଚ୍ଚକୋଟୀର ଶିକ୍ଷା ଲାଭ କରିବା ସହିତ ସେମାନେ ଡେଂଟାଲ ସାଇନସେସ୍‌ରେ ପ୍ରଯୁକ୍ତିବିଦ୍ୟା ଓ ମାନବିକତା ମଧ୍ୟରେ ସନ୍ତୁଳନ ରକ୍ଷା କରି ରୋଗୀମାନଙ୍କୁ ଚିକିତ୍ସା ପ୍ରଦାନ କରିବା ଉଚିତ୍। କୃତ୍ରିମ ବୃଦ୍ଧିମତାକୁ ଚିକିତ୍ସା ମାଧ୍ୟମରେ ବ୍ୟବହାର କରି ଭବିଷ୍ୟତରେ କିପରି ଉନ୍ନତ ମାନର ଚିକିତ୍ସା ପ୍ରଦାନ କରାଯାଇପାରିବ ସେ ବିଷୟରେ ଛାତ୍ରଛାତ୍ରୀ ମାନଙ୍କୁ ପ୍ରଫେସର (ଡାକ୍ତର) ଭୂୟାଁ ଆହ୍ୱାନ ଦେଇଥିଲେ। ଆଇଡିଏସ୍‌ର ଆସୋସିଏଟ୍ ଡିନ୍ ପ୍ରଫେସର (ଡାକ୍ତର) ଅଭିଜିତା ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

## ୧୬ଲକ୍ଷ ଠକେଇ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଜମି ଦେବାକୁ କହି ୧୬ଲକ୍ଷ ଟଙ୍କା ନେଇଥିବା ରିଅଲ ଇଷ୍ଟେଟ୍ ସଂସ୍ଥା ଜମି ଯୋଗାଇ ନପାରିବାରୁ ଜଣେ ମାଲିକଙ୍କୁ ଗିରଫ କରିଛି ଭରତପୁର ଥାନା ପୋଲିସ । ଅଭିଯୁକ୍ତ ବସନ୍ତ କୁମାର ପାତ୍ର ଓ ତାଙ୍କ ସହଯୋଗୀ କୁମୁଦ କୁମାର ପ୍ରଧାନ ମିଶି "ଆସିଆନ୍ନା ପ୍ରୋମୋଟର୍ସ ପ୍ରାଇଭେଟ୍ ଲିମିଟେଡ୍' ନାମକ ଏକ ରିଅଲ ଇଷ୍ଟେଟ୍ ସଂସ୍ଥା ଚଳାଉଛନ୍ତି । ଗାନ୍ଧି କଲେଜ ନିକଟରେ ୩ ହଜାର ବର୍ଗଫୁଟର ଜମି କିଣିବା ପାଇଁ ଅଭିଯୋଗ କରି ଅକ୍ଷର ଚରଣ ବାରିକ ତାଙ୍କୁ ୧୬ଲକ୍ଷ ଟଙ୍କା ଦେଇଥିଲେ । ଜମି କାଗଜପତ୍ର ଠିକ୍ ନଥିବା ଜାଣିବା ପରେ ଅଭିଯୋଗକାରୀ ଜମି ନେବାକୁ ମନା କରି ନିଜ ଟଙ୍କା ଫେରସ୍ତ ମାଗିଥିଲେ । ଉଭୟ ପକ୍ଷଙ୍କ ମଧ୍ୟରେ ଏକ ବୁଝାମଣା ହେବା ପରେ ଅଭିଯୁକ୍ତମାନେ ଅଭିଯୋଗକାରୀଙ୍କୁ ୧୬ଲକ୍ଷ ଟଙ୍କାର ଦୁଇଟି ଚେକ୍ ଦେଇଥିଲେ । ଚେକ୍ ବାଉନ୍ସ ହେବାରୁ ଅଭିଯୋଗକାରୀ ଟଙ୍କା ମାଗିଥିଲେ । ଅଭିଯୁକ୍ତମାନେ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଲେ । ଉପାୟଶୂନ୍ୟ ହୋଇ ସେ ଭରତପୁର ଥାନାରେ ଅଭିଯୋଗ କଲେ ।

## ଗଞ୍ଜାମ ଉପକୂଳରେ ଦୁଇ ଦିନିଆ 'ସାଗର କବଚ' ସମରାଭ୍ୟାସ

# ୩ ଡମି ଆତଙ୍କବାଦୀଙ୍କୁ କାବୁ କଲା ଆର୍ଯ୍ୟପଲ୍ଲୀ ପୋଲିସ

ଛତ୍ରପୁର, (ସବ୍ୟୁ): ସମୁଦ୍ରପଥରେ ସମ୍ଭାବ୍ୟ ଆତଙ୍କବାଦୀ ଅନୁପ୍ରବେଶକୁ ରୋକିବା ଏବଂ ଉପକୂଳ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ଗଞ୍ଜାମ ପୋଲିସ ଜିଲ୍ଲା ପକ୍ଷରୁ ଦୁଇ ଦିନିଆ "ସାଗର କବଚ' ସମରାଭ୍ୟାସ ଅନୁଷ୍ଠିତ ହେଉଛି । ଗୁରୁବାର ଏହାର ଦ୍ୱିତୀୟ ଦିନରେ ଗଞ୍ଜାମ ଉପକୂଳର ବିଭିନ୍ନ ସ୍ଥାନରେ କଡ଼ା ଯାଞ୍ଚ ଓ ପାଟ୍ରୋଲିଂ କରାଯାଇଥିଲା ।



ଗଞ୍ଜାମ, ଛତ୍ରପୁର, ରମ୍ଭା, ଚମାଖଣ୍ଡି ଓ ଆର୍ଯ୍ୟପଲ୍ଲୀ ସାମୁଦ୍ରିକ ଥାନା ପକ୍ଷରୁ ଉପକୂଳବର୍ତ୍ତୀ ଅଞ୍ଚଳରେ ସ୍ଥଳପଥ ଓ ଜଳପଥରେ ଯାଞ୍ଚ କରାଯାଇଥିଲା । ଏହି ସମରାଭ୍ୟାସରେ ପୋଲିସ ସହ ମତ୍ସ୍ୟ ବିଭାଗ, ଅଗ୍ନିଶମ ବିଭାଗ, ସ୍ୱାସ୍ଥ୍ୟ ବିଭାଗ ଓ କୋଷ୍ଟ ଗାର୍ଡର କର୍ମଚାରୀମାନେ ସାମିଲ ହୋଇଥିଲେ। ସମରାଭ୍ୟାସରେ ବ୍ଲୁ ଟିମ୍ ଓ ରେଡ୍ ଟିମ୍ ଗଠନ କରାଯାଇଥିଲା । ବ୍ଲୁ ଟିମ୍ ପକ୍ଷରୁ ସ୍ଥଳପଥ ଓ ଜଳପଥରେ କଡ଼ା ପାଟ୍ରୋଲିଂ କରାଯାଉଥିବା ବେଳେ ଗୋପାଳପୁରରୁ ଆର୍ଯ୍ୟପଲ୍ଲୀ ସାମୁଦ୍ରିକ ଥାନା ଉପରେ ଆକ୍ରମଣ କରିବା ଉଦ୍ଦେଶ୍ୟରେ ଆସୁଥିବା ୩ ଜଣ ଡମି ଆତଙ୍କବାଦୀଙ୍କୁ ଆର୍ଯ୍ୟପଲ୍ଲୀ ଅଞ୍ଚଳରେ କାବୁ କରାଯାଇଥିଲା। ସେମାନଙ୍କ ନିକଟରୁ ଡମି ବମ୍, ବିସ୍ଫୋରକ ସାମଗ୍ରୀ ଓ ପରିଚୟପତ୍ର ଜବତ କରାଯାଇଥିଲା। ପରେ ୩ ଜଣଙ୍କୁ ଗିରଫ ଦର୍ଶାଯାଇଥିଲା ।

ତେବେ ଏହା ସାଗର କବଚ ସମରାଭ୍ୟାସର ଏକ ଡେମୋ ଥିଲା ବୋଲି ଛତ୍ରପୁର ଏସଡିପିଓ ଚନ୍ଦନ ଘଡ଼େଇ ସ୍ପଷ୍ଟ କରିଛନ୍ତି । ପୋଲିସ କେତେ ଶୀଘ୍ର ଡମି ଆତଙ୍କବାଦୀଙ୍କୁ ଚିହ୍ନଟ ଓ କାବୁ କରିପାରୁଛି, ତାହା ପରୀକ୍ଷା କରିବା ଏହି ଡେମୋର ଉଦ୍ଦେଶ୍ୟ ଥିଲା । ଆର୍ଯ୍ୟପଲ୍ଲୀ ସାମୁଦ୍ରିକ ଥାନା ଅଧିକାରୀ ବିଦ୍ୟା ଭାରତୀ ନାୟକ ଡମି ଆତଙ୍କବାଦୀଙ୍କ ପରିଚୟପତ୍ର ଯାଞ୍ଚ କରିଥିଲେ। ଏହା ସହ ଥାନା ଅଧୀନ ପ୍ରୟାଗୀଠାରୁ ହରିପୁର ପର୍ଯ୍ୟନ୍ତ ପ୍ରାୟ ୪୦ କିଲୋମିଟର ଉପକୂଳ ଅଞ୍ଚଳରେ ପାଟ୍ରୋଲିଂ ଓ ନଜରଦାରୀ କରାଯାଇଥିଲା ।

୨୦୦୮ ମସିହା ନଭେମ୍ବର ୨୬ରେ ସମୁଦ୍ରପଥ ଦେଇ ମୁମ୍ବାଇରେ ଆତଙ୍କବାଦୀ ଆକ୍ରମଣ ଘଟିବା ପରେ ଦେଶର ଉପକୂଳ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରାଯାଇଛି। ସମୁଦ୍ରପଥରେ ଅନୁପ୍ରବେଶ ରୋକିବା ସହ ଉପକୂଳ ସୁରକ୍ଷା ବ୍ୟବସ୍ଥାର ପ୍ରସ୍ତୁତି ଓ ସମନ୍ୱୟ ପରୀକ୍ଷା କରିବା ଲକ୍ଷ୍ୟରେ ଏଭଳି ସମରାଭ୍ୟାସ କରାଯାଉଛି ।

## 'ସେବା ସଂକଳ୍ପ' ଅଭିଯାନର ଶୁଭାରମ୍ଭ

# ମୋଦୀଙ୍କ ଜନ୍ମଦିନରେ ୨୪ ଦିବ୍ୟାଙ୍ଗଙ୍କୁ ଇ-ସ୍କୁଟି ବଣ୍ଟନ



ଛତ୍ରପୁର, (ସବ୍ୟୁ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୬ତମ ଜନ୍ମଦିନ ଅବସରରେ ଛତ୍ରପୁର ନୂଆ ବସ୍‌ଷ୍ଟାଣ୍ଡ ସ୍ଥିତ ମ୍ୟୁନିସିପାଲିଟି କାର୍ଯ୍ୟାଳୟ ପରିସରରେ ଏକ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି ଅବସରରେ "ସେବା ସଂକଳ୍ପ' ଅଭିଯାନର ଶୁଭାରମ୍ଭ କରାଯାଇଥିବା ବେଳେ ଏହା ଏକ ମାସ ଧରି ଚାଲିବ ବୋଲି ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମ ଆରମ୍ଭରେ ପ୍ରଧାନମନ୍ତ୍ରୀଙ୍କ ଦୀର୍ଘାୟୁ ଓ ସୁସ୍ଥ ଜୀବନ କାମନା କରି ଦୀପ ପ୍ରଜ୍ୱଳନ କରାଯାଇଥିଲା । ଏହି ଅବସରରେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକଙ୍କ ହାତପାଣ୍ଠିରୁ ନିର୍ବାଚନମଣ୍ଡଳୀର ପ୍ରଥମ ପର୍ଯ୍ୟାୟରେ ୨୪ ଜଣ ଦିବ୍ୟାଙ୍ଗ ଭାଇ ଓ ଭଉଣୀଙ୍କୁ ଇ-ସ୍କୁଟି ବଣ୍ଟନ କରାଯାଇଥିଲା । ଇ-ସ୍କୁଟି ମିଳିବା ଦ୍ୱାରା ଦିବ୍ୟାଙ୍ଗମାନଙ୍କ ଯାତାୟାତ ସୁବିଧା ବୃଦ୍ଧି ପାଇବା ସହ ସେମାନେ ଦୈନନ୍ଦିନ ଜୀବନରେ ଅଧିକ ସ୍ୱାବଲମ୍ବୀ ହୋଇପାରିବେ ବୋଲି ଅତିଥିମାନେ ଆଶା ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ବାଣିଜ୍ୟ, ଖଣି ଓ ଇସ୍ପାତ ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛତ୍ରପୁର ବିଧାୟକଙ୍କ ଏହି ପଦକ୍ଷେପକୁ ଏକ ସେବାମୂଳକ ଉଦାହରଣ ବୋଲି କହିଥିଲେ । ଜିଲ୍ଲାସ୍ତରରେ ଏଭଳି ପଦକ୍ଷେପ ମାଧ୍ୟମରେ ଅଧିକ ସଂଖ୍ୟକ ହିତାଧିକାରୀଙ୍କୁ ଇ-ସ୍କୁଟି ପ୍ରଦାନ କରାଯିବା ନେଇ ସେ ପରାମର୍ଶ ଦେଇଥିଲେ । ଏଥିସହ ମାସବ୍ୟାପୀ "ସେବା ସେତୁ' କାର୍ଯ୍ୟକ୍ରମ ସମ୍ପର୍କରେ ମଧ୍ୟ ସେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ସାଂସଦ ଡ. ପ୍ରଦୀପ କୁମାର ପାଣିଗ୍ରାହୀ, ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ, ଗଞ୍ଜାମ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ରମ୍ଭା ଏନ୍‌ଏସି ଅଧ୍ୟକ୍ଷାଙ୍କ ସମେତ ଛତ୍ରପୁର ମ୍ୟୁନିସିପାଲିଟିର ବହୁ କାଉନସିଲର, ଜନପ୍ରତିନିଧି ଓ ପ୍ରଶାସନିକ ଅଧିକାରୀ ଯୋଗଦେଇଥିଲେ ।

ଏହି ଅବସରରେ ଜିଲ୍ଲାପାଳ ଘରେ ଘରେ "ଆଶୀର୍ବାଦ ଦୀପ' ପ୍ରଜ୍ୱଳନ କରି ପ୍ରଧାନମନ୍ତ୍ରୀଙ୍କ ଦୀର୍ଘାୟୁ କାମନା କରିବାକୁ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମକୁ ଡ. ପ୍ରଶାନ୍ତ କୁମାର ଶତପଥୀ ସଂଯୋଜନା କରିଥିଲେ। ଅନ୍ୟପକ୍ଷରେ, ପ୍ରଧାନମନ୍ତ୍ରୀଙ୍କ ୭୬ତମ ଜନ୍ମଦିନ ପାଳନ ଅବସରରେ ସ୍ଥାନୀୟ ଷ୍ଟାଡିୟମ ପରିସରରେ ୭୬ ମିଟର ମାରାଥନ ଆୟୋଜିତ ହୋଇଥିଲା ।

## ପ୍ରଧାନମନ୍ତ୍ରୀଙ୍କ ୭୬ତମ ଜନ୍ମ ଦିବସରେ ବୃକ୍ଷ ରୋପଣ




ବୁଗୁଡ଼ା, (ସବ୍ୟୁ): ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୬ତମ ଜନ୍ମ ଦିବସ ଅବସରରେ ବୁଗୁଡା ବନାଞ୍ଚଳ ଅନ୍ତର୍ଗତ ଶୁଳିଆପଲ୍ଲୀ ଜଙ୍ଗଲ ଅଞ୍ଚଳରେ ୪୦ଟି ପ୍ରଜାତିର ୭୬ଟି ବୃକ୍ଷ ରୋପଣ କରାଯାଇଥିବା ଜଣାଯାଇଛି । ଏହି କାର୍ଯ୍ୟକ୍ରମରେ ଶୁଳିଆପଲ୍ଲୀ, ଡେଙ୍ଗାବାଡି, କିରିଆମ୍ବା ଓ ନୂଆଁପଲ୍ଲୀ ଆଦି ଚାରୋଟି ଗ୍ରାମର ବନ ସୁରକ୍ଷା ସମିତିର ସଦସ୍ୟଗଣଙ୍କ ସମେତ ଦ୍ୱିଶତାଧିକ ଗ୍ରାମବାସୀ ଯୋଗ ଦେଇଥିଲେ । ବୁଗୁଡା ବନାଞ୍ଚଳ ଅଧିକାରୀ ମାନସ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏସିଏଫ୍ ପ୍ରଶାନ୍ତ କୁମାର ସାହୁ ଏବଂ ସମ୍ମାନିତ ଅତିଥି ଭାବେ ତାକରଡା ପଞ୍ଚାୟତ ସରପଞ୍ଚ ଦିଲ୍ଲୀପ ପ୍ରଧାନ ଯୋଗ ଦେଇ ଜନ୍ମ ଦିବସରେ ପ୍ରଧାନମନ୍ତ୍ରୀଙ୍କୁ ଶୁଭେଚ୍ଛା ଜ୍ଞାପନ ସହ ବୃକ୍ଷ ରୋପଣ କରିବା ଦିଗରେ ଉପସ୍ଥିତ ଗ୍ରାମବାସୀଙ୍କୁ ଉତ୍ସାହିତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ବନପାଳ ସୁଧିର କୁମାର ପଟ୍ଟନାୟକ, ଅର୍ଜୁନ ଜାନି, ସୁକାନ୍ତ କୁମାର ପଟ୍ଟନାୟକ, ଅରବିନ୍ଦ ନାୟକ ଓ ଅଭିରାମ ଖିଲ ପରିଚାଳନା କରିଥିବା ବେଳେ ବନ ବିଭାଗୀୟ ସମସ୍ତ କର୍ମଚାରୀ ଏଥିରେ ସକ୍ରିୟ ସହଯୋଗ କରିଥିଲେ ।

## ଅବକାରୀ ବିଭାଗ ଦ୍ୱାରା ଗଞ୍ଜେଇ, ବେଆଇନ୍ ମଦ ଜବତ

ଭଂଜନଗର, (ସବ୍ୟୁ) : ଭଂଜନଗର ଅବକାରୀ ବିଭାଗ ପକ୍ଷରୁ ଗୋଟିଏ ଦିନରେ ଗଞ୍ଜେଇ ସହ ବେଆଇନ୍ ମଦ ଜବତ ହୋଇଛି । ମିଳିଥିବା ସୂଚନା ପ୍ରକାରେ, ଖାରିଗୁଡା ଟୋଲ୍ ଗେଟ୍ ନିକଟରେ ବାଇକ୍‌ରେ ଚାଲାଣ ହେଉଥିବା ବେଳେ ଘଟଣା ସ୍ଥଳରେ ଚଢ଼ାଉ କରି, ୨୫ କିଲୋ ଗଞ୍ଜେଇ ଜବତ କରାଯାଇଥିଲା । ଏଥିରେ ସଂପୃକ୍ତ ପଶ୍ଚିମବଙ୍ଗର ହାଇଦର ଶୈଖ୍ ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରିବା ସହ, ବାଇକ୍ ଜବତ ହୋଇଥିବା ଅବକାରୀ ଓଆଇସି ବିଭୂ ପ୍ରସାଦ ସାହୁ ସୂଚନା ଦେଇଛନ୍ତି ।

ଏହାସହ ଭଂଜନଗର ନିକଟ ନାହାଡୁଠ ସାହି, ଜାମପଲ୍ଲୀ ଛକ ଏବଂ ବାଲିକାଶି ଭଳି ତିନୋଟି ଭିନ୍ନ ଭିନ୍ନ ସ୍ଥାନରେ ଚଢ଼ାଉ କରି ୧୧୮ ଲିଟର ବେଆଇନ୍ ଦେଶୀ ମଦ ଜବତ କରିବା ସହ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ଓଆଇସି ଶ୍ରୀ ସାହୁ କହିଛନ୍ତି । ଗିରଫ ଅଭିଯୁକ୍ତ ମାନେ ପଶ୍ଚିମବଙ୍ଗ ମୁର୍ଶିଦାବାଦ୍ ଜିଲ୍ଲା ମଜୁମପୁରର ମହମ୍ମଦ ହାଇଦର୍ ଶେଖ୍, ଗଞ୍ଜାମ ମ ଜିଲ୍ଲା ଭଞ୍ଜନଗର ନାହାଡୋଟା ସାହିର ଡି. ତେଜେଶ୍ୱର ରାଓ, ଡି. ଶୁସାନ୍ତ ଓ ବାଲିସାହିର ରଞ୍ଜନ ନାୟକ ଚଢାଉରେ ଏଏସଆଇ ବହୁମୂଲ୍ୟ ପରିଛା ମନେରଞ୍ଜନ ସେଠୀ ନିରଦ୍ରର ଶବର ନଟେଶ୍ୱର ପ୍ରଧାନ ଦିପ୍ନରଞ୍ଜନ ସାହୁ ଭାଗ ନେଇଥିଲେ ।

## ଟ୍ରକ ଧକ୍କାରେ ଅଧ୍ୟାପକଙ୍କ ଜୀବନ ଗଲା

ବ୍ରହ୍ମପୁର, (ସବ୍ୟୁ): ବଡବଜାର ଥାନା ଅନ୍ତର୍ଗତ ଜଗବନ୍ଧୁ ସାହି ଛକରେ ଆଜି ଏକ ଦୁଃଖଦାୟକ ଘଟଣା ଘଟିଛି । ଟ୍ରକ ଧକ୍କାରେ ଜଣେ ଅଧ୍ୟାପକଙ୍କ ଶୋଚନୀୟ ମୃତ୍ୟୁ ଘଟିଛି । ମୃତକ ଜଣଙ୍କ ଅଭିଷେକ ମୋହନ ନନ୍ଦ (୪୨) । ସେ ଗୋଶାଣିନୁଆଗାଁ ଅନ୍ଧପସରା ରୋଡ଼ରେ ଥିବା ରାଜାରାଣୀ ଆପାର୍ଟମେଣ୍ଟରେ ରହୁଥିବା ବେଳେ ଗଜପତି ଜିଲ୍ଲା ମୋହନାରେ ଥିବା ଇନ୍ଦିରା ଗାନ୍ଧୀ ମୁକ୍ତ ବିଶ୍ୱବିଦ୍ୟାଳୟ ରେ ଅଧ୍ୟାପକ ଭାବେ କାମ କରୁଥିଲେ । ଟ୍ରାଫିକ ପୋଲିସ ମୃତଦେହ ଜବତ କରି ଏମକେସିଜି ମେଡିକାଲ ବ୍ୟବଚ୍ଛେଦ ପାଇଁ ପଠାଇଥିଲା । ଖବର ପାଇ ମୃତକଙ୍କ ସ୍ତ୍ରୀ ପୂଜା ରାଣୀ ନନ୍ଦ ମେଡିକାଲରେ ପହଞ୍ଚି ପୋଲିସ ଉପସ୍ଥିତିରେ ନିଜ ସ୍ୱାମୀଙ୍କ ମୃତଦେହ ଚିହ୍ନଟ କରିଥିଲେ । ଟ୍ରାଫିକ ପୋଲିସ ପୂଜାରାଣୀ ନନ୍ଦଙ୍କ ଅଭିଯୋଗ ଆଧାରରେ ୨୫୦/୨୬ ରେ ଏକ ମାମଲା ରୁଜୁ କରିଛି । ଦୁର୍ଘଟଣା ଘଟାଇଥିବା ଟ୍ରକ ଓ ମୃତକଙ୍କ ବାଇକ ଜବତ କରିଛି । ଅନ୍ୟପଟେ ଟ୍ରକ ଡ୍ରାଇଭରଙ୍କୁ ଥାନାରେ ଅଟକ ରଖାଯାଇଥିବା ପୋଲିସ କହିଛି ।

ପ୍ରକାଶ ଯେ, ପ୍ରତିଦିନ ଭଳି ଅଭିଷେକ ନନ୍ଦ ନିଜର ବାଇକ ନଂ (ଓଡି୦୭କ୍ୟୁ -୮ ୯୪୦ ରେ ନିଜ ଆପାର୍ଟମେଣ୍ଟ ରୁ ବାହାରି ପୁରୁଣା ବ୍ରହ୍ମପୁର ଜଗବନ୍ଧୁ ସାହିରେ ପଛପଟୁ ଆସୁଥିବା ଏକ ବୋଝେଇ ଟ୍ରକ ନଂ (ଓଡି ୦୭-ଏଏସ -୫୧୩୬) ଧକ୍କା ଦେଇଥିଲା । ଅଭିଷେକ ଗାଡିରୁ ଖସି ରାସ୍ତା ଉପରେ ପଡିଯାଇଥିଲେ । ପରେ ଟ୍ରକଟି ତାଙ୍କ ଉପରେ ମାଡ଼ିଯାଇଥିଲା । ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା । ସ୍ଥାନୀୟ ଲୋକ ଋ,, ହେବ ସହ କିଛି ସମୟ ପାଇଁ ରାସ୍ତାରୋକ ହୋଇଥିଲା । ପୋଲିସ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହ ମୃତଦେହ ଜବତ କରି ମେଡିକାଲ ପଠାଇଥିଲା ।

# ଏକାଦଶୀରେ କରମ ପର୍ବ ପାଳନ ପାଇଁ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଏକ ଆଦିବାସୀ ବହୁଳ ଜିଲ୍ଲା । ଜିଲ୍ଲାରେ ବସବାସ କରୁଥିବା ମୁଣ୍ଡା, ଭୂମିଜ, ସାନ୍ତାଳ, ଓରାଓଁ, ବିନ୍ଧାଣୀ (କମାର) ସମେତ ମହାନ୍ତ ସମ୍ପ୍ରଦାୟର ପାରମ୍ପରିକ ପ୍ରକୃତିକେନ୍ଦ୍ରିତ ସାଂସ୍କୃତିକ ପର୍ବ କରମ ପୂଜାକୁ ଜିଲ୍ଲାର ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ପାଳନ ପାଇଁ ଅନୁମତି ଓ ପ୍ରଶାସନିକ ସହାୟତା ଦାବି କରାଯାଇଛି ।



ଏନେଇ ମୁଣ୍ଡାରୀୟୁଟ୍ୟୁବର, ପ୍ରଡ୍ୟୁସର ଏବଂ ଆର୍ଟିଷ୍ଟ ଆସୋସିଏସନ୍ (ମାଏପା) ପକ୍ଷରୁ ଜିଲ୍ଲାପାଳଙ୍କ ନିକଟରେ ଏକ ସ୍ମାରକପତ୍ର ଦାଖଲ କରାଯାଇଛି। ଏହି ଅବସରରେ ମାଏପାର ସାଧାରଣ ସମ୍ପାଦକ ଲକ୍ଷ୍ମୀରାମ ସିଂ, କୋଷାଧ୍ୟକ୍ଷ ନାଥ ସିଂ, ପ୍ରିଣ୍ଟ ମିଡିଆ ସମ୍ପାଦକ ବାଜି ସିଂ, ସଞ୍ଜୟ କୁମାର ସିଂ, ମହେନ୍ଦ୍ର ସିଂ, ଗୁରାଇ ସିଂ, ଦୀପକ କୁମାର ସିଂ, ସସ୍ମିତା ସିଂ, ସୋମା ସିଂ, ତାରାକାନ୍ତ ସିଂ, ଶିବ ଶଙ୍କର ସିଂ ଓ ମଙ୍ଗଲ ସିଂ ପ୍ରମୁଖ ଉପସ୍ଥିତ ଥିଲେ । ସ୍ମାରକପତ୍ରରେ କୁହାଯାଇଛି ଯେ, କରମ ପର୍ବ ପୂର୍ବପୁରୁଷଙ୍କ ସାଂସ୍କୃତିକ ଐତିହ୍ୟ, ପ୍ରକୃତି ପ୍ରତି ସମ୍ମାନ, କୃଷି ପରମ୍ପରା, ଲୋକଗୀତ, ନୃତ୍ୟ, ସାମୂହିକ ଜୀବନ ଓ ପାରମ୍ପରିକ ଜ୍ଞାନର ପ୍ରତୀକ । ଏହି ପର୍ବ କେବଳ ଏକ ସମ୍ପ୍ରଦାୟର ସଂସ୍କୃତି ସୁରକ୍ଷାରେ ସୀମିତ ନୁହେଁ ପ୍ରକୃତି, ଗଛଲତା ଓ ଜୀବଜଗତ ପ୍ରତି ସମ୍ମାନ ଓ ସୁରକ୍ଷାର ବାର୍ତ୍ତା ମଧ୍ୟ ଦେଇଥାଏ। ଏହା ମାଧ୍ୟମରେ ପରିବେଶ ସଂରକ୍ଷଣ ଓ ଭବିଷ୍ୟତ ପିଢ଼ି ପାଇଁ ସବୁଜ ପରିବେଶ ରକ୍ଷାର ଦାୟିତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି ହୋଇଥାଏ । ମୁଣ୍ଡା ଓ ଭୂମିଜ ସମ୍ପ୍ରଦାୟର ଲୋକେ ଅଧିକ ସଂଖ୍ୟାରେ ବସବାସ କରୁଥିବା ଗାଁଗୁଡ଼ିକରେ ଭାଦ୍ରବ ଏକାଦଶୀ ଦିନ ବିଭିନ୍ନ ସ୍ଥାନରେ କରମ ପୂଜା ଅନୁଷ୍ଠିତ ହୋଇଥାଏ ।

ଏହି ପର୍ବରେ ଏକ ବଂଶ ବା କିଲିର ସମସ୍ତ ପରିବାର ଏକତ୍ରିତ ହୋଇ ସାମୂହିକ ଭାବେ ପାଳନ କରିଥାନ୍ତି । ତେଣୁ ଏହା ଭାତୃତ୍ୱ, ଏକତା ଓ ସାମାଜିକ ସଦ୍‌ଭାବର ଏକ ଉଦାହରଣ ବୋଲି ମାଏପା ପକ୍ଷରୁ କୁହାଯାଇଛି । ବିଶେଷକରି ଯେଉଁ ଶିକ୍ଷାନୁଷ୍ଠାନରେ ଏହି ସମ୍ପ୍ରଦାୟର ଛାତ୍ରଛାତ୍ରୀ ଅଧିକ ସଂଖ୍ୟାରେ ଅଛନ୍ତି, ସେଠାରେ ଭାଦ୍ରବ ଏକାଦଶୀରେ କରମ ପର୍ବ ପାଳନ ପାଇଁ ଅନୁମତି ଦେବାକୁ ଦାବି କରାଯାଇଛି ।

ଏହି ଅବସରରେ ପାରମ୍ପରିକ କରମ ଗୀତ, ଲୋକନୃତ୍ୟ, ସାଂସ୍କୃତିକ ପ୍ରଦର୍ଶନୀ, ପାରମ୍ପରିକ ଜ୍ଞାନର ଆଦାନପ୍ରଦାନ ସହ ପ୍ରକୃତି ଓ ପରିବେଶ ସଂରକ୍ଷଣ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇପାରିବ । ଏଥିସହ ଶିକ୍ଷାନୁଷ୍ଠାନର ଶୃଙ୍ଖଳା ଓ ଶିକ୍ଷା ପରିବେଶ ଯେପରି ବଜାୟ ରହିବ, ସେଥିପ୍ରତି ଧ୍ୟାନ ଦିଆଯିବ ବୋଲି ଆବେଦନକାରୀମାନେ ଉଲ୍ଲେଖ କରିଛନ୍ତି । ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ସରକାର କରମ ପର୍ବକୁ ସରକାରୀ ବିଜ୍ଞପ୍ତି ମାଧ୍ୟମରେ ସ୍ୱୀକୃତି ଦେଇଥିବା ଉଦାହରଣ ଦେଇ ଓଡ଼ିଶାରେ ମଧ୍ୟ ଏହି ଆଦିବାସୀ ସାଂସ୍କୃତିକ ପରମ୍ପରାକୁ ପ୍ରଶାସନିକ ସ୍ୱୀକୃତି ଦେବାକୁ ସେମାନେ ଦାବି କରିଛନ୍ତି। ସ୍ମାରକପତ୍ରରେ ମୟୂରଭଞ୍ଜର ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଭାଦ୍ରବ ଏକାଦଶୀ କରମ ପର୍ବ ପାଳନ ପାଇଁ ଅନୁମତି, ଶିକ୍ଷାନୁଷ୍ଠାନଗୁଡ଼ିକୁ ଆବଶ୍ୟକ ନିର୍ଦ୍ଦେଶ ଜାରି, କରମ ପର୍ବ ସହ ଜଡ଼ିତ ପାରମ୍ପରିକ ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ଓ ପ୍ରୋତ୍ସାହନ ସହ ଭବିଷ୍ୟତରେ ସରକାରୀ ବା ସ୍ଥାନୀୟ କ୍ୟାଲେଣ୍ଡରରେ ଏହି ପର୍ବ ପାଇଁ ଉପଯୁକ୍ତ ବ୍ୟବସ୍ଥା ବିଚାର କରିବାକୁ ଚାରିଟି ମୁଖ୍ୟ ଦାବି ରଖାଯାଇଛି ।

ଏହି ମୂଲ୍ୟବାନ ସାଂସ୍କୃତିକ ଐତିହ୍ୟକୁ ଭବିଷ୍ୟତ ପିଢ଼ିକୁ ହସ୍ତାନ୍ତର କରିବା ଦିଗରେ ଜିଲ୍ଲାପ୍ରଶାସନ ସଦୟ ବିଚାର କରି ଆବଶ୍ୟକ ପଦକ୍ଷେପ ନେବାକୁ ମାଏପା ପକ୍ଷରୁ ଅନୁରୋଧ କରାଯାଇଛି । ସ୍ମାରକପତ୍ରର ଏକ କପି ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବ, ଓଡ଼ିଶା ସରକାରଙ୍କୁ ମଧ୍ୟ ପ୍ରେରଣ କରାଯାଇଛି ।

## ହୃଦ୍‌ଘାତରେ ସୁରକ୍ଷା କର୍ମଚାରୀଙ୍କ ମୃତ୍ୟୁ

କଟକ, (ସ୍ୱପ୍ର): ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟରେ ସୁରକ୍ଷା କର୍ମଚାରୀ ଲୋକନାଥ ସାହୁ(୬୮)ଙ୍କର ବୁଧବାର ପୂର୍ବାହ୍ନରେ ହୃଦଘାତରେ ମୃତ୍ୟୁ ଘଟିଛି । ପୂର୍ବାହ୍ନ ପ୍ରାୟ ୯ଟା ବେଳେ ଲୋକନାଥ ବିଶ୍ୱବିଦ୍ୟାଳୟ ପରିସରସ୍ଥିତ କାର୍ଯ୍ୟାଳୟରେ ଠାକୁର ପୂଜା କରୁଥିବା ବେଳେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ । ସହକର୍ମୀମାନେ ତାଙ୍କୁ ତୁରନ୍ତ ପଦ୍ମିନୀ କେୟାର ହସ୍‌ପିଟାଲ ଜରୁରୀକାଳୀନ ବିଭାଗରେ ଭର୍ତ୍ତି କରିଥିଲେ । ମାତ୍ର ସେଠାରେ ତାଙ୍କୁ ମୃତଘୋଷଣା କରିଥିଲେ । ଲୋକନାଥଙ୍କର ଘର ଟାଙ୍ଗୀ ପାଟରା ସାହିରେ ଓ ତାଙ୍କର ବିଧବା ପତ୍ନୀ, ୩ଝିଅ ଗୋଟିଏ ପୁଅ ଅଛନ୍ତି । ପରଲୋକ ଖବର ପାଇ ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ଲୋକ ସଂପର୍କ ଅଧିକାରୀ ନିରାକାର ସାହୁ, ସୁମନ୍ତ ନାୟକଙ୍କ ସମେତ ବିଭିନ୍ନ ବିଭାଗର ପଦାଧିକାରୀ ତାଙ୍କର ଶେଷ ଦର୍ଶନ ସହ ଶବାଧାରରେ ଉତ୍ତରୀୟ ଓ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ଏକମାତ୍ର ପୁତ୍ର ଲକ୍ଷ୍ମୀଧର ମୁଖାଗ୍ନି ଦେଇଥିଲେ । ଲୋକନାଥଙ୍କ ଅକାଳ ବିୟୋଗରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି ।

## ଚୋରି ସାମଗ୍ରୀ ଜବତ, ଚୋର ଗିରଫ

ବ୍ରହ୍ମପୁର, (ସବ୍ୟୁ) : ବଡବଜାର ଥାନା ପୋଲିସ ଦୁଇଟି ପୃଥକ ଚୋରି ମାମଲାରେ ଜଣେ ଚୋରଙ୍କୁ କାବୁ କରିଛି । ଅଭିଯୁକ୍ତ ଜଣଙ୍କ ଆଙ୍କୁଶପୁରର ସନାତନ ମହାରଣା (୩୭ ) । ସେ ଜଣେ ପେଶାଦାର ଚୋର ବୋଲି ପୋଲିସ କହିଛି । ତା'ଠାରୁ ଚୋରି ହୋଇଥିବା ପିତ୍ତଳ ପୂଜା ସାମଗ୍ରୀ, ଲେନୋଭୋ ଟାବଲେଟ୍ ଓ ଏକ ବ୍ୟାଗ ଜବତ କରାଯାଇଛି । କେସ୍ ନମ୍ବର ୬୯୧/୨୬ରେ ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି । ପ୍ରକାଶ ଯେ, ଗତ ୧୬ ତାରିଖରେ ଶ୍ରୀରାମନଗର ଆଦର୍ଶମାର୍ଗର ଜଣେ ବ୍ୟକ୍ତି ଘରକୁ ଫେରିବା ପରେ ମୁଖ୍ୟ ଦ୍ୱାର ଖୋଲାଥିବା ଏବଂ ପୂଜା ଘରରୁ ପିତ୍ତଳ ସାମଗ୍ରୀ ଚୋରି ହୋଇଥିବା ଦେଖିଥିଲେ । ଏହି ସମୟରେ ନିକଟସ୍ଥ ଅଞ୍ଚଳରେ ଅନ୍ୟ ଏକ ଚୋରି ଉଦ୍ୟମ କରୁଥିବା ଅଭିଯୁକ୍ତକୁ ସ୍ଥାନୀୟ ଲୋକେ କାବୁ କରିଥିଲେ । ତା' ପାଖରେ ଚୋରି ସାମଗ୍ରୀ ଭର୍ତ୍ତି ହୋଇଥିବା ଏକ କଳା ବ୍ୟାଗ ମିଳିଥିଲା । ଜବତ ପିତ୍ତଳ ସାମଗ୍ରୀକୁ ନିୟମାନୁସାରେ ଜିମାନାମାରେ ଅଭିଯୋଗକାରିଙ୍କୁ ହସ୍ତାନ୍ତର କରାଯାଇଛି ବୋଲି ପୋଲିସି କହିଛି ।

## ଶିକ୍ଷା ଅଧିକାରୀଙ୍କୁ ପ୍ରାଥମିକ ଶିକ୍ଷକ ସଂଘର ପାଞ୍ଚ ଦଫା ଦାବିପତ୍ର



ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ନବନିର୍ବାଚିତ କର୍ମକର୍ତ୍ତା ଓ ଉପଦେଷ୍ଟାମଣ୍ଡଳୀ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଏବଂ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଗୌତମ କୁମାର ପାତ୍ରଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ଅବସରରେ ଜିଲ୍ଲାର ପ୍ରାଥମିକ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ବିଭିନ୍ନ ମୌଳିକ ସମସ୍ୟା ନେଇ ଆଲୋଚନା କରାଯିବା ସହ ସଂଘ ପକ୍ଷରୁ ପାଞ୍ଚ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘର ପ୍ରମୁଖ ଦାବିଗୁଡ଼ିକ ମଧ୍ୟରେ ଅବସର ଗ୍ରହଣ ଦିନ ସମସ୍ତ ପ୍ରାପ୍ୟ ପ୍ରଦାନ, ଲେଭେଲ-୫(ଏ)ରୁ ଏବିଇଓ ପର୍ଯ୍ୟନ୍ତ ପଦୋନ୍ନତି ପ୍ରକ୍ରିୟା ତ୍ୱରାନ୍ୱିତ କରିବା, ଜିପିଏଫ୍ ଉଠାଣ ଓ ଇନକ୍ରିମେଣ୍ଟ ପ୍ରଦାନରେ ଅର୍ଥ ଆଦାୟ ବନ୍ଦ କରିବା, ଜଣେ ମାତ୍ର ଶିକ୍ଷକ ଥିବା ବିଦ୍ୟାଳୟଗୁଡ଼ିକରେ ଖାଲି ପଦ ପୂରଣ କରିବା ଏବଂ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ଷଷ୍ଠରୁ ଅଷ୍ଟମ ଶ୍ରେଣୀରେ ଶିକ୍ଷାଦାନ ପାଇଁ ଆଦେଶ ପ୍ରଦାନ କରିବା ଅନ୍ତର୍ଭୁକ୍ତ ।

ବିଶେଷକରି ମୟୂରଭଞ୍ଜ ଜିଲ୍ଲାରେ ଶିକ୍ଷକ ପଦୋନ୍ନତି ପ୍ରକ୍ରିୟା ନେଇ ଆସନ୍ତା ୨୧ ସେପ୍ଟେମ୍ବର ହେବାକୁ ଥିବା ଶୁଣାଣି ପରେ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବ ବୋଲି ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ସେଠୀ ସଂଘକୁ ପ୍ରତିଶ୍ରୁତି ଦେଇଥିଲେ । ଏଥିସହ ଅନ୍ୟ ଦାବିଗୁଡ଼ିକୁ ମଧ୍ୟ ସହାନୁଭୂତିର ସହ ବିଚାର କରାଯିବ ବୋଲି ସେ କହିଥିବା ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ଜଣାଇଛନ୍ତି ।

ଆଲୋଚନାରେ ସଂଘର ସଭାପତି ଦିଲୀପ କୁମାର ପାତ୍ର, ସାଧାରଣ ସମ୍ପାଦକ ସୁନୀଲ କୁମାର ବୋଡ, ଉପଦେଷ୍ଟା ଆରତ କୁମାର ପରିଡ଼ା ଓ ବିମଳ କୁମାର ଆଚାର୍ଯ୍ୟ, ଉପସଭାପତି ଗାୟତ୍ରୀ ବେହେରା ଓ ବନମାଳୀ ନାଏକ, ସାଙ୍ଗଠନିକ ସମ୍ପାଦକ ଲଳିତ କୁମାର ବେହେରା ଓ ଚନ୍ଦ୍ରାବତୀ ମହାନ୍ତ, କୋଷାଧ୍ୟକ୍ଷ ପ୍ରଦୀପ କୁମାର ଦେ, ଜିଲ୍ଲା ସଂଯୋଜକ ଚନ୍ଦ୍ରମୋହନ ବେହେରା, ଜୋନାଲ ସମ୍ପାଦିକା ସବିତା ରାଣୀ ବାଗ ଏବଂ ସକ୍ରିୟ ସଦସ୍ୟ ସଞ୍ଜୟ ସାର୍ ପ୍ରମୁଖ ଉପସ୍ଥିତ ଥିଲେ ।

## ଏମ୍‌ଏସ୍‌ସିବି ବିଶ୍ୱବିଦ୍ୟାଳୟରେ ନିର୍ମାଣ କାର୍ଯ୍ୟକୁ ନେଇ ପ୍ରଶ୍ନ

# ଓପିଏଚ୍‌ଡବ୍ଲ୍ୟୁସିକୁ କଡ଼ା ନିର୍ଦ୍ଦେଶ, ୭ ଦିନରେ ପ୍ରକଳ୍ପ ହସ୍ତାନ୍ତର

ବାରିପଦା, (ସବ୍ୟୁ) : ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ (ଏମ୍‌ଏସ୍‌ସିବି) ବିଶ୍ୱବିଦ୍ୟାଳୟ ପରିସରରେ ଚାଲିଥିବା ବିଭିନ୍ନ ଭିତ୍ତିଭୂମି ନିର୍ମାଣ କାର୍ଯ୍ୟରେ ବିଳମ୍ବ ଓ ଲୁହା ରାମ୍ପ ନିର୍ମାଣର ଉପଯୋଗିତାକୁ ନେଇ ପ୍ରଶ୍ନ ଉଠିଛି । ଏନେଇ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଓଡ଼ିଶା ଷ୍ଟେଟ୍ ପୋଲିସ ହାଉସିଂ ଆଣ୍ଡ ୱେଲଫେୟାର କର୍ପୋରେସନ୍ (ଓପିଏଚ୍‌ଡବ୍ଲୁସି) ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକଙ୍କୁ ପୃଥକ ପତ୍ର ଲେଖି ଅସନ୍ତୋଷ ପ୍ରକାଶ କରିବା ସହ ତୁରନ୍ତ ପଦକ୍ଷେପ ଓ ସ୍ପଷ୍ଟୀକରଣ ମାଗିଛନ୍ତି । ବିଶ୍ୱବିଦ୍ୟାଳୟ ପକ୍ଷରୁ ଗତ ୨୫ଅଗଷ୍ଟରେ ଜାରି ପତ୍ର (ନଂ-୪୫୪୨) ଅନୁଯାୟୀ, କ୍ୟାମ୍ପସର ବିଭିନ୍ନ କୋଠାରେ ଲୁହା ରାମ୍ପ ନିର୍ମାଣ ବାବଦରେ ପ୍ରାୟ ୩କୋଟି ୮୯ଲକ୍ଷ ୨୪ହଜାର ଟଙ୍କା ଖର୍ଚ୍ଚ ହୋଇଛି। ତେବେ ବିଶ୍ୱବିଦ୍ୟାଳୟର ଟେକ୍ନିକାଲ୍ ଟିମ୍‌ର ଅନୁଧ୍ୟାନ ପରେ ରାମ୍ପଗୁଡ଼ିକର ଡିଜାଇନ୍, ଉପଯୋଗିତା ଓ ସ୍ଥାୟିତ୍ୱ ନେଇ ବିଭିନ୍ନ ପ୍ରଶ୍ନ ଉଠିଥିବା ପତ୍ରରେ ଦର୍ଶାଯାଇଛି । ଏତେ ଅର୍ଥ ରାମ୍ପ ନିର୍ମାଣରେ ବ୍ୟୟ ନକରି ଲିଫଟ ବ୍ୟବସ୍ଥା କରାଯାଇଥିଲେ ତାହା ଅଧିକ ଖର୍ଚ୍ଚ ସଞ୍ଚୟକାରୀ ଓ ଉପଯୋଗୀ ହୋଇପାରିଥାନ୍ତା ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ ମତ ଦିଆଯାଇଛି । ରାମ୍ପଗୁଡ଼ିକ ବିଲ୍ଡିଂ ନିକଟରେ ଅଧିକ ସ୍ଥାନ ଦଖଲ କରିଥିବା ସହ ନିର୍ମାଣରେ ବ୍ୟବହୃତ ଲୁହାରେ ଭବିଷ୍ୟତରେ କଳଙ୍କ ଲାଗି କ୍ଷତି ହେବାର ଆଶଙ୍କା ମଧ୍ୟ ପ୍ରକାଶ କରାଯାଇଛି । ଏହି ସମସ୍ତ ବିଷୟରେ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବା ସହ ଅବଶିଷ୍ଟ ଅର୍ଥ ପ୍ରଦାନ ସ୍ଥଗିତ ରଖାଯାଇଥିବା ଜଣାପଡ଼ିଛି । ଅନ୍ୟପକ୍ଷରେ, ୧ ସେପ୍ଟେମ୍ବର ଜାରି ଅନ୍ୟ ଏକ ପତ୍ର (ନଂ-୪୬୪୨)ରେ ଓପିଏଚ୍‌ଡବ୍ଲ୍ୟୁସିର କାର୍ଯ୍ୟଶୈଳୀକୁ ନେଇ ବିଶ୍ୱବିଦ୍ୟାଳୟ ପ୍ରଶାସନ ଅସନ୍ତୋଷ ପ୍ରକାଶ କରିଛି ।

ସୂଚନା ଅନୁସାରେ, ବିଶ୍ୱବିଦ୍ୟାଳୟରେ ପ୍ରାୟ ୩୫ଟି ପ୍ରକଳ୍ପ ଚାଲିଥିବା ବେଳେ ଏପ୍ରିଲରୁ ଅଗଷ୍ଟ ୨୦୨୬ ମଧ୍ୟରେ ବିଭିନ୍ନ ପ୍ରକଳ୍ପ ଶେଷ ହେବାର ଥିଲା । ହେଲେ ଧାର୍ଯ୍ୟ ସମୟ ଅତିକ୍ରମ କରିଥିଲେ ମଧ୍ୟ କେତେକ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇନଥିବା ଏବଂ ବାରମ୍ବାର ସମୟସୀମା ପରିବର୍ତ୍ତନ ହେଉଥିବା ନେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆପତ୍ତି ଉଠାଯାଇଛି । ନୂଆ ଶିକ୍ଷାନୀତି ଲାଗୁ ହେବା ସହ ପ୍ରଥମ ବର୍ଷର ନୂତନ ଛାତ୍ରଛାତ୍ରୀ କ୍ୟାମ୍ପସରେ ଯୋଗ ଦେଇଥିବାରୁ ଶ୍ରେଣୀଗୃହର ଆବଶ୍ୟକତା ବଢ଼ିଛି । ଭିତ୍ତିଭୂମି ଅଭାବ ନେଇ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଅଭିଯୋଗ ଆସିଥିବା ଏବଂ ବିଳମ୍ବ ଜାରି ରହିଲେ ଛାତ୍ର ଅସନ୍ତୋଷ ସୃଷ୍ଟି ହେବାର ଆଶଙ୍କା ଥିବା ପତ୍ରରେ ଦର୍ଶାଯାଇଛି । ପ୍ରକଳ୍ପଗୁଡ଼ିକର ହସ୍ତାନ୍ତର ହୋଇନଥିବାରୁ ଅର୍ଥ ହିସାବ ଓ ଖର୍ଚ୍ଚ ସମାଧାନ କ୍ଷେତ୍ରରେ ମଧ୍ୟ ଅସୁବିଧା ହେଉଥିବା ଉଲ୍ଲେଖ ରହିଛି । ଏହି ପରିପ୍ରେକ୍ଷୀରେ ସମ୍ପୂର୍ଣ୍ଣ ହୋଇସାରିଥିବା ସମସ୍ତ ପ୍ରକଳ୍ପକୁ ଆସନ୍ତା ୭ଦିନ ମଧ୍ୟରେ ବିଶ୍ୱବିଦ୍ୟାଳୟକୁ ଆନୁଷ୍ଠାନିକ ଭାବେ ହସ୍ତାନ୍ତର କରିବାକୁ ଓପିଏଚ୍‌ଡବ୍ଲ୍ୟୁସିକୁ ନିର୍ଦ୍ଦେଶ ଦିଆଯାଇଛି ।

ଘଟଣା ସମ୍ପର୍କରେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗକୁ ମଧ୍ୟ ଅବଗତ କରାଯାଇଥିବା ଜଣାପଡ଼ିଛି । ଉଲ୍ଲେଖଯୋଗ୍ୟ, ପ୍ରାୟ ବର୍ଷେ ପୂର୍ବେ ବିଶ୍ୱବିଦ୍ୟାଳୟର ନିଜସ୍ୱ ପାଣ୍ଠିରୁ ରାମ୍ପ ନିର୍ମାଣକୁ ନେଇ ପୂର୍ବତନ ସିନେଟ୍ ଓ ସିଣ୍ଡିକେଟ୍ ସଦସ୍ୟ ତଥା ଆଇନଜୀବୀ ଜ୍ୟୋତିପ୍ରକାଶ ରଥ ପ୍ରଶ୍ନ ଉଠାଇ ନିରପେକ୍ଷ ତଦନ୍ତ ଦାବି କରିଥିଲେ । ଶାରୀରିକ ଭିନ୍ନକ୍ଷମଙ୍କ ସୁବିଧା ପାଇଁ ୫ଟି ବିଲ୍ଡିଂରେ ପ୍ରାୟ ୩କୋଟି ୮୯ଲକ୍ଷ ୨୪ହଜାର ଟଙ୍କା ବ୍ୟୟରେ ନିର୍ମିତ ଲୁହା ରାମ୍ପର ଉପଯୋଗିତା ନେଇ ସେ ପ୍ରଶ୍ନ ଉଠାଇଥିଲେ ।

ଏହି ଅର୍ଥର ତୁଳନାରେ କମ୍ ଖର୍ଚ୍ଚରେ ଲିଫଟ ନିର୍ମାଣ କରାଯାଇ ପାରିଥାନ୍ତା ବୋଲି ସେ ମତ ଦେଇଥିଲେ । ଏଥିସହ ଭଲ ଅବସ୍ଥାରେ ଥିବା ବିଶ୍ୱବିଦ୍ୟାଳୟ ପରିସରର ପିଚୁ ରାସ୍ତାକୁ ଖୋଳି ଫ୍ଲେଭର ଟାଇଲ୍ ପକାଯିବା ଏବଂ ନିଜସ୍ୱ ସଞ୍ଚିତ ପାଣ୍ଠି ବ୍ୟବହାରକୁ ନେଇ ମଧ୍ୟ ଶ୍ରୀ ରଥ ପ୍ରଶ୍ନ ଉଠାଇ ତଦନ୍ତ ଦାବି କରିଥିଲେ । ବର୍ତ୍ତମାନ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ରାମ୍ପ ନିର୍ମାଣ ସମ୍ପର୍କରେ ତଦନ୍ତ ଓ ଅବଶିଷ୍ଟ ପେମେଣ୍ଟ ସ୍ଥଗିତ ରଖିବା ସହ ନିର୍ମାଣ ପ୍ରକଳ୍ପ ଗୁଡ଼ିକର ହସ୍ତାନ୍ତର ପାଇଁ କଡ଼ା ନିର୍ଦ୍ଦେଶ ଦେଇଥିବାରୁ ଏହାକୁ ସ୍ୱାଗତ କରିଛନ୍ତି ଶ୍ରୀ ରଥ ।

# ପତ୍ନୀ ହତ୍ୟା ମାମଲାରେ ସ୍ୱାମୀଙ୍କୁ ଆଜୀବନ କାରାଦଣ୍ଡ

ରାୟଗଡ଼ା,(ସବ୍ୟୁ):ରାୟଗଡ଼ା ଅତିରିକ୍ତ ଜିଲା ଓ ଦୌରାଜଜ୍‌ଙ୍କ ଅଦାଲତରେ କାଶୀପୁର ଥାନା ଅନ୍ତର୍ଗତ ଭାଟିପାସ ଗ୍ରାମର ଏକ ପତ୍ନୀ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି । ପତ୍ନୀ ପୁଷ୍ପା ଗୌଡ଼ଙ୍କୁ ହତ୍ୟା ଅଭିଯୋଗରେ ସ୍ୱାମୀ ଗୁରୁନାଥ ଗୌଡ଼ଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି ଅଦାଲତ । ବିଚାରପତି ଅଜ୍ଞନା ସ୍ୱାଇଁ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ ସହ ୨୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି । ଜରିମାନା ଅନାଦେୟ ହେଲେ ଅଧିକ ୬ ମାସ ଜେଲ୍ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଦର୍ଶାଯାଇଛି । ଅତିରିକ୍ତ ସରକାରୀ ଓକିଲ ରଜତ ରଞ୍ଜନ ଖଟୁଆ ଏହି ସୂଚନା ଦେଇଛନ୍ତି । ମାମଲାର ବିବରଣୀ ଅନୁଯାୟୀ, ୨୦୨୪ ଫେବୃୟାରୀ ୫ ତାରିଖ ରାତିରେ ପୁଅ ମଳୟ ଗୌଡ଼ ପରିବାର ସହ ଖାଇସାରି ନିକଟସ୍ଥ ଅନ୍ୟ ଏକ ଘରେ ଶୋଇବାକୁ ଯାଇଥିଲେ । ବିଳମ୍ବିତ ରାତିରେ ତାଙ୍କ ଭାଇ ମଧୁସୂଦନ ଗୌଡ଼ ଆସି ବାପା ଗୁରୁନାଥ ଗୌଡ଼ ଟାଙ୍ଗିଆରେ ମା'ଙ୍କୁ ହତ୍ୟା କରିଥିବା କହିଥିଲେ । ପରେ ମଳୟ ଘରକୁ ଯାଇ ମା' ପୁଷ୍ପାଙ୍କୁ ରକ୍ତାକ୍ତ ଅବସ୍ଥାରେ ପଡ଼ିଥିବା ଦେଖିଥିଲେ। ତୁରନ୍ତ ତାଙ୍କୁ ଥୁଆମୂଳ ରାମପୁର ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ପୁଷ୍ପାଙ୍କୁ ମୃତ ଘୋଷଣା କରିଥିଲେ । ଘଟଣାର ପରଦିନ, ଅର୍ଥାତ ଫେବୃୟାରୀ ୬ ତାରିଖରେ ପୁଅ ମଳୟ ଗୌଡ଼ କାଶୀପୁର ଥାନାରେ ଏତଲା ଦେଇଥିଲେ । ଏତଲାକୁ ଆଧାର କରି ପୁଲିସ ମୃତଦେହ ଜବତ କରିବା ସହ ଘଟଣାସ୍ଥଳରେ ପଞ୍ଚନାମା କରିଥିଲା। ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା। କାଶୀପୁର ଥାନା କେସ ନମ୍ବର ୨୩/୨୦୨୪ ଅନୁଯାୟୀ ପୁଲିସ ଗୁରୁନାଥଙ୍କୁ ଗିରଫ କରିବା ସହ ହତ୍ୟାରେ ବ୍ୟବହୃତ ଟାଙ୍ଗିଆ ଜବତ କରି ତାଙ୍କୁ କୋର୍ଟଚାଲାଣ କରିଥିଲା।

ଏହି ଘଟଣାର ତଦନ୍ତକାରୀ ଅଧିକାରୀ ଭାବେ ପ୍ରଶାନ୍ତ କୁମାର ସ୍ୱାଇଁ ଏବଂ ପରେ ସୂର୍ଯ୍ୟପ୍ରକାଶ ନାଏକ ଦାୟିତ୍ୱ ତୁଲାଇଥିଲେ । ଉଭୟ ଅଧିକାରୀ ଘଟଣାର ତଦନ୍ତ କରି ଅଦାଲତରେ ଚାର୍ଜସିଟ ଦାଖଲ କରିଥିଲେ । କୋର୍ଟ କେସ ନମ୍ବର ସିଟି ୩୦/୨୦୨୪ ଅନୁଯାୟୀ ଅତିରିକ୍ତ ଜିଲା ଓ ଦୌରାଜଜ୍‌ଙ୍କ ଅଦାଲତରେ ମାମଲାର ବିଚାର ଆରମ୍ଭ ହୋଇଥିଲା । ଚାର୍ଜସିଟ ଆଧାରରେ ୨ ଜଣ ତଦନ୍ତକାରୀ ଅଧିକାରୀଙ୍କ ସମେତ ମୋଟ ୧୪ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା । ସମସ୍ତ ସାକ୍ଷ୍ୟ ଓ ପ୍ରମାଣର ବିଚାର ପରେ ଗୁରୁବାର ଅଦାଲତ ନିଜ ରାୟ ପ୍ରକାଶ କରିଛନ୍ତି । ଏଥିରେ ଗୁରୁନାଥ ଗୌଡ଼ଙ୍କୁ ପତ୍ନୀ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ କରାଯାଇ ଆଜୀବନ କାରାଦଣ୍ଡ ଶୁଣାଯାଇଛି ।

# ବିଚାରାଧୀନ କଏଦୀଙ୍କ ମୃତ୍ୟୁ, ଜେଲ ସମ୍ମୁଖରେ ଧାରଣା

ମାଲକାନଗିରି,(ସବ୍ୟୁ): ମାଲକାନଗିରି ଜିଲ୍ଲା ଉପ କାରାଗାରରେ ଜଣେ ବିଚାରଧୀନ କଏଦୀଙ୍କ ସନ୍ଦେହଜନକ ଭାବରେ ମୃତ୍ୟୁ ହୋଇଛି । ଏନେଇ ମୃତକଙ୍କ ପରିବାର ସଦସ୍ୟ ଓ ସମ୍ପର୍କୀୟମାନେ ମୃତଦେହକୁ ନେଇ ଜେଲ ସମ୍ମୁଖରେ ଧାରଣା ଦେଇଛନ୍ତି । ମୃତ କଏଦୀ ଜଣକ ହେଉଛନ୍ତି ମାଲକାନଗିରି ଆଦର୍ଶ ଥାନା ଅନ୍ତର୍ଗତ କାଲାଗୁଡା ଗାଁର ଲକିନାଥ ବେହେରା । ଜେଲରେ ତାଙ୍କୁ ମାରି ଦିଆଯାଇଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି ।

ସେପଟେ ଜେଲ କର୍ତ୍ତୃପକ୍ଷ କହିଛନ୍ତି ଯେ, କଏଦୀ ନିଜେ ଜୀବନ ହାରିଛନ୍ତି । ଏହାର ଭିଡିଓ ସିସିଟିଭି ରେକର୍ଡ ହୋଇଛି ।ମୃତକଙ୍କ ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ, ଗତ ତିନି ମାସ ହବ ଲକିନାଥଙ୍କୁ ଏକ ମାମଲାରେ ବିଚାରାଧିନ କଏଦୀ ଭାବେ ମାଲକାନଗିରି ଜିଲ୍ଲା ଉପ କାରାଗାରରେ ରଖାଯାଇଥିଲା । ଲକିନାଥ ବୁଧବାର ସକାଳେ ପରିବାର ସଦସ୍ୟଙ୍କ ସହ ଫୋନରେ କଥା ହୋଇଥିଲେ । ହେଲେ ହଠାତ ଜେଲରେ ତାଙ୍କର ମୃତ୍ୟୁ ହୋଇଥିଲା । ଏନେଇ ଜେଲ କର୍ତ୍ତୃପକ୍ଷ ପରିବାର ଲୋକଙ୍କୁ ନଜଣାଇ ଲକିନାଥଙ୍କୁ ହସ୍ପିଟାଲ ନେଇଥିଲେ । କୌଣସି ସୂତ୍ରରୁ ଖବର ପାଇଁ ପରିବାର ଲୋକ ହସ୍ପିଟାଲରେ ପହଞ୍ଚି ଲକିନାଥଙ୍କୁ ମୃତ ଅବସ୍ଥାରେ ଦେଖିଥିଲେ । କାରାଗାର କର୍ତ୍ତୃପକ୍ଷ କହିଥିଲେ ଯେ, ଲକିନାଥ ଜେଲ ଭିତରେ ଜୀବନ ହାରିଛନ୍ତି । ମାତ୍ର ଏ କଥାକୁ ପରିବାର ଲୋକ ଗ୍ରହଣ ନ କରି ତାଙ୍କୁ ମାରି ଦିଆଯାଇଥିବା ବୋଲି ଅଭିଯୋଗ କରିଛନ୍ତି । ମୃତ ଲକିନାଥଙ୍କ ସାନ ଭାଇ ଭଗବାନ ବେହେରା କହିଛନ୍ତି, ଭାଇ ସକାଳ ୮ଟାରେ ଘର ଲୋକଙ୍କ ସହ କଥା ହୋଇଥିଲା । ସେତେବେଳେ ସେ ଭଲ ଥିଲା । ହଠାତ ମାଲକାନଗିରି ଜେଲରେ ମୃତ୍ୟୁ ହୋଇଗଲା । ଏନେଇ ଆମକୁ କିଛି ଜଣାଯାଇ ନଥିଲା । ଜେଲରେ ତାଙ୍କୁ ମାରି ଦିଆଯାଇଛି । ସେପଟେ



ବିଳମ୍ବିତ ରାତିରେ ଲକିନାଥଙ୍କ ପରିବାର ଲୋକ ଓ କାଲାଗୁଡା ଗ୍ରାମବାସୀ ଉତ୍ୟକ୍ତ ହୋଇ ପୋଲିସ ଉପସ୍ଥିତିରେ ମୃତଦେହକୁ ଷ୍ଟ୍ରେଚରରେ ରଖି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଠାରୁ ଜେଲ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାରେ ଠେଲି ଠେଲି ଆଣିଥିଲେ । ଜେଲ ମୁଖ୍ୟ ଫାଟକ ସାମ୍ନାରେ ମୃତଦେହ ରଖି ଜେଲ ପରିସରକୁ ଘେରାଉ କରିଥିଲେ । ପରେ ଘଟଣାସ୍ଥଳକୁ ମାଲକାନଗିରି ଏସଡ଼ିପିଓ ଓ ପୋଲିସ ଅଧିକାରୀ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଇବା ପାଇଁ ଚେଷ୍ଟା କରୁଥିଲି । କିନ୍ତୁ ସେଠାରେ ପରିସ୍ଥିତି ଅଣଆୟତ ହେବାରୁ ୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରିବାକୁ ପଡ଼ିଥିଲା । ପରେ ଘଟଣାସ୍ଥଳକୁ ମାଲକାନଗିରି ଅତିରିକ୍ତ ଏସପି ରାଜ କିଶୋର ଦାଶ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଇବା ପରେ ସ୍ଥିତି ନିୟନ୍ତ୍ରଣକୁ ଆସିଥିଲା ।

ମାଲକାନଗିରି ଉପ କାରାଗାରର ଜେଲର୍ ଦିଲୀପ କୁମାର ବେହେରା କହିଛନ୍ତି ଯେ, ମୃତକ ବିଚାରାଧୀନ କଏଦୀ ଲକିନାଥ ବେହେରା ତିନି ମାସ ହବ ଜେଲ୍ରେ ଥିଲେ । ଏକ ମାମଲାରେ ଗିରଫ ପରେ କୁଡୁମୁଲୁଗୁମା ଜେଏମଏଫସି କୋର୍ଟ ତାଙ୍କୁ ଦୋଷୀ ସାବ୍ୟସ୍ତ କରିବା ପରେ ମାଲକାନଗିରି ଜେଲକୁ ପଠାଯାଇଥିଲା । ପରେ ସେପ୍ଟେମ୍ବର ମାସ ୭ ତାରିଖରେ ଜିଲ୍ଲା ଦୌରାଜଜଙ୍କ କୋର୍ଟକୁ ବିଚାର ପାଇଁ ମାମଲା ଆସିଛି ଏବଂ ସେ ଓକିଲ ବଦଳାଇବା ପାଇଁ ବି କହିଥିଲେ । ଏହାସହ ଗତ ୧୨ ତାରିଖରେ ତାଙ୍କ ପରିବାର ଲୋକ ଦେଖା କରିବାକୁ ଆସିଥିଲେ । ବୁଧବାର ତାଙ୍କ ପରିବାର ଲୋକଙ୍କ ସହ ଫୋନ ଯୋଗେ କଥା ହୋଇଥିଲେ । ପରେ ସେ ଜେଲ ଭିତରେ ଜୀବନ ହାରିଛନ୍ତି । ଜେଲର୍ ଦିଲୀପ କୁମାର ବେହେରା କହିଛନ୍ତି, କେଉଁ କାରଣରୁ ସେ ଜୀବନ ହାରିଛନ୍ତି ତାହା ଜଣାପଡିନାହିଁ । ତାଙ୍କ ପରିବାର ଲୋକ ଆଣିଥିବା ଅଭିଯୋଗ ମିଥ୍ୟା । ସେ ଜୀବନ ହାରିବା ବେଳର ଭିଡିଓ ସିସିଟିଭିରେ ରେକର୍ଡ ହୋଇଛି । ଯଦି ପରିବାର ଲୋକ ଦେଖିବାକୁ ଚାହାନ୍ତି ସେମାନେ ସିସିଟିଭିରେ ରେକର୍ଡ ଦେଖିପାରିବେ । ମୃତଦେହକୁ ବ୍ୟବଚ୍ଛେଦ ପାଇଁ କୋରାପୁଟ ପଠାଯାଇଛି ।

# ହରିଶଙ୍କରରେ ପ୍ରଧାନମନ୍ତ୍ରୀଙ୍କ ଜନ୍ମ ଦିନରେ ଦୀପ ଜାଳିଲେ ମହିଳା



ଖପ୍ରାଖୋଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ପୁଣ୍ୟ କ୍ଷେତ୍ର ହରିଶଙ୍କର ଠାରେ ମହିଳା ମାନେ ସାମୂହିକ ଭାବେ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମ ଦିନ ଗୁରୁବାର ପାଳନ କରିଛନ୍ତି । ମୁଖ୍ୟ ଅତିଥି ରୁପେ ବିଡ଼ିଓ ବିବେକାନନ୍ଦ ଷଡଙ୍ଗୀ, ସମ୍ମାନୀତ ଅତିଥି ରୂପେ ଉପ ମୁଖ୍ୟମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପଦ୍ମ କୁମାର ସିଂ ବରିହା, ସିଡ଼ିପିଓ ଅମିତ ପଣ୍ଡା ଓ ଏଲ ଏମ ବି ପି ଏମ ପଙ୍କଜିନୀ ତରାଶିଆ, ବିଜେପି ଖପ୍ରାଖୋଲ ମଣ୍ଡଳ ସଭାପତି ଉମାକାନ୍ତ ପ୍ରଧାନ, ଲାଠୋର ମଣ୍ଡଳ ସଭାପତି ବିକାଶ ବେହେରା ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ମୋଦୀଙ୍କ ସୁସ୍ଥ ନିରାମୟ ଜୀବନ କାମନା କରି ହରିଶଙ୍କର ବାବାଙ୍କ ଠାରେ ଦୀପ ଜାଳି ଥିଲେ। ଏହି ଅବସରରେ ଶତାଧିକ ମହିଳା ଯୋଗଦେଇଥିଲେ । ଲକ୍ଷ୍ମୀ ନାରାୟଣ ବିଶି କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅଭୟ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ଧଣ୍ଡାମୁଣ୍ଡା ମନ୍ଦିର ସମ୍ମୁଖରେ ମହିଳା ମାନେ ସାମୂହିକ ଦୀପ ଜଳାଇ ଦୀର୍ଘଜୀବନ କାମନା କରି ଥିଲେ । ବିଜେପି ଖପ୍ରାଖୋଲ ମଣ୍ଡଳ ତରଫରୁ ଇଷ୍ଟ ଦେବୀ ମା ଡୁମେରତଲେନଙ୍କ ଠାରେ ମଧ୍ୟ ଦୀପ ଜଳାଇ ଦୀର୍ଘଜୀବନ କାମନା କରିଥିଲେ ।

# ପୂର୍ବତନ ସରପଞ୍ଚଙ୍କ ହୃଦ୍‌ଘାତରେ ପରଲୋକ

ଜୁନାଗଡ଼,(ସବ୍ୟୁ): ରାଜପୁର ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା କର୍ଲାପାଟ ପଣ୍ଡରାମାଳି ସମାଜର ସମ୍ପାଦକ ଶିବ ପ୍ରସାଦ ଭୋଇ(୬୩)ଙ୍କର ହୃଦଘାତରେ ପରଲୋକ ଘଟିଛି । କନକପୁରସ୍ଥିତ ତାଙ୍କ ବାସଭବନରେ ତାଙ୍କର ଦେହାନ୍ତ ହୋଇଥିବା ପରିବାର ସୂତ୍ରରୁ ଜଣାପଡ଼ିଛି । ସେ ଜୁନାଗଡ଼ ବ୍ଲକ ସରପଞ୍ଚ ସଂଘ, କଳାହାଣ୍ଡି ଜିଲ୍ଲା ସରପଞ୍ଚ ସଂଘ ତଥା ପଶ୍ଚିମ ଓଡ଼ିଶା ସରପଞ୍ଚ ସଂଘର ସଭାପତି ଭାବେ ମଧ ଦାୟିତ୍ୱ ତୁଲାଇଥିଲେ । ସ୍ୱର୍ଗତ ଭୋଇ ଜଣେ ନିଷ୍ଠାବାନ, ସରଳ, ମେଳାପୀ ଓ ମିଷ୍ଟଭାଷୀ ବ୍ୟକ୍ତିତ୍ୱ ଭାବେ ଅଞ୍ଚଳବାସୀଙ୍କ ମଧ୍ୟରେ ବେଶ ପରିଚିତ ଥିଲେ । ସମାଜର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ତାଙ୍କର ଅବଦାନ ରହିଥିଲା। ତାଙ୍କର ଦେହାନ୍ତ ଖବର ପ୍ରଚାରିତ ହେବା ପରେ ଦୁର୍ଗା ପ୍ରସାଦ ନାଏକ,ଭବାନୀ ଶଙ୍କର ବଣିଆ,ବାଲ୍ମୀକି ନାଏକ, ଲକ୍ଷ୍ମଣ ନାଏକ, କନ୍ଦର୍ପ ନାଏକଙ୍କ ସମେତ ଅଞ୍ଚଳର ବହୁ ଲୋକ ଉପସ୍ଥିତ ରହି ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇବା ସହ ସ୍ୱର୍ଗତ ଭୋଇଙ୍କୁ ଶେଷ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ପୂର୍ବତନ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଭବସିନ୍ଧୁ ମଙ୍ଗରାଜ, ପୂର୍ବତନ ନଗରପାଳ ସୁଧାଂଶୁ ବରାଡ଼, ସାମ୍ବାଦିକ ସଂଘ ସଭାପତି ସନ୍ତୋଷ ସିଂହ ଦେଓ, ଓକିଲ ସଂଘ ସଭାପତି ହିମାଂଶୁ ବରାଡ଼ ଶୋକପ୍ରକାଶ କରିଛନ୍ତି ।

# ସୁରେଶ୍ୱରୀ ମନ୍ଦିରରେ ସେବା ସଂକଳ୍ପ ଅଭିଯାନ ପାଳିତ



ସୋନପୁର,(ସବ୍ୟୁ): ସୁବର୍ଣ୍ଣପୁର ଜିଲ୍ଲା ସଦର ମହକୁମା ସୁରେଶ୍ୱରୀ ମନ୍ଦିର ପରିସରରେ ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ପକ୍ଷରୁ 'ସେବା ସଂକଳ୍ପ ଅଭିଯାନ'ର ପ୍ରଥମ ଦିନର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯାନ ୧୭ ସେପ୍ଟେମ୍ବରରୁ ଆରମ୍ଭ ହୋଇ ୧୭ ଅକ୍ଟୋବର, ୨୦୨୬ ପର୍ଯ୍ୟନ୍ତ ପାଳନ କରାଯିବ । ପ୍ରଥମ ଦିନର କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଯୋଗଦେଇ ରଙ୍ଗୋଲି ପ୍ରସ୍ତୁତି, କେକ କାଟିବା ଏବଂ ପ୍ରଦୀପ ପ୍ରଜ୍ୱଳନ ଭଳି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ସକାଳେ ମା ସୁରେଶ୍ୱରୀଙ୍କ ପୀଠରେ ୧,୦୦୦ଟି ଦୀପ ପ୍ରଜ୍ୱଳନ କରାଯାଇଥିଲା । ମାସ ବ୍ୟାପି ଅଭିଯାନରେ ପ୍ରତ୍ୟେକ ବିଏଲଏଫ, ଜିଏଲଏଫ ଏବଂ ଡ଼ିଏଲଏଫ, ମନ୍ଦିର, ଦେବାଳୟ ଓ ଗୃହମାନଙ୍କରେ ଦୀପ ପ୍ରଜ୍ୱଳନ କରାଯିବ । ଏହି ଅବସରରେ ଭାରପ୍ରାପ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୋଭାବର୍ଦ୍ଧନ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳୀନା ପ୍ରଧାନ, ଜିଲ୍ଲା ପ୍ରକଳ୍ପ ସଂଯୋଜକ ମିଶନ ଶକ୍ତି ବିଶ୍ୱଜିତ ପରିଡା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରୀତି ସୁନା ଏବଂ ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟର ପ୍ରକଳ୍ପ ଅଧିକାରୀ ମଧ ଉପସ୍ଥିତ ଥିଲେ । ଏହି ଅବସରରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଭାରତ ଓ ଓଡ଼ିଶା ସରକାରଙ୍କ ପକ୍ଷରୁ ଜନସାଧାରଣଙ୍କ ସେବା ଓ କଲ୍ୟାଣ ପାଇଁ ବିଭିନ୍ନ ଯୋଜନା ରହିଥିବା ବାର୍ତ୍ତା ପ୍ରଦାନ କରିଥିଲେ । ଏହି ବାର୍ତ୍ତାକୁ ନେଇ ସୁରେଶ୍ୱରୀ ମନ୍ଦିର ପରିସରରେ 'ସେବା ସଂକଳ୍ପ ଅଭିଯାନ'ର ପ୍ରଥମ ଦିନର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ମାଦକଦ୍ରବ୍ୟ ଚୋରା ଚାଲାଣରେ ଜଣେ ଅଭିଯୁକ୍ତ ଗିରଫ

କନ୍ଧମାଳ,(ସବ୍ୟୁ) : ମାଦକଦ୍ରବ୍ୟ ଚୋରା ଚାଲାଣ ବିରୋଧୀ ଚାଲିଥିବା ସ୍ୱତନ୍ତ୍ର ଅଭିଯାନ କ୍ରମେ କନ୍ଧମାଳ ଥାନା ପୋଲିସ ମାଦକଦ୍ରବ୍ୟ ଚୋରା ଚାଲାଣ ସହ ସମ୍ପୃକ୍ତି ଅଭିଯୋଗରେ ମନମୁଣ୍ଡା ଥାନା ଗବଜୋରୀ ଗ୍ରାମର ପୂର୍ବ ୱାରେଣ୍ଟି ପୃଥୀରାଜ ମିର୍ଦ୍ଧା ଓରଫ ପିଣ୍ଟୁ (୨୮) କୁ ଗିରଫ କରି କନ୍ଧମାଳ ଥାନା ପକ୍ଷରୁ କେସ ନଂ ୨୮/୨୫ କ୍ରମେ କୋର୍ଟ ଚାଲାଣ କରାଯାଇଥିବା କନ୍ଧମାଳ ଥାନାଧିକାରୀ ଓମପ୍ରକାଶ ମହାନ୍ତି ସୂଚନା ଦେଇଛନ୍ତି ।

# ରେଳ ଷ୍ଟେସନର ବିଭିନ୍ନ ସମସ୍ୟା ନେଇ ଜେନେରାଲ ମ୍ୟାନେଜରଙ୍କୁ ପୂର୍ବତନ ବିଧାୟିକାଙ୍କ ଚିଠି

ଝାରସୁଗୁଡ଼ା,(ସବ୍ୟୁ) : ଝାରସୁଗୁଡ଼ା ରେଳ ଷ୍ଟେସନରେ ଯାତ୍ରୀ ସୁବିଧାର ଅଭାବ, ସୁରକ୍ଷା ବ୍ୟବସ୍ଥା, ଟ୍ରେନ ବିଳମ୍ବ ଓ ଅସମ୍ପୂର୍ଣ୍ଣ ପ୍ରକଳ୍ପକୁ ନେଇ ଗଭୀର ଚିନ୍ତାପ୍ରକଟ କରି ବିଜୁ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦିକା ତଥା ଝାରସୁଗୁଡ଼ାର ପୂର୍ବତନ ବିଧାୟିକା ଦୀପାଳି ଦାସଙ୍କ ନିର୍ଦ୍ଦେଶ କ୍ରମେ ଦକ୍ଷିଣ ପୂର୍ବ ରେଳପଥର ଜେନେରାଲ ମ୍ୟାନେଜରଙ୍କ ଉଦ୍ଦେଶ୍ୟରେ ଏକ ଚିଠି ପ୍ରଦାନ କରାଯାଇଛି । ଏହି ଚିଠି ଝାରସୁଗୁଡ଼ା ଜିଲ୍ଲା ବିଜେଡିର ଏକ ପ୍ରତିନିଧି ମଣ୍ଡଳ ମ୍ୟାନେଜରଙ୍କୁ ପ୍ରଦାନ କରିଛନ୍ତି ।

ଚିଠିରେ ଦର୍ଶାଯାଇଛି ଯେ, ଷ୍ଟେସନରେ ନୂତନ ରେଳ ଧାରଣା ନିର୍ମାଣ ଯୋଗୁଁ ବିକଳ୍ପ ଫୁଟ ଓଭର ବ୍ରିଜଟି ବରିଷ୍ଠ ନାଗରିକ, ରୋଗୀ ଓ ଦିବ୍ୟାଙ୍ଗଙ୍କ ପାଇଁ ଅତ୍ୟନ୍ତ କଷ୍ଟଦାୟକ ହୋଇପଡ଼ିଛି । ମୁଖ୍ୟ ପ୍ରବେଶ ଓ ପ୍ରସ୍ଥାନ ପଥ ଆଂଶିକ ଭାବେ ବନ୍ଦ ରହିଥିବାରୁ ଏବଂ ବର୍ଷା ଜଳ ସହ ନିର୍ମାଣ ସାମଗ୍ରୀ ମିଶି ପଡ଼ିରହିଥିବାରୁ ଯାତ୍ରୀମାନେ ଖସିପଡ଼ି ଦୁର୍ଘଟଣାର ଶିକାର ହେଉଛନ୍ତି । ତେଣୁ ଏସ୍କାଲେଟର, ଲିଫ୍ଟ କିମ୍ବା ବ୍ୟାଟେରୀ ଚାଳିତ ଗାଡ଼ିର ବ୍ୟବସ୍ଥା କରିବାକୁ ଦାବି କରାଯାଇଛି । ଏହା ସହିତ ସମସ୍ତ ପ୍ଲାଟଫର୍ମରେ ବିଶୁଦ୍ଧ ପାନୀୟ ଜଳର ଅଭାବ, ଶୌଚାଳୟ ଓ ଯାତ୍ରୀ ପ୍ରତୀକ୍ଷାଳୟରେ ଜଳ ଯୋଗାଣ ନଥିବାରୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି । ଚୌକିପଡ଼ା ଓ ବେହେରାମାଲ ରେଳ ଓଭରବ୍ରିଜ ନିର୍ମାଣ କାର୍ଯ୍ୟ ନିର୍ଦ୍ଧାରିତ ସମୟ ଗଡ଼ିଯାଇଥିଲେ ବି ଅସମ୍ପୂର୍ଣ୍ଣ ରହିଥିବାରୁ ନାହିଁ ନଥିବା ଟ୍ରାଫିକ ସମସ୍ୟା ଦେଖାଦେଉଛି । ପାର୍ବଣ ସମୟରେ ଝାରସୁଗୁଡ଼ା ଗୋନ୍ଦିଆ, ଝାରସୁଗୁଡ଼ା ରାଞ୍ଚି, ସମ୍ବଲପୁର ଝାରସୁଗୁଡ଼ା ରାଉରକେଲା ମେମୁ ଏବଂ ଟିଟିଲାଗଡ଼ ହାଓ୍ୱଡ଼ା ଇସ୍ପାତ ଏକ୍ସପ୍ରେସ ଭଳି ଜନପ୍ରିୟ ଟ୍ରେନ୍ଗୁଡ଼ିକୁ ହଠାତ ବାତିଲ କରାଯାଉଥିବାରୁ ସାଧାରଣ ଯାତ୍ରୀ ଓ ନୁଆଖାଇ ପର୍ବ ପାଇଁ ଘରକୁ ଫେରୁଥିବା ଲୋକେ ହଇରାଣ ହେଉଛନ୍ତି। ଟ୍ରେନ ଗୁଡ଼ିକର ଅତ୍ୟଧିକ ବିଳମ୍ବ, ୧ ନମ୍ବର ପ୍ଲାଟଫର୍ମରେ ସେଡ ସମ୍ପ୍ରସାରଣ ଏବଂ ଅଟୋ ପାର୍କିଂ ପାଇଁ ସ୍ଥାୟୀ ପାଇଁ ସ୍ଥାୟୀ ସ୍ଥାନ ଚିହ୍ନଟ କରିବାକୁ ପୂର୍ବତନ ବିଧାୟିକାଙ୍କ ପକ୍ଷରୁ ଜେନେରାଲ ମ୍ୟାନେଜରଙ୍କୁ ଚିଠି ମାଧ୍ୟମରେ ନିବେଦନ କରାଯାଇଛି । ଜେନେରାଲ ମ୍ୟାନେଜରଙ୍କୁ ଏହି ଚିଠି ପ୍ରଦାନ ସମୟରେ ଜିଲ୍ଲା ବିଜେଡି ସଭାପତି ହରିଶ ଗଣତ୍ରା, ଜିଲ୍ଲା ଓକିଲ ସଂଘ ସଭାପତି ରଘୁମଣି ପଟେଲ, ରବି ସିଂ, ସନ୍ଦୀପ ଅବସ୍ଥି, ମ୍ୟୁନିସପାଲିଟି ଅଧ୍ୟକ୍ଷା ରାନି ହାତୀ, ଆଲୋକ ତ୍ରିପାଠୀ, ପିଣ୍ଟୁ ପାଢୀ, ଅଶୋକ ଦାସ, ଶଶୀ ତିୱାରି , ତୁଳସୀ ଦାସଙ୍କ ସମେତ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ ।

# ଛୁରା ମାଡରେ ଯୁବକ ମୃତ, ଅଭିଯୁକ୍ତ ଗିରଫ

ସମ୍ବଲପୁର, (ସବ୍ୟୁ): ସମ୍ବଲପୁର ଜିଲ୍ଲା ଯୁଯୋମୁରା ଥାନା ଅନ୍ତର୍ଗତ ଅନ୍ଧାରୀ ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଯୁବକଙ୍କୁ ଛୁରୀରେ ଆକ୍ରମଣ କରାଯାଇଛି । ଏଥିରେ ଅନ୍ଧାରୀ ଗ୍ରାମର ଆକାଶ ମୁଣ୍ଡା (୨୧)ଙ୍କ ମୃତ୍ୟୁ ହୋଇଛି । ଖବର ପାଇ ଯୁଯୋମୁରା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଛି । ଏନେଇ ୧୭୧/୨୬ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି । ସୂଚନାଯୋଗ୍ୟ, ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଆକାଶ ମୁଣ୍ଡାକୁ ଲାଙ୍ଗବାହାଲ ଗ୍ରାମର ସୁବୋଧ ମୁଣ୍ଡା ଏକ ଛୁରୀରେ ଆକ୍ରମଣ କରିଥିଲା । ଗୁରୁତର ଅବସ୍ଥାରେ ଆକାଶଙ୍କୁ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ତେବେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି । ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତ ସୁବୋଧକୁ ଗିରଫ କରିଛି । ଆସନ୍ତାକାଲି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଜଣାପଡ଼ିଛି ।

# ନିର୍ମାଲ୍ୟ କ୍ଷେତ୍ରରେ ସମୂହ ଦୀପଦାନ

କଲମପୁର,(ସବ୍ୟୁ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଜୟନ୍ତୀ ଅବସରରେ କଲମପୁର ସ୍ଥିତ ନିର୍ମାଲ୍ୟକ୍ଷେତ୍ର ପରିସରରେ ସମୂହ ଦୀପଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଡ଼ିଓ ବିଜୟ କୁମାର ମଣ୍ଡାଙ୍ଗୀଙ୍କ ଅଧକ୍ଷତାରେ ଏହି ଦୀପ ଦାନ କାର୍ଯ୍ୟକ୍ରମକୁ ବ୍ଲକ ପ୍ରଶାସନ ପକ୍ଷରୁ ସମସ୍ତ କର୍ମଚାରୀ ପରିଚାଳନାର ଦାୟିତ୍ୱ ନେଇଥିଲେ । ବି.ଏଲ.ଏଫ.ସଭାନେତ୍ରୀ ଲୀଳାବତୀ ରାଉତ ଙ୍କ ଉପସ୍ଥିତିରେ ବ୍ଲକସ୍ତରୀୟ ମିଶନ ଶକ୍ତି, ବ୍ଲକ ପ୍ରକଳ୍ପ ପରିଚାଳକ, ଓଡିଶା ଜୀବିକା ମିଶନଶକ୍ତି ପ୍ରମୁଖ ସଂସ୍ଥାର ମହିଳା ମାନେ, ପୂର୍ବତନ ସରପଞ୍ଚ ଚତୁର୍ଭୁଜ ପଣ୍ଡା, ବିଜୟ ପଣ୍ଡା, ଶିବାଜୀ ଚିନ୍ଦା,ସୁଶୀଲ ଜୈନ ପ୍ରମୁଖ ଉପସ୍ଥିତିରେ ଶତାଧିକ ଜନ ସମାଗମ ଓ ସାମୁହିକ ଦୀପ ପ୍ରଜ୍ଜଳନ ପୂର୍ବକ ପ୍ରଧାନମନ୍ତ୍ରୀ ଙ୍କର ସୁଖ ସମୃଦ୍ଧି କାମନା କରିଥିଲେ ।

# ବିପଦସଙ୍କୁଳ ଅବସ୍ଥାରେ କେନାଡ଼ିପା ଉନ୍ନୀତ ଉଚ୍ଚ ବିଦ୍ୟାଳୟ


## ୧୩ଟି ଶ୍ରେଣୀ, ମାତ୍ର ୭ଟି କୋଠରୀ

ଜମନକିରା,(ସବ୍ୟୁ) : ରାଜ୍ୟ ସରକାର ଶିକ୍ଷାର ବିକାଶ ଓ ସ୍କୁଲ ରୂପାନ୍ତରଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ତୃଣମୂଳ ସ୍ତରରେ ଏହାର ବାସ୍ତବତା କିଛି ଭିନ୍ନ ଚିତ୍ର ବୟାନ କରୁଛି । ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ଅନ୍ତର୍ଗତ ଐତିହାସିକ କେନାଡ଼ିପା ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏହାର ଏକ ଜ୍ୱଳନ୍ତ ଉଦାହରଣ ପାଲଟିଛି । ୧୯୬୯ ମସିହାରେ ପ୍ରତିଷ୍ଠିତ ଏହି ବିଦ୍ୟାଳୟ ଚଳିତ ବର୍ଷ ଗୌରବମୟ ୫୭ ବର୍ଷରେ ପଦାର୍ପଣ କରିଥିଲେ ସୁଦ୍ଧା ଘୋର ଅବହେଳା, ଭିତ୍ତିଭୂମିର ଅଭାବ ଓ ଶିକ୍ଷକ ସଙ୍କଟ ମଧ୍ୟରେ ଚାଲିଛି । ୫-ଟି ରୂପାନ୍ତରଣ ନାମରେ ଏଠାରେ ଯାହା କାର୍ଯ୍ୟ ହୋଇଥିଲା, ତାହା କେବଳ 'ଉପର ଚିକ୍କଣ ଭିତର ଫୁଲା' ସଦୃଶ ସାବ୍ୟସ୍ତ ହୋଇଛି ।

ବିଦ୍ୟାଳୟରେ ଶିଶୁ ବାଟିକାଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୧୩ଟି ଶ୍ରେଣୀରେ ୩୨୪ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ଏଥିରୁ ୭୭ ଜଣ ଛାତ୍ରଛାତ୍ରୀ ସ୍କୁଲ ହଷ୍ଟେଲରେ ରହୁଛନ୍ତି । ନିୟମ ଅନୁସାରେ ୧୩ଟି ଶ୍ରେଣୀ ପାଇଁ ଅତିକମରେ ୧୩ଟି ଶ୍ରେଣୀଗୃହ ଆବଶ୍ୟକ ଥିବା ବେଳେ ଏଠାରେ ରହିଛି ମାତ୍ର ୭ଟି କୋଠରୀ। ଫଳରେ ଅଧିକାଂଶ କ୍ଲାସକୁ ମିଶାଇ ଗୋଟିଏ ଗୋଟିଏ କୋଠରୀରେ ବସାଯାଉଛି। କୋଠରୀଗୁଡ଼ିକର ଟିଣ ଛାତ ଅତି ତଳେ ଥିବାରୁ ଏହି ପ୍ରଚଣ୍ଡ ଖରାରେ ଅସହ୍ୟ ଗରମ ମଧ୍ୟରେ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ବସିବାକୁ ବାଧ ହେଉଛନ୍ତି ।

ବିଦ୍ୟାଳୟର ସ୍ଥିତି ଏବେ ଅତ୍ୟନ୍ତ ବିପଦସଙ୍କୁଳ। ବର୍ଷା ଦିନେ ସବୁ କୋଠରୀରୁ ପାଣି ଗଳୁଥିବାରୁ କାନ୍ଥଗୁଡ଼ିକ ସନ୍ତସନ୍ତିଆ ହୋଇ ନଷ୍ଟ ହୋଇଯାଇଛି । ସିଲିଂଗୁଡ଼ିକ ଖସିପଡ଼ିଥିବା ବେଳେ ତଳ ଚଟାଣ ଫାଟି ଖାଲଖମାରେ ପରିଣତ ହୋଇଛି। ଯେକୌଣସି ମୁହୂର୍ତ୍ତରେ ଏକ ବଡ଼ ଦୁର୍ଘଟଣା ଘଟି କୋମଳମତି ପିଲାଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେବାର ଆଶଙ୍କା ଘାରିଛି ।

ବିଦ୍ୟାଳୟରେ ପ୍ରଧାନ ଶିକ୍ଷକଙ୍କ ସମେତ ମୋଟ ୧୭ ଜଣ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟରତ ଥିବା କାଗଜପତ୍ରରେ ଦର୍ଶାଯାଇଛି । କିନ୍ତୁ ବିଡ଼ମ୍ବନାର ବିଷୟ, ଶିକ୍ଷାର ମୂଳଦୁଆ କୁହାଯାଉଥିବା ପ୍ରଥମରୁ ପଞ୍ଚମ ଶ୍ରେଣୀ ପାଇଁ ଜଣେ ହେଲେ ବି ନିର୍ଦ୍ଦିଷ୍ଟ ଶିକ୍ଷକ ନାହାନ୍ତି । ସେହିପରି ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପାଇଁ ମାତ୍ର ୨ ଜଣ ଶିକ୍ଷୟିତ୍ରୀ ରହିଛନ୍ତି । କୋଠରୀ ଓ ଶିକ୍ଷକ ଅଭାବ ଯୋଗୁଁ ଛୋଟ ପିଲାମାନେ ଚଟାଣରେ ଦରି ପାରି ବସି କଷ୍ଟେମଷ୍ଟେ ଶିକ୍ଷା ଗ୍ରହଣ କରୁଛନ୍ତି ।



ସ୍କୁଲର ମୌଳିକ ସୁବିଧାଗୁଡ଼ିକ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି । ଛାତ୍ରୀମାନଙ୍କ ପାଇଁ ଥିବା ଶୌଚାଳୟର କବାଟ ଭାଙ୍ଗି ଚୂରମାର ହୋଇଯାଇଛି ଏବଂ ଅପରିଷ୍କାର ପରିବେଶ ଯୋଗୁଁ ଏହା ସମ୍ପୂର୍ଣ୍ଣ ବ୍ୟବହାର ଅନୁପଯୋଗୀ ହୋଇପଡ଼ିଛି। ଛାତ୍ରଛାତ୍ରୀମାନଙ୍କ ପାଇଁ ପାନୀୟ ଜଳର ମଧ ଘୋର ସଙ୍କଟ ରହିଛି । ଏତେ ସଂଖ୍ୟକ ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ରୋଷେଇ ଘରଟି ଏକ ଅସ୍ୱାସ୍ଥ୍ୟକର ପରିବେଶରେ ପରିଣତ ହୋଇଛି, ଯେଉଁଠାରେ ବହୁ ଅସୁବିଧାରେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ କରାଯାଉଛି । ଚାରିପାଖର ସୁରକ୍ଷା ପ୍ରାଚୀର ଭାଙ୍ଗି ଯାଇଥିବାରୁ ଅସାମାଜିକ ବ୍ୟକ୍ତିଙ୍କ ଉପଦ୍ରବ ବଢୁଥିବା ବେଳେ ସ୍କୁଲ ହତା ଅଳିଆ ଆବର୍ଜନାରେ ଭରି ରହିଛି ।

ଏ ନେଇ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବଳରାମ ମାଝୀ ଓ ଉପ-ସଭାପତି ଅନ୍ନପୂର୍ଣ୍ଣା ଭାଟ କ୍ଷୋଭ ପ୍ରକାଶ କରି କହିଛନ୍ତି ଯେ, ବିଦ୍ୟାଳୟର ଏହି ଦୁର୍ଦ୍ଦଶା ସମ୍ପର୍କରେ ସ୍ଥାନୀୟ ବ୍ଲକ ଶିକ୍ଷା ଅଧିକାରୀ (ବିଇଓ) ଏବଂ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କୁ ବାରମ୍ବାର ମୌଖିକ ଓ ଲିଖିତ ଭାବେ ଅବଗତ କରାଯାଇଥିଲେ ସୁଦ୍ଧା ପ୍ରଶାସନ ସମ୍ପୂର୍ଣ୍ଣ କର୍ଣ୍ଣପାତ କରୁନାହିଁ । ସ୍କୁଲର ପ୍ରଧାନ ଶିକ୍ଷକ ଶୁଭ୍ରାଂଶୁ ପଣ୍ଡା ମଧ ଏହି ସବୁ ସମସ୍ୟା କାରଣରୁ ପିଲାଙ୍କ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଥିବା ନେଇ ଚିନ୍ତା ବ୍ୟକ୍ତ କରିଛନ୍ତି ।

ଏହି ସମ୍ବେଦନଶୀଳ ସମସ୍ୟା ସମ୍ପର୍କରେ ଜମନକିରା ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ (ଏବିଇଓ) ଦେବକୀ ନାଏକ ଏବଂ ସମ୍ବଲପୁର ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ) ଲକ୍ଷ୍ମଣ ଭୋଇଙ୍କୁ ପଚାରିବାରୁ ସେମାନେ ପ୍ରତିକ୍ରିୟା ରଖିଛନ୍ତି । ଶ୍ରୀ ଭୋଇ କହିଛନ୍ତି ଯେ, ବିଦ୍ୟାଳୟର ସମସ୍ୟା ସମ୍ପର୍କରେ ବିଭାଗ ଅବଗତ ରହିଛି। 'ଭିଭିଜି ରାମଜୀ' ଯୋଜନା ଅଧୀନରେ ବିଦ୍ୟାଳୟର ସମସ୍ତ ଭିତ୍ତିଭୂମି ସମସ୍ୟା, ଅତିରିକ୍ତ ଶ୍ରେଣୀଗୃହ, ଶୌଚାଳୟ ମରାମତି ଓ ଅନ୍ୟାନ୍ୟ ଅଭାବ ଅସୁବିଧାକୁ ଖୁବଶୀଘ୍ର ସୁଧାରି ସମାଧାନ ଓ ଶିକ୍ଷକ ନିଯୁକ୍ତି ଶୀଘ୍ର କରାଯିବ ବୋଲି ପ୍ରକାଶ କରିଥିଲେ । ପ୍ରଶାସନ ପକ୍ଷରୁ ଏହି ପ୍ରତିଶ୍ରୁତି ମିଳିଥିଲେ ହେଁ ତାହା କେବେ କାର୍ଯ୍ୟକାରୀ ହେଉଛି ଏବଂ କେବେ ଏହି ୩୨୪ କୋମଳମତି ପିଲା ଏକ ସୁରକ୍ଷିତ ପରିବେଶରେ ପାଠ ପଢ଼ିପାରୁଛନ୍ତି, ତାହା ଉପରେ ସମସ୍ତଙ୍କ ନଜର ରହିଛି ।

# ପରିବେଶ ସୁରକ୍ଷାର ବାର୍ତ୍ତାଦେଇ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ବୃକ୍ଷ ରୋପଣ



ପଦ୍ମପୁର,(ସ.ବ୍ୟୁ): ପରିବେଶ ସୁରକ୍ଷା ଓ ସବୁଜିମା ବୃଦ୍ଧିର ବାର୍ତ୍ତା ନେଇ 'ଏକ ପେଡ ମାଆ କେ ନାମ ୩.୦' ଅଭିଯାନ ଅଧୀନରେ ପଦ୍ମପୁର ଉପଖଣ୍ଡ ସାପଲହର ଗାୟତ୍ରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାର ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ଦାମୋଦର ଦାସ ମୋଦୀଙ୍କ ୭୬ତମ ଜନ୍ମଦିନ ଅବସରକୁ ସ୍ମରଣୀୟ କରି ୭୬ଟି ଚାରାଗଛ ରୋପଣ କରାଯାଇଥିଲା । ଇକୋ କ୍ଲବ, ଗାୟତ୍ରୀ ଉଚ୍ଚ ବିଦ୍ୟାଳୟ, ସାପଲହର ପକ୍ଷରୁ ଆୟୋଜିତ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ବରଗଡ଼ ବନଖଣ୍ଡର ଡିଏଫଓ ସରୋଜ କୁମାର ପଣ୍ଡା, ସାପଲହର ଗାୟତ୍ରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ହୋତା ଏବଂ ପ୍ରକୃତି ବନ୍ଧୁ ମୀନକେତନ ସାହୁ ଉପସ୍ଥିତ ଥିଲେ । ସେମାନେ ନିଜେ ବୃକ୍ଷରୋପଣ କରିବା ସହ ଉପସ୍ଥିତ ଛାତ୍ରଛାତ୍ରୀ ଓ ଜନସାଧାରଣଙ୍କୁ ପରିବେଶ ସୁରକ୍ଷା ପାଇଁ ଉତ୍ସାହିତ କରିଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟର ୮୦ ଜଣ ଛାତ୍ରଛାତ୍ରୀଙ୍କ ସମେତ ୧୭୦ ଜଣ ଅଭିଭାବକ ଓ ସ୍ଥାନୀୟ ଜନସାଧାରଣ ସକ୍ରିୟ ଭାବରେ ସାମିଲ ହୋଇଥିଲେ । ପଦ୍ମପୁର ରେଞ୍ଜର ରମେଶ ଚନ୍ଦ୍ର ସାହୁଙ୍କ ନେତୃତ୍ୱ ଓ ତତ୍ତ୍ୱାବଧାନରେ ବୃକ୍ଷରୋପଣ କାର୍ଯ୍ୟକ୍ରମଟି ସମ୍ପାଦିତ ହୋଇଥିଲା।

### ଅର୍ଜୁନ କୁମାର ସାହୁଙ୍କ କୋସଲି କଥାନୀ ସଂକଳନ

# ଆଏଜ ବି ଟାକିଛେଁ ଉନ୍ମୋଚିତ



ବଲାଙ୍ଗିର,(ସବ୍ୟୁ): ସ୍ଥାନୀୟ ଡିଏଓ ଅଫିସ ସମ୍ମିଳନୀ କକ୍ଷରେ କବି ଅର୍ଜୁନ କୁମାର ସାହୁଙ୍କ କୋସଲି କଥାନୀ ସଂକଳନ ଆଏଜ ବି ଟାକିଛେଁ ତହିଁର ପ୍ରକାଶନୀ ତରଫରୁ ଉନ୍ମୋଚିତ ହୋଇଯାଇଛି । ଏଥିରେ ସମ୍ମାନିତ ଅତିଥି ଭାବେ ହାଇଦ୍ରାବାଦ ସ୍ଥିତ ପରମାଣୁ ଉର୍ଜା ବିଭାଗ ବୈଜ୍ଞାନିକ ଅଧିକାରୀ ପଦ୍ମନାଭ ପ୍ରଧାନ, ବନଖଣ୍ଡ ଅଧିକାରୀ ଅଜିତ ବିଶି, କବି ଆନନ୍ଦ ଚନ୍ଦ୍ର ସାହୁ, ଜିଲ୍ଲା ଲେଖକ ପରିଷଦ ସଂପାଦକ ସୁଶାନ୍ତ ବାଗ, ଓସାକା ହାଇଦ୍ରାବାଦର ସଭାପତି ସୁନିଲ କୁମାର ଗଡତ୍ୟା ଯୋଗଦେଇ ଅର୍ଜୁନ କୁମାର ସାହୁଙ୍କ ସାହିତ୍ୟ ସର୍ଜନା ଆମ ଭାଷା ପାଇଁ ଏକ ଶ୍ରେଷ୍ଠ ଅବଦାନ ତଥା କୋସଲି ଭାଷାକୁ ସମୃଦ୍ଧ କରିବାରେ ସହାୟକ ହେବ ବୋଲି ମତ ରଖିଥିଲେ । ଆଗାମୀ ଦିନରେ ଭାଷାର ସରକାରୀ ସ୍ୱୀକୃତି ପାଇଁ ଆମ ସମସ୍ତଙ୍କୁ ଚେଷ୍ଟିତହେବାକୁ ପଡିବ ବୋଲି କହିଥିଲେ । ଏହି ସଂକଳନରେ ଷୋହଳ ଟି କଥାନୀ ରହିଛି ଓ ସମସ୍ତ କଥାନୀ ଆମ ଅଂଚଳର ସମସ୍ୟା, ପରମ୍ପରା, ଐତିହ୍ୟର ଛାପ ରହିଛି । ଏହା ପାଠକଙ୍କୁ ଆକୃଷ୍ଟ କରିବ ବଳି ଲେଖକ ଆଶା ରଖିଛନ୍ତି । କାର୍ଯ୍ୟକ୍ରମକୁ ତହିଁର ସମ୍ପାଦକ ରାଜେଶ ବନ୍ଧସେନା ସଂଯୋଜନା କରିଥିବା ବେଳେ ପ୍ରସନ୍ନ ଗଡତ୍ୟା ସ୍ୱାଗତ ଭାଷଣ ଦେଇଥିଲେ । ନିତ୍ୟାନନ୍ଦ କୁଣ୍ଡୁ, ସୌଭିକଲାଲ ସାହୁ, ସୁରେନ୍ଦ୍ର ପଟେଲ, ଦିଲିପ ପୁରୋହିତ, ଗୋପାଳ ମେହେର, ପୁଷ୍ପାଞ୍ଜଳି ମେହେର, ପୁଡାତପସ୍ୱିନୀ ପଶାୟତ, ନିର୍ମାଲ୍ୟ ସାଇଁ, ତୃଷା ସାହୁ, ନିକିତା ସା ସହଯୋଗ କରିଥିଲେ। ପୁସ୍ତକର ସମସ୍ତ ଫଟୋ ମିଳନ ପଣ୍ଡା ଆଙ୍କିଛନ୍ତି । ଶେଷରେ ଗୀତିକାର କପିଳେଶ୍ୱର ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ ।

### ଅଧୁନାହିଁ ଅନ୍ଧବିଶ୍ୱାସ !

# ଗୁଣିଗାରେଡ଼ି ସନ୍ଦେହରେ ଗଡ଼ିଲା ଆଉ ଏକ ମୁଣ୍ଡ, ୧୨ ଗିରଫ



ରାୟଗଡ଼ା,(ସବ୍ୟୁ) : ରାୟଗଡ଼ା ଜିଲ୍ଲାରେ ଅଧୁନାହିଁ ଅନ୍ଧବିଶ୍ୱାସର ତାଣ୍ଡବ! ଗୁଣିଗାରେଡ଼ି ଭଳି କୁସଂସ୍କାର ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଗ୍ରାମ କନ୍ଦର ଗାଁରେ ଆୟୋଜିତ ହେଉଥିବା ବେଳେ ଅଧିକଂଶ ଗ୍ରାମାଞ୍ଚଳରେ ଏହାର କୁପରିଣାମ କବଳିତ ଅମିବାର ଗାଁ ଧରୁନାହିଁ । ଗୁଣିଗାରେଡ଼ି ସନ୍ଦେହରେ ଜଣେ ୫୬ ବର୍ଷୀୟ ବ୍ୟକ୍ତିଙ୍କୁ ଠେଙ୍ଗାରେ ପିଟିପିଟି ହତ୍ୟା କରାଯିବା ସହ ଘଟଣାକୁ ସଡ଼କ ଦୁର୍ଘଟଣାର ରୂପ ଦେବାକୁ ଉଦ୍ୟମ କରାଯାଇଥିଲା । ତେବେ ପୋଲିସର ବୈଜ୍ଞାନିକ ତଦନ୍ତ ଯୋଗୁ ଘଟଣାର ପ୍ରକୃତ ସତ୍ୟ ସାମ୍ନାକୁ ଆସିଛି । ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ୧୨ ଅଭିଯୁକ୍ତଙ୍କୁ ଗୁଣପୁର ପୋଲିସ ଗିରଫ କରି କଳା କୋଠରୀକୁ ନେଇଛି ।

ଘଟଣାରୁ ପ୍ରକାଶ ଯେ, ଗୁଣପୁର ବ୍ଲକ ଗଲଲପଦର ପଞ୍ଚାୟତ ଅନ୍ତର୍ଗତ କାକିଡ଼ା ଗ୍ରାମର ପାତିକା ମାଡିଆ (୫୬) ଗତ ୨ ତାରିଖ ସନ୍ଧ୍ୟାରେ ନିଜ ବାଇକ ଯୋଗେ ଘରୁ ବାହାରିଥିଲେ । ବିଳମ୍ବିତ ରାତି ପର୍ଯ୍ୟନ୍ତ ସେ ଘରକୁ ନ ଫେରିବାରୁ ତାଙ୍କ ସ୍ତ୍ରୀ ଓ ଝିଅ ସାଇଲେଜା ପାତିକା ଚିନ୍ତିତ ହୋଇ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ । ପରଦିନ ସକାଳେ ରାସ୍ତାରେ ବାଇକରେ ଏକ ଭଙ୍ଗା ଆଇନା ପଡ଼ିଥିବା ଦେଖି ପରିବାର ଲୋକଙ୍କ ସନ୍ଦେହ ବଢ଼ିଥିଲା । ପରେ ନିକଟସ୍ଥ ଜଗନ୍ନାଥପୁର ପଞ୍ଚାୟତ ଅନ୍ତର୍ଗତ ନୁଆଗଡ଼ ଗ୍ରାମ ନିକଟ ଏକ ମାଟିରାସ୍ତା ପାର୍ଶ୍ୱ ଖାଲରୁ ପାତିକାଙ୍କ ରକ୍ତାକ୍ତ ମୃତଦେହ ବାଇକ ସହ ପଡ଼ିଥିବା ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ତାଙ୍କ ମୁଣ୍ଡ ଓ ଶରୀରରେ ଗଭୀର ଆଘାତର ଚିହ୍ନ ରହିଥିଲା । ଏ ନେଇ ପରିବାର ପକ୍ଷରୁ ଗତ ୩ ତାରିଖରେ ଗୁଣପୁର ଥାନାରେ ହତ୍ୟା ଅଭିଯୋଗ ଦାୟର କରାଯାଇଥିଲା । ଅଭିଯୋଗ ପାଇବା ପରେ ଗୁଣପୁର ଥାନା ଅଧିକାରୀ କେ.କେ.ବି.କେ. କର୍ଣ୍ଣଙ୍କ ନେତୃତ୍ୱରେ ପୋଲିସ ଟିମ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲା। ତଦନ୍ତକୁ ବୈଜ୍ଞାନିକ ଢାଞ୍ଚାରେ ଆଗେଇ ନେବା ପାଇଁ ସାଇଣ୍ଟିଫିକ ଟିମ ଓ ଡଗ ସ୍କ୍ୱାଡ ସହାୟତା ନିଆଯାଇଥିଲା । ଘଟଣାସ୍ଥଳରୁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ସଂଗ୍ରହ କରାଯାଇ ପୋଲିସ ପକ୍ଷରୁ ତଦନ୍ତକୁ ଜୋରଦାର କରାଯାଇଥିଲା।। ପୋଲିସ ତଦନ୍ତରୁ ଜଣାପଡ଼ିଛି ଯେ, ଗ୍ରାମରେ ଲୋକଙ୍କ ଦେହ ଖରାପ ହେବା ଓ ବିଭିନ୍ନ ଅଶାନ୍ତି ପଛରେ ପାତିକାଙ୍କ ଗୁଣିଗାରେଡ଼ି ରହିଥିବା କିଛି ଯୁବକ ସନ୍ଦେହ କରୁଥିଲେ । ଏହି ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ସେମାନେ ହତ୍ୟାକାଣ୍ଡ ଘଟାଇଥିବା ପୋଲିସ କହିଛି । ଘଟଣା ଦିନ ଗାଁର ୧୨ ଜଣ ଯୁବକ ଏକାଠି ହୋଇ ପାତିକାଙ୍କୁ ରାସ୍ତାରେ ଅଟକାଇଥିଲେ । ପରେ ଠେଙ୍ଗାରେ ସଂଘବଦ୍ଧ ଭାବେ ନିର୍ଦ୍ଦୟ ଆକ୍ରମଣ କରି ତାଙ୍କୁ ହତ୍ୟା କରିଥିଲେ । ହତ୍ୟାକାଣ୍ଡକୁ ସଡ଼କ ଦୁର୍ଘଟଣାର ରୂପ ଦେବା ପାଇଁ ଅଭିଯୁକ୍ତମାନେ ମୃତଦେହ ସହ ବାଇକକୁ ନୁଆଗଡ଼ା ଗ୍ରାମ ନିକଟ ମାଟିରାସ୍ତା ପାର୍ଶ୍ୱ ଖାଲ ଭିତରକୁ ଫିଙ୍ଗି ଦେଇ ସେଠାରୁ ଚାଲିଯାଇଥିବା ତଦନ୍ତରୁ ଜଣାପଡ଼ିଥିବା ପୋଲିସ ପ୍ରକାଶ କରିଛି । ଏହି ଘଟଣାରେ କାକିଡ଼ା ଗ୍ରାମର ବିଡିକା ରାମଚନ୍ଦ୍ର (୨୨), ବିଡିକା ରମେଶ (୨୩), ବିଡିକା ସନ୍ତୋଷ (୨୧), ବିଡିକା ବଡ଼ମା (୨୦), ବିଡିକା ଲୈକାସ (୨୨), ବିଡିକା ରବି (୨୫), ବିଡିକା ରାମଦାସ (୨୦), ଲିଙ୍ଗରାଜ ମାଣ୍ଡଙ୍ଗି (୨୪), ମାଣ୍ଡାଙ୍ଗୀ କେଶବ (୩୫), ପାତିକା ମୋଜେଶ (୩୦), ପାତିକା ଯୋଗେନ୍ଦ୍ର (୨୦) ଓ ନିମାଲା କୁମାରୁ (୨୧)ଙ୍କୁ ପୋଲିସ ଗିରଫ କରିଛି । ଅଭିଯୁକ୍ତମାନଙ୍କଠାରୁ ହତ୍ୟାରେ ବ୍ୟବହୃତ ଠେଙ୍ଗା ସମେତ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି । ସମସ୍ତଙ୍କ ଡାକ୍ତରୀମାଇନା ପରେ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି ।

## କାଶୀପୁର ଶିକ୍ଷକଙ୍କ ଅପହରଣ ମାମଲା, ଦୁଇ ଗିରଫ

ରାୟଗଡ଼ା,(ସବ୍ୟୁ) : ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ ଉପର କୋଡ଼ିଙ୍ଗା ଆଶ୍ରମ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ କାଶୀନାଥ ସାହୁଙ୍କ ଅପହରଣ ମାମଲାରେ ଟିକିରି ଥାନା ପୁଲିସ–ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି । ଏଥି ସହ ବ୍ୟବହୃତ ଏକ କାର୍ ଜବତ କରିଛି ।

ସୂଚନାଯୋଗ୍ୟ, ଶିକ୍ଷକ କାଶୀନାଥ ଚଳିତ ସେପ୍ଟେମ୍ବର୫ ତାରିଖରେ ଗୁରୁ ଦିବସ ପାଳନ ଅବସରରେ ବିଦ୍ୟାଳୟକୁ ଯାଇ ପୂର୍ବାହ୍ନରେ ଘରକୁ ଫେରୁଥିଲେ। ଏହି ସମୟରେ ରାସ୍ତାର ମାଙ୍କଡ଼ ଝୋଲାଗ୍ରାମ ନିକଟରେ କିଛିଜଣ ଯୁବକ ତାଙ୍କୁ ଅଟକାଇ ଆଖିରେ ପଟିବାନ୍ଧି ଅପହରଣ କରି ଜୟପୁର ଆଡ଼କୁ ନେଇ ଯାଇଥିଲେ। ଟିକିରି ଥାନା ପୁଲିସ କୌଣସି ସୂତ୍ରରୁ ଅପହରଣର ଖବର ପାଇ ଦୁର୍ବୃତ୍ତଙ୍କ ପିଛା କରିଥିଲେ ମଧ୍ୟ ଧରିପାରିନଥିଲେ। ତେବେ ପୁଲିସ ପିଛା କରୁଥିବାରୁ ଦୁର୍ବୃତ୍ତମାନେ କାଶୀନାଥଙ୍କୁ କୋରାପୁଟ ନିକଟରେ ଛାଡ଼ି ତାଙ୍କ ଠାରୁ ୧୫ଲକ୍ଷ ଟଙ୍କା ତିନି ଦିନ ମଧ୍ୟରେ ଟଙ୍କା ଦେବାକୁ ଏକ ଚୁକ୍ତି ପତ୍ର ଲେଖାଇ ନେବା ସହିତ ଘଟଣା ସମ୍ପର୍କରେ ପୁଲିସକୁ ନ କହିବା ପାଇଁ ଧମକ ଦେଇଥିଲେ । ରାତି ପ୍ରାୟସାଢ଼େ ୧୦ଟାରେ ପୁଲିସ ଶିକ୍ଷକ କାଶୀନାଥ ସାହୁ ଉଦ୍ଧାର କରିଥିଲା। ଅପହରଣ ଘଟଣାରେ ପୁଲିସ ଟିକିରି ଥାନା ଅଞ୍ଚଳର ଚିର ରଞ୍ଜନ ବାଗ ଏବଂ ନନ୍ଦପୁର ଅଞ୍ଚଳର ରଞ୍ଜିତଖିଲକୁ ଗିରଫ କରିଛି । ଘଟଣାରେ ସଂପୃକ୍ତ ଅନ୍ୟ ପାଞ୍ଚ ଜଣ ଫେରାରଥିବା ଜଣା ଯାଇଛି । ଏହି ଘଟଣାରେ ଟିକିରି ଥାନାର ନଂ୧୭୩/୨୦୨୬ରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି । ଏସଆଇ ପ୍ରଶାନ୍ତ ସୁବୁଦ୍ଧି ଏହାର ତଦନ୍ତ ଭାର ନେଇଛନ୍ତି। ଫେରାର ଅଭିଯୁକ୍ତଙ୍କୁ ତୁରନ୍ତଗିରଫ କରାଯିବ ବୋଲି ଆଇଆଇସି ପ୍ରଶାନ୍ତ କୁମାର ସ୍ୱାଇଁ କହିଛନ୍ତି ।

## ଚାଲାଣ ବେଳେ ୫୫ଟି ଜୀବନ୍ତ କଇଁଛ ଉଦ୍ଧାର, ୪ ଗିରଫ

ମାଲକାନଗିର,(ସବ୍ୟୁ) : ବନ୍ୟଜନ୍ତୁ ଚାଲାଣ ହେଉଥିବା ବେଳେ ମାଲକାନଗିରି ବନ ବିଭାଗ ଓ ମୋଟୁ ପୁଲିସ ପକ୍ଷରୁ ମିଳିତ ଚଢ଼ାଉ କରାଯାଇ ୫୫ଟି ଜୀବନ୍ତ କଇଁଛ ଉଦ୍ଧାର କରାଯାଇଛି । ଏହି ଘଟଣାରେ ୪ ଜଣ ଚୋରା ଚାଲାଣକାରୀଙ୍କୁ ଗିରଫ କରାଯାଇଛି ।

ସୂଚନା ଅନୁଯାୟୀ ବୁଧବାର ମୋଟୁ ଥାନା ଅଞ୍ଚଳର ଏମ୍ଭି–୫୩ ଗ୍ରାମ ନିକଟ କେନାଲ ରାସ୍ତାରେ ବନ ବିଭାଗ ଓ ପୁଲିସ ଟିମ ଯାନବାହନ ଯାଞ୍ଚ କରୁଥିଲେ। ଏହି ସମୟରେ ଦୁଇଟି ମୋଟର ସାଇକେଲକୁ ଅଟକାଇ ଯାଞ୍ଚ କରାଯିବା ପରେ ସେଥିରୁ ୫୫ଟି ଜୀବନ୍ତ କଇଁଛ ଠାବ ହୋଇଥିଲା। ଗାଡ଼ି ସହ ସମସ୍ତ କଇଁଛକୁ ବନ ବିଭାଗ ଜବତ କରିବା ସହ ଘଟଣାରେ ସମ୍ପୃକ୍ତ ୪ ଜଣଙ୍କୁ ଗିରଫ କରିଛି। ଏନେଇ ମୋଟୁ ରେଞ୍ଜରେ ଫରେଷ୍ଟ କେସ ନମ୍ବର ଓଆର–୨୦/୨୦୨୬–୨୭ ରୁଜୁ କରାଯାଇ ବନ୍ୟଜନ୍ତୁ ସୁରକ୍ଷା ଆଇନ–୧୯୭୨ ଅନୁଯାୟୀ ତଦନ୍ତ ଆରମ୍ଭ ହୋଇଛି । ଉଦ୍ଧାର କଇଁଛଗୁଡ଼ିକର ଆବଶ୍ୟକ ଯତ୍ନ ନିଆଯାଉଥିବା ବେଳେ ଘଟଣାର ଅଧିକ ତଦନ୍ତ ଜାରି ରହିଛି ।

## ଅସରାଏ ବର୍ଷାରେ ରାସ୍ତା ଅବସ୍ଥା ବେହାଲ

ରାଇଘର,(ସବ୍ୟୁ): ଉପାନ୍ତ ଅଞ୍ଚଳରେ ରାସ୍ତାଘାଟର ବିକାଶ ପାଇଁ ସରକାରୀ ସ୍ତରରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି । ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳୁଛି ନବରଙ୍ଗପୁର ଜିଲ୍ଲାର ମୁଣ୍ଡିବେଡା ଗ୍ରାମପଞ୍ଚାୟତ ଅନ୍ତର୍ଗତ କବାଟପାଣି ଗ୍ରାମରେ । କବାଟପାଣି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ୭କିମି ଠାରୁ ଅଧିକ ଦୂରତା ହେବ। ଏଥିରେ ଅଳ୍ପ ଦୁର ପିଚୁ ରାସ୍ତା ଥିବା ସମୟରେ ୫ ରୁ ୬ କିଲୋମିଟର ପର୍ଯ୍ୟନ୍ତ ମାଟି ରାସ୍ତା । ବର୍ଷା ଦିନ ହେଲେ ରାସ୍ତାର ଅବସ୍ଥା ଅତି ଶୋଚନୀୟ ହୋଇ ପଡେ । ପ୍ରତିବର୍ଷ ଅଳ୍ପ କିଛି ମାଟି ପକାଇ ସମତୁଲ କରା ଯାଉଛି, ପୁଣି ବର୍ଷା ହେଲେ ଯେଉଁ ଅବସ୍ଥାକୁ ସେହି ଅବସ୍ଥାରେ ପରିଣତ ହେଉଛି । ଗ୍ରାମବାସୀଙ୍କ ତରଫରୁ ଅନେକ ଥର ସ୍ଥାନୀୟ ନିର୍ବାଚିତ ଜନ ପ୍ରତିନିଧି ଓ ସରକାରୀ କର୍ମଚାରୀ ମାନଙ୍କ ନିକଟରେ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ସ୍ଥାୟୀ ପ୍ରତିକାର ବ୍ୟବସ୍ଥା ଏପର୍ଯ୍ୟନ୍ତ ହୋଇ ପାରି ନାହିଁ । ସ୍ୱାଧିନତାର ଦୀର୍ଘକାଳ ପରେ ବି ଏ ଭଳି ଅବସ୍ଥା ଅତି ସମ୍ବେଦନ ଘଟଣା । ପ୍ରଶାସନ ତରଫରୁ ଶୀଘ୍ର ରାସ୍ତା ମରାମତି ସହିତ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ଗ୍ରାମକୁ ସଂଯୋଗ କରିବା ପାଇଁ ଦାବି କରାଯାଇଛି ।

## ନୂଆଁଖାଇ ଉପଲକ୍ଷେ ଫୁଟବଲ ଟୁର୍ଣ୍ଣାମେଣ୍ଟ

ଡୁଙ୍ଗୁରିପାଲି,(ସବ୍ୟୁ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ ଦିଗଶିରା ଗ୍ରାମରେ ନୂଆଖାଇ ଉପଲକ୍ଷେ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଦୁଇ ଦିନ ଧରି ଅନୁଷ୍ଠିତ ହୋଇଥିବା ଟୁର୍ଣ୍ଣାମେଣ୍ଟରେ ମୋଟ ୮ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ଦିଗଶିରା ଆୟାଡ ଫୁଟବଲ ଏସୋସିଏସନ ରନର୍ସ ହୋଇଥିଲା ଏବଂ ସରଗାଡ ଦଳ ବିଜେତା ହୋଇଥିଲେ । ମୁଖ୍ୟଅତିଥି ଭାବେ ଗୋପାଳ ସେଠୀ, ସମ୍ମାନିତ ଅତିଥି ଭାବେ ରୋହିତ ସେଠୀ ଓ ଚନ୍ଦ୍ରମଣୀ ସେଠୀ ଯୋଗଦେଇ ଉଭୟ ଦଳକୁ ଟ୍ରଫି ଓ ଅର୍ଥ ରାଶି ପ୍ରଦାନ କରିଥିଲେ। ଖେଳକୁ ସଞ୍ଜିବ କୁମାର ସାହୁ ଓ ସାଥି ପରିଚାଳନା କରିଥିବା ବେଳେ ସକ୍ଷମ ପରିବାର ଓ ଆୟଡ ଏସୋସିଏସନର ସମସ୍ତ ସଭ୍ୟ ସହଯୋଗ କରିଥିଲେ । ଫୁଟବଲ ଖେଳ ଶେଷରେ ନୂଆଖାଇ ଭେଟଘାଟ ଉପଲକ୍ଷେ ଦିଗଶିରା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରି ଅବସର ଗ୍ରହଣକରିଥିବା ଶିକ୍ଷକ ଈଶର ସେଠୀ, ରାମ ପ୍ରସାଦ ମେହେର, ପଦ୍ମନ ଦିଶ୍ରୀ, ଚନ୍ଦ୍ରଭାନୁ ସାହୁ, ଅବଧୂତ ବାଗ ତଥା ନିରଞ୍ଜନ ସେଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଗ୍ରାମର ପ୍ରଥମ ଏମବିବିଏସ ପାଠ ପଢ଼ିଥିବା ଡ଼ ଅଭିଲାଶ ବଣିଆଁ ତଥା ଚଳିତ ଶିକ୍ଷାବର୍ଷ ୨୦୨୬ରେ ନିଟ ପରିକ୍ଷାରେ ସଫଳତା ପାଇଥିବା ଗ୍ରାମର ଯୁବ ପ୍ରତିଭା ସୁଶ୍ରୀ ଅପନ୍ନା ପ୍ରିୟଦର୍ଶନୀ ମିଶ୍ର, ଯଶୋବନ୍ତ ମେହେର ଏବଂ ବୈଭବ ଦାସଙ୍କୁ ସମ୍ମାନିତ କରାଯାଇଥିଲା ।

## ଲିଫ୍ଟ ଦେବା ବାହାନାରେ ଦୁଇ ନାବାଳିକାଙ୍କୁ ଦୁଷ୍କର୍ମ !

ସୁନ୍ଦରଗଡ଼,(ସବ୍ୟୁ) : ଲିଫ୍ଟ ଦେବା ବାହାନାରେ ଦୁଇ ନାବାଳିକାଙ୍କୁ ଦୁଷ୍କର୍ମ । ସୁନ୍ଦରଗଡ଼ ଜିଲ୍ଲା ବୀରମିତ୍ରପୁର ଥାନା ଅଞ୍ଚଳରେ ଏଭଳି ଲଜ୍ଜାଜନକ ଘଟଣା ଘଟିଛି । ଅଭିଯୋଗ ଅନୁସାରେ, ଦୁଇ ଦିନ ତଳେ ଦୁଇ ନାବାଳିକାଙ୍କୁ ଲିଫ୍ଟ ଦେବା ବାହାନା କରି କିଛି ଯୁବକ ନିକଟସ୍ଥ ଏକ ଜଙ୍ଗଲକୁ ନେଇଯାଇଥିଲେ । ସେଠାରେ ସେମାନଙ୍କ ସହ ଦୁଷ୍କର୍ମ କରାଯାଇଥିବା ନେଇ ପୋଲିସରେ ଅଭିଯୋଗ ହୋଇଛି । ଘଟଣାରେ ସମ୍ପୃକ୍ତି ନେଇ ପୋଲିସ ପାଞ୍ଚ ଜଣ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା କରୁଛି । ଅନ୍ୟପକ୍ଷରେ, ଦୁଇ ନାବାଳିକାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି । ଘଟଣାକୁ ନେଇ ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଛି ।

## ନିର୍ମାଣାଧୀନ ପାଣି ଟାଙ୍କି ତଳୁ ଯୁବକଙ୍କ ମୃତଦେହ

ସୁନ୍ଦରଗଡ଼,(ସବ୍ୟୁ) : ରାଉରକେଲାରେ ନିର୍ମାଣାଧୀନ ପାଣି ଟାଙ୍କି ତଳୁ ଯୁବକଙ୍କ ମୃତଦେହ ଉଦ୍ଧାର । ଲାଠିକଟା ଥାନା ଅନ୍ତର୍ଗତ ତ୍ରିନାଥ କଲୋନୀ ନିକଟରେ ଘଟିଛି ଏହି ଘଟଣା । ମୃତ ଯୁବକ ହେଲେ ଅଭିଷେକ ମାହାଲି । ନିର୍ମାଣାଧୀନ ପାଣି ଟାଙ୍କି ତଳେ ଅଭିଷେକଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା । ଯୁବକଙ୍କୁ କେହି ପାଣି ଟାଙ୍କି ଉପରୁ ଠେଲି ଦେଇଥିବା ନେଇ ସନ୍ଦେହ ପ୍ରକାଶ ପାଇଛି । ତେବେ ମୃତ୍ୟୁର ପ୍ରକୃତ କାରଣ ଏଯାଏଁ ସ୍ପଷ୍ଟ ହୋଇନାହିଁ । ଖବର ପାଇ ଲାଠିକଟା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି । ଏହା ଦୁର୍ଘଟଣା ନା ଯୁବକଙ୍କୁ ଠେଲି ଦିଆଯାଇଛି, ସେନେଇ ପୋଲିସ ତଦନ୍ତ ପରେ ସ୍ପଷ୍ଟ ହେବ ।

## ୮ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ବିଦେଶୀ ମଦ ଜବତ, ଜଣେ ଗିରଫ

ରାୟଗଡ଼ା,(ସବ୍ୟୁ) : ରାୟଗଡା ଜିଲ୍ଲା ବିଷମ କଟକ ଆଦର୍ଶ ଅବକାରୀ ବିଭାଗ ପକ୍ଷରୁ ଚାଉ କରାଯାଇ ଏକ ଦୋକାନ ଘରୁ ବିଭିନ୍ନ ବ୍ରାଣ୍ଡ୍ର ବିଦେଶୀ ମଦ ଜବତ କରାଯାଇଛି । ଜବତ ମଦଗୁ ଆନୁମାନିକ ବଜାରମୂଲ୍ୟ ୮ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ । ଗୁଇନ୍ଦା ସୂତ୍ରରୁ ଖବର ପାଇ ବିଷମକଟକ ଅବକାରୀ ଅଧିକାରୀ ଦୀପକ କୁମାର ସାମଲଙ୍କ ନେତୃତ୍ୱରେ ଏକ ଟିମ ଦୁର୍ଗୀ ସଦର ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ର ସମ୍ମୁଖ ଏକ ଦୋକାନ ଉପରେ ଚଢାଉ କରିଥିଲେ । ଦୋକନ ପଛପଟ ଘରୁ ୨୦ବକ୍ସ ବିଦେଶୀ ମଦ ଜବତ କରାଯାଇଥିଲା। ସେଥିରୁ ୧୩ ବକ୍ସ ମଦ ଏବଂ ୭ବକ୍ସ ବିୟର ରହିଛି । ଏ ସମସ୍ତ ମଦ ଜବତ କରି ବିଷମ କଟକ ଅବକାରୀ ଥାନାକୁ ଆଣିଥିବା ବେଳେ ଏ ବ୍ୟବସାୟରେ ସଂପୃକ୍ତ ପ୍ରଶାନ୍ତ ସାହୁଙ୍କୁ ଥାନାରେ ଅଟକ ରଖିଛି । ଏତେ ପରିମାରଣ ବିଦେଶି ମଦ କେଉଁଠୁ ଆଣିଛି ସେ ସଂକ୍ରାନ୍ତରେ ସଂପୃକ୍ତ ବ୍ୟକ୍ତିଙ୍କୁ ପଚରାଉଚରା ଚଳାଇଛି । ଚଢାଉରେ ଅବକାରୀ ଅଧିକାରୀଙ୍କ ସମେତ କନେଷ୍ଟବଲ ରାଜୁ କାଡ୍ରାକା,ସନ୍ତୋଷ କୁମାର ଗୌଡ, ୟସବନ୍ତି ଶବର ପ୍ରମୁଖ ସାମିଲ ଥିଲେ ।

## ପ୍ରେମିକକୁ ଜାଳିଦେଲେ ପରିବାର ଲୋକେ, ୩ ଅଟକ

ଦେବଗଡ଼,(ସବ୍ୟୁ) : ଦେବଗଡ଼ ଜିଲ୍ଲା ରିଆମାଳ ଥାନା ରିଆମାଳ ସଦର ମହକୁମାରେ ବିଳମ୍ବିତ ରାତିରେ ପ୍ରେମିକା ଘରେ ପଶିଥିବା ବେଳେ ପ୍ରେମିକକୁ ହତ୍ୟା କରାଯାଇଛି । ମାଡ଼ପିଟ ପରେ ପେଟ୍ରୋଲ ଢାଳି ଜାଳି ଦେଇଛନ୍ତି ପରିବାର ଲୋକେ । ମୃତ ପ୍ରେମିକ ହେଉଛନ୍ତି ବାବରାକୋଟ ଗାଁର ୨୮ ବର୍ଷୀୟ ଯୁବକ ସିଲୁ ରାୟ । ସିଲୁ ନିୟମିତ ମଦ ପିଇ ପ୍ରେମିକାଙ୍କ ଘରେ ଝଗଡ଼ା କରୁଥିବା ଅଭିଯୋଗ ରହିଛି । ଏଥିରେ ଉତକ୍ଷିପ୍ତ ହୋଇ ପ୍ରେମିକାଙ୍କ ପରିବାର ଲୋକ ପ୍ରଥମେ ହତ୍ୟା, ପରେ ଜାଳିଦେଲେ । ସ୍ଥାନୀୟ ଲୋକ ନିଆଁ ଦେଖି ଦମକଳ ବାହିନୀକୁ ଖବର ଦେଇଥିଲେ । ଘଟଣା ସ୍ଥଳରେ ରିଆମାଳ ପୁଲିସ ପହଞ୍ଚି ୩ଜଣଙ୍କୁ ଅଟକ ରଖିଥିବା ବେଳେ ଘଟଣାର ତଦନ୍ତ ଆରମ୍ଭ କରିଛି । ସାଇଣ୍ଟିଫିକ ଟିମ ପହଞ୍ଚିବା ପରେ ତଦନ୍ତ ଅଧିକ ତଥ୍ୟ ଜଣା ପଡ଼ିବ ।

## ମୁରିବାହାଲରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା

ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଅଞ୍ଚଳରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ବିଧିପୂର୍ବକ ଅନୁଷ୍ଠିତ ହୋଇଯାଇଛି । ମୁରିବାହାଲ ଓ ଗୁଡିଘାଟ ବିଦ୍ୟୁତ କାର୍ଯ୍ୟାଳୟ,ଓଡ଼ିଶା ଡ୍ରାଇଭର ମହାସଂଘ ସମେତ ବିଭିନ୍ନ ସ୍ଥାନରେ ଏହି ପୂଜା ଅନୁଷ୍ଠିତ ହୋଇଥିଲା। ମୁରିବାହାଲ ବିଦ୍ୟୁତ କାର୍ଯ୍ୟାଳୟ ପକ୍ଷରୁ ଅନୁଷ୍ଠିତ ପୂଜାରେ ପ୍ରଥମେ ସ୍ଥାନୀୟ ଟୁନଟୁନି ମୁଣ୍ଡାରୁ ଭବ୍ୟ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପରେ ଅନୁଷ୍ଠିତ ପୂଜାରେ ତପନ କୁମାର ପଧାନ କର୍ତ୍ତା ଓ କୃଷ୍ଣଚନ୍ଦ୍ର ଦାଶ ପୂଜକ ଦାୟିତ୍ୱ ନିର୍ବାହ କରିଥିଲେ । ସେହିପରି ଗୁଡିଘାଟ ବିଦ୍ୟୁ କାର୍ଯ୍ୟାଳୟରେ ମଧ୍ୟ ଅନୁଷ୍ଠିତ ପୂଜାରେ ସ୍ଥାନୀୟ ପୋଖରୀରୁ ପ୍ରଥମେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପରେ ଅନୁଷ୍ଠିତ ପୂଜାରେ କର୍ତ୍ତା ରୂପେ ଲବ ସାହୁ ଓ ତାଙ୍କ ପତ୍ନୀ ଶୋଭାଗିନୀ ସାହୁ,ପୂଜକ ରୂପେ କୁଞ୍ଜବିହାରୀ ଯୋଶୀ ଦାୟିତ୍ୱ ତୁଲାଇଥିଲେ। ଓଡ଼ିଶା ଡ୍ରାଇଭର ମହାସଂଘ ମୁରିବାହାଲ ବ୍ଲକ ଶାଖା କାର୍ଯ୍ୟାଳୟ ପକ୍ଷରୁ ମଧ୍ୟ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ଅନୁଷ୍ଠିତ ହୋଇଥିଲା। ଏଥିରେ କର୍ତ୍ତା ରୂପେ ପ୍ରକାଶ ମାହାକୁର ଓ ତାଙ୍କ ପତ୍ନୀ ସନ୍ତୋଷୀନି ମାହାକୁର, ପୂଜକ ରୂପେ ପ୍ରଣବ କୁମାର ଦାଶ ଦାୟିତ୍ୱରେ ଥିଲେ। ଆୟୋଜକ ଓଡ଼ିଶା ଡ୍ରାଇଭର ମହାସଂଘ ବ୍ଲକ ଶାଖା ସଭାପତି ଦୁଷ୍ମନ୍ତ ପଧାନ,ସମ୍ପାଦକ ସୁନୀଲ ବାଗ ଓ କୋଷାଧ୍ୟକ୍ଷ ନେତ୍ରାନନ୍ଦ ମାଝୀଙ୍କ ସମେତ ସମସ୍ତ ଡ୍ରାଇଭର ମହାସଂଘ ସଦସ୍ୟ ସହଯୋଗ କରିଥିଲେ। ଏହା ସହିତ ବ୍ଲକ ଅଞ୍ଚଳର ସମସ୍ତ ଗ୍ୟାରେଜ,ନିର୍ମାଣ ସଂସ୍ଥା, ଯାନବାହନ ଚଳାଚଳ କ୍ଷେତ୍ର ଓ ବିଭିନ୍ନ କାର୍ଯ୍ୟସ୍ଥଳରେ ଧୁମ୍ଧାମରେ ବିଶ୍ୱକର୍ମା ପୂଜା ପାଳିତ ହୋଇଛି ।

## ସମ୍ବଲପୁରୀ ପତ୍ରିକା ଅମୃତ ଝରନ୍ ଉନ୍ମୋଚିତ

ସମ୍ବଲପୁର, (ସବ୍ୟୁ): ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍ୟୁ) ପକ୍ଷରୁ ସମ୍ବଲପୁରୀ ଭାଷାରେ ନିଜର ପ୍ରଥମ ପତ୍ରିକା ଅମୃତ ଝରନ୍ ଉନ୍ମୋଚିତ ହୋଇଯାଇଛି । ସାଂସଦ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରିଥିଲେ । ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀ ଯୋଗଦେଇ ପତ୍ରିକା ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ପତ୍ରିକା ସମ୍ବଲପୁର ଓ ପଶ୍ଚିମ ଓଡ଼ିଶାର ଅନେକ ଲେଖକ, କବି, ଚିନ୍ତାନାୟକ, ଗବେଷକ ଏବଂ ସୃଜନଶୀଳ ବ୍ୟକ୍ତିତ୍ୱଙ୍କ ପାଇଁ ଏକ ନୂତନ ସାହିତ୍ୟିକ ଦିଗନ୍ତ ଉନ୍ମୋଚନ କରିବାର ସମ୍ଭାବନା ସୃଷ୍ଟି କରିଛି । ଯେଉଁ ମାନଙ୍କର ଚିନ୍ତାଧାରା ଓ ପ୍ରତିଭା ଦୀର୍ଘ ଦିନ ଧରି ଏହି ଅଞ୍ଚଳର ମାଟି, ଭାଷା, ସ୍ମୃତି ଓ ସାଂସ୍କୃତିକ ଚେତନା ଦ୍ୱାରା ପରିପୁଷ୍ଟ ହୋଇ ଆସିଛି । ଅନେକ ଦୃଷ୍ଟିକୋଣରୁ, 'ଅମୃତ ଝରନ୍' କେବଳ ଏକ ପତ୍ରିକା ନୁହେଁ। ଏହା ମାଟିର ସୁଗନ୍ଧ ଓ ସମ୍ବଲପୁରୀ ଭାଷାର ଛନ୍ଦ ବହନ କରୁଥିବା ଏକ ସାହିତ୍ୟିକ ଧାରା । ସମ୍ବଲପୁରୀ ଲେଖକ ଡ଼ ଦ୍ୱାରିକା ପ୍ରସାଦ ନାୟକ ଏହାର ସମ୍ପାଦନା କରିଛନ୍ତି । କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ପୂର୍ବତନ ବିଧାୟକ ନାଉରୀ ନାଏକ ଓ ଉତ୍ତରାଞ୍ଚଳ ଡିଆଇଜି ଚରଣ ସିଂ ମୀନା ପ୍ରମୁଖ ଉପସ୍ଥିତ ଥିଲେ ।

## ଟିପିଡବ୍ଲ୍ୟୁଓଡିଏଲ୍ ସୋଲାର ରଥର ଶୁଭାରମ୍ଭ



ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରରେ ଟିପିଡବ୍ଲ୍ୟୁଓଡିଏଲ ପକ୍ଷରୁ ଗୁରୁବାର 'ସୋଲାର ରଥ'ର ଶୁଭାରମ୍ଭ ହୋଇଯାଇଛି । ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ଏହି ସୋଲାର ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ପିଏମ୍ ସୂର୍ଯ୍ୟ ଘର: ମୁଫ୍ତ ବିଜୁଳି ଯୋଜନା' ଅଧୀନରେ ସୌର ଶକ୍ତି ସମ୍ପର୍କରେ ସଚେତନତା ସୃଷ୍ଟି ତଥା ଏହାର ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ ଏହି ରଥ ପଶ୍ଚିମ ଓଡିଶା ପରିକ୍ରମା କରିବ । ପଶ୍ଚିମ ଓଡ଼ିଶାର ୯ଟି ଜିଲ୍ଲାରେ ଟିପିଡବ୍ଲ୍ୟୁଓଡିଏଲ୍ର ସୌର ଶକ୍ତି ସଂଯୋଗ ସଂଖ୍ୟା ୬୧ହଜାର ଅତିକ୍ରମ କରିବା ଅବସରରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । କମ୍ପାନୀ ପକ୍ଷରୁ ବର୍ତ୍ତମାନ ସୁଦ୍ଧା ମୋଟ ୬୧,୭୨୯ଟି ସଂଯୋଗ ପ୍ରଦାନ କରାଯାଇଛି । କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଆରକ୍ଷୀ ଅଧୀକ୍ଷକ ମୁକେଶ ଭାମୁ, ମହାନଗର ନିଗମ କମିଶନର ରେହାନ ଖତ୍ରି, ଟିପିଡବ୍ଲୁଓଡିଏଲ୍ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା ପ୍ରମୁଖ ଉପସ୍ଥିତ ଥିଲେ।

### ସମ୍ବଲପୁରରେ ସେବା ସଂକଳ୍ପ ଅଭିଯାନ

# ୩୫ ଅନାଥ ଶିଶୁଙ୍କୁ ମିଳିଲା ବାସଭୂମି ପଟ୍ଟା




ସମ୍ବଲପୁର,(ସବ୍ୟୁ): ପବିତ୍ର ବିଶ୍ୱକର୍ମା ଜୟନ୍ତୀ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୪ତମ ଜନ୍ମଦିବସ ଅବସରରେ ସମ୍ବଲପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ସେବା ସଂକଳ୍ପ ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ପ୍ରେକ୍ଷାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ଓ ରାଜ୍ୟର ସମ୍ମିଳିତ ପ୍ରୟାସରେ ୨୦୪୭ ସୁଦ୍ଧା ଆତ୍ମନିର୍ଭର ତଥା ବିକଶିତ ଭାରତ ଗଠନ ପାଇଁ ସରକାରଙ୍କ ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ । ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇ 'ସବକା ସାଥ, ସବକା ବିକାଶ, ସବକା ବିଶ୍ୱାସ ଏବଂ ସବକା ପ୍ରୟାସ' ଆଧାରିତ ସୁଶାସନର ବାର୍ତ୍ତା ଦେଇଥିଲେ।

ଏହି ଅବସରରେ ବିଭିନ୍ନ ଲୋକ କଲ୍ୟାଣକାରୀ ଯୋଜନା ଅନ୍ତର୍ଗତ ସହାୟତା ଓ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ବିଭିନ୍ନ ଶିଶୁ ଯତ୍ନ ଅନୁଷ୍ଠାନରେ ରହୁଥିବା ୩୫ଜଣ ଅନାଥ ଶିଶୁଙ୍କୁ ବସୁନ୍ଧରା ଯୋଜନାରେ ୪ଡେସିମିଲ ଲେଖାଁଏ ବାସଭୂମି ପଟ୍ଟା ପ୍ରଦାନ କରାଯାଇଥିଲା। ମାନେଶ୍ୱର ବ୍ଲକ ପରମାଣପୁର ଅଞ୍ଚଳରେ ଘରଡିହ ଜମି ଯୋଗାଇ ଦିଆଯାଇଛି । ଆବାସ ସୁରକ୍ଷା କ୍ଷେତ୍ରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଧୀନରେ ୬୫୦ ନୂତନ ଗୃହ ନିର୍ମାଣ ନିମନ୍ତେ କାର୍ଯ୍ୟାଦେଶ ପ୍ରଦାନ କରାଯିବା ସଙ୍ଗେ ସଙ୍ଗେ ନିର୍ମାଣ ସରିଥିବା ପକ୍କା ଘର ଗୁଡ଼ିକର ଚାବି ହିତାଧିକାରୀଙ୍କୁ ହସ୍ତାନ୍ତର କରାଯାଇଛି। ଏଥିସହ ମଧୁବାବୁ ପେନସନ, ନୂତନ ରାସନ କାର୍ଡ ବଣ୍ଟନ, ପିଏମ୍ ସ୍ୱନିଧି ଏବଂ ଜାତୀୟ ପାରିବାରିକ ସହାୟତା ଯୋଜନା ଅନ୍ତର୍ଗତ ଆର୍ଥିକ ରାଶି ପ୍ରଦାନ କରାଯାଇଛି ।

କାର୍ଯ୍ୟକ୍ରମରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ପୂର୍ବତନ ବିଧାୟକ ନାଉରୀ ନାଏକ, ଉତ୍ତରାଞ୍ଚଳ ଡିଆଇଜି ଚରଣ ସିଂ ମୀନା , ଜିଲ୍ଲା ଏସପି ମୁକେଶ ଭାମୁ , ବନଖଣ୍ଡ ଅଧିକାରୀ ସୁଦର୍ଶନ ଯାଦବ , ମହାନଗର ନିଗମ ଆୟୁକ୍ତ ରେହାନ ଖେତ୍ରି , ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରସନ୍ନ ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ ।

## ସମ୍ବଲପୁରୀ ନାଟକ ସରଗ୍ ନରକ୍ ବେଶ୍ ପ୍ରଶଂସିତ

ସମ୍ବଲପୁର, (ସବ୍ୟୁ): ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଂଗୀତ ନାଟକ ଏକାଡେମୀ ଏବଂ ଓଡ଼ିଶା ନାଟ୍ୟ ସଂଘର ମିଳିତ ସହଯୋଗରେ ନାଟ୍ୟଧାରାର ନାଟକ 'ସରଗ୍ ନରକ୍' ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପ ଠାରେ ମଞ୍ଚସ୍ଥ ହୋଇ ବେଶ୍ ପ୍ରଶଂସିତ ହୋଇଛି । ଏହାକୁ ମଞ୍ଚ ନାୟକ ସମ୍ବଲପୁରର କଳାକାରମାନେ ପରିବେଷଣ କରିଥିଲେ । ପ୍ରଶାନ୍ତ ମାଝୀ ବ୍ୟଙ୍ଗାତ୍ମକ କାହାଣୀକୁ ନେଇ ସମ୍ବଲପୁରୀ ନାଟକ 'ସରଗ୍ ନଗର୍'କୁ ରଚନା କରିଥିବା ବେଳେ ପ୍ରଦୀପ କୁମାର ପଣ୍ଡା ନିର୍ଦ୍ଦେଶନା ଦେଇଥିଲେ । ଏଥିରେ ଦିଲୀପ ପୂଝାରୀ, ସଂଜୀବ ପାଢ଼ୀ, ସନ୍ତୋଷ ରାୟଗୁରୁ, ମାନଭଞ୍ଜନ ମିଶ୍ର, କୋଶରାଜ ସାହୁ ଓ ଡଲିରାଣୀ ବେସନ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ । ଦେବେନ ଅମାତ ଓ ଅଶ୍ୱିନୀ ପଟେଲ ମଞ୍ଚ ସଜ୍ଜା କରିଥିଲେ । ପ୍ରକାଶ ପଣ୍ଡା ସଂଗୀତ ପରିଚାଳନା କରିଥିବା ବେଳେ ଅଙ୍କୁର ରଞ୍ଜନ ସ୍ୱାଇଁ ନୃତ୍ୟ ନିର୍ଦ୍ଦେଶନା ଦେଇଥିଲେ। ମମତା ପଣ୍ଡା ମଞ୍ଚ ପରିଚାଳନା କରିଥିଲେ ।

**AFFIDAVIT**

By virtue of an affidavit sworn before the Before the Notary, Borigumma, dated. 09/09/2026, I, DAIMATI BHATRA, Address : Malda, Po: Malda, PS: Borigumma, Dist: Koraput, Odisha-764056 declare that I have changed the name of my son from DUMAR BHATARA to KARPULA BHATRA. Henceforth, he shall be known as KARPULA BHATRA for all purposes.

**Daimati Bhatra**

**AFFIDAVIT**

By virtue of an affidavit sworn before The Notary Public, Borigumma, dated : 08/09/2026, I, S. GOPAL RAO, Address: Main Road, Borigumma, Po: Borigumma, PS: Borigumma, Dist: Koraput, Odisha-764056 declare that I have changed my name from SAKALABHAKTULA GOPAL RAO to S. GOPAL RAO. Henceforth, I shall be known as S.GOPAL RAO for all purposes.

**S. Gopal Rao**

**AFFIDAVIT**

By virtue of an affidavit sworn before Notary Public, Borigumma, dated : 08/09/2026, I, BIDYA BISOI, Address: Chilamandi, Po: Kathargada, PS: B.Singhpur, Dist: Koraput, Odisha-764057 declare that I have changed the name of my daughter from SARATHI BISOI to SHRUTI BISOI Henceforth, she shall be known as SHRUTI BISOI for all purposes.

**Bidya Bisoi**

**AFFIDAVIT**

By virtue of an affidavit before Notary Public, Borigumma dated.15.09.2026 ,I CHITRA BHATARA son of Padman Bhatara, mother Hemo Bhatara, Village-Sauniguda, Post-Sanporia,PS,-Borigumma, Dist-Koraput, Odisha declare that ,I have changed my name from CHENDUR BHATRA to CHITRA BHATARA . Henceforth,I shall be known as CHITRA BHATARA for all purposes.

**Chitra Bhatara**

## ସମ୍ପାଦକୀୟ

# ଅନନ୍ତ ନାଗଙ୍କୁ ମର୍ଯ୍ୟାଦାଜନକ ଦାଦାସାହେବ ଫାଲକେ ପୁରସ୍କାର

କନ୍ନଡ଼ ସିନେମାରୁ ହିନ୍ଦୀ ସିନେମା ଓ ହିନ୍ଦୀ ସିନେମାରୁ ଟେଲିଭିଜନ ସିରିଆଲ ଯାଏଁ ପ୍ରାୟ ପାଞ୍ଚ ଦଶନ୍ଧି ଧରି ଅଭିନୟ କରି ଲୋକପ୍ରିୟତା ଅର୍ଜନ କରିଥିବା ୭୮ ବର୍ଷ ବୟସ୍କ ଅନନ୍ତ ନାଗ ୨୦୨୪ ବର୍ଷ ପାଇଁ ଭାରତୀୟ ସିନେମା ଜଗତର ସର୍ବୋଚ୍ଚ ପୁରସ୍କାର ଦାଦା ସାହେବ ଫାଲକେ ପୁରସ୍କାର ଲାଭ କରିଥିବାରୁ ଭାରତୀୟମାନଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି । ଏକଦା ଦୂରଦର୍ଶନର ପ୍ରସିଦ୍ଧ ଇଂରାଜୀ ଭାଷାର ଲେଖକ ଆର୍. କେ. ନାରାୟଣଙ୍କ ରଚିତ 'ମାଲଗୁଡ଼ି ଡେଜ୍' ସିରିଆଲରେ ଅନନ୍ତ ନାଗଙ୍କ ଲୋକପ୍ରିୟତାର ପ୍ରମାଣ ମିଳିଥିଲା । ଗତ ୨୦୨୫ରେ ତାଙ୍କୁ ଭାରତ ସରକାର 'ପଦ୍ମ ବିଭୂଷଣ' ଉପାଧିରେ ମର୍ଯ୍ୟାଦିତ କରିଥିଲେ । ଆସନ୍ତା ସେପ୍ଟେମ୍ବର ୨୨ (୨୦୨୬)ରେ ଗୁଜରାଟର କେଭାଡ଼ିଆଠାରେ ହେବାକୁ ଥିବା ୭୨ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଉତ୍ସବରେ ଅନନ୍ତ ନାଗଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ ବୋଲି ଜଣାଯାଇଛି ।

ଗତ ତିନି ଦଶନ୍ଧି ପୂର୍ବେ ଭାରତୀୟ ସିନେମା ଖୁବ୍ ପ୍ରଭାବଶାଳୀ ଥିଲା । ଜନସାଧାରଣଙ୍କର ସର୍ବୋତ୍ତମ ଆମୋଦପ୍ରମୋଦର ଧାରା ଭାବେ ଏହା ସବୁ ଶ୍ରେଣୀର ଲୋକଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲା । ଏହା ପରେ ଟେଲିଭିଜନ ଯୁଗ ଆସିଲା । ଟେଲିଭିଜନ ପରଦାରେ ଲୋକେ ପ୍ରାୟ ବାନ୍ଧି ହୋଇ ରହିଥିଲେ । ସିନେମା ହଲ୍‌ରେ ହାତଗୋଡ଼ ବାନ୍ଧି ସିନେମାକୁ ଉପଭୋଗ କରିବାଠାରୁ ଘରେ ଆରାମରେ ବସି ଟେଲିଭିଜନ ଯୋଗେ ବା ଭିସିଆର ଜରିଆରେ ସିନେମା ଦେଖି ଆସୁଥିଲୁ ଆମେମାନେ । ତା' ପରେ ଡିଜିଟାଲ ଯୁଗରେ, ମୋବାଇଲ ଯନ୍ତ୍ର ସାହାଯ୍ୟରେ ସବୁପ୍ରକାର ସୂଚନା, ସମାଚାର, ଆମୋଦପ୍ରମୋଦର ସିରିଆଲ ବା ସିନେମା ଦେଖିବାର ସୁଯୋଗ ପ୍ରତ୍ୟେକ ବ୍ୟକ୍ତି ପାଇବାର ସୁଯୋଗ ପାଇଲେ । ବିଭିନ୍ନ ଭିଡିଓ ସୁଟିଙ୍ଗ କରି ତାହାକୁ ଭାଇରାଲ କରି ଅନ୍ୟତ୍ର ପଠାଯିବାର ବ୍ୟବସ୍ଥା ମଧ୍ୟ ସମ୍ଭବ ହେଲା । ଯୁଗର ପରିବର୍ତ୍ତନ ହେଲା । ଭଲ ଭଲ ସିନେମା ସବୁ ଇତିହାସରେ ରହିଗଲା । ଫ୍ରାନ୍ସର ଦୁଇ ଭାଇ ଅଗଷ୍ଟେ ଓ ଲୁଇ ଲୁମିର ସିନେମାର ଉଦ୍‌ଭାବକ ଭାବେ କେବେ ବି ଭାବି ନଥିଲେ ଯେ ବିଂଶ ଶତାବ୍ଦୀରେ ସେମାନଙ୍କର ସିନେମା ଭାରତରେ ସର୍ବତ୍ର ଚହଲ ପକାଇବ ବା ଏକ ବିପ୍ଳବରେ ପରିଣତ ହେବ ବୋଲି । ସିନେମା ଆମ ସମସ୍ତଙ୍କୁ ସେତେବେଳେ ମନ୍ତ୍ରମୁଗ୍ଧ କରି ରଖୁଥିଲା । ସିନେମାର ଗୀତ ତ ଖୁବ ଭଲ ଲାଗୁଥିଲା ଓ ସିନେମାର ଅଭିନେତା ବା ଅଭିନେତ୍ରୀମାନେ କେତେକଙ୍କ ପାଇଁ ଈଶ୍ୱରଙ୍କ ଦୂତ ଭଳି ମନେ ହୋଇଥିଲେ । ବିଶ୍ୱରେ ଭାରତ ବିଂଶ ଶତାବ୍ଦୀରେ ସର୍ବାଧିକ ସିନେମା ନିର୍ମାଣ କରିବାର ରାଷ୍ଟ୍ର ଭାବେ ପରିଚିତ ହୋଇଥିଲା । ଅବଶ୍ୟ ସିନେମାର କଳାତ୍ମକ ଓ ବ୍ୟବସାୟିକ ଦୁଇଟି ଦିଗ ମଧ୍ୟରୁ ଭାରତରେ ଏହି ଦୁଇ ପ୍ରକାର ସିନେମା ନିର୍ମିତ ହୋଇ ଆସୁଥିଲା । ବ୍ୟବସାୟିକ (Commercial) ସିନେମା ଅବଶ୍ୟ ବହୁ ସଂଖ୍ୟାରେ ଚାଲି ଆସୁଥିଲା । ମାତ୍ର ଯୌନ ଉତ୍ତେଜନାକାରୀ ଓ ଭ୍ରଷ୍ଟାଚାର ସୃଷ୍ଟିକାରୀ ବା ସାଂପ୍ରଦାୟିକ ଦଙ୍ଗା ସୃଷ୍ଟିକାରୀ ସିନେମାଗୁଡ଼ିକ ନିର୍ମିତ ନ ହେବାକୁ ସିନେମା ସେନସର ବୋର୍ଡ ଯାଞ୍ଚ କରି ସାର୍ଟିଫିକେଟ ଦେବାର ବ୍ୟବସ୍ଥା ଭାରତରେ ହୋଇଛି ।

**ଓଡ଼ିଆ ସିନେମା କରୁଥିବା, ସିନେମାର ନିର୍ଦ୍ଦେଶନା ଦେଉଥିବା ବା ସିନେମାରେ ଅଭିନୟ କରୁଥିବା କୌଣସି ବ୍ୟକ୍ତିଙ୍କୁ ଏହି ସର୍ବୋଚ୍ଚ ଦାଦା ସାହେବ ଫାଲ୍‌କେ ପୁରସ୍କାର ଏ ପର୍ଯ୍ୟନ୍ତ ମିଳି ପାରି ନାହିଁ । ଭାରତରେ ସିନେମା ହଲଗୁଡ଼ିକ ନିର୍ମିତ ହେବାର ଚାରି ବର୍ଷ ପରେ ୧୯୩୪ରେ ଓଡ଼ିଆ ଚଳଚ୍ଚିତ୍ର 'ସୀତା ବିବାହ' ପ୍ରଥମେ ନିର୍ମିତ ହୋଇଥିଲା । ଏହା ଏକ ପୌରାଣିକ ଚଳଚ୍ଚିତ୍ର ଥିଲା । ମୋହନ ସୁନ୍ଦର ଗୋସ୍ୱାମୀ ବହୁ କଷ୍ଟରେ ଏ ଚଳଚ୍ଚିତ୍ରଟି ନିର୍ମାଣ କରିଥିଲେ । ପୁରୀ 'ଜଗନ୍ନାଥ କ୍ଳବ'ର ସଦସ୍ୟମାନେ ଆର୍ଥିକ ଓ ଅନ୍ୟାନ୍ୟ ସହାୟତା ଦେଇ ଏ ଚଳଚ୍ଚିତ୍ରଟିର ନିର୍ମାଣ ସମ୍ପନ୍ନ କରାଇ ପାରିଥିଲେ ।**

ଓଡ଼ିଆ ସିନେମା କରୁଥିବା, ସିନେମାର ନିର୍ଦ୍ଦେଶନା ଦେଉଥିବା ବା ସିନେମାରେ ଅଭିନୟ କରୁଥିବା କୌଣସି ବ୍ୟକ୍ତିଙ୍କୁ ଏହି ସର୍ବୋଚ୍ଚ ଦାଦା ସାହେବ ଫାଲ୍‌କେ ପୁରସ୍କାର ଏ ପର୍ଯ୍ୟନ୍ତ ମିଳି ପାରି ନାହିଁ । ଭାରତରେ ସିନେମା ହଲଗୁଡ଼ିକ ନିର୍ମିତ ହେବାର ଚାରି ବର୍ଷ ପରେ ୧୯୩୪ରେ ଓଡ଼ିଆ ଚଳଚ୍ଚିତ୍ର 'ସୀତା ବିବାହ' ପ୍ରଥମେ ନିର୍ମିତ ହୋଇଥିଲା । ଏହା ଏକ ପୌରାଣିକ ଚଳଚ୍ଚିତ୍ର ଥିଲା । ମୋହନ ସୁନ୍ଦର ଗୋସ୍ୱାମୀ ବହୁ କଷ୍ଟରେ ଏ ଚଳଚ୍ଚିତ୍ରଟି ନିର୍ମାଣ କରିଥିଲେ । ପୁରୀ ' ଜଗନ୍ନାଥ କ୍ଳବ'ର ସଦସ୍ୟମାନେ ଆର୍ଥିକ ଓ ଅନ୍ୟାନ୍ୟ ସହାୟତା ଦେଇ ଏ ଚଳଚ୍ଚିତ୍ରଟିର ନିର୍ମାଣ ସମ୍ପନ୍ନ କରାଇ ପାରିଥିଲେ ।

ଅବଶ୍ୟ ଷାଠିଏ ଦଶକରେ ଓଡ଼ିଆ ସିନେମା ବା ଚଳଚ୍ଚିତ୍ରର ବିକାଶ ହୋଇଥିଲା । ପରେ ଅନେକ ଗୁଣାତ୍ମକ ଓଡ଼ିଆ ସିନେମା ହେବା ପରେ ସିନେମା ନିମ୍ନ ସ୍ତରକୁ ଖସି ଆସିଥିଲା । ହିନ୍ଦୀ ଓ ତେଲୁଗୁ ସିନେମାରୁ କପି କରି ମଧ୍ୟ ଓଡ଼ିଆ ସିନେମା ନିର୍ମିତ ହୋଇଥିଲା । ତଥାପି ଅନେକ କଳାତ୍ମକ ଓ ଗୁଣାତ୍ମକ ସିନେମା ଓଡ଼ିଆରେ ନିର୍ମିତ କରି ନୀରଦ ମହାପାତ୍ର, ମନମୋହନ ମହାପାତ୍ର ଓ ଏପରିକି ହିମାଂଶୁ ଖଟୁଆ ପ୍ରଭୃତି ଓଡ଼ିଶାର ମାନବର୍ଦ୍ଧନ କରିଥିଲେ । ଘନଶ୍ୟାମ ମହାପାତ୍ର, ଶାରଦା ନାୟକ ଓ ବସନ୍ତ ନାୟକ ପ୍ରଭୃତି ମୁଖ୍ୟତଃ ସାମାଜିକ ଓ ବ୍ୟବସାୟିକ ଚଳଚ୍ଚିତ୍ର ଓଡ଼ିଆରେ ନିର୍ମାଣ କରିଥିଲେ । ମାତ୍ର ଉଚ୍ଚକୋଟିର ଭାରତୀୟ ସିନେମା ଓ ଆନିମେସନ କ୍ଷେତ୍ରରେ ପ୍ରମୋଦ ପତି ଅବିସ୍ମରଣୀୟ ହୋଇ ରହିଗଲେ । ଅଭିନୟ କ୍ଷେତ୍ରରେ ଅକ୍ଷୟ ମହାନ୍ତି (କାଶ୍ୟପ), ଶରତ ପୂଜାରୀ, ପ୍ରଶାନ୍ତ ନନ୍ଦ, ହରିଶ ମହାପାତ୍ର, ଶ୍ରୀରାମ ପଣ୍ଡା, ଉତ୍ତମ ମହାନ୍ତି, ଅନୁଭବ ମହାନ୍ତି, ବାବୁସାନ, ଅରିନ୍ଦମ ଓ ଆକାଶ ପ୍ରଭୃତିଙ୍କର ଅଭିନୟ ମଧ୍ୟ ମନକୁ ଛୁଉଁଥିଲା । ଅଭିନେତ୍ରୀମାନଙ୍କ ମଧ୍ୟରେ ଝରଣା ଦାସ, ମଣିମାଳା, ସନ୍ଧ୍ୟା ମହାପାତ୍ର, ପାର୍ବତୀ ଘୋଷ, ଅପରାଜିତା, ମହାଶ୍ୱେତା ପ୍ରଭୃତିଙ୍କ ଅଭିନୟ ମଧ୍ୟ ଦର୍ଶକଙ୍କୁ ଆକୃଷ୍ଟ କରି ପାରୁଥିଲା । ମାତ୍ର ଏମାନଙ୍କ ପରେ ଓଡ଼ିଆ ସିନେମା ବା ସିରିଆଲ ଏତେ ଉପରକୁ ଉଠି ପାରି ନଥିଲା । ତେଣୁ 'ଦାଦା ସାହେବ ଫାଲକେ' ପୁରସ୍କାର ସମ୍ଭବତଃ କୌଣସି ଓଡ଼ିଆଙ୍କୁ ଏ ପର୍ଯ୍ୟନ୍ତ ମିଳି ପାରି ନାହିଁ ।

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ,ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଖାଇବା ତେଲ ଓ ଚିନି ସଙ୍କଟ



**ବିଦ୍ୟାଧର ମହାରଣା**

ଦେଶରେ ଖାଇବା ତେଲ ଏବଂ ଚିନି ଭଳି ଅତ୍ୟାବଶ୍ୟକ ରୋଷେଇ ସାମଗ୍ରୀର ଚାହିଦା ତୁଳନାରେ ଉପଲବ୍ଧତା କ୍ରମଶଃ ହ୍ରାସ ପାଇ ଏକ ସଙ୍କଟଜନକ ଅବସ୍ଥା ଆଡ଼କୁ ଗତି କରିବା ସମସ୍ତେ ଉପଲବ୍ଧି କଲେଣି । ଜନସଂଖ୍ୟା ବୃଦ୍ଧି, ଖାଦ୍ୟାଭ୍ୟାସର ପରିବର୍ତ୍ତନ, ଜଳବାୟୁ ପରିବର୍ତ୍ତନ, କୃଷି ଉତ୍ପାଦକତାର ସୀମାବଦ୍ଧତା ଏବଂ କଳାବଜାରୀ ଏହି ସମସ୍ୟାକୁ ଜଟିଳ କଲାଣି । ଦେଶର ପ୍ରଧାନମନ୍ତ୍ରୀଙ୍କ ଅନୁରୋଧ କ୍ରମେ ଶିକ୍ଷାନୁଷ୍ଠାନ କ୍ୟାଣ୍ଟିନ୍‌ଗୁଡ଼ିକରେ ତେଲ ଭାଜି ଜଳଖିଆ ନିବାରଣ ପାଇଁ ସରକାର ଆଦେଶ ଜାରି କଲେଣି । ପୁରି, ବରା ଓ ଆଳୁଚପ୍ ବନ୍ଦ ପାଇଁ ନିଷ୍ପତ୍ତି ନିଆଗଲାଣି । ମୁମ୍ବାଇରେ ଟୁକରାମ ମୁଣ୍ଡେ ଶିକ୍ଷାନୁଷ୍ଠାନ ଗୁଡିକର ୫୦ ମିଟର ପରିସରରେ ଜଙ୍କ ଫୁଡ୍ ନିଷେଧାଦେଶ ଦେବାପରେ ଶିକ୍ଷାନୁଷ୍ଠାନର କ୍ୟାଣ୍ଟିନଗୁଡିକରେ ସିଙ୍ଗଡା, ବରା ଓ ପାଓଭାଜି ପରିବର୍ତ୍ତେ ଇଟଲି , ଦୋଷା, ପୋହା ଓ ଉପମା ବାଧ୍ୟତାମୂଳକ କଲେଣି ।

ଉଭୟ ଖାଇବା ତେଲ ଓ ଚିନି ସାଧାରଣ ଭାରତୀୟ ଖାଦ୍ୟର ଗୁରୁତ୍ୱପୂର୍ଣ୍ଣ ଉପାଦାନ ହୋଇଥିବାରୁ ଏଗୁଡ଼ିକର ଅଭାବ ଖାଉଟିମାନଙ୍କର ଅର୍ଥନୀତିକୁ ଦୁର୍ବଳ କରିଥାଏ । ବିଶ୍ୱ ଆମଦାନୀ ଉପରେ ନିର୍ଭରଶୀଳତା, ଜଳବାୟୁ ଅସ୍ଥିରତା ଏବଂ ଘରୋଇ ଭିତ୍ତିଭୂମି ପ୍ରତିବନ୍ଧକର ଏକ ଜଟିଳ ମିଶ୍ରଣରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି । ଯୋଗାଣ ଅସ୍ଥିରତାର ମୂଳ କାରଣ ହେଉଛି ଆତ୍ମନିର୍ଭରତା ଅଭାବ ।

ଭାରତ ବିଶ୍ୱର ସର୍ବବୃହତ ଉଦ୍ଭିଦଜାତ ତେଲ ଆମଦାନୀକାରୀ ଦେଶମାନଙ୍କ ମଧ୍ୟରୁ ଗୋଟିଏ । ଦେଶ ମୋଟ ଘରୋଇ ବ୍ୟବହାରର ପ୍ରାୟ ୫୫–୬୦ ପ୍ରତିଶତ ପାଇଁ ବିଦେଶୀ ବଜାର ଉପରେ ନିର୍ଭର କରେ । ଇଣ୍ଡୋନେସିଆ ଏବଂ ମାଲେସିଆରୁ ପାମ୍ ତେଲ, ଦକ୍ଷିଣ ଆମେରିକାରୁ ସୋୟାବିନ୍ ତେଲ ଏବଂ କୃଷ୍ଣସାଗର ଅଞ୍ଚଳରୁ ସୂର୍ଯ୍ୟମୁଖୀ ତେଲ ବିଶେଷ ଭାବରେ ଆମଦାନୀ କରାଯାଏ । କିନ୍ତୁ ଏଥିରେ ଭୂରାଜନୈତିକ ପ୍ରତିବନ୍ଧ, ପରିବହନ ବାଧା ଏବଂ ଉତ୍ସ ଦେଶଗୁଡ଼ିକରେ ରପ୍ତାନି ପ୍ରତିବନ୍ଧକର ସମ୍ମୁଖୀନ ହେବା କାରଣରୁ ଦେଶରେ ଏହି ଖାଇବା ତେଲର ଅଭାବ ଦେଖାଦେଇଛି । ୨୦୨୩–୨୪ ମସିହାରେ ଦେଶରେ ପ୍ରାୟ ୧୨.୧୮ ନିୟୁତ ଟନ ଖାଦ୍ୟତେଲ ଉତ୍ପାଦନ ହୋଇଥିଲା । କିନ୍ତୁ ଦେଶୀୟ ଉତ୍ପାଦନ ଦ୍ୱାରା ମୋଟ ଚାହିଦାର ମାତ୍ର ପ୍ରାୟ ୪୪ ପ୍ରତିଶତ ପୂରଣ ହୋଇ ପାରୁଥିଲା । ୨୦୨୩–୨୪ରେ ପ୍ରାୟ ୧୫.୬୬ ନିୟୁତ ଟନ ଖାଦ୍ୟତେଲ ଆମଦାନୀ କରାଯାଇଥିଲା ଏବଂ ଆମଦାନୀ ନିର୍ଭରଶୀଳତା ପ୍ରାୟ ୫୬ ପ୍ରତିଶତ ଥିଲା । ଆମଦେଶରେ ୨୦୨୫–୨୬ରେ ପ୍ରାୟ ୧୨.୩୯ ନିୟୁତ ଟନ୍ ଖାଇବା ତେଲ ଉତ୍ପାଦନ ହେବାର ଅଟକଳ କରାଯାଇଛି ଯାହା ଦେଶର ଆବଶ୍ୟକତାର ମାତ୍ର ୪୪ ପ୍ରତିଶତ । ଏଣୁ ଅବଶିଷ୍ଟ ତେଲ ବିଦେଶରୁ ଆମଦାନୀ କରିବା ଜରୁରୀ ହୋଇପଡେ ।

ଭାରତ ଆଖୁର ଏକ ବିଶାଳ ଉତ୍ପାଦକ ଦେଶ ହୋଇଥିଲେ ମଧ୍ୟ ଆତ୍ମନିର୍ଭରଶୀଳ ହୋଇପାରି ନାହିଁ । ଅନିୟମିତ ମୌସୁମୀ, ଆଞ୍ଚଳିକ ମରୁଡି ଏବଂ ଭୂତଳ ଜଳ ହ୍ରାସ ପ୍ରାୟତଃ ଫସଲ ଉତ୍ପାଦନକୁ ହ୍ରାସ କରେ । ଏହା ସହିତ, ଇଥାନଲ୍ ମିଶ୍ରଣକୁ ପ୍ରାଥମିକତା ଦେଉଥିବା ଜାତୀୟ ନୀତିଗୁଡ଼ିକ ଆଖୁ ରସର ଗୁରୁତ୍ୱପୂର୍ଣ୍ଣ ଅଂଶକୁ ଜୈବ ଇନ୍ଧନ ଉତ୍ପାଦନ ଆଡ଼କୁ ଫେରାଇ ଶକ୍ତି ଆମଦାନୀକୁ ହ୍ରାସ କରିଥାଏ, ଯାହା ବାଣିଜ୍ୟିକ ଚିନି ବିଶୋଧନ ପାଇଁ ଉପଲବ୍ଧ ପରିମାଣକୁ ସିଧାସଳଖ ପ୍ରଭାବିତ କରିଥାଏ । ଚିନି କିଲୋଗ୍ରାମ ବର୍ତ୍ତମାନ ୭୫ ଟଙ୍କାରେ ପହଞ୍ଚିବା ଫଳରେ ଚା' ଓ ମିଠା ଦର ବୃଦ୍ଧି ପାଇଲାଣି । ଖାଉଟି ହନ୍ତସନ୍ତ ହେଲେଣି ।

**ଆଖୁ ଉତ୍ପାଦନରେ ପାଣିପାଗର ପ୍ରଭାବ, ଉତ୍ପାଦନ ହ୍ରାସ ଏବଂ ଚାହିଦା ବୃଦ୍ଧି ହେତୁ ଚିନିର ମୂଲ୍ୟରେ ଅସ୍ଥିରତା ଦେଖାଦେଇଛି । ସମ୍ପ୍ରତି ୨୦୨୬ର ତଥ୍ୟ ଅନୁସାରେ, ଭାରତରେ ଚିନିର ବାର୍ଷିକ ଉତ୍ପାଦନ ପ୍ରାୟ ୨୭.୯ ନିୟୁତ ଟନ, ଯେତେବେଳେ ବାର୍ଷିକ ବ୍ୟବହାର ପ୍ରାୟ ୨୮–୨୮.୫ ନିୟୁତ ଟନ । ଗତ କିଛି ମାସରେ ଚିନି ଦରରେ ତୀବ୍ର ବୃଦ୍ଧି ହେବା ପରେ ସରକାର ମୂଲ୍ୟ ନିୟନ୍ତ୍ରଣ ପାଇଁ ୧୦ ଲକ୍ଷ ଟନ ଚିନିର ଶୁଳ୍କମୁକ୍ତ ଆମଦାନୀକୁ ଅନୁମତି ଦେଇଛନ୍ତି ।**

ଆଖୁ ଉତ୍ପାଦନରେ ପାଣିପାଗର ପ୍ରଭାବ, ଉତ୍ପାଦନ ହ୍ରାସ ଏବଂ ଚାହିଦା ବୃଦ୍ଧି ହେତୁ ଚିନିର ମୂଲ୍ୟରେ ଅସ୍ଥିରତା ଦେଖାଦେଇଛି । ସମ୍ପ୍ରତି ୨୦୨୬ର ତଥ୍ୟ ଅନୁସାରେ, ଭାରତରେ ଚିନିର ବାର୍ଷିକ ଉତ୍ପାଦନ ପ୍ରାୟ ୨୭.୯ ନିୟୁତ ଟନ, ଯେତେବେଳେ ବାର୍ଷିକ ବ୍ୟବହାର ପ୍ରାୟ ୨୮–୨୮.୫ ନିୟୁତ ଟନ । ଗତ କିଛି ମାସରେ ଚିନି ଦରରେ ତୀବ୍ର ବୃଦ୍ଧି ହେବା ପରେ ସରକାର ମୂଲ୍ୟ ନିୟନ୍ତ୍ରଣ ପାଇଁ ୧୦ ଲକ୍ଷ ଟନ ଚିନିର ଶୁଳ୍କମୁକ୍ତ ଆମଦାନୀକୁ ଅନୁମତି ଦେଇଛନ୍ତି ।

ଆମଦେଶରେ ମୁଣ୍ଡ ପିଛା ବାର୍ଷିକ ଖାଇବା ତେଲ ୧୯–୨୦ କିଲୋଗ୍ରାମ ହୋଇଥାଏ ଯାହାକି ନିରାପଦ ଆବଶ୍ୟକତାର ପ୍ରାୟ ଦୁଇଗୁଣ । ଏହା ଛଡା ଦେଶର ବିଭିନ୍ନ ଅଞ୍ଚଳରେ ବିଭିନ୍ନ କିସମର ଖାଇବା ତେଲ ଉପରେ ପ୍ରାଧାନ୍ୟ ଦିଆଯାଏ । ଉତ୍ତର ଓ ପୂର୍ବ ଭାରତରେ ସୋରିଷ ତେଲ, ଦକ୍ଷିଣ ଓ ମଧ୍ୟ ଭାରତରେ ଚିନାବାଦାମ ଓ ରାଶିତେଲ, ଦାକ୍ଷିଣାତ୍ୟରେ ନଡ଼ିଆ ତେଲ ଏବଂ ସବୁଆଡ଼େ ରିଫାଇନ ତେଲ, ପାମ୍ ତେଲ, ସୋୟାବିନ ଓ ସୂର୍ଯ୍ୟମୁଖୀ ତେଲ ବ୍ୟବହାର କରାଯାଏ । ଖାଇବା ତେଲ ଅଧିକ ମାତ୍ରାରେ ବ୍ୟବହାର କରିବା ଦ୍ୱାରା ବହୁ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖା ଦେଉଛି । ଏଣୁ ଆମଦେଶରେ ଖାଇବା ତେଲ ଓ ଚିନି ସଂକଟର ମୁକାବିଲା କରିବା ପାଇଁ କେତେକ ବଳିଷ୍ଠ ରଣନୀତି ଅନୁସରଣ କରାଯିବା ଆବଶ୍ୟକ ।

ସୋରିଷ, ଚିନାବାଦାମ, ସୋୟାବିନ୍, ସୂର୍ଯ୍ୟମୁଖୀ, ରାଶି ଓ ଅନ୍ୟାନ୍ୟ ତୈଳବୀଜ ଚାଷକୁ ପ୍ରୋତ୍ସାହନ ଦେବା ନିମନ୍ତେ ଉନ୍ନତ ବିହନ, ସାର, ଜଳସେଚନ ଓ ଆଧୁନିକ କୃଷି ପ୍ରଯୁକ୍ତି କୃଷକଙ୍କୁ ସୁଲଭ କରାଯିବା ଉଚିତ । ଏହା ସହିତ ଉପଯୁକ୍ତ ଅଞ୍ଚଳରେ ତୈଳ ପାମ୍ ଚାଷକୁ ବୈଜ୍ଞାନିକ ଭାବେ ବିସ୍ତାର କରିବା ଦ୍ୱାରା ପାମ୍ ତେଲ ଆମଦାନୀ ନିର୍ଭରତା କମାଇ ହେବ । ମହୁଲ, ଶାଳ ,ଅଳସୀ ଇତ୍ୟାଦି ତେଲ ଉତ୍ପାଦନ ବୃଦ୍ଧି କରିବା ମଧ୍ୟ ଆବଶ୍ୟକ । ଗ୍ରାମାଞ୍ଚଳରେ ମିନି ଅଏଲ୍ ମିଲ୍ ସ୍ଥାପନ କଲେ ଖାଇବା ତେଲ ଉତ୍ପାଦନ ସହଜ ହେବ । ଅଧିକ ଅମଳକ୍ଷମ, ରୋଗ ଓ ପୋକ ପ୍ରତିରୋଧକ ଓ ଜଳବାୟୁ ସହନଶୀଳ ତୈଳବୀଜ ଓ ଆଖୁ କିସମର ବିକାଶ ଆବଶ୍ୟକ । ଆଖୁ ଅଧିକ ଜଳ ଆବଶ୍ୟକ କରୁଥିବା ଏକ ଫସଲ । ତେଣୁ ଡ୍ରିପ୍ ଇରିଗେସନ୍ ବା ସୂକ୍ଷ୍ମ ଜଳସେଚନ ପ୍ରଣାଳୀକୁ ବ୍ୟାପକ କରିବା ଦରକାର ।

କୃଷକମାନେ ଯଦି ତୈଳବୀଜ ଓ ଆଖୁ ଚାଷରୁ ଲାଭଜନକ ମୂଲ୍ୟ ପାଇବେ, ତେବେ ସେମାନେ ଏହି ଫସଲ ଚାଷ ପ୍ରତି ଅଧିକ ଆକର୍ଷିତ ହେବେ । ସୁତରାଂ ପ୍ରଯୁକ୍ତିବିଦ୍ୟା ପ୍ରୟୋଗ କରି ଏଗୁଡ଼ିକର ଉତ୍ପାଦନ ବୃଦ୍ଧି କରିବା ସହିତ ଫସଲ ବିବିଧିକରଣ ମାଧ୍ୟମରେ ଅଧିକ ଜମିରେ ତୈଳବୀଜ ଓ ଆଖୁଚାଷ ପାଇଁ ସହାୟତା ଦିଆଯିବା ଆବଶ୍ୟକ ।

ସରକାରଙ୍କୁ ବଜାର ଉପରେ କଡ଼ା ନଜର ରଖି କୃତ୍ରିମ ଅଭାବ ଓ କଳାବଜାରୀକୁ ନିୟନ୍ତ୍ରଣ କରିବାକୁ ହେବ । ଏଗୁଡ଼ିକୁ ଅତ୍ୟାବଶ୍ୟକ ସାମଗ୍ରୀ ହିସାବରେ ବିଚାର କରି କୃତ୍ରିମ ଅଭାବ ସୃଷ୍ଟି ନିୟନ୍ତ୍ରଣ କରିବାକୁ ସରକାରୀ କଳ ତତ୍ପର ହେବା ଆବଶ୍ୟକ । ଖାଇବା ତେଲ ଓ ଚିନିର ପର୍ଯ୍ୟାପ୍ତ ବଫର ଷ୍ଟକ୍ ରଖିଲେ ଉତ୍ପାଦନ ହ୍ରାସ କିମ୍ବା ଅସ୍ଥାୟୀ ଯୋଗାଣ ସମସ୍ୟା ସମୟରେ ବଜାରକୁ ସ୍ଥିର ରଖାଯାଇ ପାରିବ ।

ଭାରତରେ ଖାଇବା ତେଲ ଓ ଚିନିର ସମସ୍ୟା କେବଳ ଉତ୍ପାଦନର ସମସ୍ୟା ନୁହେଁ ଏହା କୃଷି, ଜଳବାୟୁ, ବଜାର ପରିଚାଳନା, ଭଣ୍ଡାର ଏବଂ ବାଣିଜ୍ୟ ନୀତି ସହିତ ଜଡ଼ିତ । ଖାଇବା ତେଲ କ୍ଷେତ୍ରରେ ଆତ୍ମନିର୍ଭରତା ବୃଦ୍ଧି ଏବଂ ଚିନି କ୍ଷେତ୍ରରେ ସ୍ଥିର ଉତ୍ପାଦନ ଓ ମୂଲ୍ୟ ପରିଚାଳନା ଆଜିର ପ୍ରମୁଖ ଆବଶ୍ୟକତା । କୃଷକ–ଅନୁକୂଳ ନୀତି, ଆଧୁନିକ କୃଷି ପ୍ରଯୁକ୍ତି, ଜଳ ସଂରକ୍ଷଣ, ଗବେଷଣା ଏବଂ ସୁଦୃଢ଼ ବଜାର ନିୟନ୍ତ୍ରଣ ଦ୍ୱାରା ଭାରତ ଏହି ଦୁଇ ଗୁରୁତ୍ୱପୂର୍ଣ୍ଣ ଖାଦ୍ୟଦ୍ରବ୍ୟରେ ଦୀର୍ଘମିଆଦି ସୁରକ୍ଷା ହାସଲ କରିପାରିବ । ସର୍ବୋପରି ଜନସାଧାରଣ ଚିନି ଓ ଖାଇବା ତେଲ ବ୍ୟବହାର କ୍ଷେତ୍ରରେ ଯଥେଷ୍ଟ ମିତବ୍ୟୟିତା ଅବଲମ୍ବନ କରିବା ଜରୁରୀ ମନେହୁଏ ।

**କଂସଲଟାଣ୍ଟ, କୃଷି, ଏନ୍‌ଆର୍‌ଏମ**
**ମୋ–୯୪୩୭୦୭୧୧୯୦**

# ନୂଆଖାଇ: ସବୁ ପର୍ବର ଜନନୀ–୨



**ବିକାଶ ନାରାୟଣ ମିଶ୍ର**

'ନୂଆଖାଇ ଜୁହାର' କେବଳ ଏକ ଅଭିବାଦନ ନୁହେଁ । ଏହା ସମ୍ମାନ, ସ୍ନେହ ଓ ସମ୍ପର୍କର ପୁନଃସ୍ମରଣର ପ୍ରତୀକ ।

ଏହା ପରେ ନୂଆଖାଇ ଭେଟଘାଟର ପରମ୍ପରା ଆରମ୍ଭ ହୁଏ–ସାମୂହିକ ମିଳନ, ସଙ୍ଗୀତ, ନୃତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ । ପଶ୍ଚିମ ଓଡ଼ିଶାର ସ୍ୱତନ୍ତ୍ର ଲୋକସଂସ୍କୃତି ଏହି ସମୟରେ ତାହାର ସବୁଠାରୁ ଜୀବନ୍ତ ରୂପରେ ପ୍ରକାଶ ପାଏ । କିନ୍ତୁ ସମୁଦାୟ ହେଉଛି ନୂଆଖାଇର ଆତ୍ମା ଏବଂ ଏହି ଉତ୍ସବ ଏବେ ନିଜର ମୂଳ ଭୌଗୋଳିକ ସୀମାଠାରୁ ବହୁ ଦୂରକୁ ଯାଇସାରିଛି । ଛତିଶଗଡ଼ ଓ ଝାଡ଼ଖଣ୍ଡର ଅନେକ ଅଞ୍ଚଳରୁ ଆରମ୍ଭ କରି ଦିଲ୍ଲୀ ଓ ମୁମ୍ବାଇ ପର୍ଯ୍ୟନ୍ତ, ଲଣ୍ଡନରୁ ଆମେରିକାର ବିଭିନ୍ନ ସହର ପର୍ଯ୍ୟନ୍ତ ଏବଂ ଦୁବାଇ ପର୍ଯ୍ୟନ୍ତ– ଯେଉଁଠି ପଶ୍ଚିମ ଓଡ଼ିଆ ସମୁଦାୟ ବସବାସ କରୁଛନ୍ତି, ସେଠି ନୂଆଖାଇ ପାଳନ ହେଉଛି ।

ସ୍ଥାନ ବଦଳିଛି । ଗାଁର ଖୋଲା ପଡ଼ିଆର ସ୍ଥାନ ନେଇଛି ସହରର ପ୍ରେକ୍ଷାଳୟ । ପୈତୃକ ଅଗଣାର ସ୍ଥାନ ନେଇଛି ମହାନଗରର ଆପାର୍ଟମେଣ୍ଟ । କିନ୍ତୁ ଭାବନା ତାହା ହିଁ ରହିଛି ।

ହଜାର ହଜାର କିଲୋମିଟର ଦୂରରେ ରହିଲେ ମଧ୍ୟ 'ନୂଆ' ଲୋକମାନଙ୍କୁ ସେହି ମାଟି ସହ ଯୋଡ଼ି ରଖେ, ଯେଉଁ ମାଟିରୁ ସେମାନଙ୍କ ପରିବାରର ମୂଳ ଉତ୍ପତ୍ତି ।

୪) ପଶ୍ଚିମ ଓଡ଼ିଶା ପ୍ରତ୍ୟେକ ଦୃଷ୍ଟିରୁ ଏକ ବିଶାଳ ଅଞ୍ଚଳ । ଏହାର ଜନସଂଖ୍ୟା ପ୍ରାୟ ବେଲଜିୟମ୍ ସହ ସମାନ ଏବଂ ଏହାର ଭୌଗୋଳିକ କ୍ଷେତ୍ରଫଳ ପ୍ରାୟ ଇସ୍ରାଏଲର ଅଢ଼େଇ ଗୁଣ । କିନ୍ତୁ ଏହାର ଆର୍ଥିକ କାହାଣୀ ଏହାର ଜନସଂଖ୍ୟାଗତ ଓ ସାଂସ୍କୃତିକ ଗୁରୁତ୍ୱ ସହ ସମାନ ନୁହେଁ ।

ବିକାଶ, ସହରୀକରଣ, ଭିତ୍ତିଭୂମି, ଶିଳ୍ପ ଓ ପ୍ରତିଷ୍ଠାନଗତ ସୁଯୋଗ ଦୀର୍ଘ ସମୟ ଧରି ଉପକୂଳ ଅଞ୍ଚଳରେ ତୁଳନାତ୍ମକ ଭାବେ ଅଧିକ କେନ୍ଦ୍ରୀଭୂତ ହୋଇଛି । ତେଣୁ ପଶ୍ଚିମ ଓଡ଼ିଶାର ଜିଡିପି ଓ ମୁଣ୍ଡପିଛା ସମୃଦ୍ଧି ଏହାର ଜନସଂଖ୍ୟା, ଭୌଗୋଳିକ ବିସ୍ତାର ଓ ସମ୍ଭାବନାକୁ ସମ୍ପୂର୍ଣ୍ଣ ଭାବେ ପ୍ରତିଫଳିତ କରେ ନାହିଁ । କିନ୍ତୁ ନୂଆଖାଇକୁ ଜିଡିପିର କୌଣସି ଚିନ୍ତା ନାହିଁ । ଛୋଟ କୃଷକ ହୁଅନ୍ତୁ କି ବ୍ୟବସାୟୀ, ପ୍ରବାସୀ ଶ୍ରମିକ ହୁଅନ୍ତୁ କି ସରକାରୀ କର୍ମଚାରୀ, ମହାନଗରରେ କାମ କରୁଥିବା ପେସାଦାର ହୁଅନ୍ତୁ କି ବିଦେଶରେ ସଫଳ ଜୀବନ ବିତାଉଥିବା ପ୍ରବାସୀ–ସମସ୍ତେ ଏହି ଗୋଟିଏ ପର୍ବରେ ସମାନ ଭାବେ ସାମିଲ ହୁଅନ୍ତି ।

**ନୂଆଖାଇର ସବୁଠାରୁ ବଡ଼ ସମ୍ପଦ ଏହାର ଆଡ଼ମ୍ବର ନୁହେଁ, ବରଂ ଏହାର ସରଳତା ଓ ସହଭାଗିତା । ଲୋକେ ଘରକୁ ଫେରନ୍ତି । ପରିବାର ଏକାଠି ବସେ । ବୟସ୍କମାନେ ଆଶୀର୍ବାଦ ଦିଅନ୍ତି । ଖାଦ୍ୟ ବାଣ୍ଟି ଖିଆଯାଏ । ପୁରୁଣା ସମ୍ପର୍କ ପୁଣି ଜୀବନ୍ତ ହୁଏ । ଯେଉଁମାନେ ଆଉ ଆମ ମଧ୍ୟରେ ନାହାନ୍ତି, ନୂଆଖାଇ ସହିତ ସେମାନଙ୍କ ସ୍ମୃତି ମଧ୍ୟ ଫେରିଆସେ । ସେଥିପାଇଁ ନୂଆଖାଇ କେବଳ ନୂଆ ଅନ୍ନର ପର୍ବ ନୁହେଁ । ଏହା ସେହି ଲୋକମାନଙ୍କର ପର୍ବ, ଯେଉଁମାନେ ସେହି ଅନ୍ନକୁ ଏକାଠି ବାଣ୍ଟି ଖାଆନ୍ତି ।**

ନୂଆଖାଇର ସବୁଠାରୁ ବଡ଼ ସମ୍ପଦ ଏହାର ଆଡ଼ମ୍ବର ନୁହେଁ, ବରଂ ଏହାର ସରଳତା ଓ ସହଭାଗିତା । ଲୋକେ ଘରକୁ ଫେରନ୍ତି । ପରିବାର ଏକାଠି ବସେ । ବୟସ୍କମାନେ ଆଶୀର୍ବାଦ ଦିଅନ୍ତି । ଖାଦ୍ୟ ବାଣ୍ଟି ଖିଆଯାଏ । ପୁରୁଣା ସମ୍ପର୍କ ପୁଣି ଜୀବନ୍ତ ହୁଏ । ଯେଉଁମାନେ ଆଉ ଆମ ମଧ୍ୟରେ ନାହାନ୍ତି, ନୂଆଖାଇ ସହିତ ସେମାନଙ୍କ ସ୍ମୃତି ମଧ୍ୟ ଫେରିଆସେ । ସେଥିପାଇଁ ନୂଆଖାଇ କେବଳ ନୂଆ ଅନ୍ନର ପର୍ବ ନୁହେଁ । ଏହା ସେହି ଲୋକମାନଙ୍କର ପର୍ବ, ଯେଉଁମାନେ ସେହି ଅନ୍ନକୁ ଏକାଠି ବାଣ୍ଟି ଖାଆନ୍ତି ।

୫) ନୂଆଖାଇର ବାର୍ତ୍ତା–ଭାରତରେ ଅନେକ ମହାନ ଫସଲ ପର୍ବ ରହିଛି–ଓନାମ, ପୋଙ୍ଗଲ ଓ ବୈଶାଖୀ ସେମାନଙ୍କ ମଧ୍ୟରେ ପ୍ରମୁଖ । ନୂଆଖାଇ ପରି ଏହି ସମସ୍ତ ପର୍ବରେ କୃଷି, ପ୍ରକୃତି, ସମୁଦାୟ ଓ ସମୃଦ୍ଧିର ଉତ୍ସବ ପାଳନ କରାଯାଏ । ପ୍ରତ୍ୟେକର ନିଜସ୍ୱ ଐତିହାସିକ ପୃଷ୍ଠଭୂମି ଓ ସ୍ୱତନ୍ତ୍ର ସାଂସ୍କୃତିକ ପରିଚୟ ରହିଛି । କିନ୍ତୁ ନୂଆଖାଇର କେନ୍ଦ୍ରୀୟ ପ୍ରତୀକ ଅସାଧାରଣ ଭାବେ ଶକ୍ତିଶାଳୀ–ଏକ କୋମଳ, କ୍ଷୀରଭରା ଧାନ ଦାନା, ଯାହା ପାଚିବା ପୂର୍ବରୁ, କଟାଯିବା ପୂର୍ବରୁ ଏବଂ ପକ୍ଷୀମାନେ ତାହାକୁ ଖାଇବା ପୂର୍ବରୁ ଦେବାଦେବୀଙ୍କୁ ଅର୍ପିତ ହୁଏ । ଏହି ଗୋଟିଏ ପ୍ରତୀକ ମଧ୍ୟରେ ନୂଆଖାଇର ସମଗ୍ର ଦର୍ଶନ ଲୁଚି ରହିଛି । ଏହା ଆମକୁ ଶିଖାଏ–ଉପଭୋଗ ପୂର୍ବରୁ ଅର୍ପଣ କର ଅଧିକାର ଦାବି କରିବା ପୂର୍ବରୁ କୃତଜ୍ଞତା ପ୍ରକାଶ କର ଏବଂ ଉତ୍ସବ ପାଳନ ପୂର୍ବରୁ ଭାଗ କର । ଏହା ଆମକୁ ମନେ ପକାଇ ଦିଏ ଯେ ଖାଦ୍ୟର ଆରମ୍ଭ ମାଟିରୁ ହୁଏ, ବଜାରରୁ ନୁହେଁ । କୃଷକଙ୍କ ଶ୍ରମ ଅପରିହାର୍ଯ୍ୟ ଏବଂ ପ୍ରକୃତିର ଅବଦାନକୁ କୌଣସି ଆର୍ଥିକ ମୂଲ୍ୟରେ ସମ୍ପୂର୍ଣ୍ଣ ଭାବେ ମାପିହେବ ନାହିଁ ।

ଗ୍ରାମଦେବତାଙ୍କ ଚାରିପାଖରେ ଥିବା ପବିତ୍ର ଗଛଗୁଡ଼ିକ ଆମକୁ ଆଉ ଏକ ବାର୍ତ୍ତା ଦିଅନ୍ତି । ପରିବେଶ ସୁରକ୍ଷା ଏକ ଆଧୁନିକ ବିଶ୍ୱ ଆନ୍ଦୋଳନ ହେବାର ବହୁ ପୂର୍ବରୁ ହିଁ ଲୋକମାନେ ଶ୍ରଦ୍ଧା ଓ ବିଶ୍ୱାସ ମାଧ୍ୟମରେ ପ୍ରକୃତିର ସୁରକ୍ଷା କରୁଥିଲେ । ସେମାନଙ୍କ ପାଇଁ ପବିତ୍ରତା ଓ ପରିବେଶ ଦୁଇଟି ଅଲଗା ବିଚାର ନଥିଲା ।

ଅପେକ୍ଷା ଆମକୁ ସଂଯମ ଶିଖାଏ । (ଅର୍ପଣ କୃତଜ୍ଞତା ଶିଖାଏ । (ବଡ଼ମାନଙ୍କୁ ଜୁହାର ସମ୍ମାନ ଶିଖାଏ । (ପରିବାରର ମିଳନ ସମ୍ପର୍କର ମୂଲ୍ୟ ଶିଖାଏ । (ଖାଦ୍ୟ ବାଣ୍ଟି ଖାଇବା ସମୁଦାୟର ଭାବନା ଶିଖାଏ ଏବଂ ବୋଧହୁଏ ନୂଆଖାଇର ସବୁଠାରୁ ବଡ଼ ବାର୍ତ୍ତା ହେଉଛି–ସାଂସ୍କୃତିକ ସମୃଦ୍ଧି ଆର୍ଥିକ ସମୃଦ୍ଧି ଉପରେ ନିର୍ଭର କରେ ନାହିଁ । ଏହାର ସାଂସ୍କୃତିକ ଆତ୍ମବିଶ୍ୱାସ ଅତ୍ୟନ୍ତ ଦୃଢ଼ ।

ନୂଆଖାଇ ନିଜ ଲୋକମାନଙ୍କ ସହ ଯାତ୍ରା କରିଛି–ପ୍ରାଚୀନ ଗ୍ରାମର ପବିତ୍ର ବୃକ୍ଷତଳରୁ ସହର ଓ ମହାନଗର ପର୍ଯ୍ୟନ୍ତ ରାୟପୁରରୁ ଲଣ୍ଡନ ପର୍ଯ୍ୟନ୍ତ ଆମେରିକାର ସହରଗୁଡ଼ିକରୁ ଦୁବାଇ ପର୍ଯ୍ୟନ୍ତ । ତଥାପି ଏହା ନିଜର ମୂଳ ଆତ୍ମାକୁ ହରାଇନାହିଁ । ନୂଆଖାଇର ଆରମ୍ଭ ହୁଏ କ୍ଷେତରେ ଛିଡ଼ା ହୋଇଥିବା ଏକ କୋମଳ ଧାନ ଦାନାରୁ ।

ଏହା ଗ୍ରାମଦେବତା ବା ଦେବୀଙ୍କ ନିକଟରେ ପହଞ୍ଚେ, ତା'ପରେ ଘରକୁ ପ୍ରବେଶ କରେ, ପରିବାରକୁ ଏକାଠି କରେ ଏବଂ ଶେଷରେ ସମଗ୍ର ସମୁଦାୟକୁ ଏକତ୍ର କରିଥାଏ । ଏହା କୃଷିର ଉତ୍ସବ, କିନ୍ତୁ ପ୍ରକୃତିର ମଧ୍ୟ ଉତ୍ସବ । ଏହା ଆସ୍ଥାର ଉତ୍ସବ, କିନ୍ତୁ ଭାଇଚାରାର ମଧ୍ୟ ଉତ୍ସବ । ଏହା ପରମ୍ପରାର ଉତ୍ସବ, କିନ୍ତୁ ନବୀକରଣର ମଧ୍ୟ ଉତ୍ସବ । ତେଣୁ ପଶ୍ଚିମ ଓଡ଼ିଶାର ପ୍ରାୟ ୧.୨ କୋଟି ଲୋକଙ୍କ ପାଇଁ, ଯେଉଁମାନେ ହଜାର ହଜାର ଗାଁ ଓ ଶତାଧିକ ସହର ଓ ଛୋଟ ସହରରେ ବସବାସ କରନ୍ତି, ନୂଆଖାଇ ଭାରତର ବିଶାଳ ସାଂସ୍କୃତିକ ପଞ୍ଜିକାର ଆଉ ଏକ ପର୍ବ ମାତ୍ର ନୁହେଁ ।

ଏ ହେଉଛି ସେହି ପର୍ବ, ଯାହା ସେମାନଙ୍କୁ ଘରକୁ ଫେରାଇ ଆଣେ । (ଏହା ସେହି ପର୍ବ, ଯାହା ସେମାନଙ୍କୁ ମନେ ପକାଇ ଦିଏ–ସେମାନେ କିଏ ? (ଏହା ସେହି ପର୍ବ, ଯାହା ମାଟି, ମଣିଷ ଓ ସଂସ୍କୃତିକୁ ଗୋଟିଏ ସୂତାରେ ବାନ୍ଧି ରଖେ । ଏହା ନିଶ୍ଚିତ ଭାବେ–ସବୁ ପର୍ବର ଜନନୀ । ନୂଆଖାଇ ଜୁହାର!

**ସି–୨୭୮, ସେଇଖସରାଇ–୧**
**ନୂଆଦିଲ୍ଲୀ–୧୧୦୦୧୭**
**ମୋ–୮୧୩୦୨୨୭୯୭୯**

## ସମ୍ପାଦକଙ୍କୁ ପତ୍ର

# ଓଡ଼ିଶାର ଶତବାର୍ଷିକ ପାଇଁ ବଡ଼ ବଜେଟ ଲୋଡା

ମହାଶୟ,

ଚଳିତ ୨୦୨୬–୨୭ ଆର୍ଥିକ ବର୍ଷ ଲାଗି ଓଡିଶାର ବଜେଟ୍ ୩ ଲକ୍ଷ ୧୦ ହଜାର କୋଟି ଟଙ୍କା ହୋଇଛି, ଯାହା ପୂର୍ବ ବର୍ଷର ୨,୯୦,୦୦୦ କୋଟି ଟଙ୍କା ତୁଳନାରେ ପ୍ରାୟ ୭ ପ୍ରତିଶତ ଅଧିକ । ଆଉ ଦଶ ବର୍ଷ ପରେ ୨୦୩୬ ମସିହାରେ ସ୍ୱତନ୍ତ୍ର ରାଜ୍ୟ ଗଠନର ଶହେ ବର୍ଷ ପାଳନ କରିବାକୁ ଯାଉଥିବା ବେଳେ 'ବିକଶିତ ଓଡ଼ିଶା ୨୦୩୬' ଲକ୍ଷ୍ୟ ହାସଲ କରିବା ପାଇଁ ବଡ଼ ଯୋଜନା ଅର୍ଥାତ ବଡ଼ ବଜେଟ ଲୋଡା । ଏହା କେନ୍ଦ୍ର ସରକାରଙ୍କ 'ବିକଶିତ ଭାରତ ୨୦୪୭' ର ପରିପୂରକ ଭାବେ କାର୍ଯ୍ୟ କରିବ । ବିଭିନ୍ନ ସମ୍ବାଦପତ୍ରରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ ଚଳିତ ଆର୍ଥିକ ବର୍ଷର ପ୍ରଥମ ୫ ମାସରେ ଖର୍ଚ୍ଚ ହୋଇଛି ମାତ୍ର ୨୬.୮ ପ୍ରତିଶତ, ଯାହା ଅତ୍ୟନ୍ତ ନୈରାଶ୍ୟଜନକ ।

କେତେକ ବିଭାଗର ଏହି ପରିମାଣ ୧୦ ପ୍ରତିଶତରୁ ସୁଦ୍ଧା କମ୍ । ଛାତ୍ରଛାତ୍ରୀଙ୍କ ଦକ୍ଷତା ବିକାଶ, ବିଶ୍ୱ ଦକ୍ଷତା କେନ୍ଦ୍ର ଓ ଉତ୍କର୍ଷ ଆଇଟିଆଇ ପାଇଁ ମୋଟ ୧୨୨୦ କୋଟି ଟଙ୍କାର ବଜେଟରେ ବ୍ୟବସ୍ଥା ହୋଇଥିଲା ବେଳେ ଅଗଷ୍ଟ ଶେଷ ସୁଦ୍ଧା ଖର୍ଚ୍ଚ ହୋଇଛି ୩୧ କୋଟି ଟଙ୍କା, ବ୍ୟୟବରାଦର ୨.୫ ପ୍ରତିଶତ । କେହି କେହି ଏହାକୁ 'ବଜେଟ୍ ହାତୀର , ଖର୍ଚ୍ଚ ପିମ୍ପୁଡ଼ିର' କହିଲେଣି ତ ଆଉ କିଏ 'ମେନୁ ଅଧିକ, ରୋଷେଇ ଘର ଖାଲି ' କହିଲେଣି । ଅବଶ୍ୟ ମୁଖ୍ୟମନ୍ତ୍ରୀ, ମୁଖ୍ୟ ସଚିବ ଓ ବିଭାଗୀୟ ମନ୍ତ୍ରୀ, ବିଭାଗର ସଚିବମାନଙ୍କ ସହିତ ସମୀକ୍ଷା ବୈଠକ, ଆଲୋଚନା କରି ଖର୍ଚ୍ଚ କରିବାକୁ ତାଗିଦ୍ କରିବା ବିଷୟ ଗଣମାଧ୍ୟମରୁ ଜାଣିବାକୁ ମିଳେ ।

ଏତେ ଘନ ଘନ ବୈଠକ ଓ 'ସମୀକ୍ଷା' ସତ୍ତ୍ୱେ ବଜେଟ୍ ଅର୍ଥ ଖର୍ଚ୍ଚ ନେଇ ତୃଣମୂଳ ସ୍ତରରେ ଖୁବ୍ ବେଶୀ ତତ୍ପରତା ପ୍ରକାଶ ପାଇବା ଅନୁଭୂତ ହୁଏ ନାହିଁ । ଏଠାରେ ସମ୍ପୃକ୍ତ କର୍ମଚାରୀଙ୍କ ଆନ୍ତରିକତା ଓ ଦକ୍ଷତାର ଅଭାବ ସ୍ପଷ୍ଟ ପରିଲକ୍ଷିତ ହୋଇଥାଏ । ନିର୍ଦ୍ଧାରିତ ସମୟରେ ଅର୍ଥ ଖର୍ଚ୍ଚ ନ ହୋଇ ପାରିବାରୁ ଏହାର ସିଧାସଳଖ ପ୍ରଭାବ ଲୋକଙ୍କ ଉପରେ ପଡୁଛି । କହିବାର କଥା, କେବଳ ବଡ଼ ବଜେଟ କରିଦେଲେ ଚଳିବ ନାହିଁ, ଯଦି ଆବଣ୍ଟିତ ଅର୍ଥ ଉଦ୍ଦିଷ୍ଟ ସମୟରେ ଖର୍ଚ୍ଚ ହୋଇପାରିଲା ନାହିଁ, ତେବେ ଏହା କେଉଁ କାମକୁ ? ତେଣୁ ସରକାରୀ କଳ ସକ୍ରିୟ ହେଉ ଓ ପ୍ରଶାସନିକ ସ୍ତରରେ ଚଞ୍ଚଳତା ପ୍ରକାଶ ପାଉ । ଆବଣ୍ଟିତ ଅର୍ଥ ଠିକ୍ ସମୟରେ ଖର୍ଚ୍ଚ ହେଉ ।

**ପ୍ରତାପ ନାୟକ**
**ଏମ୍ ଆଇ ଜି–୭୫, କେ୯ଏକଲିଙ୍ଗ ବିହାର,ଭୁବନେଶ୍ୱର – ୧୯,ମୋ– ୭୭୫୦୮୫୨୮୧୯**

**ପାଠକମାନେ ନିଜ ନିଜର ସୁଚିନ୍ତିତ ମତାମତ, ଏହି ପୃଷ୍ଠାରେ ଦିଆଯାଇଥିବା ଇ–ମେଲରେ ପଠାଇ ପାରିବେ । ଏହି ସ୍ତମ୍ଭରେ ସ୍ଥାନିତ ହେଉଥିବା ସମସ୍ତ ମତାମତ, ତଥ୍ୟ ଆଦି ପାଠକମାନଙ୍କର ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମୋଦୀ...

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୬ତମ ଜନ୍ମଦିବସ ଅବସରରେ ସାଢ଼େ ଚାରି କୋଟି ଓଡ଼ିଶାବାସୀଙ୍କ ତରଫରୁ ପ୍ରଧାନମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବିକଶିତ ଭାରତର ବିନ୍ଧାଣୀ ମୋଦୀଙ୍କ ଦୀର୍ଘ ୫୦ ବର୍ଷର ଜନସେବା ଏବଂ ୨୫ ବର୍ଷର ନିରବଚ୍ଛିନ୍ନ ଶାସନ ଦେଶରେ କାୟାକଳ୍ପ ଆଣିଛି। ତାଙ୍କର ଏହି କଲ୍ୟାଣକାରୀ ଆଦର୍ଶରେ ଅନୁପ୍ରାଣିତ ହୋଇ ପାଳିତ ହେଉଥିବା ଏକ ମାସ ବ୍ୟାପୀ 'ସେବା ସଂକଳ୍ପ ଅଭିଯାନ' କେବଳ ଏକ କାର୍ଯ୍ୟକ୍ରମ ନୁହେଁ, ବରଂ ଏହା ମାନବସେବା ଓ ତ୍ୟାଗର ଏକ ବିରାଟ ଜନ-ଆନ୍ଦୋଳନ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟରେ ରକ୍ତ ଅଭାବରୁ ଯେପରି କୌଣସି ଜୀବନ ଅସମୟରେ ଝଡ଼ି ନପଡ଼େ, ସେଥିପାଇଁ ସରକାର ସଂକଳ୍ପବଦ୍ଧ। ଏହି ଶିବିରରେ ଆଜି ୬,୫୦୦ ୟୁନିଟ୍‌ରୁ ଅଧିକ ରକ୍ତ ସଂଗ୍ରହର ଲକ୍ଷ୍ୟ ରଖାଯାଇଛି। ରାଜ୍ୟରେ ରକ୍ତ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ୨୦୨୬-୨୭ ବଜେଟ୍‌ରେ ୫୦ କୋଟି ୫୪ ଲକ୍ଷ ଟଙ୍କାର ବ୍ୟୟବରାଦ ସହ "ଅଟଳ ରକ୍ତଦାନ ଅଭିଯାନ" ଆରମ୍ଭ କରାଯାଇଛି। ଏହା ଅଧୀନରେ ନୂତନ ମେଡିକାଲ କଲେଜଗୁଡ଼ିକରେ ରକ୍ତଭଣ୍ଡାର ସ୍ଥାପନ ଏବଂ ପୁରୁଣା ରକ୍ତଭଣ୍ଡାରଗୁଡ଼ିକର ଆଧୁନିକୀକରଣ କରାଯାଉଛି।

ଦେଶର ବିକାଶ ସମ୍ପର୍କରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ଭାରତ ଆଜି ବିଶ୍ୱର ଏକ ପ୍ରଭାବଶାଳୀ ଭୂ-ରାଜନୈତିକ ଓ ଅର୍ଥନୈତିକ ଶକ୍ତି ଭାବେ ଉଭା ହୋଇଛି। ପ୍ରତିରକ୍ଷା ଆମଦାନୀ ୭୦% ରୁ ହ୍ରାସ ପାଇ ୩୫% ରେ ପହଞ୍ଚିବା ସହ ସେମିକଣ୍ଡକ୍ଟର ଓ ସ୍ପେସ୍ ଟେକ୍ନୋଲୋଜି କ୍ଷେତ୍ରରେ ଭାରତ ଆତ୍ମନିର୍ଭର ହେଉଛି। ୨୦୪୭ ପୂର୍ବରୁ ବିକଶିତ ଭାରତର ଲକ୍ଷ୍ୟ ହାସଲ ହେବା ସୁନିଶ୍ଚିତ। ସେହିପରି ରାଜ୍ୟର ଯୁବଶକ୍ତିକୁ ଆହ୍ୱାନ ଦେଇ ସେ କହିଥିଲେ ଯେ, ଯୁବବର୍ଗ ନିଜ ଦୈନନ୍ଦିନ ଜୀବନରୁ କିଛି ସମୟ କାଢ଼ି ସମାଜସେବାରେ ନିୟୋଜିତ ହେବା ସହ ଦେଶସେବା ପାଇଁ ବ୍ରତୀ ହେବା ହିଁ ମୋଦୀଜୀଙ୍କ ପ୍ରତି ଶ୍ରେଷ୍ଠ ସମ୍ମାନ ହେବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି।

ଏହି ଅବସରରେ ନଗର ଉନ୍ନୟନ, ଗୃହ ନିର୍ମାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି ଯେ, ଆଜିର ଦିନଟି କୌଣସି ସାଧାରଣ ଦିବସ ନୁହେଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୀର୍ଘ ୨୫ ବର୍ଷର ନିସ୍ୱାର୍ଥପର ସେବା ଓ ସଂକଳ୍ପକୁ ସ୍ମରଣ କରିବାର ଏହା ଏକ ପବିତ୍ର ଅବସର। ଜଣେ ବ୍ୟକ୍ତିର ମୂଲ୍ୟବାନ୍ ଜୀବନ ବଞ୍ଚାଇବା ପାଇଁ ରକ୍ତଦାନ ଅତ୍ୟନ୍ତ ଆବଶ୍ୟକ, ସେଥିପାଇଁ ଆମ ସମସ୍ତଙ୍କ ମଧ୍ୟରେ ସେବା ଓ ସମର୍ପଣ ଭାବନା ରହିବା ଦରକାର। ଆଜି ଆୟୋଜିତ ହୋଇଥିବା ଏହି ରକ୍ତଦାନ ଶିବିର ରାଜ୍ୟରେ ରକ୍ତ ସଂଗ୍ରହ କ୍ଷେତ୍ରରେ ଏକ ନୂତନ ରେକର୍ଡ ସୃଷ୍ଟି କରିବ ବୋଲି ସେ ଦୃଢ଼ ପ୍ରକାଶ କରିଥିଲେ।

ରାଜ୍ୟସଭା ସାଂସଦ ମନମୋହନ ସାମଲ କହିଛନ୍ତି ଯେ, ଜଣେ ଜନପ୍ରତିନିଧି ଭାବେ କ୍ରମାଗତ ୨୫ ବର୍ଷ ଧରି ସଫଳତାର ସହ କାର୍ଯ୍ୟ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକ ଅନନ୍ୟ ରେକର୍ଡ ସୃଷ୍ଟି କରିଛନ୍ତି। ସାଧାରଣ ଲୋକଙ୍କ ନିରବଚ୍ଛିନ୍ନ ସେବା ପାଇଁ ସେ ଆଜି ସମଗ୍ର ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି, ଯାହାକୁ ସ୍ମରଣ କରିବା ଆମ ସମସ୍ତଙ୍କର କର୍ତ୍ତବ୍ୟ। କୋଭିଡ୍-୧୯ ମହାମାରୀ ପରଠାରୁ ରକ୍ତ ଭଣ୍ଡାରଗୁଡ଼ିକରେ ଯେଉଁ ରକ୍ତର ଅଭାବ ଦେଖାଦେଇଥିଲା, ଆଜିର ଏହି ବିଶାଳ ରକ୍ତଦାନ ଶିବିର ସେହି ଆବଶ୍ୟକତାକୁ ପୂରଣ କରିବାରେ ବେଶ୍ ସହାୟକ ହେବ ବୋଲି ସେ ମତବ୍ୟକ୍ତ କରିଛନ୍ତି।

ଏହି ଅବସରରେ ରାଜ୍ୟସଭା ସାଂସଦ ସୁଜିତ୍ କୁମାର, ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଏକାମ୍ର ବିଧାୟକ ବାବୁ ସିଂ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ଭଟଲି ବିଧାୟକ ଇରାସିସ ଆଚାର୍ଯ୍ୟ, ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ, ଯୁବନେତା ଅଭିଲାଷ ପଣ୍ଡା, ଦଳର ବରିଷ୍ଠ ନେତୃବୃନ୍ଦ, ରକ୍ତଦାତା, ଯୁବ ସ୍ୱେଚ୍ଛାସେବୀ ଏବଂ ଗଣମାଧ୍ୟମର ପ୍ରତିନିଧିଗଣ ଉପସ୍ଥିତ ଥିଲେ।

### ପଧାନମନ୍ତ୍ରୀଙ୍କ...

ଓ ସାଧନାପୂର୍ଣ୍ଣ ଜୀବନ ଯାତ୍ରା ଭାରତ ବର୍ଷକୁ ସଦାସର୍ବଦା ନୂତନ ଦିଗଦର୍ଶନ ଦେଉଥାଉ। ମୋଦୀଙ୍କ ସମର୍ଥ ନେତୃତ୍ୱରେ ବିକଶିତ ଭାରତର ସ୍ୱପ୍ନ ସାକାର ହେଉ ଏବଂ ଆମ ଭାରତ ବିଶ୍ୱ ବିଜୟୀ ହୋଇ ଆଗେଇ ଚାଲିବ ବୋଲି ଶ୍ରୀ ମାଝୀ ଉଲ୍ଲେଖ କରିଛନ୍ତି।

### ଅବପାତରେ...

୨୪ ତାରିଖ ବେଳକୁ ଓଡିଶା ଆସିପାରେ। ଜିଇଏଫଏସ୍ ଅନୁସାରେ ଶକ୍ତିଶାଳୀ ବାତ୍ୟା ରୂପ ନେଇ ଓଡିଶାରେ ପ୍ରବେଶ କରିପାରେ। ଉତ୍ତର ପୂର୍ବ ବଙ୍ଗୋପସାଗର , ଦକ୍ଷିଣ ବଙ୍ଗୋପସାଗର, ଆଣ୍ଡାମାନ ସାଗର, ମାତ୍ରାବାନ ଉପସାଗର ଓ ଫେନାସେରିନ ଉପକୂଳ ଅଞ୍ଚଳରେ ମେଘମାଳା ଘେରି ରହିଛି। ଫଳରେ ବଜ୍ରପାତ ଓ ବର୍ଷାର ସୂଚନା ମିଳିଛି।

### ଭାରତ...

ତେଲ କିଣିଥାନ୍ତି। ମନ୍ତ୍ରଣାଳୟ କହିଛି ଯେ, ରୁଷିଆ ଓ ଇରାନ ଆଇନ ୨୦୨୬ ଆମେରିକା ପାରିତ କରିଛି ଓ ୟୁଏସ୍ କଂଗ୍ରେସ ଏହାକୁ ତଦାରଖ କରୁଛି। ଅଧିକାଂଶ ଘଟଣାରେ ଭାରତ ଦେଶର ୧.୪ କୋଟି ଲୋକଙ୍କ ପାଇଁ ଶକ୍ତି ସୁରକ୍ଷା ଦେବାକୁ ନିଜର ପ୍ରତିବଦ୍ଧତା ଦେଖାଇଛି ।ଏହା ଜାରି ରହିବ। ଭାରତ ବିଭିନ୍ନ ଉତ୍ସରୁ ଏହା ପୂରଣ କରିବା ପାଇଁ ପ୍ରତିବଦ୍ଧ ରହିଛି। ରୁଷ ସହ ଭାରତର ତୈଳ ବାଣିଜ୍ୟ କିଛି ମାସ ମଧ୍ୟରେ ଉଚ୍ଚସ୍ତରୀୟ ବୈଠକରେ ଆଲୋଚନା ହୋଇଥିଲା। ଏଥିରେ ଆମେରିକାର ମଧ୍ୟ ପ୍ରତିନିଧି ରହିଥିଲେ। ମାତ୍ର ଏହା ଉଭୟ ସମ୍ପର୍କ ଉପରେ କୌଣସି ଫରକ ପକାଇବ ନାହିଁ। କିନ୍ତୁ ଆନ୍ତର୍ଜାତୀୟ ଶକ୍ତି ବଜାରରେ ଭାରତ ସପକ୍ଷରେ ରହିବେ ବୋଲି କୁହାଯାଇଛି। ରୁଷରୁ ତେଲ କିଣି ୟୁକ୍ରେନ ଯୁଦ୍ଧକୁ ପରୋକ୍ଷ ଭାବେ ଉତ୍ସାହିତ କରୁଥିବା ନେଇ ଆମେରିକା ଅଭିଯୋଗ ଆଣିଏଭଳି ବିଲ ଆଣିଥିଲା। ବିଲ ଜରିଆରେ ରୁଷର ନେତୃତ୍ୱ ତୈଳ ଓ ଗ୍ୟାସ କ୍ଷେତ୍ର ପ୍ରତିଷ୍ଠା ଏବଂ ରୁଷ ତେଲ ରପ୍ତାନିରେ ବ୍ୟବହୃତ ହେଉଥିବା ତେଲ ଯୋଗାଣରେ ନିୟୋଜିତ ଜାହାଜଗୁଡିକୁ ଆମେରିକା ଟାର୍ଗେଟ କରିବା ଲକ୍ଷ ରଖିଛି। ଏହି ବିଧେୟକ ଫଳରେ ଆମେରିକା ରାଷ୍ଟ୍ରପତିକୁ ୧୦୦ ପ୍ରତିଶତ ଶୁଳ୍କ ଲାଗୁ କରିବାରେ କ୍ଷମତା ଦେଇଛି। ଏଥିରେ ମଧ୍ୟ ରୁଷ ସାମଗ୍ରୀ ଉପରେ ୫୦୦ ପ୍ରତିଶତ ଶୁଳ୍କ ଲାଗି ପାରିବ। ଏହା ଛଡା ଅନ୍ୟ ଦେଶ ଗୁଡିକ ଯେଉଁ ମାନେ ରୁଷରୁ ତେଲ କିଣୁଛନ୍ତି ସେମାନଙ୍କ ଉପରେ ୧୦୦ ପ୍ରତିଶତ ଶୁଳ୍କ ଲାଗିବ।

### ୟୁପିଆଇ...

ଏମଡିଆର ଆବଶ୍ୟକତା ନେଇ ପ୍ରଶ୍ନ ଉଠାଇଥିଲେ। ମାତ୍ର ସରକାରଙ୍କ ପକ୍ଷରୁ କୌଣସି ସନ୍ତୋଷଜନକ ଉତ୍ତର ଦିଆଯାଇନଥିଲା। ମନୀଷ ତିୱାରୀ କହିଛନ୍ତି ଯେ, ଅକ୍ଟୋବର ୧୫ ରୁ ଲାଗୁ ହେବାକୁ ଥିବା ଏମଡିଆର ଫ୍ରେମ୍ ୱାର୍କକୁ କମିଟିରେ ଉପସ୍ଥାପନ କରାଯାଇନଥିଲା। ଜଣେ ବିରୋଧୀ ସଦସ୍ୟଙ୍କ ମତରେ ଅଧିକାଂଶ ସଦସ୍ୟ ଏନେଇ ଆପତ୍ତି ଉଠାଇଥିଲେ। ସେଥିରେ ବିରୋଧୀ ଓ ବିଜେପି ସାଂସଦମାନେ ଥିଲେ। ତାଙ୍କ କହିବାନୁଯାୟୀ ଏହି ସୁପାରିଶର ସଂଶୋଧନ କରିବାର ଆବଶ୍ୟକତା ରହିଛି। ସମ୍ପୃକ୍ତ ସାଂସଦର କହିବାନୁଯାୟୀ କମିଟିର ଅଧ୍ୟକ୍ଷ ଭର୍ତ୍ତୃହରି ମହତାବ କହିବାନୁଯାୟୀ ଚୂଡାନ୍ତ ରିପୋର୍ଟ ସଂସଦରେ ଦେବା ପାଇଁ କମ୍ ସମୟ ଥିଲା। ଅଧିକ ସମୟ ନଥିଲା। ଫଳରେ ସବୁକିଛି ଆଲୋଚନା ହୋଇପାରିନଥିଲା। ତେବେ ସରକାର ଏହାକୁ ବୃଦ୍ଧି କରି କମିଟି ସୁପାରିଶର ଆଳ ଦେଖାଇଛନ୍ତି।

### ସରକାରଙ୍କ...

ନଜଣାଇଲେ ସଚିବଙ୍କୁ ନୋଟିସ କରାଯିବ ବୋଲି କହିଥିଲେ। ତେବେ ରାଜ୍ୟ ସରକାରଙ୍କ ପକ୍ଷରୁ ନିଷ୍ପତ୍ତିକୁ ଆଜି କୋର୍ଟରେ ଉପସ୍ଥାପନ କରାଯାଇଥିଲା। ପୂର୍ବରୁ ୨୦୧୬, ୨୦୧୯,୨୦୨୦, ୨୦୨୨ ଓ ୨୦୨୩ରେ ୫ ଥର ଦାରାର ମୁକ୍ତି ଦାବି ପ୍ରତ୍ୟାଖ୍ୟାନ ହୋଇଥିବା ବେଳେ ୨୦୨୬ରେ ଆଉ ଥରେ ହୋଇଛି। ଗତ ସ୍ୱାଧିନତା ଦିବସରେ ଦାରା ସେନାର ଶତାଧିକ ସମର୍ଥକ କେନ୍ଦୁଝର ଜିଲ୍ଲା ଜେଲ ସମ୍ମୁଖରେ ଏକାଠି ହୋଇ ଉତ୍ତେଜନାମୂଳକ ସ୍ଲୋଗାନ ଦେଇଥିଲେ। ଦାରା ମୁକ୍ତି ଯୋଗୁଁ ସାମାଜିକ ସୌହାର୍ଦ୍ଦ୍ୟ ବିଗିଡିବାର ଆଶଙ୍କା କରି ଏହି ଆବେଦନ ଖାରଜ ହୋଇଥିଲା। ଦାରା ସଂ ୨୪ ରୁ ୨୬ ବର୍ଷ ଧରି ଜେଲରେ ଅଛନ୍ତି। ବିନା ପାରେଲରେ ସେ ଜେଲରେ ରହିଛନ୍ତି। ତାର ବୟସ ୬୦ ରୁ ଅଧିକ ହୋଇସାରିଛି। ଏହାକୁ ଆଧାର କରି ଆଗୁଆ ମୁକ୍ତି ଆବେଦନ କରାଯାଇଥିଲା।

## ବ୍ୟାଙ୍କ କର୍ମଚାରୀଙ୍କ ଠାରୁ ଟଙ୍କା ଲୁଟ୍ ଉଦ୍ୟମ

ବାଲୁଗାଁ ,(ସବ୍ୟୁ): ବୁଧବାର ପୂର୍ବାହ୍ନରେ ବାଲୁଗାଁ ବଜାର ଉତ୍ତରାୟଣୀ ରୋଡ଼ ସ୍ଥିତ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ସମ୍ମୁଖରେ କର୍ମଚାରୀଙ୍କୁ ମରଣାସ୍ତ୍ର ଦେଖାଇ ଟଙ୍କା ଲୁଟ ଉଦ୍ୟମ ଘଟଣା ସ୍ଥାନୀୟ ଅଞ୍ଚଳରେ ମୁଖ୍ୟ ଆଲୋଚନାର ବିଷୟ ହୋଇଛି । ତେବେ ଏହି ଲୁଟ ଉଦ୍ୟମ ବିଫଳ ହୋଇଥିବା ବେଳେ ପଲସର ଆରୋହୀ ସମ୍ପୃକ୍ତ ଦୁଇ ଲୁଟେରା ଘଟଣା ସ୍ଥଳରୁ ଖସି ପଳାଇବାରେ ସକ୍ଷମ ହୋଇଛନ୍ତି । ଗତ ଶୁକ୍ରବାର ଠାରୁ ସମସ୍ତ ବ୍ୟାଙ୍କ ବନ୍ଦ ରହିଥିବା ବେଳେ ବୁଧବାର ଖୋଲିଥିଲା । ପୂର୍ବାହ୍ନ ପ୍ରାୟ ୧୧ ଘଟିକା ସମୟରେ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ୩ ଜଣ କର୍ମଚାରୀ ନିକଟରେ ଥିବା ଏ ଟି ଏମ କାଉଣ୍ଟରରୁ ୫ ଦିନର ଜମା ଅର୍ଥକୁ ଏକ ବ୍ୟାଗରେ ଧରି କାର୍ଯ୍ୟାଳୟକୁ ଆସିବା ପାଇଁ ପ୍ରସ୍ତୁତ ହେଉଥିଲେ ।ଏହି ସମୟରେ ସେଠାରେ ପୂର୍ବରୁ ପ୍ରସ୍ତୁତ ହେଲମେଟ ପିନ୍ଧା ଦୁଇ ଦୁର୍ବୃତ୍ତ ମାରଣାସ୍ତ୍ର ଦେଖାଇ ଟଙ୍କା ଭର୍ତ୍ତି ବ୍ୟାଗଟିକୁ ଲୁଟିବା ପାଇଁ ଉଦ୍ୟମ କରିଥିଲେ । ତେବେ କିଛି ସମୟ ଧରି କର୍ମଚାରୀ ଏବଂ ଲୁଟେରାଙ୍କ ମଧ୍ୟରେ ଟଣା ଓଟରା ଲାଗିରହିଥିଲା । ପାଟି ଶୁଣି ସ୍ଥାନୀୟ ଲୋକେ ପହଞ୍ଚିଯିବାରେ ଲୁଟେରା ଦ୍ୱୟ ବାଇକ ଧରି ଖସି ପଳାଇଥିଲେ । ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଠାରୁ ଖବର ପାଇ ବାଲୁଗାଁ ପୋଲିସ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଦୁର୍ବୃତ୍ତଙ୍କୁ ଠାବ କରିବା ପାଇଁ ଉଦ୍ୟମ କରିଥିଲେ । କିନ୍ତୁ ଲୁଟେରାଙ୍କ କୌଣସି ସନ୍ଧାନ ମିଳିପାରିନାହିଁ ।

## ଭସାଣି ବେଳେ ଯୁବକଙ୍କୁ ଆକ୍ରମଣ

ବାଲିପାଟଣା ,(ସବ୍ୟୁ) : ବୁଧବାର ବିଳମ୍ବିତ ରାତିରେ ବାଲିପାଟଣା ଥାନା ବାରହଳ ଗ୍ରାମରେ ଗଣେଶ ପୂଜା ଭସାଣି ବେଳେ ଡିଜେ ବଜାଇ ବାକୁ କେନ୍ଦ୍ର କରି ଗଣ୍ଡଗୋଳ ହୋଇଛି ।ସେହି ଗାଁର ଜନୈକ ଯୁବକଙ୍କୁ ଗୋଟିଏ ଗୋଷ୍ଠୀ ମାରଣାସ୍ତ୍ରରେ ଆକ୍ରମଣ କରି ଲହୁଲୁହାଣ କରିଛନ୍ତି ।ଏନେଇ ଥାନାରେ ୨ ପକ୍ଷରୁ ଲିଖିତ ଅଭିଯୋଗ ପରେ ପୁଲିସ ତଦନ୍ତ ଆରମ୍ଭ କରିଛି । ବୁଧବାରି ରାତିରେ ରାଜସ ପଞ୍ଚାୟତ ବାରହଳ ଗ୍ରାମରେ ଗଣେଶ ପୂଜା ଭସାଣି ଉତ୍ସବ ଆୟୋଜନ ହୋଇଥିଲା । ପାଖ ଗାଁ ରାସ୍ତାରେ ଡିଜେ ବଜାଇ ଯୁବକମାନେ ନାଚ ଗୀତ କରୁଥିଲେ ।ଡିଜେ ସାଉଣ୍ଡ ଓ ପିଲାମାନଙ୍କୁ ସ୍ଥାନୀୟ ଗ୍ରାମବାସୀ ବିରୋଧ କରିଥିଲେ ଝଗଡା ଉଗ୍ର ରୂପ ନେଇଥିଲା ।ପ୍ରଥମେ କଥା କଟାକଟି ଏବଂ ହାତାହାତି ହୋଇଥିଲେ । ସେହି ଗ୍ରାମର ପୂର୍ବତନ ଓ୍ୱାର୍ଡ ମେମ୍ବର ଅକ୍ରୁର ପ୍ରଧାନଙ୍କବଡ଼ ପୁଅ ଦେବାଶିଷ ପ୍ରଧାନ ଏବଂ ମଝିଆଁ ପୁଅ ଆଶିଷ ଓରଫ କାଲୁ ବଜାରରୁ ଦୋକାନ ବନ୍ଦ କରି ଘରକୁ ଫେରୁଥିଲେ । ୨ ଭାଇ ବାରହଳ ଗାଁ ମୁଣ୍ଡରେ ଭସାଣି ଭିଡରେ ଅଟକି ଯାଇଥିଲେ । କୌଣସି କଥାକୁ କେନ୍ଦ୍ର କରି ବର୍ତ୍ତମାନର ଓ୍ୱାର୍ଡ ସଭ୍ୟ ବିଭୁତି ଭୂଷଣ ସାହୁ ଓ ତାଙ୍କ ଭାଇମାନେ ଏବଂ ବାପା ମିସି ଆଶିଷ ପ୍ରଧାନ ଓରଫ କାଲୁ ( ୩୨ ) କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ । କାଲୁଙ୍କ ମୁଣ୍ଡ ପଛ ପାଖରେ ଗଭୀର କ୍ଷତ ସୃଷ୍ଟି ହୋଇଛି ।ତାଙ୍କୁ ଉଦ୍ଧାର କରି ପ୍ରଥମେ ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ଲରାଯାଇଥିଲା । ଅବସ୍ଥା ସଙ୍କଟା ପନ୍ନ ହେବାରୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ପଠାଇ ଦିଆଯାଇଛି । ବଡ଼ ଭାଇ ଦେବାଶିଷ ପ୍ରଧାନଙ୍କ ସୂଚନା ଅନୁସାରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର ଏବଂ ରାଜନୈତିକ ବିବାଦକୁ କେନ୍ଦ୍ର କରି ଓ୍ୱାର୍ଡ ସଭ୍ୟ ବିଭୁତି ତାଙ୍କ ଭାଇ ଗୁଣ ନିଧି , ପୁର୍ଣ ଚନ୍ଦ୍ର, ସଦାଶିବ, ବିଭୁତି ଭୁଷଣ ଏବଂ ବାପା ବୁଲେଇ ସାହୁ ତୀକ୍ଷ୍ଣ ଅସ୍ତ୍ରରେ ଭାଇକୁ ଆକ୍ରମଣ କରି ଲହୁ ଲୁହାଣ କରିଛନ୍ତି । ଦୁଇ ପକ୍ଷରୁ ହୋଇଥିବା ଅଭିଯୋଗକୁ ତଦନ୍ତ ଜାରି ରଖିଥିବା ପୁଲିସ ସୂତ୍ରରୁ ସୂଚନା ମିଳିଛି ।

## ଏସି କମ୍ପ୍ରେସର ଫାଟି ରଙ୍ଗ ମିସ୍ତ୍ରୀଙ୍କ ମୃତ୍ୟୁ

ନିରାକାରପୁର,(ସବ୍ୟୁ): : ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ଅନ୍ତର୍ଗତ ନନପଡ଼ା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଯାଇଛି । ଘରେ ରଙ୍ଗ କାମ ଚାଲିଥିବା ସମୟରେ ହଠାତ ଏସି କମ୍ପ୍ରେସର ବିସ୍ଫୋରଣ ଘଟି ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଆଉ ଜଣେ ଗୁରୁତର ଆହତ ହୋଇଛନ୍ତି ।ନନପଡ଼ା ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରେ ସ୍ଥାନୀୟ ପାଣ୍ଡବ ପାଟଣା ଗ୍ରାମର କାର୍ତ୍ତିକ ବରାଳ ଓରଫ କାଳିଆ (୩୦) ରଙ୍ଗ ମିସ୍ତ୍ରୀ ଭାବେ କାମ କରୁଥିଲେ । ରଙ୍ଗ କାମ ଚାଲିଥିବା ସମୟରେ ହଠାତ ଘରେ ଲଗାଯାଇଥିବା ଏସିର କମ୍ପ୍ରେସରଟି ପ୍ରଚଣ୍ଡ ଶବ୍ଦରେ ଫାଟି ଯାଇଥିଲା ।ଏହି ବିସ୍ଫୋରଣର ତୀବ୍ରତା ଏତେ ଅଧିକ ଥିଲା ଯେ ରଙ୍ଗ ମିସ୍ତ୍ରୀ କାର୍ତ୍ତିକ ବରାଳଙ୍କ ସମେତ ଘର ମାଲିକାଣୀ ଗୁରୁତର ଭାବେ ଆହତ ହୋଇଥିଲେ ।ଘଟଣା ପରେ ସ୍ଥାନୀୟ ଲୋକେ ତୁରନ୍ତ ଉଭୟଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଖୋର୍ଦ୍ଧା ହସ୍ପିଟାଲକୁ ପଠାଇଥିଲେ । ତେବେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରଙ୍ଗ ମିସ୍ତ୍ରୀ କାର୍ତ୍ତିକ ବରାଳଙ୍କର ମୃତ୍ୟୁ ଘଟିଛି । ଗୁରୁତର ଘର ମାଲିକାଣୀଙ୍କ ଚିକିତ୍ସା ଜାରି ରହିଛି ।ଏହି ହୃଦୟବିଦାରକ ଘଟଣାକୁ ନେଇ ସମଗ୍ର ନିରାକାରପୁର ଅଞ୍ଚଳରେ ଗଭୀର ଶୋକ ଓ ଚାଞ୍ଚଲ୍ୟ ଖେଳି ଯାଇଛି । ପୋଲିସ ଶବ ବ୍ୟବଚ୍ଛେଦ ପାଇଁ ରଖି ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

## ଅନ୍ଧାରୁଆରେ ଆହତ ଦନ୍ତା ଆତଙ୍କ

### ଜଙ୍ଗଲ ବାହାରେ ଘୂରୁଛି ବିଶାଳ ହାତୀ

ବାରଙ୍ଗ ,(ସବ୍ୟୁ): ନିକଟସ୍ଥ ଅନ୍ଧାରୁଆ ଅଞ୍ଚଳରେ ଏକ ଆହତ ଦନ୍ତା ହାତୀକୁ ନେଇ ଆତଙ୍କ ଖେଳିଯାଇଛି । ବାୟୋଟେକ ମେଡିସିନ କମ୍ପାନୀ ଏବଂ ମାଥମେଟିକ କଲେଜ ନିକଟ ରାସ୍ତା ଠାରୁ ମାତ୍ର ୨୦୦ ମିଟର ଦୂରରେ ଥିବା ଛୋଟ ଜଙ୍ଗଲ ନିକଟରେ ହାତୀଟି ଦୀର୍ଘ ସମୟ ଧରି ରହିଛି। ହାତୀଟିର ବାମ ଗୋଡ଼ରେ ଶକ୍ତ ଆଘାତ ଲାଗିଥିବା ଜଣାପଡିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଗତକାଲି ରାତିଠାରୁ ହାତୀଟି ଜଙ୍ଗଲ ବାହାରେ ବୁଲୁଛି। ଆହତ ଥିବାରୁ ତାର ଚାଲିବାରେ ଅସୁବିଧା ହେଉଛି ଜଙ୍ଗଲୀ ହାତୀ ଜନବସତି ନିକଟକୁ ଆସିଯିବାରୁ ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି । ଏହି ହାତୀ ଗୁରୁବାର ସକାଳ ସମୟରେ ଜଙ୍ଗଲରୁ ବାହାରି ଅନ୍ଧାରୁଆ ରାସ୍ତାରେ ବୁଲୁଥିଲା ।ଯାତାୟତରେ କିଛି ଘଣ୍ଟା ପାଇଁ ବାଧାପ୍ରାପ୍ତ ହୋଇଥିଲା। ପୁଣି ହାତୀ କେତେବେଳେ ଜନବସତି ଆଡ଼କୁ ମାଡ଼ି ଆସିବ ତାକୁ ନେଇ ଆତଙ୍କ ବଢ଼ିଛି ।ଖବର ପାଇ ବନ ବିଭାଗ ଟିମ ଘଟଣାସ୍ଥଳରେ ପହଞ୍ଚି ହାତୀର ଗତିବିଧି ଉପରେ ନଜର ରଖିଛି । ଆହତ ହାତୀର ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରି ଚିକିତ୍ସା ଯୋଗାଇ ଦେବାକୁ ପ୍ରୟାସ ଚାଲିଛି ।ତେବେ ସବୁଠୁ ବଡ଼ ପ୍ରଶ୍ନ ହେଉଛି, ଦନ୍ତାର ବାମ ଗୋଡ଼ରେ ଆଘାତ ଲାଗିଲା କେମିତି? ଏହା କୌଣସି ଦୁର୍ଘଟଣାରୁ ହୋଇଛି ନା ଏହା ପଛରେ ଅନ୍ୟ କୌଣସି କାରଣ ରହିଛି, ତାକୁ ନେଇ ବନ ବିଭାଗ ତଦନ୍ତ ଆରମ୍ଭ କରିଛି । ହାତୀଟିକୁ ସୁରକ୍ଷିତ ଭାବେ ଜଙ୍ଗଲ ଭିତରକୁ ଫେରାଇ ନେବା ପାଇଁ ଉଦ୍ୟମ ଜାରି ରହିଛି । ପରିସ୍ଥିତିକୁ ଦୃଷ୍ଟିରେ ରଖି ସ୍ଥାନୀୟ ଲୋକଙ୍କୁ ହାତୀଠାରୁ ଦୂରେ ରହିବାକୁ ଏବଂ ସତର୍କ ରହିବାକୁ ବନ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି ।

## ଭସାଣି ଉତ୍ସବ ବେଳେ ଡିଜେ ଜବତ

ବାଲିପାଟଣା (ସବ୍ୟୁ): ଭୁବନେଶ୍ୱର କମିଶନର ଅଧୀନ ବାଲିପାଟଣା ଥାନା ପୁଲିସ ଗତକାଲି ରାତିରେ ମୁକୁନ୍ଦଦାସପୁର ପଞ୍ଚାୟତ ଅଦଲାବାଦ ଏବଂ ରାଜସ ପଞ୍ଚାୟତ ବତୀଲୋ ଗ୍ରାମର ଭସାଣି ଉତ୍ସବରୁ ୨ ଟି ଡିଜେ ଗାଡି ଜବତ କରିଛି ଅଦଲାବାଦ ଗ୍ରାମରୁ ନିମାପଡା ଥାନା ଅଞ୍ଚଳ ଆଇ ଚର ଓଡି ୩୩ ଏୱାଇ ୯୯୧୧ ଜେ ଏସ ଏସ ଜୟ ଶ୍ରୀ ଶ୍ୟାମ ଅଡିଓ ( ଜେ ଏସ ଏସ ) ଏବଂ ପିପିଲି ଆରୁହା ଟାଟା ପିକପ ନଂ ଓଡି ୦୨ ସିୱାଇ ୨୨୮୫ ଆର ଏସ ଅଡିଓ ଗାଡିକୁ ବତୀଲୋ ଗ୍ରାମରୁ ଜବତ କରିଛି ଗାଡି ଗୁଡିକ ଥାନାରେ ଅଟକ ରହିଛି । ଏନେଇ ପୁଲିସ ମାମଲା ରୁଜୁ କରି କୋର୍ଟ ପଠାଇଛି। କୌଣସି ଉତ୍ସବ ମହୋତ୍ସବ ପୂଜା ଭସାଣିରେ ବିନା ଅନୁମତିରେ ଡିଜେ ସାଉଣ୍ଡ ବ୍ୟବହାର କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଆଇ ଆଇସି ସୂର୍ଯ୍ୟାଂଶୁ ଶେଖର ପାଢ଼ୀ କହିଛନ୍ତି ।


GOVERNMENT OF ODISHA
OFFICE OF THE SUPERINTENDING ENGINEER
NIMAPARA IRRIGATION DIVISION, NIMAPARA

32001/874/2627 Notice Invitation of Tenders

e-Procurement Notice No.- 06 / 2026-27 on dated 05.09.2026

E-mail Id: eenidnimapara@gmail.com

1. Type of Work : Canal, River, Bridge, Road & Building Works.
2. Total No. of Work : 56 (Fifty Six) Nos.
3. Bid Security (EMD) in Rupees : Refer to DTCN
4. Cost of Bids in Rupees : Refer to DTCN
5. Class of Contractors : "C" , "D" & "B"
6. Period of Completion : Refer to DTCN

| Procurement Officer | Bid Identification No. | Bid Amount in Lakh Rs. | Availability & Submission of of Bids on line |
|---|---|---|---|
| Superintending Engineer, Nimapara Irrigation Division, Nimapara | NID-103/2026-27 to NID-158 / 2026-27 | Rs. 12.50 to Rs. 48.96 | From 18.09.2026 11.00 A.M. to 28.09.2026 5.30 P.M. |

Date of opening of the Bid : - 29.09.2026 at 11.00 A.M.
Further details can be seen from the Govt. Website www.tendersodisha.gov. in

Sd/- Superintending Engineer
Nimapara Irrigation Division
Nimapara

OIPR : 32001/32097/1/26-27/0006



ICAR - CENTRAL RESEARCH INSTITUTE FOR DRYLAND AGRICULTURE
Santoshnagar, Saidabad Post,
Hyderabad - 500 059
Ph: 040-24530161, 24530163, 24530157,
Fax: 040-24531802, 24535336
www.icar-crida.res.in. E-mail :hoa.crida@icar.org.in

Advt. No. 13/2026/OADMP

Temporary position of Young Professional - II (04 Nos.) and Young Professional - I (02 Nos.) is to be filled up through Walk-in-Interview scheduled on 24.09.2026 (Thursday) at 10.00 hrs. For details, visit http://www.icar-crida.res.in/

Sd/-
Asst. Administrative Officer



OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, PURI
10001/545/2627
(WALK-IN-INTERVIEW) FOR IN-HOUSE TRANSFER

Advt. No :2641 /DPMU Dt : 17 .09.2026

Interested candidates may attend the In-House transfer Walk-in-interview of the following positions under In- house transfer of NHM contractual employees.

| Sl No. | Name of the Post | Vacancy | Walk-In-Interview |
|---|---|---|---|
| 01 | AYUSH MO SEBC-1: (Ayurvedic-1) | 01 | 30.09.2026 (10.00 AM) |
| 02 | MO Pediatrician, DEIC | 01 | |
| 03 | Cold chain Technician | 01 | |
| 04 | Psychiatric Nurse | 01 | |
| 05 | Block Data Manager | 01 | |

The application format and details are available in the website https://puri.odisha.gov.in.

Sd/- Chief District Medical & Public Health Officer, Puri

OIPR : 10001/10021/1/26-27/0012



AFFIDAVIT

By virtue of an affidavit sworn before The notary public Bhadrak dated 01.09.26. I PABITRA BEHERA, S/o - Naran Behera, At/Po-Dakhi naradas, sainasasasan, dakhinaradas, Dist-puri, Odisha, pin -752114, declare that I have changed my name from PRADEEPTA BEHERA TO PABITRA BEHERA. Henceforth I shall be known as PABITRA BEHERA for all purpose.

PABITRA BEHERA



OFFICE OF THE CHIEF DISTRICT MEDICAL & PHO. ANUGOLA
Advertise No. 455 / Date. 11.09.2026
10001/547/2627

Advertisement

The applications are invited from the interested candidates for the post of Vector Borne Disease Technical Supervisor, contractual engagement under NVBDCP. The residents of Anugola district will be given preference. **The last date of receipt of application is 30.09.2026.**

| Category of posts | No of posts | Remuneration | Age | Qualification |
|---|---|---|---|---|
| Vector Borne Disease Technical Supervisor NVBDCP (Contractual) | 1 (One) | Rs.22,871/- + PI(MAX 25%) | Below 40 years As on 31.08.2026 | • Graduate in Science with Biology as a subject from a recognized University. • In the absence of suitable candidates, graduates having Science with Biology at the +2 level may be considered, as per NHM guidelines. • Preference will be given to candidates having experience in Malaria and other Vector Borne Disease Control Programme • The candidate should have a valid two wheeler driving license. |

The Application from, terms & conditions of engagement may be obtained from the website https://anugola.odisha.gov.in

Sd/-
Chief District Medical & Public Health Officer, Anugola

OIPR : 10001/10174/1/26-27/0001



AFFIDAVIT

By virtue of an affidevit sworn before the Executive Magistrate ,Dhenkanal Sl No.3846 dated 25.06.2026. I Pramod Kumar Dubey aged about 52 years S/o Krishna Mohan Dubey permanent resident of Parsauni Dewajit P/o: Mohasi ,Dist : Purbi Chmparan Bihar PIN : 845426 presently residing at Laxmi Bazar, P.STown, Dhenkanal affirm that as per my Adhar Card No : 895715325257 my name is Pramod Kumar Dubey and my wifes name is Sarita Dubey (Adhar Card no : 558810115379) but our son name is Piyush kumar Dubey. Unfortunately my sons name as scribed as Piyush Kumar Dube in his ICSE Mark Sheet,Migration Certificate and Documents but inadvertently fathers name is written as Pramod Kumar Dube,Mothers name Sarita Dube. So Sarita Dube and Sarita Dubey, Pramod Kumar Dube and Pramod Kumar Dubey and Piyush Kumar Dube and Piyush Kumar Dubey pertains to one and same person.This affidevit is required to be produced before the competent authority to issue one correct certificates in favour of my son namely Piyush Kumar Dubey ,son of Pramod Kumar Dubey and Sarita Dubey.

Deponet



ପୂର୍ବ ତଟ ରେଳପଥ

ଫାଇଲ ସଂ. DRM/Engg/KUR/26-27/E-Tender/46 ତା.15.09.2026ରିଖ

ଟେଣ୍ଡର ସଂ. eTender-NorthKUR-153-2026, ତା.04.09.2026ରିଖ

ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ରେଳୱେ ଜମିର ମ୍ୟୁଟେସନ୍ ସମୟରେ ମାଲିକାନା ବିବରଣୀରେ ଆବଶ୍ୟକୀୟ ସଂଶୋଧନ, ପୂର୍ବ ତଟ ରେଳପଥ ନାମରେ ମ୍ୟୁଟେସନ୍ ହୋଇଥିବା ରେଳୱେ ଜମିର ସର୍ବେକ୍ଷଣ ତଥା ଜମି ସୀମା ନକ୍ସା ଏବଂ RoR ପ୍ରଦାନ ସମ୍ବନ୍ଧୀୟ କାର୍ଯ୍ୟ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 392.42 ଲକ୍ଷ, EMD : ₹ 7,84,900.00, ଶେଷ ହେବା ଅବଧି : 12 (ବାର) ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.30.09.2026ରିଖ 1500 ଘଣ୍ଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ହାର୍ଡକପି ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦିଓ ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଛି।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବସାଇଟକୁ ପୁନଃପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି। ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ),
ଖୋର୍ଦ୍ଧା ରୋଡ଼

PR-449/R/26-27



34001/796/2627
E-mail ID. eerbngpur@yahoo.com
Tel & Fax - 06858-222833(O)

GOVERNMENT OF ODISHA
OFFICE OF THE SUPERINTENDING ENGINEER,
NABARANGPUR (R&B) DIVISION,
NABARANGPUR

e-Procurement Notice

Bid Identification No S.E (R&B) -07/2026-27/NGP

No. 5284 Date 03.09.2026

Bid Documents consisting of work, Estimated Cost, Cost of Tender paper, EMD, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e www.tendersodisha.gov.in.

1. Name of the Work : Civil and El Work as mentioned in DTCN
2. No. of Work : 8 Nos.
3. Estimated Cost : Rs. 1.43 Lakhs to 25.81 Lakhs
4. Period of completion : 1 to 12 Calendar Months
5. Date & Time of Bidding : From 11.00 hours of 17.09.2026 upto 16.00 hours of 28.09.2026.
6. Last date & time for receipt of bids in portal : 16.00 hours of 28.09.2026.
7. Bids received online shall be opened on : 11.00 hours of 29.09.2026.
8. Name and address of the officer inviting Bid : Superintending Engineer, Nabarangpur(R&B)Division, Nabarangpur

Further details can be seen from the www.tendersodisha.gov.in

Sd/- Superintending Engineer
Nabarangpur (R&B) Division

OIPR : 34001/34143/1/26-27/0008



OFFICE OF THE DIVISIONAL FOREST OFFICER,
MANGROVE FOREST DIVISION (WL) RAJNAGAR
AT/P.O: Rajnagar, Dist: Kendrapara-754225,
Phone: 06729-242460,
Control Room: 06729-242463,
E-mail ID: dfo.rajnagarwl@odisha.gov.in
8001/317/2627

RFP No. 08 /4F/Tender/620/2026
Dated, Rajnagar the 10th Septcmber,2026

NOTICE INVITING TENDER

The Divisional Forest Officer, Mangrove Forest Division (Wildlife) Rajnagar invites Sealed tender through offline, in Double Cover System in OFF LINE mode for Design, Supply, Setup, Installation, Commissioning, Technical support, Maintenance, Seasonal Dismantling, Storage, and re-installation of Eco-Tourism Tented accommodation and Associated visitor Facilities at Dobandhi - (Pentha) of Mangrove Forest Division (Wildlife) Rajnagar, Kendrapada.

The tender papers with detailed terms and conditions documents can be downloaded form website https://Kendrapada.nic.in / https://odishaforest.in and https://wildlife.odisha.govt.in from 11.00 hours of 12th Septcmber,2026 to 17.00 hours of 25th Scptember,2026. The cost of tender paper of Rs.6,000/-(Six thousand ) only to be deposited through Demand Draft in favour of Divisional Forest Officer, Mangrove Forest Division (Wildlife) Rajnagar payable at Rajnagar. The Tender Papers can be submitted at the below mentioned address on or before 5.00 PM of 25th September 2026 by Speed Post /registered post or by hand only.

The undersigned reserves the right to accept or reject any or all the tenders without assigning any reason thereof.

Contact Details and address for submission :

Divisional Forest Officer, Mangrove Forest Division (Wildlife) Rajnagar. At-Sanabada Gopalpur, Po-Rajnagar, Dist:- Kendrapada, Pin Code :-754225, Odisha, Tel: 06729-242460. Control Room :06729-242463, e mail ID: dfo.rajnagarwl@odisha.gov.in dforajnagar1990@gmail.com.

Contact Person: Sri Bibhuti Mallick, Section Officer. MFD(WL)Rajnagar. Mob-9938759082.

Sd/- Divisional Forest Officer
Mangrove Forest Division (Wildlife)
Rajnagar

OIPR : 8001/8053/1/26-27/0009

# ଏଏମ୍/ଏନ୍ଏସ୍ ଇଣ୍ଡିଆର ଦୁଇଟି ଗୁରୁତ୍ୱପୂର୍ଣ୍ଣ ବିଆଇଏସ୍ ପ୍ରମାଣପତ୍ର ହାସଲ

ଭୁବନେଶ୍ୱର, (ସବ୍ୟୁ): ଆର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ ଇଣ୍ଡିଆ (ଏଏମ୍/ଏନ୍ଏସ୍ ଇଣ୍ଡିଆ) ଦୁଇଟି ଗୁରୁତ୍ୱପୂର୍ଣ୍ଣ ନୂତନ ମାନକ ଅଧୀନରେ 'ବ୍ୟୁରୋ ଅଫ୍ ଇଣ୍ଡିଆନ୍ ଷ୍ଟାଣ୍ଡାର୍ଡସ୍' (ବିଆଇଏସ୍) ଲାଇସେନ୍ସ ହାସଲ କରି ଆଧୁନିକ ଇସ୍ପାତ ଉତ୍ପାଦନ କ୍ଷେତ୍ରରେ ନିଜର ଅଗ୍ରଣୀ ସ୍ଥିତିକୁ ଆହୁରି ଅଧିକ ସୁଦୃଢ଼ କରିଛି। ଏଏମ୍/ଏନ୍ଏସ୍ ଇଣ୍ଡିଆ ଭାରତର ପ୍ରଥମ ଇସ୍ପାତ ଉତ୍ପାଦନକାରୀ କମ୍ପାନୀ ଭାବରେ ଆଇଏସ୍ ୨୦୬୨ (ଭାଗ ୨): ୨୦୨୬ ପାଇଁ ସର୍ବଭାରତୀୟ ସ୍ତରରେ ପ୍ରଥମ ବିଆଇଏସ୍ ଲାଇସେନ୍ସ ହାସଲ କରିଛି। ଏହା 'ହଟ୍ ରୋଲ୍ଡ କ୍ୱେଞ୍ଚଡ୍ ଆଣ୍ଡ ଟେମ୍ପର୍ଡ' (କ୍ୟୁ ଏବଂ ଟି) ଇସ୍ପାତ ପ୍ଲେଟ୍, ସିଟ୍, ଷ୍ଟ୍ରିପ୍ ଏବଂ ୱାଇଡ୍ ଫ୍ଲାଟ୍ ପାଇଁ ଏକ ନୂତନ ଭାବେ ପ୍ରଚଳିତ ମାନକ ଅଟେ। ଏହା ସହିତ, କମ୍ପାନୀ ପ୍ରି-ପେଣ୍ଟେଡ୍ ଜିଙ୍କ୍-ଆଲୁମିନିୟମ୍-ମ୍ୟାଗ୍ନେସିୟମ୍ ଆଲୟ କୋଟେଡ୍ ଷ୍ଟିଲ୍ ଷ୍ଟ୍ରିପ୍ ଏବଂ ସିଟ୍ ପାଇଁ ଆଇଏସ୍ ୧୯୨୧୦:୨୦୨୫ ଅଧୀନରେ ବିଆଇଏସ୍ ଲାଇସେନ୍ସ ହାସଲ କରିଛି । ଏହା ଭାରତୀୟ ବଜାରକୁ ବିଶ୍ୱସ୍ତରର ଆଧୁନିକ ଇସ୍ପାତ ସମାଧାନ ଯୋଗାଇବା ଦିଗରେ ଏକ ବଡ଼ ଉପଲବ୍ଧି।

ଏହି ସଫଳତାଗୁଡ଼ିକ ନବସୃଜନ, ଗୁଣବତ୍ତା ଏବଂ ଭାରତ ସରକାରଙ୍କ 'ମେକ୍ ଇନ୍ ଇଣ୍ଡିଆ' ଓ 'ଆତ୍ମନିର୍ଭର ଭାରତ' ଅଭିଯାନ ପ୍ରତି କମ୍ପାନୀର ପ୍ରତିବଦ୍ଧତାକୁ ସୁଦୃଢ଼ କରିବା ସହ ଭିତ୍ତିଭୂମି ଓ ଭାରୀ ଯାନ୍ତ୍ରିକ ଶିଳ୍ପ କ୍ଷେତ୍ରରେ ନୂତନ ପଥ ଉନ୍ମୁକ୍ତ କରୁଛି।

ରାଜ୍ୟ-ପାଣ୍ଠିପ୍ରାପ୍ତ ଭିତ୍ତିଭୂମି, ପ୍ରତିରକ୍ଷା ଏବଂ ସାର୍ବଜନୀନ କ୍ଷେତ୍ରର ପ୍ରକଳ୍ପଗୁଡ଼ିକ ପାଇଁ ଇସ୍ପାତ ଯୋଗାଣ ନିମନ୍ତେ ବିଆଇଏସ୍ ପ୍ରମାଣପତ୍ର ଏକ ବାଧ୍ୟତାମୂଳକ ଆବଶ୍ୟକତା ଅଟେ। ଏହି ଲାଇସେନ୍ସଗୁଡ଼ିକ ଅନିବାର୍ଯ୍ୟ କ୍ରୟ ମାନଦଣ୍ଡ ପୂରଣ କରୁଥିବାରୁ, ଏଏମ୍/ଏନ୍ଏସ୍ ଇଣ୍ଡିଆ ସେହି ସରକାରୀ ଅନୁଦାନପ୍ରାପ୍ତ ପ୍ରକଳ୍ପଗୁଡ଼ିକୁ ସାମଗ୍ରୀ ଯୋଗାଇବାକୁ ସକ୍ଷମ ହେଉଛି, ଯେଉଁଥିରେ ଏହି ପ୍ରମାଣିତ ଗୁଣବତ୍ତା ବିଶିଷ୍ଟ ସାମଗ୍ରୀର ଆବଶ୍ୟକତା ରହିଛି। ନୂତନ ଭାବେ ପ୍ରଚଳିତ ଆଇଏସ୍ ୨୦୬୨ (ଭାଗ ୨): ୨୦୨୬ ହେଉଛି ପ୍ରଥମ ବିଆଇଏସ୍ ମାନକ, ଯାହା ବିଶେଷ ଭାବରେ କ୍ୱେଞ୍ଚଡ୍ ଆଣ୍ଡ ଟେମ୍ପର୍ଡ ଇସ୍ପାତ ପ୍ଲେଟ୍ ପାଇଁ ପ୍ରସ୍ତୁତ କରାଯାଇଛି। ଏକ ସ୍ୱତନ୍ତ୍ର ହିଟ୍-ଟ୍ରିଟମେଣ୍ଟ ପ୍ରକ୍ରିୟା ମାଧ୍ୟମରେ ଉତ୍ପାଦିତ, କ୍ୟୁ ଏବଂ ଟି ଇସ୍ପାତ ଅସାଧାରଣ ଭାବରେ ଉଚ୍ଚ ଶକ୍ତି ଏବଂ ସ୍ଥାୟୀତ୍ୱ ପ୍ରଦାନ କରିବା ସହିତ ହାଲୁକା କିନ୍ତୁ ଅଧିକ ଶକ୍ତିଶାଳୀ ଓ ଅଧିକ ଭାର ବହନକୁ ସକ୍ଷମ କରିଥାଏ। ଏହି ଉତ୍ପାଦଗୁଡ଼ିକ ସେତୁ, ଭାରୀ ଇଞ୍ଜିନିୟରିଂ ଉପକରଣ, ଖଣି ଯନ୍ତ୍ରପାତି, ଅଫଶୋର ଷ୍ଟ୍ରକଚର୍ସ, ସାମୁଦ୍ରିକ ପ୍ରୟୋଗ ଏବଂ ଅନ୍ୟାନ୍ୟ ଆହ୍ୱାନମୂଳକ ଶିଳ୍ପ ପରିବେଶରେ ବ୍ୟାପକ ଭାବରେ ବ୍ୟବହୃତ ହୁଏ, ଯେଉଁଠାରେ ସୁରକ୍ଷା ଏବଂ କାର୍ଯ୍ୟଦକ୍ଷତା ବେଶ ଗୁରୁତ୍ୱପୂର୍ଣ୍ଣ। ଆଇଏସ୍ ୧୯୨୧୦:୨୦୨୫ ମାନକ, ପୂର୍ବରୁ ରଙ୍ଗ କରାଯାଇଥିବା ଜିଙ୍କ୍-ଆଲୁମିନିୟମ୍-ମ୍ୟାଗ୍ନେସିୟମ୍ ଆବରଣଯୁକ୍ତ ଇସ୍ପାତ ଉତ୍ପାଦଗୁଡ଼ିକ ପାଇଁ ଏକ ଗୁଣବତ୍ତା ଢାଞ୍ଚା ନିର୍ଦ୍ଧାରଣ କରିଥାଏ।

## ଦୁଇ ଗିରଫ, ସୁନାଚେନ, କାନରିଙ୍ଗ ଜବତ

ଭୁବନେଶ୍ୱର, (ସବ୍ୟୁ) : ନୂଆପଲ୍ଲୀ ଥାନା ପୋଲିସ ଦୁଇଜଣ ଲୁଟେରାଙ୍କୁ ଗିରଫ କରିବା ସହ ସେମାନେ ଲୁଟ୍ କରିଥିବା ମୂଲ୍ୟବାନ ସୁନାଚେନ ଓ କାନରିଙ୍ଗ ଜବତ କରିଛି । ଗହଣା ସହ ୧୬ ହଜାର ଟଙ୍କା ଓ ଅପରାଧରେ ବ୍ୟବହାର କରୁଥିବା ବାଇକ୍ ଜବତ ହୋଇଛି । ଅଭିଯୋଗକାରିଣୀ ଗତ ମାସ ୨୬ ତାରିଖ ଅପରାହ୍ନରେ ଏକ ଉବେର କମ୍ପାନୀ ବାଇକ୍ ଯୋଗେ ନିଜ ଅଫିସ୍‌କୁ ଯାଉଥିଲେ । ଜୟଦେବବିହାର ସ୍ଥିତ ହୋଟେଲ କ୍ରାଉନ୍ ନିକଟରେ ଦୁଇଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ଅଭିଯୋଗକାରୀଙ୍କ ବେକରୁ ସୁନାଚେନ ଝାମ୍ପିନେଇ ଦ୍ରୁତ ଗତିରେ ପଳାଇଥିଲେ। ନୂଆପଲ୍ଲୀ ଥାନା ପୋଲିସ ଓ ଅନ୍ୟ ଥାନା ପୋଲିସ ମିଳିତ ତଦନ୍ତରୁ ଜଣାପଡିଥିଲା ଯେ, ଭୁବନେଶ୍ୱର, କଟକ ଏବଂ ପୁରୀ ଅଞ୍ଚଳରେ ଏକ ଲୁଟେରା ଗ୍ୟାଙ୍ଗ ସକ୍ରିୟ ଅଛି । ଖୋର୍ଦ୍ଧା ଅଞ୍ଚଳରୁ ଏହି ଗ୍ୟାଙ୍ଗର ସଦସ୍ୟମାନେ ଚୋରା ସ୍ପୋର୍ଟ୍ସ ବାଇକ୍ ବ୍ୟବହାର କରି ମହିଳାମାନଙ୍କୁ ଟାର୍ଗେଟ କରିବା ସହ ଲୁଟ୍‌ପାଟ କରିଥିଲେ ।

### ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିବସ

# ଚୌଦ୍ୱାର-କଟକ ବିଜେପି ପକ୍ଷରୁ ରକ୍ତଦାନ, ପ୍ରଦୀପ ପ୍ରଜ୍ୱଳନ

କଟକ, (ସ୍ୱପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୬ତମ ଜନ୍ମ ଦିବସରେ ଚୌଦ୍ୱାର-କଟକ ବିଜେପି ପକ୍ଷରୁ ଗୁରୁବାର ଶହଶହ ସଂଖ୍ୟାରେ କର୍ମୀ ଭୁବନେଶ୍ୱର ପ୍ରଦର୍ଶନୀ ପଡିଆ ଅଭିମୁଖେ ଯାଇ ରକ୍ତଦାନ କରିବା ସହିତ ସନ୍ଧ୍ୟାରେ ସ୍ଥାନୀୟ କଲେଜଛକ ସ୍ଥିତ ମା' ଦଶମୀ ତାରିଣୀ ମନ୍ଦିରରେ ଦୀପଦାନ କରିଥିଲେ । ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀ ପକ୍ଷରୁ ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ନେତୃତ୍ୱରେ ପୂର୍ବତନ ମଣ୍ଡଳ ସଭାପତି ମନୋରଞ୍ଜନ ସାହୁଙ୍କ ସଭାପତିତ୍ୱରେ ନିର୍ବାଚନ ମଣ୍ଡଳୀର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱର୍ ଦଳୀୟ କର୍ମୀ, ସମର୍ଥକ ତଥା ସ୍ଥାନୀୟ ଜନସାଧାରଣ ଏକତ୍ରୀତ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଉପଲକ୍ଷେ ସାମୂହିକ ପ୍ରାର୍ଥନା ସହ ପ୍ରଧାନମନ୍ତ୍ରୀଙ୍କ ଦୀର୍ଘ ଜୀବନ କାମନା କରି ଆଶୀର୍ବାଦ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ଏହି ଅବସରରେ ଡଃ ବିଶ୍ୱାଳ ପ୍ରଧାନମନ୍ତ୍ରୀ ମୋଦୀଜୀଙ୍କ ନେତୃତ୍ୱରେ ଭାରତ ବିକାଶର ଏକ ନୂତନ ଶିଖର ଛୁଇଁଛି । ସମାଜର ଶେଷ ଧାଡ଼ିରେ ଥିବା ଲୋକଙ୍କ ସେବା କରିବା ଏବଂ ଗରିବ କଲ୍ୟାଣ ତାଙ୍କର ପ୍ରମୁଖ ଲକ୍ଷ୍ୟ । ତାଙ୍କ ଜୀବନ ଓ ଆଦର୍ଶରୁ ପ୍ରେରଣା ନେଇ ଦଳର କାର୍ଯ୍ୟକର୍ତ୍ତା ମାନେ ନିରନ୍ତର ସମାଜ ସେବାରେ ନିଜକୁ ନିୟୋଜିତ




କରିବାକୁ ସେ ସଂକଳ୍ପ କରିଥିଲେ । ସେପେଟମ୍ବର ୧୭ ତାରିଖରୁ ଅକେଟାବର ୧୭ ତାରିଖ ପର୍ଯ୍ୟନ୍ତ 'ସେବାସଂକଳ୍ପ ଅଭିଯାନ' ଜାରି ରହିବ । ଏହି କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା ସମ୍ପାଦକ ଜୟଦେବ ପୃଷ୍ଟି, ଡଃ ଦୀନେଶ ସାହୁ, ମନୋରଞ୍ଜନ ସାହୁ, ଦୀପ୍ତି ସ୍ୱାଇଁ, ଅମ୍ବିକା ସାମଲ, ରଞ୍ଜିତା ନାୟକ, ବିଶ୍ୱମ୍ଭର ପ୍ରଧାନ, ମନୋରଞ୍ଜନ ସାହୁ, ମଦନ ମୋହନ ସାହୁ, ସୋନିକା ପଣ୍ଡା, ବାସନ୍ତୀ ସାହୁ, ଜଗନ୍ନାଥ ବେହେରା, ଲକ୍ଷ୍ମୀଧର ମହାନ୍ତି, କର୍ପୋରେଟର ପଦ୍ମିନୀ ସାହୁ, ବରିଷ୍ଠ ନେତୃତ୍ୱ ପ୍ରମୋଦ ସାହୁ, ଡଃ ମିନାକ୍ଷୀ ମହାପାତ୍ର, ଲକ୍ଷ୍ମଣ ରାଉତ, ସଞ୍ଜୟ ଜେନା, ଆଶିଷ କୁମାର ସ୍ୱାଇଁ, ଦିଲ୍ଲୀପ କୁମାର ସାହୁ, ପୁଷ୍ପଲତା ସାହୁ, କବିତାରାଣୀ ଲେଙ୍କା, ସସ୍ମିତା ନାୟକ, ସବିତା ନାୟକ ଦାସଙ୍କ ସମେତ ବହୁ ସଂଖ୍ୟାରେ କର୍ମୀମାନେ ଉପସ୍ଥିତ ଥିଲେ ।

# ବିଦ୍ୟାଳୟ ସ୍ୱୀକୃତି ଆବେଦନ ତାରିଖ ୨୭ ତାରିଖକୁ ବୃଦ୍ଧି

କଟକ, (ସବ୍ୟୁ) : ରାଜ୍ୟର ବିଭିନ୍ନ ବିଦ୍ୟାଳୟ ଗୁଡ଼ିକର ଅନୁରୋଧକୁ ଦୃଷ୍ଟିରେ ରଖି ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ବିଦ୍ୟାଳୟ ଗୁଡିକର ସ୍ୱୀକୃତି ନବୀକରଣ , ନୂତନ ଆବେଦନ ପାଇଁ ଅନଲାଇନ୍ ଆବେଦନର ସମୟସୀମାକୁ ବୃଦ୍ଧି କରାଯାଇଛି। ବୋର୍ଡ କର୍ତ୍ତୃପକ୍ଷଙ୍କ ସୂଚନା ଅନୁସାରେ, ଏହି ଆବେଦନର ଶେଷ ତାରିଖକୁ ଆସନ୍ତା ସେପ୍ଟେମ୍ବର ୨୭ ମଧ୍ୟରାତ୍ରି ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି। ପରେ ଆଉ କୌଣସି ପରିସ୍ଥିତିରେ ସମୟସୀମା ବୃଦ୍ଧି କରାଯିବ ନାହିଁ ବୋଲି ବୋର୍ଡ ସଭାପତି ସ୍ପଷ୍ଟ କରିଛନ୍ତି।

# ସେବା ସଂକଳ୍ପ ଅଭିଯାନ ଉପଲକ୍ଷେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ

ଭୁବନେଶ୍ୱର, (ସବ୍ୟୁ): ସେବ ସଂକଳ୍ପ ଅଭିଯାନ ଅବସରରେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବ । ସେପ୍ଟେମ୍ବର ୧୭ ତାରିଖରୁ ଅକ୍ଟୋବର ୧୭ ତାରିଖ ପର୍ଯ୍ୟନ୍ତ ଏକ ମାସ ବ୍ୟାପି ଏହି ଅଭିଯାନରେ ରାଜ୍ୟର ଖାଦ୍ୟ ସୁରକ୍ଷା ଯୋଜନାର ହିତାଧିକାରୀମାନଙ୍କୁ ବିଭିନ୍ନ ସୁବିଧାସୁଯୋଗ ଉପଲବ୍ଧ କରାଇବା ସହ ସେବା ଯୋଗାଇଦେବା ପାଇଁ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ଏହି ଅଭିଯାନ ଉପଲକ୍ଷେ ବିଭାଗୀୟ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏ ସଂକ୍ରାନ୍ତୀୟ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏହି ବୈଠକରେ ରାଜ୍ୟ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଓ ବିଭାଗୀୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି ବୈଠକର ନିଷ୍ପତ୍ତି ଅନୁଯାୟୀ ଚଳିତ ମାସ ୨୦ରୁ ୨୭ ତାରିଖ ପର୍ଯ୍ୟନ୍ତ ସାଧାରଣ ବଣ୍ଟନ ବ୍ୟବସ୍ଥାର ହିତାଧିକାରୀଙ୍କ ମଧ୍ୟରେ ବଣ୍ଟନ ପ୍ରକ୍ରିୟା, ଖାଦ୍ୟଶସ୍ୟ ପରିମାଣ, ଅଭିଯୋଗ ସମାଧାନ ସଚେତନତା ଓ ସରକାରୀ ସୁଲଭ ମୂଲ୍ୟ ଦୋକାନ ସଂପର୍କିତ ସୂଚନା ବାବଦରେ ସଚେତନତା ସୃଷ୍ଟି କରାଯିବ । ସେହିଭଳି ଚଳିତ ମାସ ୨୬ରୁ ୩୦ ତାରିଖ ମଧ୍ୟରେ ସେବାସେତୁ କାର୍ଯ୍ୟକ୍ରମ ଆୟୋଜନ କରାଯାଇ




ରାସନ କାର୍ଡ ସହ ଆଧାର ଓ ମୋବାଇଲ୍ ନମ୍ବର ସଂଯୋଗୀକରଣ, ଇ-କେୱାଇସି ଆଦି ସଂପର୍କିତ ପଡ଼ି ରହିଥିବା ଅଭିଯୋଗଗୁଡ଼ିକର ତ୍ୱରିତ ସମାଧାନ ପାଇଁ ବିଭାଗ ପକ୍ଷରୁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ । ଏଥି ସହ ସେପ୍ଟେମ୍ବର ୨୮ରୁ ଅକ୍ଟୋବର ୩ ତାରିଖ ମଧ୍ୟରେ ରାସନ କାର୍ଡ ସମ୍ବନ୍ଧୀୟ ସମସ୍ୟା, ପରିବାର ସଦସ୍ୟଙ୍କ ନାମ ଯୋଗ ସଂଶୋଧନ ପାଇଁ ରାସନ କାର୍ଡ ଓ ପିଡ଼ିଏସ୍ ସେବା ଶିବିର ଆୟୋଜନ କରାଯିବ ।

ଏତଦ୍‌ବ୍ୟତୀତ ଅକ୍ଟୋବର ୪ରୁ ୮ ତାରିଖ ମଧ୍ୟରେ ସରକାରୀ ସୁଲଭ ମୂଲ୍ୟ ଦୋକାନଗୁଡ଼ିକରେ ମହଜୁଦ ଖାଦ୍ୟଶସ୍ୟର ପରିମାଣ, ଦର ଓ ବଣ୍ଟନ ରେକର୍ଡ ଯାଞ୍ଚ, ଇ-ପସ୍ ତଥ୍ୟ ଓ ବାସ୍ତବ ବଣ୍ଟନ ଯାଞ୍ଚ କରାଯିବ । କୌଣସି ଅନିୟମିତତା ନଜରକୁ ଆସିଲେ ନିୟମାନୁସାରେ ପଦକ୍ଷେପ ଗ୍ରହଣ କରାଯିବ । ସେହିପରି ଅକ୍ଟୋବର ୯ରୁ ୧୨ ତାରିଖ ମଧ୍ୟରେ ରାସନ୍ ନ ମିଳିବା, କମ୍ ଓଜନ ଓ ଅନିୟମିତତା ଅଭିଯୋଗ ଗ୍ରହଣ କରିବା ପ୍ରକ୍ରିୟା ଏବଂ ପୂର୍ବରୁ ଥିବା ଅଭିଯୋଗଗୁଡ଼ିକର ସ୍ଥିତାବସ୍ଥା ସଂପର୍କରେ ଅବଗତ କରାଇବା ପାଇଁ ଅଭିଯୋଗ ନିବାରଣ ଓ ସହାୟତା ଶିବିର ଆୟୋଜନ କରାଯିବା ପାଇଁ ବିଭାଗ ପକ୍ଷରୁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଅକ୍ଟୋବର ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ସାଧାରଣ ବଣ୍ଟନ ବ୍ୟବସ୍ଥାରୁ ବଞ୍ଚିତ ଯୋଗ୍ୟ ପରିବାର ଓ ହିତାଧିକାରୀ ଚିହ୍ନଟ, ଆବଶ୍ୟକ ଯାଞ୍ଚ ପରେ ଯୋଗ୍ୟସେବା ପ୍ରଦାନ ପାଇଁ ବିଭିନ୍ନ ପଦକ୍ଷେପ ନିଆଯିବ । ଉକ୍ତ ସେବା ସଂକଳ୍ପ ଅଭିଯାନର ଶେଷ ଦୁଇଦିନ ଅକ୍ଟୋବର ୧୬ ଓ ୧୭ ତାରିଖରେ ହିତାଧିକାରୀମାନଙ୍କୁ ମିଳିଥିବା ସେବାର ସମୀକ୍ଷା କରାଯାଇ ବିଭାଗ ପକ୍ଷରୁ ମିଳିଥିବା ଜିଲ୍ଲାୱାରୀ ରିପୋର୍ଟ ଅନୁଯାୟୀ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ । ଉକ୍ତ ଅଭିଯାନ ଖାଦ୍ୟଯୋଗାଣ ବିଭାଗ, ଜିଲ୍ଲା ଯୋଗାଣ ଓ ନିରୀକ୍ଷଣ ଅଧିକାରୀ, ଜିଲ୍ଲା ପ୍ରଶାସନ, ସ୍ୱାୟତ୍ତ ଶାସନ ସଂସ୍ଥା ଓ ବ୍ଲକ୍ ପ୍ରଶାସନର ମିଳିତ ଆନୁକୂଲ୍ୟରେ ଆୟୋଜିତ ହେବ ।

### ଗଣେଶ ପୂଜା ଭସାଣି ପାଇଁ ଦେବୀଗଡ଼ା ଅସ୍ଥାୟୀ ପୋଖରୀର ସମୀକ୍ଷା

# ଶାନ୍ତିଶୃଙ୍ଖଳା ସହ ମୂର୍ତ୍ତି ବିସର୍ଜନ ଉପରେ ଗୁରୁତ୍ୱ

କଟକ,(ସବ୍ୟୁ):ଆସନ୍ତା ରବିବାର ଚଳିତ ବର୍ଷର ପ୍ରଥମ ପର୍ଯ୍ୟାୟ ଗଣେଶ ପୂଜା ଭସାଣି ଅନୁଷ୍ଠିତ ହେବାକୁ ଥିବାବେଳେ, ଏହାକୁ ଶାନ୍ତିଶୃଙ୍ଖଳା ଓ ସୁଚାରୁ ଭାବେ ସମ୍ପନ୍ନ କରିବା ନିମନ୍ତେ କଟକ ମହାନଗର ନିଗମ ପକ୍ଷରୁ ପ୍ରସ୍ତୁତି ଜୋରଦାର କରାଯାଇଛି। ଏହି ପରିପ୍ରେକ୍ଷୀରେ ଆଜି ସକାଳ ୧୦ଟା ସମୟରେ କଟକ ମେୟର ସୁବାସ ସିଂହ, କଟକ ମହାନଗର ନିଗମ କମିଶନର ସୁଶ୍ରୀ କିରଣଦୀପ କୌର ସହୋତା, ସ୍ଥାନୀୟ କର୍ପୋରେଟର ଓ ଶାନ୍ତି କମିଟିର ସଦସ୍ୟମାନେ ଦେବୀଗଡ଼ାସ୍ଥିତ ଭସାଣି ସ୍ଥଳ ପରିଦର୍ଶନ କରି ସମୀକ୍ଷା କରିଥିଲେ। ଗଣେଶ ମୂର୍ତ୍ତି ବିସର୍ଜନ ନିମନ୍ତେ ଦେବୀଗଡ଼ାଠାରେ ନିର୍ମିତ ଅସ୍ଥାୟୀ ପୋଖରୀ, ଏହାର ଚାରିପାଖର ପରିମଳ ବ୍ୟବସ୍ଥା, ସ୍ୱଚ୍ଛତା, ଆଲୋକୀକରଣ ଓ ଯାତାୟାତ ନିମନ୍ତେ ନିର୍ମିତ ଅସ୍ଥାୟୀ ରାସ୍ତାର ମେୟର ଓ କମିଶନର ସମୀକ୍ଷା କରିଥିଲେ। ଅସ୍ଥାୟୀ ପୋଖରୀରେ ପର୍ଯ୍ୟାପ୍ତ ପରିମାଣର ପାଣି ମହଜୁଦ ରଖିବା ସହ ଭସାଣି ସମୟରେ ଯେପରି କୌଣସି ପ୍ରକାର ଅସୁବିଧା ନ ହୁଏ, ସେଥିପ୍ରତି ଧ୍ୟାନ ଦେବାକୁ ମେୟର ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।ସମସ୍ତ ମୂର୍ତ୍ତି ଯେପରି ବିନା ବାଧାବିଘ୍ନରେ ଓ ନିରାପଦ ଭାବେ ବିସର୍ଜନ ହୋଇପାରିବ, ସେଥିପାଇଁ ଭସାଣି ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀମାନଙ୍କୁ ସତର୍କ ରହିବାକୁ କୁହାଯାଇଥିଲା। ଏଥିସହ ଭସାଣି ସ୍ଥଳରେ ପର୍ଯ୍ୟାପ୍ତ ଆଲୋକ ବ୍ୟବସ୍ଥା, ସ୍ୱଚ୍ଛତା, ଅଗ୍ନିଶମ ସେବା, ଆପତ୍କାଳୀନ ସେବା ଓ ନିରାପତ୍ତା ବ୍ୟବସ୍ଥା ସୁନିଶ୍ଚିତ କରିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। କଟକ ସହରର ବିଭିନ୍ନ ଅଞ୍ଚଳରେ ଚଳିତ ବର୍ଷ ପ୍ରାୟ ୨,୦୦୦ଟି ଗଣେଶ ମୂର୍ତ୍ତି ପୂଜା ପାଉଛି। ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ମୂର୍ତ୍ତିକୁ ତିନୋଟି ପର୍ଯ୍ୟାୟରେ ବିସର୍ଜନ କରିବା ପାଇଁ ଅନୁରୋଧ କରାଯାଇଛି।

# ରେଳ ଅର୍ବାନ ବ୍ୟାଙ୍କ ଗ୍ରୁପ ସି ପଦବୀ ପାଇଁ ବିଜ୍ଞପ୍ତି ପ୍ରକାଶ

ଜଟଣୀ, (ସବ୍ୟୁ): ଅବିଭକ୍ତ ଦ.ପୂ ରେଳପଥ ଅର୍ବାନ କୋପରେଟିଭ ସୋସାଇଟି ଅର୍ବାନବ୍ୟାଙ୍କ ପରିଚାଳନା କମିଟି ପରିବର୍ତ୍ତନ ପ୍ୟାନେଲର



ଚେୟାରମ୍ୟାନ ଶୈଳେନ୍ଦ୍ର ପ୍ରତାପ ସିଂହଙ୍କ ଅଧ୍ୟକ୍ଷତାରେ ଗତ ବାର ତାରିଖ ଦିନ ବୋର୍ଡ ଅଫ ଡାଇରେକ୍ଟର ମିଟିଂ ଅନୁଷ୍ଠିତ ହୋଇଥିଲା। ଆବାହକ ତଥା ପୂର୍ବତଟ ରେଳପଥ ଶ୍ରମିକ କଂଗ୍ରେସର ଜେନେରାଲ ସେକ୍ରେଟାରୀ ରମେଶ ସାହୁଙ୍କ ପ୍ରସ୍ତାବ କ୍ରମେ ବ୍ୟାଙ୍କରେ ଖାଲିଥିବା ୩୫ ଟି ବିଭିନ୍ନ ପଦବୀରେ ଚାକିରୀ ଭର୍ତ୍ତି ପାଇଁ କେବଳ ସେୟାରଧାରକଙ୍କ ପିଲାମାନେ ଆବେଦନ କରିବା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି । ସେଥିରେ କନିଷ୍ଠ କିରାଣୀ ପାଇଁ ୨୫ ଟି ପଦ, ଷ୍ଟେନୋ ଗ୍ରାଫର ପାଇଁ ଗୋଟିଏ , ଆକାଉଣ୍ଟ ଆସିଷ୍ଟାଣ୍ଟ ପାଇଁ ୨ ଟି, କନିଷ୍ଠ ମ୍ୟାନେଜର ପାଇଁ ଗୋଟିଏ , ଡ୍ରାଫଟିଙ୍ଗ ପଦବୀ ପାଇଁ ୫ ଟି ଏବଂ ଅଫିସ ସହାୟକ ପାଇଁ ୨ ଟି ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଛି । ଆବେଦନ କାରି ୧ ସେପ୍ଟେମ୍ବର ୨୫ ପୂର୍ବରୁ ହୋଇଥିବା ସେୟାର ହୋଲଡରଙ୍କ ପିଲା ହୋଇଥିବେ। ଆବେଦନର ଶେଷ ତାରିଖ ୧୬:୧୧:୨୦୨୬ ଅପରାହ୍ନ ୪ ଟା ସୁଦ୍ଧା ଫର୍ମଗୁଡ଼ିକ କାର୍ଯ୍ୟ ଦିବସରେ ସକାଳ ଦଶଟା ରୁ ଅପରାହ୍ନ ୪ ଟା ପର୍ଯ୍ୟନ୍ତ ସୋସାଇଟିର ସମସ୍ତ ଶାଖା କାଉଣ୍ଟରରେ ଉପଲବ୍ଧ ଏବଂ ଗ୍ରହଣ କରାଯିବ । ଏହା ଅର୍ବାନ ବ୍ୟାଙ୍କ ଇତିହାସରେ ପ୍ରଥମ କରି ସେୟାର ହୋଲଡର ପିଲାଙ୍କ ପାଇଁ ବିଜ୍ଞପ୍ତି ଜାରି ହୋଇଛି ବୋଲି ଡାଇରେକ୍ଟର ଜଗମୋହନ ଖୁଣ୍ଟିଆ, ନିରଞ୍ଜନ ମିଶ୍ର , ଡ଼େଲିଗେଟ ତଥା ଶ୍ରମିକ କଂଗ୍ରେସ ମିଡିଆ ସେଲ ମୁଖ୍ୟ ଏଲ ଡି ମହାନ୍ତି ସୂଚନା ଦେଇଛନ୍ତି ।

### ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ପାଳନରେ ସରକାରଙ୍କ

# 'ଅତ୍ୟଧିକ ଖର୍ଚ୍ଚ'କୁ ନେଇ ବର୍ଷିଲେ ପିସିସି ସଭାପତି

ଭୁବନେଶ୍ୱର, (ସବ୍ୟୁ): ପିସିସି ସଭାପତି ଭକ୍ତ ଚରଣ ଦାସ ବିଜେପି ନେତୃତ୍ୱାଧୀନ ସରକାରଙ୍କ ବିରୋଧରେ ତୀବ୍ର ସମାଲୋଚନା କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ପାଳନ ପାଇଁ ସାରା ଦେଶରେ ଆୟୋଜିତ ବ୍ୟାପକ ସରକାରୀ ଉତ୍ସବ ଓ ଆଡ଼ମ୍ବରକୁ ସେ କଡ଼ା ଭାବେ ସମାଲୋଚନା କରିଛନ୍ତି । ଏହି ଉତ୍ସବକୁ ରାଜ୍ୟ ଯନ୍ତ୍ରଣାର ଅଗ୍ରହଣୀୟ ଅପବ୍ୟବହାର ବୋଲି ଅଭିହିତ କରି ଓଡ଼ିଶା କଂଗ୍ରେସ ସଭାପତି କହିଛନ୍ତି ଯେ, ଏକ ଗଣତାନ୍ତ୍ରିକ ସରକାର ନିଜକୁ କୌଣସି ଜଣେ ବ୍ୟକ୍ତିଙ୍କ ପ୍ରଚାର ସଂସ୍ଥାରେ ପରିଣତ କରିବା ଉଚିତ ନୁହେଁ । ଏପଟେ ଲକ୍ଷ ଲକ୍ଷ ନାଗରିକ ବେକାରି, ବଢୁଥିବା ମୁଦ୍ରାସ୍ଫୀତି ଓ ଗୁରୁତର କୃଷି ସଙ୍କଟର ସମ୍ମୁଖୀନ ହେଉଛନ୍ତି । ସେ କହିଛନ୍ତି, ସାଧାରଣ ଲୋକ ଯେତେବେଳେ ନିଜ ଜୀବନ ଚଳାଇବା ପାଇଁ ସଂଘର୍ଷ କରୁଛନ୍ତି, ସେତେବେଳେ ସରକାର ଅଭୂତପୂର୍ବ ଆତ୍ମପ୍ରଚାରରେ ଲିପ୍ତ ହେବାକୁ ବାଛିଛନ୍ତି । ଜନ୍ମଦିନ ଏକ ବ୍ୟକ୍ତିଗତ ଓ ନିଜସ୍ୱ ମୁହୂର୍ତ୍ତ । ଏହାକୁ ଟିକସଦାତାଙ୍କ ଟଙ୍କାରେ ଏକ ସରକାରୀ ଉତ୍ସବରେ ପରିଣତ କରିବା ଦେଶର ଗଣତନ୍ତ୍ର ପ୍ରତି ସିଧାସଳଖ ଅପମାନ । ଏହି ଉତ୍ସବଗୁଡ଼ିକୁ ଚାଲୁ ରଖିବା ପାଇଁ ସରକାରୀ ରାଜକୋଷ ଉପରେ ପଡୁଥିବା ବ୍ୟାପକ ଆର୍ଥିକ ବୋଝ ନେଇ ପିସିସି ସଭାପତି ଗଭୀର ଉଦବେଗ ପ୍ରକାଶ କରିଛନ୍ତି । ତାଙ୍କ ଅଭିଯୋଗ ଅନୁଯାୟୀ, ରାଜ୍ୟବ୍ୟାପୀ ବିଜ୍ଞାପନ ଅଭିଯାନ, ହୋର୍ଡିଂ, ପ୍ରାୟୋଜିତ ପ୍ରଦର୍ଶନୀ ଏବଂ ପ୍ରଚାରମୂଳକ କାର୍ଯ୍ୟକ୍ରମ ପାଇଁ ସରକାରୀ ଅର୍ଥରୁ ଶହ ଶହ କୋଟି ଟଙ୍କା ବ୍ୟୟ କରାଯାଉଛି ।

# କ୍ରିମିନାଲ କୋର୍ଟସ୍ ବାର ଆସୋସିଏସନ ୱାଇଫାଇ ସୁବିଧା ଉଦ୍‌ଘାଟିତ

କଟକ,(ସବ୍ୟୁ): ସମ୍ପୂର୍ଣ୍ଣ ୱାଇଫାଇ ହୋଇଛି କଟକ କ୍ରିମିନାଲ କୋର୍ଟସ ବାର ଆସୋସିଏସନ। କ୍ରିମିନାଲ କୋର୍ଟସ ବାର ସଭାପତି ବାଦଲ ଚନ୍ଦ୍ର ରାୟଙ୍କ ସଭାପତିତ୍ୱ ଓ ସମ୍ପାଦକ ଗଦାଧର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉଦଘାଟନ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଜଷ୍ଟିସ ଭି. ନରସିଂହ ଯୋଗଦେଇ ସମ୍ପୂର୍ଣ୍ଣ ୱାଇଫାଇ ସୁବିଧାର ଉଦଘାଟନ କରିଥିଲେ । ଏହି ଉଦଘାଟନ ଉତ୍ସବରେ କ୍ରିମିନାଲ କୋର୍ଟସ ବାର ଆସୋସିଏସନର ଉପସଭାପତି ଆଇନଜୀବୀ ତାପସ କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏଥିରେ ଆଇନଜୀବୀ ସୌର ଚନ୍ଦ୍ର ମହାପାତ୍ର, ଅକ୍ଷୟ କୁମାର ପତି,ଅକ୍ଷୟ କୁମାର ନାୟକ, ସୁବାସ ମହାନ୍ତି, ସ୍ମୃତି ରଞ୍ଜନ ରାଉତ,ଶୁଭେନ୍ଦୁ ମହାନ୍ତି, ଶୁଭ୍ରାଂଶୁ ଶେଖର ମହାନ୍ତି, ଲକ୍ଷ୍ମୀପ୍ରିୟା ସାହୁ, ସନ୍ଧ୍ୟାରାଣୀ ଦାଶ, ସମରେନ୍ଦ୍ର ମହାନ୍ତି, ବିଜୟ କୁମାର ସାହୁ, ପ୍ରଦୀପ୍ତ କୁମାର ମହାନ୍ତି, ପ୍ରତୀକ୍ଷା ରଥ ପ୍ରମୁଖ ବହୁ ଆଇନଜୀବୀ ଅଂଶଗ୍ରହଣ କରିଥିଲେ ।

### ପ୍ରଧାନମନ୍ତ୍ରୀଙ୍କ ୭୬ତମ ଜନ୍ମ ଦିବସ

# ଆଇଟି ସଂଯୋଜିକା ରଞ୍ଜିତା ନାୟକଙ୍କ ନେତୃତ୍ୱରେ ଦୀପଦାନ



କଟକ, (ସ୍ୱପ୍ର) : ରାଜ୍ୟ ଓବିସି ମୋର୍ଚ୍ଚା ଆଇଟି ସଂଯୋଜିକା ରଞ୍ଜିତା ନାୟକଙ୍କ ନେତୃତ୍ୱରେ ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ଭାଇ ମୋଦୀଙ୍କ ୭୬ତମ ଜନ୍ମ ଦିବସ ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଛି । ଦୀର୍ଘ ୧୫ ବର୍ଷର ସୁଶାସନ ପରିପ୍ରେକ୍ଷୀରେ ସେବାପକ୍ଷ ପାଳନ ହୋଇଛି । ସ୍ଥାନୀୟ କଲେଜଛକ ପାଟରାସାହି ସ୍ଥିତ ଯୁଗୋଳ କିଶୋର ମନ୍ଦିରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୀର୍ଘ ଜୀବନ କାମନା କରି ମହିଳା ମାନଙ୍କ ଦ୍ୱାରା ଦୀପଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅମ୍ବିକା ସାମଲ, ମନୋରଞ୍ଜନ ସାହୁ, ନିତାଇ ଗୌର ମହାନ୍ତି, ଜୟଦେବ ପୃଷ୍ଟି, ଦୀପ୍ତି ସ୍ୱାଇଁ, ଶୋଭାବତୀ କର, ସୁକାନ୍ତି ପଣ୍ଡା, ମେନକା ଚୌଧରୀ, ଲିଲି ବେହେରା, ପୁଷ୍ପାଞ୍ଜଳି ବେହେରା, ପୁଷ୍ପଲତା, ଝୁନିଆ, ଶାନ୍ତିଲତା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

## ବେଦାନ୍ତ ଆଲୁମିନିୟମ ପକ୍ଷରୁ

# ବିଶ୍ୱ ଓଜୋନ ଦିବସ ଅବସରରେ ସ୍ଥାୟୀତ୍ୱମୂଳକ ପଦକ୍ଷେପ

ଭୁବନେଶ୍ୱର, (ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ପକ୍ଷରୁ ଝାରସୁଗୁଡ଼ା, ଲାଞ୍ଜିଗଡ଼ ଓ ବାଲ୍କୋର ବିଭିନ୍ନ କାର୍ଯ୍ୟକ୍ଷେତ୍ରରେ ବିଭିନ୍ନ ସଚେତନତା ଓ ସମୁଦାୟ ସହଭାଗିତାମୂଳକ କାର୍ଯ୍ୟକ୍ରମ ମାଧ୍ୟମରେ ବିଶ୍ୱ ଓଜୋନ ଦିବସ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ୨୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କ ସମେତ ଶିକ୍ଷକ, କର୍ମଚାରୀ ଓ ବ୍ୟବସାୟିକ ସହଯୋଗୀମାନେ ସାମିଲ ହୋଇଥିଲେ। ଦାୟିତ୍ୱପୂର୍ଣ୍ଣ ଶକ୍ତି ବ୍ୟବହାର ଓ ପରିବେଶ ସୁରକ୍ଷା ସମ୍ପର୍କରେ ସଚେତନତା ବୃଦ୍ଧି କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ୨୦୨୬ ମସିହାର ଜାତିସଂଘ ଥିମ୍ 'ଶୀତଳ ପୃଥିବୀ ପାଇଁ ବିଶ୍ୱସ୍ତରୀୟ ପଦକ୍ଷେପ' ଅନୁରୂପ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜଳବାୟୁ ଅନୁକୂଳ ଅଭ୍ୟାସ ଆପଣାଇବା ଏବଂ ଅଧିକ ସ୍ଥାୟୀ ଭବିଷ୍ୟତ ଗଠନରେ ଯୋଗଦାନ ପାଇଁ ଅଂଶଗ୍ରହଣକାରୀଙ୍କୁ ଉତ୍ସାହିତ କରାଯାଇଥିଲା।

ଏହି ଅବସରରେ ବେଦାନ୍ତ ଆଲୁମିନିୟମର ମୁଖ୍ୟ



କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେଶ କୁମାର କହିଛନ୍ତି, "ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ଭାବେ ସ୍ଥାୟୀ ବିକାଶକୁ ଆଗେଇ ନେବା ସହ ପରିବେଶ ଉପରେ ଆମର ପ୍ରଭାବକୁ ସର୍ବନିମ୍ନ କରିବା ଆମର ଦାୟିତ୍ୱ। ଆମର ବିଭିନ୍ନ କାର୍ଯ୍ୟକ୍ଷେତ୍ରରେ ଅକ୍ଷୟ ଶକ୍ତିର ସମନ୍ୱୟ, ସମ୍ପଦର ଦକ୍ଷ ବ୍ୟବହାର ଏବଂ ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ ଦିଗରେ ଆମେ ପଦକ୍ଷେପ ତ୍ୱରାନ୍ୱିତ କରୁଛୁ। ବିଶ୍ୱ ଓଜୋନ ଦିବସ କର୍ମଚାରୀ, ସହଯୋଗୀ ଓ ଯୁବପିଢ଼ିଙ୍କୁ ସାମିଲ କରି ସମୂହଗତ ପଦକ୍ଷେପ କିପରି ଏକ ସୁସ୍ଥ ଗ୍ରହ ଓ ଅଧିକ ସ୍ଥାୟୀ ଭବିଷ୍ୟତ ଗଠନରେ ସହାୟକ ହୋଇପାରିବ, ସେ ସମ୍ପର୍କରେ ସଚେତନ କରିବାର ଏକ ସୁଯୋଗ। ବେଦାନ୍ତ ଆଲୁମିନିୟମର କୋର୍ବାସ୍ଥିତ ସହଯୋଗୀ ସଂସ୍ଥା ବାଲ୍କୋରେ କର୍ମଚାରୀ ଓ ବ୍ୟବସାୟିକ ସହଯୋଗୀମାନଙ୍କୁ ନେଇ ସ୍ଥାୟୀ ଶୀତଳୀକରଣ ବ୍ୟବସ୍ଥା ଓ ଶକ୍ତି-ଦକ୍ଷ ଅଭ୍ୟାସ ସମ୍ପର୍କରେ ସଚେତନତା ଅଧିବେଶନ ଆୟୋଜିତ ହୋଇଥିଲା। 'କୁଲିଂ ଚ୍ୟାଲେଞ୍ଜ'ର ଅଂଶ ଭାବେ ଶକ୍ତି ବ୍ୟବହାର ହ୍ରାସ କରିବା ସହ ପରିବେଶ ସ୍ଥାୟୀତ୍ୱକୁ ସମର୍ଥନ କରୁଥିବା ବ୍ୟବହାରିକ ପଦକ୍ଷେପ ଆପଣାଇବାକୁ ଅଂଶଗ୍ରହଣକାରୀଙ୍କୁ ଉତ୍ସାହିତ କରାଯାଇଥିଲା।

ବେଦାନ୍ତ ଆଲୁମିନିୟମର ଲାଞ୍ଜିଗଡ଼ କାର୍ଯ୍ୟକ୍ଷେତ୍ରରେ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସହଯୋଗରେ ଏହି ଦିବସ ପାଳନ କରାଯାଇଥିଲା। ଏଥିରେ ଛାତ୍ରଛାତ୍ରୀ ଓ କର୍ମଚାରୀମାନେ ଯୋଗଦେଇ ପରିବେଶ ସୁରକ୍ଷା ସମ୍ପର୍କରେ ସଚେତନତାର ବାର୍ତ୍ତା ଦେଇଥିଲେ। ଡିଏଭି ବେଦାନ୍ତ ବିଦ୍ୟାଳୟର ୫୦ରୁ ଅଧିକ ଛାତ୍ରଛାତ୍ରୀ ପୋଷ୍ଟର ତିଆରି ଓ ଚିତ୍ରାଙ୍କନ ପ୍ରତିଯୋଗିତା ମାଧ୍ୟମରେ ଓଜୋନ ସୁରକ୍ଷା ସମ୍ପର୍କରେ ନିଜର ଧାରଣା ପ୍ରକାଶ କରିଥିଲେ। ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ପ୍ରତିଯୋଗୀମାନଙ୍କୁ ରାୟଗଡ଼ା ଅଞ୍ଚଳର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଂଚଳିକ ଅଧିକାରୀ ସମ୍ମାନିତ କରିଥିଲେ। ବିଦ୍ୟାଳୟ ପରିସର ବାହାରେ ମଧ୍ୟ ଏହି ସଚେତନତାକୁ ବ୍ୟାପକ କରିବା ଉଦ୍ଦେଶ୍ୟରେ କର୍ମଚାରୀମାନଙ୍କ ପାଇଁ ବିଶ୍ୱସ୍ତରୀୟ ପରିବେଶ ପଦକ୍ଷେପ ଓ ସ୍ଥାୟୀ ଭବିଷ୍ୟତ ଗଠନରେ ବ୍ୟକ୍ତିଗତ ପଦକ୍ଷେପର ଭୂମିକା ସମ୍ପର୍କରେ ସଚେତନତା ଅଧିବେଶନ ଆୟୋଜିତ ହୋଇଥିଲା। ଏହାର ଶେଷରେ ଦାୟିତ୍ୱପୂର୍ଣ୍ଣ ପରିବେଶୀୟ ଅଭ୍ୟାସ ଆପଣାଇବା ପାଇଁ ସମସ୍ତେ ଶପଥ ନେଇଥିଲେ।

# ନିରାପତ୍ତା ପରିଷଦର ସଂସ୍କାର ଜରୁରୀ: ମହାସଚିବ



**ନୂଆଦିଲ୍ଲୀ:** ବାରମ୍ବାର ଅନ୍ତର୍ଜାତୀୟ ଆଇନ ଭଙ୍ଗ କରୁଥିବା ବିଶ୍ୱର ପ୍ରମୁଖ ମହାଶକ୍ତିମାନେ ନିରାପତ୍ତା ପରିଷଦରେ ବସିଛନ୍ତି, ଯାହା ଏହି ସଂସ୍ଥାକୁ ଅଚଳ କରିଦେଇଛି। ତେଣୁ ୧୫ଟି ଦେଶ ରହିଥିବା ନିରାପତ୍ତା ପରିଷଦର ସଂସ୍କାର ଏବଂ କ୍ଷମତାର ପୁନଃବଣ୍ଟନ ପ୍ରାଥମିକତା ହେବା ଆବଶ୍ୟକ ବୋଲି ମିଳିତ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ କହିଛନ୍ତି। ଜାତିସଂଘ ସାଧାରଣ ସଭାର ୮୧ତମ ଅଧିବେଶନର ଉଚ୍ଚସ୍ତରୀୟ ସପ୍ତାହ ଆରମ୍ଭ ପୂର୍ବରୁ ସାମ୍ବାଦିକ ସମ୍ମିଳନୀରେ ସେ ଏହି ସୂଚନା ଦେଇଛନ୍ତି। ସାଂପ୍ରତିକ ନିରାପତ୍ତା ପରିଷଦ ଏବେ ଅସ୍ୱୀକାରଯୋଗ୍ୟ ବୋଲି ସେ ଦର୍ଶାଇଛନ୍ତି।

ମହାସଚିବ କହିଛନ୍ତି ଯେ, ବଡ଼ ଶକ୍ତିମାନଙ୍କର ଖରାପ ଉଦାହରଣ ଏବଂ ଆଇନ ଉଲ୍ଲଂଘନ ଯୋଗୁ ଅନେକ ରାଷ୍ଟ୍ର ଅନ୍ତର୍ଜାତୀୟ ଆଇନ ଏବଂ ମାନବାଧିକାର ନିୟମ ଭଙ୍ଗ କରି ମନମୁଖୀ କାର୍ଯ୍ୟ କରୁଛନ୍ତି। ଆଜିର ସମୟରେ ବିଶ୍ୱ ଅର୍ଥନୀତିରେ ବିକଶିତ ଦେଶଗୁଡ଼ିକର ଭାଗିଦାରୀ କମୁଥିବା ବେଳେ ଉଦୀୟମାନ ଅର୍ଥବ୍ୟବସ୍ଥାର ପ୍ରଭାବ ବୃଦ୍ଧି ପାଉଛି। କ୍ଷମତାର ଏହି ପୁନଃବଣ୍ଟନ ପାଇଁ ବହୁପାକ୍ଷିକ ଅନୁଷ୍ଠାନ, ବିଶେଷ କରି ଜାତିସଂଘ ନିରାପତ୍ତା ପରିଷଦର ସଂସ୍କାର ଅତ୍ୟନ୍ତ ଜରୁରୀ।

ସେପ୍ଟେମ୍ବର ୨୨ରୁ ଆରମ୍ଭ ହେବାକୁ ଥିବା ଜାତିସଂଘର ଏହି ବାର୍ଷିକ ସାଧାରଣ ସଭାରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସମେତ ବିଶ୍ୱର ଅନେକ ନେତା ଯୋଗଦେବେ। ଆଗାମୀ ଡିସେମ୍ବରରେ ଗୁଟେରସ୍ଙ୍କ ଦ୍ୱିତୀୟ ୫ ବର୍ଷିଆ କାର୍ଯ୍ୟକାଳ ଶେଷ ହେବାକୁ ଯାଉଛି। ନିଜର ୧୦ ବର୍ଷର ଅନୁଭୂତିରୁ ସେ କହିଛନ୍ତି ଯେ, ବିଶ୍ୱ ବହୁଧ୍ରୁବୀୟ ହେଉଥିବାରୁ ଶାନ୍ତି, ବିକାଶ ଓ ମାନବାଧିକାର ରକ୍ଷା ପାଇଁ ଏହି ଅନୁଷ୍ଠାନଗୁଡ଼ିକର ସଂସ୍କାର ଅପରିହାର୍ଯ୍ୟ।

## ଦିଲ୍ଲୀ ଏସ୍ଆଇଆର୍ ବିବାଦ ୨୧ରେ ପରବର୍ତ୍ତୀ ଶୁଣାଣି

**ନୂଆଦିଲ୍ଲୀ:** ଦିଲ୍ଲୀରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍ଆଇଆର୍)ରେ ୪୭ ଲକ୍ଷ ଭୋଟରଙ୍କ ନାଁ କଟିବା ଉପରେ ଶୁଣାଣି ପାଇଁ ହୋଇଥିବା ଏକ ଆବେଦନର ବିଚାର କରିବାକୁ ସୁପ୍ରିମକୋର୍ଟ ଗୁରୁବାର ରାଜି ହୋଇଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ବିଚାରପତି ଜଷ୍ଟିସ ଜୟମାଲ୍ୟ ବାଗଚୀ ଓ ଜଷ୍ଟିସ ଭି ମୋହନାଙ୍କ ଖଣ୍ଡପୀଠ କହିଛନ୍ତି ଯେ, ଏହା ସୋମବାର ମାମଲାର ଶୁଣାଣି କରିବ, କାରଣ ଏସ୍ଆଇଆର୍ ସମ୍ପର୍କିତ ଅନ୍ୟାନ୍ୟ ବିଷୟଗୁଡ଼ିକର ମଧ୍ୟ ଆସନ୍ତା ସପ୍ତାହରେ ଶୁଣାଣି ପାଇଁ ତାଲିକାଭୁକ୍ତ ହୋଇଛି। ଆବେଦନକାରୀ ଅଞ୍ଜଳି ଭରଦ୍ୱାଜ ଓ ଅମ୍ରିତା ଜୋହରୀଙ୍କ ପକ୍ଷରୁ ଓକିଲ ପ୍ରଶାନ୍ତ ଭୂଷଣ ସୁପ୍ରିମକୋର୍ଟରେ ଉପସ୍ଥାପନ କରିଥିଲେ ଯେ ଦିଲ୍ଲୀରେ ଭୋଟର ତାଲିକାରୁ ନାମ ବାଦ ଦିଆଯାଇଥିବା ୪୭ ଲକ୍ଷ ଲୋକଙ୍କ ମଧ୍ୟରୁ ନିର୍ବାଚନ ପ୍ୟାନେଲ ୩୩ ଲକ୍ଷ ଲୋକଙ୍କୁ ନୋଟିସ ଜାରି କରିଛି।

### ସିବିଏସ୍ଇ ତ୍ରି-ଭାଷା ନୀତି

# ଷଷ୍ଠ ଶ୍ରେଣୀ ଶିକ୍ଷାର୍ଥୀଙ୍କୁ ବିକଳ୍ପ ସୁଯୋଗ ଦେବାକୁ ପରାମର୍ଶ



**ନୂଆଦିଲ୍ଲୀ:** କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସଇ) ଦ୍ୱାରା ପ୍ରଣୀତ "ତ୍ରି-ଭାଷା ନୀତି" (ଥ୍ରୀ-ଲାଙ୍ଗୁଏଜ୍ ପଲିସି) ଲାଗୁ କରିବା ନେଇ ଗୁରୁବାର ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇଛନ୍ତି। ଚଳିତ ଶିକ୍ଷାବର୍ଷରେ ଷଷ୍ଠ ଶ୍ରେଣୀରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ପାଇଁ ଏହି ନୂତନ ଭାଷା ନୀତିକୁ ବାଧ୍ୟତାମୂଳକ ନକରି ଏଥିରୁ ଆଂଶିକ ଛାଡ଼ କିମ୍ବା ସ୍ୱେଚ୍ଛାକୃତ ବିକଳ୍ପ ପ୍ରଦାନ କରିବାକୁ ସୁପ୍ରିମକୋର୍ଟ କେନ୍ଦ୍ର ସରକାର ଓ ସିବିଏସଇକୁ ପରାମର୍ଶ ଦେଇଛନ୍ତି। ଏହାଦ୍ୱାରା ଶିକ୍ଷାର୍ଥୀ ଏବଂ ସେମାନଙ୍କ ଅଭିଭାବକମାନେ ନୂତନ ପାଠ୍ୟକ୍ରମ ସହ ନିଜକୁ ଖାପଖୁଆଇବା ପାଇଁ ପର୍ଯ୍ୟାପ୍ତ ସମୟ ପାଇପାରିବେ। ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟ କାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଓ ବିଚାରପତି ଭି. ମୋହନାଙ୍କୁ ନେଇ ଗଠିତ ତିନିଜଣିଆ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି କହିଛନ୍ତି ଯେ, ଶିକ୍ଷାର୍ଥୀମାନଙ୍କ ମାନସିକ ଚାପ କମାଇବା ଓ ସେମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଏହି ପ୍ରସ୍ତାବ ଦିଆଯାଉଛି। ତେବେ ଏହା ନୀତିର ବୈଧତା ଉପରେ କୌଣସି ଅନ୍ତିମ ନିଷ୍ପତ୍ତି ନୁହେଁ। କୋର୍ଟଙ୍କ ପ୍ରସ୍ତାବ ଅନୁସାରେ, ତୃତୀୟ ଭାଷାର ବାଧ୍ୟତାମୂଳକ ନିୟମକୁ ପରବର୍ତ୍ତୀ ଶିକ୍ଷାବର୍ଷରୁ କାର୍ଯ୍ୟକାରୀ କରାଯାଇପାରେ। ସେହିପରି ଯେଉଁ ଶିକ୍ଷାର୍ଥୀମାନେ ଚଳିତ ବର୍ଷରୁ ହିଁ ତିନୋଟି ଭାଷା ପଢ଼ିବାକୁ ଆଗ୍ରହୀ, ସେମାନଙ୍କୁ ସେହି ସୁଯୋଗ ମଧ୍ୟ ଦିଆଯିବା ଉଚିତ୍।

ସିବିଏସଇ ପକ୍ଷରୁ ମାମଲା ପରିଚାଳନା କରୁଥିବା ଅତିରିକ୍ତ ସଲିସିଟର ଜେନେରାଲ୍ ଐଶ୍ୱର୍ଯ୍ୟା ଭାଟି କୋର୍ଟଙ୍କୁ ଜଣାଇଛନ୍ତି ଯେ, ବୋର୍ଡ ଏହି ପରାମର୍ଶ ଉପରେ ଗମ୍ଭୀରତାର ସହ ବିଚାର କରି ନିଜର ପକ୍ଷ ରଖିବ। ସୂଚନାଯୋଗ୍ୟ ଯେ, ସିବିଏସଇର ନୂଆ ଫ୍ରେମୱାର୍କ ଅନୁସାରେ ନବମ ଶ୍ରେଣୀ ଶିକ୍ଷାର୍ଥୀଙ୍କ ପାଇଁ ତିନୋଟି ଭାଷା (ଯେଉଁଥିରେ ଅନ୍ତତଃ ଦୁଇଟି ଭାରତୀୟ ଭାଷା) ଏବଂ ଷଷ୍ଠ ଶ୍ରେଣୀ ପାଇଁ ଦୁଇଟି ଭାରତୀୟ ଭାଷା ପଢ଼ିବା ବାଧ୍ୟତାମୂଳକ କରାଯାଇଛି। ବୋର୍ଡ ପକ୍ଷରୁ ଓଡ଼ିଆ, ହିନ୍ଦୀ, ସଂସ୍କୃତ, ତାମିଲ, ତେଲୁଗୁ, ବଙ୍ଗଳା ଆଦିକୁ ଭାରତୀୟ ଭାଷା ଏବଂ ଇଂରାଜୀ, ଫ୍ରେଞ୍ଚ, ଜର୍ମାନ ଆଦିକୁ ଅଣ-ଭାରତୀୟ ଭାଷା ଭାବେ ଅନ୍ତର୍ଭୁକ୍ତ କରାଯାଇଛି। ଏହି ନୀତିର ବାଧ୍ୟତାମୂଳକ କାର୍ଯ୍ୟକାରିତାକୁ ଆହ୍ୱାନ କରି ଆଗତ ହୋଇଥିବା ଆବେଦନ ଉପରେ କୋର୍ଟ କେନ୍ଦ୍ର ସରକାର, ସିବିଏସଇ ଓ ଏନସିଇଆରଟିକୁ ନୋଟିସ୍ ଜାରି କରିଛନ୍ତି।

## ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ଶୁଭେଚ୍ଛାର ସୁଅ



ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁବାର ୭୬ ବର୍ଷରେ ପାଦ ଥାପିଛନ୍ତି। ୧୯୫୦ ସେପ୍ଟେମ୍ବର ୧୭ରେ ଗୁଜରାଟର ବଡ଼ନଗରରେ ଜନ୍ମଗ୍ରହଣ କରିଥିବା ମୋଦୀ ଅକ୍ଟୋବର ୭ରେ ଜନସେବାରେ ନିରବଚ୍ଛିନ୍ନ ୨୫ ବର୍ଷ ପୂରଣ କରିବାକୁ ଯାଉଛନ୍ତି। ଏହି ଅବସରରେ ଦେଶର ବହୁ ପ୍ରମୁଖ ନେତୃବୃନ୍ଦ ତାଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇବା ସହ ତାଙ୍କ ଜନସେବା ଓ ସୁଶାସନର ପ୍ରଶଂସା କରିଛନ୍ତି।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି. ପି. ରାଧାକ୍ରିଷ୍ଣନ୍, ଗୃହମନ୍ତ୍ରୀ ଅମିତ ଶାହ, ଲୋକସଭା ବାଚସ୍ପତି ଓମ୍ ବିର୍ଲା, ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ. କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ ଓ ରାହୁଲ ଗାନ୍ଧୀ, ଜେଡି(ୟୁ) ମୁଖ୍ୟ ନୀତୀଶ କୁମାର, ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ, ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍. ଡି. ଦେବଗୌଡ଼ା ପ୍ରମୁଖ ପ୍ରଧାନମନ୍ତ୍ରୀଙ୍କ ଦୀର୍ଘ ନିରାମୟ ଜୀବନ କାମନା କରିଛନ୍ତି।

### ଲୋହିତ ସାଗରରେ ଫସିଲା ସାଉଦି ଆରବ

# ହୁତି ବିଦ୍ରୋହୀଙ୍କ ସହ ଆମେରିକାର ଗୁପ୍ତ ଚୁକ୍ତି ନେଇ ଚର୍ଚ୍ଚା



**ରିୟାଦ:** ସାଉଦି ଆରବ ଏବଂ ହୁତି ବିଦ୍ରୋହୀଙ୍କ ମଧ୍ୟରେ ଚାଲିଥିବା ଲଢ଼େଇରେ ଏକ ନୂତନ ଅପଡେଟ୍ ସାମ୍ନାକୁ ଆସିଛି। ରିପୋର୍ଟ ଅନୁଯାୟୀ, ୱାସିଂଟନ୍ ସ୍ଥିତ କୂଟନୀତିଜ୍ଞ ଏବଂ ଶୀର୍ଷ ହୁତି ନେତାଙ୍କ ମଧ୍ୟରେ ତିନି ଦିନ ପୂର୍ବେ ଏକ ଗୁପ୍ତ ବୈଠକ ହୋଇଥିଲା। ଏହି ବୈଠକରେ ଉଭୟଙ୍କ ମଧ୍ୟରେ ଏକ ନୂତନ ଚୁକ୍ତି ହୋଇଥିବା ଖବର ପ୍ରକାଶ ପାଇଛି। ଏହି ଖବର ନେଇ ରିୟାଦର ଚିନ୍ତା ବଢ଼ିବାରେ ଲାଗିଛି। ଦି ଗାର୍ଡିଆନ ଅନୁଯାୟୀ, ଆମେରିକା ଏବଂ ହୁତିମାନେ ୨୦୨୫ ଚୁକ୍ତିର ନବୀକରଣ କରିଛନ୍ତି। ଲୋହିତ ସାଗରରେ ଥିବା ଆମେରିକା ଜାହାଜକୁ ଟାର୍ଗେଟ କରାଯିବ ନାହିଁ ବୋଲି ହୁତି ବିଦ୍ରୋହୀମାନେ ୱାସିଂଟନକୁ ପ୍ରତିଶ୍ରୁତି ଦେବା ପରେ ଆମେରିକା ୟେମେନରେ ସାଉଦି ଆରବକୁ ସମର୍ଥନ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛି।ନିକଟରେ ସାଉଦି ଆରବର ଯୁବରାଜ ମହମ୍ମଦ ବିନ୍ ସଲମାନ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଫୋନ୍ କରି ସାହାଯ୍ୟ ମାଗିଥିଲେ, କିନ୍ତୁ ଟ୍ରମ୍ପ କୌଣସି ଠୋସ୍ ପ୍ରତିଶ୍ରୁତି ଦେଇ ନଥିଲେ।ସାଉଦି ଆରବକୁ ଏପର୍ଯ୍ୟନ୍ତ ପାକିସ୍ତାନ, ତୁର୍କୀ ଏବଂ ଆମେରିକା ଭଳି ଦେଶଠାରୁ କୌଣସି ସହାୟତା ମିଳିନାହିଁ। ସାଉଦି ଆରବ ଏବେ ହୁତିଙ୍କ ବିରୋଧରେ ଲଢ଼ିବା ପାଇଁ ବ୍ରିଟେନ, ମିଶର ଏବଂ ଇସ୍ରାଏଲଠାରୁ ସମର୍ଥନ ଲୋଡ଼ିଛି।୨୦୨୫ ମସିହାରେ ୱାସିଂଟନ ହୁତି ବିଦ୍ରୋହୀମାନଙ୍କୁ ଆତଙ୍କବାଦୀ ଘୋଷଣା କରିଥିଲା। ସେମାନଙ୍କୁ ନିପାତ କରିବା ପାଇଁ ଆମେରିକା ୟେମେନରେ ବ୍ୟାପକ ବୋମାମାଡ଼ କରିଥିଲା। ଏହା ସତ୍ତ୍ୱେ, ଆମେରିକା ବିଫଳ ହୋଇଥିଲା। ଶେଷରେ, ଆମେରିକା ହୁତି ବିଦ୍ରୋହୀଙ୍କ ସହ ଏକ ଆପୋଷ ବୁଝାମଣାରେ ପହଞ୍ଚିଥିଲା। ଆମେରିକା ବର୍ତ୍ତମାନ ଇରାନ ସହ ଯୁଦ୍ଧରେ ଲିପ୍ତ। ଫଳରେ ହର୍ମୁଜ୍ରୁ ଯୋଗାଣ ବାଧାପ୍ରାପ୍ତ ହୋଇଛି।

## ପେଟ୍ରୋଲ, ଡିଜେଲ, ବିମାନ ଇନ୍ଧନ ରପ୍ତାନି ଟିକସ ହ୍ରାସ

**ନୂଆଦିଲ୍ଲୀ:** ପେଟ୍ରୋଲ, ଡିଜେଲ ଓ ବିମାନ ଇନ୍ଧନ ରପ୍ତାନି ଉପରେ ଲାଗିଥିବା ରପ୍ତାନି ଟିକସକୁ କେନ୍ଦ୍ର ସରକାର ହ୍ରାସ କରିଛନ୍ତି। ସେପ୍ଟେମ୍ବର ୧୬ରୁ ନୂଆ ହାର ଲାଗୁ ହୋଇଛି। ଅନ୍ତର୍ଜାତୀୟ ତେଲ ବଜାର ସ୍ଥିତିକୁ ନଜରରେ ରଖି ସରକାର ପ୍ରତି ୧୫ ଦିନରେ ଏହି ଟିକସର ସମୀକ୍ଷା କରୁଛନ୍ତି। ପେଟ୍ରୋଲ ରପ୍ତାନି ଉପରେ ଟିକସ ଲିଟର ପିଛା ଦେଢ଼ ଟଙ୍କାରୁ କମାଇ ୫୦ ପଇସା କରାଯାଇଛି। ଅର୍ଥାତ ପେଟ୍ରୋଲରେ ଟିକସ ଲିଟର ପିଛା ୧ ଟଙ୍କା ହ୍ରାସ ହୋଇଛି। ସେହିପରି ଡିଜେଲ ରପ୍ତାନି ଉପରେ ଶୁଳ୍କ ଲିଟର ପିଛା ୨୫ ଟଙ୍କାରୁ ୨୦ ଟଙ୍କାକୁ ହ୍ରାସ ପାଇଛି। ବିମାନରେ ବ୍ୟବହୃତ ଆଭିଏସନ୍ ଟର୍ବାଇନ୍ ଫ୍ୟୁଏଲ୍ (ଏଟିଏଫ୍) ରପ୍ତାନି ଉପରେ ମଧ୍ୟ ଟିକସ ଲିଟର ପିଛା ୧୯ ଟଙ୍କାରୁ ୧୫ ଟଙ୍କାକୁ ହ୍ରାସ ପାଇଛି। ଏହି ଶୁଳ୍କ ହ୍ରାସ ଫଳରେ ତେଲ ରପ୍ତାନି କରୁଥିବା କମ୍ପାନିଗୁଡ଼ିକ ଉପରେ ଟ୍ୟାକ୍ସ ଚାପ କମିବ। ଦେଶ ଭିତରେ ବିକ୍ରି ହେଉଥିବା ପେଟ୍ରୋଲ ଓ ଡିଜେଲ ଉପରେ ଲାଗୁ ହୋଇଥିବା ଉତ୍ପାଦ ଶୁଳ୍କରେ କୌଣସି ପରିବର୍ତ୍ତନ ହୋଇନାହିଁ। ତେଣୁ ଏହି ନିଷ୍ପତ୍ତିରୁ ଘରୋଇ ବଜାରରେ ପେଟ୍ରୋଲ ଓ ଡିଜେଲ ଦର କମିବ ନାହିଁ।

## ଉଧମପୁରରେ ଏନକାଉଣ୍ଟର, ୨ ଆତଙ୍କବାଦୀ ସଫା

**ଶ୍ରୀନଗର:** ସୁରକ୍ଷାକର୍ମୀଙ୍କୁ ବଡ଼ ସଫଳତା। ଜମ୍ମୁ-କଶ୍ମୀରର ଉଧମପୁରରେ ବୁଧବାର ବିଳମ୍ବିତ ରାତିରେ ହୋଇଥିବା ଏନକାଉଣ୍ଟରରେ ଟଳିଛନ୍ତି ଦୁଇ କୁଖ୍ୟାତ ଆତଙ୍କବାଦୀ। ନିହତ ଦୁଇ ଆତଙ୍କବାଦୀ କଶ୍ମୀର ଟାଇଗର୍ସର ସଦସ୍ୟ। କଶ୍ମୀର ଟାଇଗର୍ସ ପାକିସ୍ତାନରେ ସକ୍ରିୟ ଜୈଶ-ଇ-ମହମ୍ମଦର ଗୋଟିଏ ଛାୟା ସଂଗଠନ। ଦୁଇ ଆତଙ୍କବାଦୀ ସୁରକ୍ଷାକର୍ମୀଙ୍କ ଗୁଳିରେ ନିହତ ହୋଇଥିଲେ ହେଁ ଏଯାଏ ସେମାନଙ୍କ ପରିଚୟ ସେନା ପକ୍ଷରୁ ସାର୍ବଜନୀନ କରାଯାଇ ନାହିଁ। ମାଜାଲତା ଅଞ୍ଚଳର ଘଞ୍ଚ ଜଙ୍ଗଲରେ କିଛି ସନ୍ଦିଗ୍ଧ ଗତିବିଧିର ଖବର ପ୍ରଥମେ ମିଳିଥିଲା। ଏହି ଖବର ମିଳିବା ମାତ୍ରେ ସୁରକ୍ଷାକର୍ମୀଙ୍କ ପକ୍ଷରୁ ବିଳମ୍ବିତ ରାତିରେ ହିଁ ସର୍ଚ୍ଚ ଅପରେସନ ଆରମ୍ଭ ହୋଇଯାଇଥିଲା। ସୁରକ୍ଷାକର୍ମୀମାନେ ପୂରା ଅଞ୍ଚଳକୁ ଘେରାଉ କରିଥିବା ବେଳେ ଆତଙ୍କବାଦୀମାନେ ଗୁଳି ମାଡ଼ ଆରମ୍ଭ କରି ଦେଇଥିଲେ। ସୁରକ୍ଷାକର୍ମୀଙ୍କ ପକ୍ଷରୁ ମଧ୍ୟ ଏହାର କଡ଼ା ଜବାବ ଦିଆଯାଇଥିଲା। ବେଶ କିଛି ସମୟ ଧରି ଚାଲିଥିବା ଗୁଳି ବିନିମୟରେ ୨ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ସେମାନଙ୍କ ମୃତଦେହ ପୂର୍ବ ଜୈଶ ଲିଙ୍କ ଆତଙ୍କୀ ସଂଗଠନ ବ୍ୟବହାର କରୁଥିବା ଟ୍ରାଞ୍ଜିଟ ରୁଟ ନିକଟରୁ ଜବତ କରାଯାଇଛି। ନିହତ ହୋଇଥିବା ୨ ଆତଙ୍କବାଦୀ ବିଦେଶୀ ନାଗରିକ ବୋଲି ଜଣାପଡ଼ିଛି। ସେମାନଙ୍କ ମୃତଦେହ ଗୁରୁବାର ଭୋର ସମୟରେ ସୁରକ୍ଷାକର୍ମୀମାନେ ଜବତ କରିଛନ୍ତି। ସେମାନଙ୍କ ନିକଟରୁ ବନ୍ଧୁକ ଓ ଗୁଳିଗୋଳା ଜବତ ହୋଇଥିବା ସେନା ପକ୍ଷରୁ କୁହାଯାଇଛି। ସେନାର କହିବା କଥା ଯେ ଅପରେସନରେ ରାଷ୍ଟ୍ରୀୟ ରାଇଫଲ୍ସ, ପାରା ସ୍ପେଶାଲ ଫୋର୍ସ ଓ ଜମ୍ମୁ-କଶ୍ମୀର ପୁଲିସ୍ ସାମିଲ ହୋଇଥିଲେ।

## ଟିଏମସିକୁ ଝଟକା: ଦଳର ନିର୍ବାଚନ ଚିହ୍ନ ବ୍ୟବହାର ସ୍ଥଗିତ ରଖିଲେ ଇସି

**ନୂଆଦିଲ୍ଲୀ:** ଦଳ ଉପରେ ନିୟନ୍ତ୍ରଣକୁ ନେଇ ତୃଣମୂଳ କଂଗ୍ରେସର ବିରୋଧୀ ଗୋଷ୍ଠୀ ମଧ୍ୟରେ ଚାଲିଥିବା ବିବାଦ ଉପରେ ଭାରତର ନିର୍ବାଚନ କମିଶନ (ଇସି) ଗୁରୁବାର ଦିନ ଏକ ଅନ୍ତରୀଣ ନିର୍ଦ୍ଦେଶ ଜାରି କରିଛନ୍ତି। ଏଥିରେ ପଶ୍ଚିମବଙ୍ଗର ଦୁଇଟି ବିଧାନସଭା ଆସନ ପାଇଁ ହେବାକୁ ଥିବା ଉପ-ନିର୍ବାଚନରେ ଦଳର ନାମ ଏବଂ ସଂରକ୍ଷିତ "ଫୁଲ ଓ ଘାସ" ନିର୍ବାଚନ ଚିହ୍ନର ବ୍ୟବହାରକୁ ସ୍ଥଗିତ ରଖାଯାଇଛି। ଉଭୟ ଗୋଷ୍ଠୀ ଅକ୍ଟୋବର ୬ ତାରିଖରେ ହେବାକୁ ଥିବା ନନ୍ଦିଗ୍ରାମ ଏବଂ ରେଜିନଗର ବିଧାନସଭା ଉପ-ନିର୍ବାଚନ ପାଇଁ ପ୍ରାର୍ଥୀ ମଇଦାନକୁ ଓହ୍ଲାଇଥିଲେ। ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏବଂ ଅରୂପ ରାୟଙ୍କ ନେତୃତ୍ୱାଧୀନ ଉଭୟ ଗୋଷ୍ଠୀଙ୍କୁ ନନ୍ଦିଗ୍ରାମ ଓ ରେଜିନଗର ବିଧାନସଭା ଆସନର ଉପ-ନିର୍ବାଚନ ପାଇଁ ସ୍ୱତନ୍ତ୍ର ନାମ ଏବଂ ନିର୍ବାଚନ ଚିହ୍ନ ବାଛିବାକୁ ନିର୍ଦ୍ଦେଶ ଦିଆଯାଇଛି। କମିଶନ ଉଭୟ ଗୋଷ୍ଠୀଙ୍କୁ "ଅଲ୍ ଇଣ୍ଡିଆ ତୃଣମୂଳ କଂଗ୍ରେସ" ନାମ ବ୍ୟବହାର କରିବାକୁ ବାରଣ କରିଛନ୍ତି ଏବଂ ସେମାନଙ୍କୁ ଦଳର ସଂରକ୍ଷିତ "ଫୁଲ ଓ ଘାସ" ଚିହ୍ନ ବ୍ୟବହାର କରିବାକୁ ମଧ୍ୟ ନିଷେଧ କରିଛନ୍ତି। ଇସି ନିଜ ନିର୍ଦ୍ଦେଶରେ କହିଛି ଯେ, 'ନିର୍ବାଚନ ଚିହ୍ନ (ସଂରକ୍ଷଣ ଓ ଆବଣ୍ଟନ) ଆଦେଶ, ୧୯୬୮'ର ଧାରା ୧ ଆୟୋଗ କହିଛନ୍ତି ଯେ, ଚଳିତ ନିର୍ବାଚନ ପାଇଁ ଘୋଷିତ 'ମୁକ୍ତ ଚିହ୍ନ' ତାଲିକାରୁ ହିଁ ଚିହ୍ନଗୁଡ଼ିକ ଚୟନ କରାଯିବା ଆବଶ୍ୟକ। ଦଳ ମଧ୍ୟରେ ଥିବା ଦୁଇଟି ବିରୋଧୀ ଗୋଷ୍ଠୀ (ଗୋଟିଏ ମମତା ବାନାର୍ଜୀଙ୍କ ନେତୃତ୍ୱରେ ଏବଂ ଅନ୍ୟଟି ଅରୂପ ରାୟଙ୍କ ନେତୃତ୍ୱରେ) ଏବଂ ଉଭୟଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିତ୍ୱ କରୁଥିବାର ଦାବିକୁ ଆଧାର କରି ଆୟୋଗ ଏହି ଅସ୍ଥାୟୀ ବ୍ୟବସ୍ଥା ଗ୍ରହଣ କରିଛନ୍ତି।

## ଟାଟାରେ ଚନ୍ଦ୍ରଶେଖରନଙ୍କୁ ଆଉ ୫ ବର୍ଷ ନିଯୁକ୍ତି



**ମୁମ୍ବାଇ:** ତୃତୀୟ ପାଳିକୁ ଅପେକ୍ଷା ବହୁଦିନ ଅପେକ୍ଷା କରି ନିକଟରେ ଇସ୍ତଫା ଦେଇଥିବା ଏନ ଚନ୍ଦ୍ରଶେଖରନଙ୍କୁ ଟାଟା ସନ୍ସ ପକ୍ଷରୁ ଅଧ୍ୟକ୍ଷ ଭାବେ ପୁନଃନିଯୁକ୍ତି ଦିଆଯାଇଛି। ଷ୍ଟକ୍ ବଜାରରେ ପ୍ରବେଶ କରିବାକୁ ଟାଟା ଉପରେ ଚାପ ପଡ଼ୁଥିବା ଭଳି ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ ଏହି ନିଷ୍ପତ୍ତି ନିଆଯାଇଛି। ଗୁରୁବାର ଟାଟା ସନ୍ସର ବୋର୍ଡ ବୈଠକରେ ଚନ୍ଦ୍ରଶେଖରନଙ୍କ ନିଯୁକ୍ତି ପ୍ରସ୍ତାବକୁ ଅନୁମୋଦନ କରାଯାଇଥିଲା। ୨୦୧୭ ପରଠାରୁ ଟାଟା ସନ୍ସର ଅଧ୍ୟକ୍ଷ ଭାବେ ସେ କାର୍ଯ୍ୟ କରୁଛନ୍ତି।

ସାଇରସ ମିସ୍ତ୍ରୀଙ୍କୁ ଏକ ବିବାଦୀୟ ପରିସ୍ଥିତିରେ ପଦରୁ ହଟାଇବା ପରେ ଟାଟା ପରିବାର ବାହାରର ଜଣେ ବ୍ୟକ୍ତି ଭାବେ ଚନ୍ଦ୍ରଶେଖରନଙ୍କୁ ଅଧ୍ୟକ୍ଷ କରାଯାଇଥିଲା। ପ୍ରଥମ ପାଳିକୁ ସଫଳତାର ସହ ଶେଷ କରିବା ପରେ ତାଙ୍କୁ ଦ୍ୱିତୀୟ ପାଳି ସୁଯୋଗ ଦିଆଯାଇଥିଲା। ସେହି କାର୍ଯ୍ୟକାଳ ଆସନ୍ତା ବର୍ଷ ଫେବ୍ରୁଆରି ୨୦ରେ ଶେଷ ହେବାର ଥିଲା।ରତନ ଟାଟାଙ୍କ ଦେହାନ୍ତ ପରେ ଟାଟା ସନ୍ସ ଦାୟିତ୍ୱ ତାଙ୍କ ସାବତ ଭାଇ ନୋଏଲ ଟାଟା ନେଇଛନ୍ତି। ସେ ଚନ୍ଦ୍ରଶେଖରନଙ୍କ କାମ ଉପରେ ଏତେଟା ସନ୍ତୁଷ୍ଟ ନଥିଲେ। ବିଶେଷ କରି ଏୟାର ଇଣ୍ଡିଆ, ଜାଗୁଆର ଲ୍ୟାଣ୍ଡରୋଭର ଓ ଆଉ କିଛି ବ୍ୟବସାୟରେ ହେଉଥିବା କ୍ଷତିରେ ସେ ଜବାବ ଚାହୁଁଥିଲେ।ସେଥିପାଇଁ ଚନ୍ଦ୍ରଶେଖରନଙ୍କ ତୃତୀୟ ପାଳି ନିଯୁକ୍ତିକୁ ସେ ଅଟକାଇ ଦେଇଥିବା ଆଲୋଚନା ହେଉଥିଲା। ପରିବର୍ତ୍ତିତ ପରିସ୍ଥିତିରେ ତାଙ୍କୁ ପୁଣି ଏକ ସୁଯୋଗ ଦେବାକୁ ଟାଟା ସନ୍ସ ବୋର୍ଡ ନିଷ୍ପତ୍ତି ନେଇଛି। ତାମିଲନାଡୁରେ ଜନ୍ମିତ ଚନ୍ଦ୍ରଶେଖରନ ୧୯୮୭ରେ ଟାଟାର ସଫ୍ଟୱେର କମ୍ପାନି ଟିସିଏସ୍‌ରେ ଯୋଗଦେଇ ୨୦୦୯ ସୁଦ୍ଧା ସିଇଓ ହୋଇଥିଲେ। ବୃହତ ବ୍ୟବସାୟ ସାମ୍ରାଜ୍ୟ ପରିଚାଳନା କରିବାରେ ତାଙ୍କ ଦକ୍ଷତା ଓ ରତନ ଟାଟାଙ୍କ ଭରସା ପାଇଁ ସେ ସଫଳତାର ଗୋଟିଏ ପରେ ଗୋଟିଏ ପାହାଚ ଚଢ଼ିଥିଲେ। ତାଙ୍କ ଅମଳରେ ଏୟାର ଇଣ୍ଡିଆକୁ ଟାଟା ଗ୍ରୁପ୍ ଅଧିଗ୍ରହଣ କରିଥିଲା।

# ମହିଳା ଆଇପିଏସ୍ ଅଧିକାରୀଙ୍କୁ ମହଙ୍ଗା ପଡ଼ିଲା ଇସ୍ଲାମୀୟ ଶବ୍ଦ

### ▸▸ ଅଢ଼େଇ ମାସ ପରେ ବିଦଳି



**କୋଲକାତା:** ସୋସିଆଲ୍ ମିଡିଆରେ ଏକ ଭିଡିଓରେ 'ଆସସଲାମ୍ ଆଲାଇକୁମ୍', 'ଇନ୍ନା ଆଲ୍ଲାହଦ ଓ 'ଜଜାକାଲ୍ଲାହଦ ଭଳି ଇସ୍ଲାମୀୟ ଅଭିବାଦନ ଓ ଶବ୍ଦ ବ୍ୟବହାର କରିବାକୁ ନେଇ ବିବାଦ ମଧ୍ୟରେ ପଶ୍ଚିମବଙ୍ଗର ଆଇପିଏସ୍ ଅଧିକାରୀ ବୁଶ୍ରା ବାନୋଙ୍କ ବଦଳିକୁ ନେଇ ପ୍ରଶ୍ନ ଉଠିଛି। ୨୦୨୧ ବ୍ୟାଚ୍ର ଆଇପିଏସ୍ ଅଧିକାରୀ ବୁଶ୍ରା ବାନୋ ଖଡ଼ଗପୁରର ଅତିରିକ୍ତ ଏସ୍ପି ଭାବେ କାର୍ଯ୍ୟ କରୁଥିଲେ। ଦାୟିତ୍ୱ ନେବାର ପ୍ରାୟ ଅଢ଼େଇ ମାସ ପରେ ତାଙ୍କୁ ବଦଳି କରାଯାଇଛି। ସେପ୍ଟେମ୍ବର ୧୪ରେ ପଶ୍ଚିମବଙ୍ଗ ସରକାର ଜାରି କରିଥିବା ଆଦେଶ ଅନୁଯାୟୀ ବୁଶ୍ରାଙ୍କୁ ଖଡ଼ଗପୁର ଅତିରିକ୍ତ ଏସ୍ପି ପଦରୁ ହଟାଇ ରାଜ୍ୟ ସଶସ୍ତ୍ର ପୁଲିସର ଚତୁର୍ଥ ବାଟାଲିୟନ୍ର ଡେପୁଟି କମାଣ୍ଡାଣ୍ଟ କରାଯାଇଛି। ଆଦେଶରେ ବଦଳିର କାରଣ 'ଜନସ୍ୱାର୍ଥ'ଦ ବୋଲି ଦର୍ଶାଯାଇଛି। ସରକାର ଏହାକୁ ଏକ ନିୟମିତ ପ୍ରଶାସନିକ ବଦଳି ବୋଲି କହିଛନ୍ତି। ଏହି ପରିବର୍ତ୍ତନ ସହ ଦୁଇଜଣ ପଶ୍ଚିମବଙ୍ଗ ପୁଲିସ ସେବା ଅଧିକାରୀଙ୍କର ମଧ୍ୟ ନୂଆ ନିଯୁକ୍ତି ହୋଇଛି।

ବିବାଦର ମୂଳରେ ରହିଛି ବୁଶ୍ରାଙ୍କ ସୋସିଆଲ୍ ମିଡିଆ ଭିଡିଓ। ସେପ୍ଟେମ୍ବର ୧୩ରେ ପ୍ରକାଶିତ ଏହି ଭିଡିଓରେ ସେ ନିଜର ସିଭିଲ୍ ସର୍ଭିସ୍ ପ୍ରସ୍ତୁତି ଓ ଆଇପିଏସ୍ ହେବାର ଯାତ୍ରା ବିଷୟରେ ଛାତ୍ରଛାତ୍ରୀଙ୍କୁ କହିଥିଲେ। ଭିଡିଓ ଆରମ୍ଭରେ 'ଆସସଲାମ୍ ଆଲାଇକୁମ୍ କହିବା ସହ 'ଇନ୍ନା ଆଲ୍ଲାହଦ ଶବ୍ଦ ବ୍ୟବହାର କରିଥିଲେ। ଆଲିଗଡ଼ ମୁସଲିମ୍ ବିଶ୍ୱବିଦ୍ୟାଳୟର ରେସିଡେନ୍ସିଆଲ୍ କୋଚିଂ ଏକାଡେମି ତାଙ୍କ ୟୁପିଏସ୍ସି ପ୍ରସ୍ତୁତିରେ ସହାୟତା କରିଥିବା ସେ କହିଥିଲେ।

ବୁଶ୍ରା ମୂଳତଃ ଉତ୍ତରପ୍ରଦେଶ କନୌଜର ବାସିନ୍ଦା। ସେ ଆଲିଗଡ଼ ମୁସଲିମ୍ ବିଶ୍ୱବିଦ୍ୟାଳୟରୁ ପିଏଚ୍ଡି କରିବା ପରେ କିଛି ବର୍ଷ ଗଲ୍ଫ ଦେଶରେ କାମ କରିଥିଲେ। ପରେ ଭାରତ ଫେରି ୨୦୨୧ରେ ୟୁପିଏସ୍ସି ପରୀକ୍ଷାରେ ସଫଳ ହୋଇ ଆଇପିଏସ୍ରେ ଯୋଗ ଦେଇଥିଲେ। ଭିଡିଓକୁ ନେଇ କିଛି ହିନ୍ଦୁ ସଂଗଠନ ଆପତ୍ତି ଉଠାଇଥିଲେ। 'ହିନ୍ଦୁ ଲିଗାଲ୍ ଫଣ୍ଡ' ପକ୍ଷରୁ ସେପ୍ଟେମ୍ବର ୧୩ରେ ପଶ୍ଚିମବଙ୍ଗର ଗୃହ ସଚିବଙ୍କ ନିକଟରେ ଅଭିଯୋଗ କରାଯାଇଥିଲା। ସରକାରୀ ଅଧିକାରୀ ଭାବେ ସେ ସାର୍ବଜନୀନ ଯୋଗାଯୋଗରେ ଧର୍ମନିରପେକ୍ଷତା ରକ୍ଷା କରିବା ଉଚିତ ବୋଲି ସଂଗଠନ ପକ୍ଷରୁ ଯୁକ୍ତି ଦିଆଯାଇଥିଲା। ବୁଶ୍ରାଙ୍କ ବଦଳିକୁ ନେଇ ବିରୋଧୀ ଦଳର ନେତାମାନେ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି। କଂଗ୍ରେସ ସାଂସଦ ଇମ୍ରାନ୍ ପ୍ରତାପଗଡ଼ୀ ଆଇପିଏସ୍ ଆସୋସିଏସନ୍ ଏହି ଘଟଣାକୁ ଧ୍ୟାନ ଦେବାକୁ କହିଛନ୍ତି। ଟିଏମ୍ସି ବିଧାୟକ କୁନାଲ ଘୋଷ କହିଛନ୍ତି, ସରକାରଙ୍କର ବଦଳି କରିବାର ଅଧିକାର ରହିଛି, କିନ୍ତୁ କୌଣସି ଅସାମ୍ବିଧାନିକ ବା ଅସଂସଦୀୟ କଥା ନ କହିଥିଲେ ବ୍ୟକ୍ତିଗତ ଅଭ୍ୟାସ ଅନୁଯାୟୀ କହିଥିବା ଶବ୍ଦ ପାଇଁ ତାଙ୍କୁ ଦଣ୍ଡିତ କରାଯିବା ଉଚିତ ନୁହେଁ। ତେବେ ବୁଶ୍ରାଙ୍କ ବଦଳି ଭିଡିଓ ବିବାଦ ସହ ସିଧାସଳଖ ଜଡ଼ିତ ବୋଲି ପଶ୍ଚିମବଙ୍ଗ ସରକାର କହିନାହାନ୍ତି। ସରକାରୀ ଆଦେଶରେ କେବଳ 'ଜନସ୍ୱାର୍ଥ'କୁ ବଦଳିର କାରଣ ଦର୍ଶାଯାଇଛି।

# ଶୃଙ୍ଖଳା ମୂଳପୋଛ କଲା ଭାରତ

## ୩୦ ବଲରେ ୧୦୦: ବିଶ୍ୱ ରେକର୍ଡ କଲେ ଅଭିଷେକ ଶର୍ମା

### ଆଫଗାନିସ୍ତାନ ୧୨୭ ରନରେ ପରାସ୍ତ

ନୂଆଦିଲ୍ଲୀ,୧୭।୯ (ଏଜେନ୍ସି): ଆଫଗାନସ୍ତାନ ବିପକ୍ଷ ୩ଟିକିଆ ସିରିଜକୁ ୩-୦ରେ କବଜା କରିନେଇଛି ଭାରତ। ପ୍ରଥମ ଦୁଇଟି ମ୍ୟାଚ ଜିତିଥିବା ଭାରତ ଆଜିର ମ୍ୟାଚରେ ମଧ୍ୟ ରେକର୍ଡ ରନ୍ କରି କ୍ଲିନ ସୁଇପ କରିଛି। ଭାରତ ପ୍ରଥମ ବ୍ୟାଟିଂ କରି ୭ ୱିକେଟ୍ ବିନିମୟରେ ୨୨୧ ରନ କରିଥିବା ବେଳେ ଆଫଗାନିସ୍ତାନ ସମସ୍ତ ୱିକେଟ୍ ହରାଇ ମାତ୍ର ୯୪ ରନ କରିଥିଲା। ଆଫଗାନିସ୍ତାନ ୧୨୭ ରନରେ ପରାସ୍ତ ହୋଇଛି।

ଆଜିର ଟି-୨୦ରେ ଭାରତର ଓପନର ଅଭିଷେକ ଶର୍ମାଙ୍କ ବିଶ୍ୱ ରେକର୍ଡ। ଆଫଗାନିସ୍ତାନ ବିପକ୍ଷ ତୃତୀୟ ଟି-୨୦ରେ ଅଭିଷେକ ୩୦ ବଲରେ ଶତକ ମାରି ନୂଆ କୀର୍ତ୍ତିମାନ ହାସଲ କରିଛନ୍ତି। ମ୍ୟାଚରେ ୩୪ ବଲରେ ସାମ୍ନା କରି ୧୦୮ ରନ କରିଥିବା ଅଭିଷେକ ଏବେ ଟେଷ୍ଟ ଖେଳୁଥିବା ଦେଶଗୁଡ଼ିକ ମଧ୍ୟରେ ପ୍ରଥମ କ୍ରିକେଟର ଭାବେ ନୂଆ ରେକର୍ଡ ସୃଷ୍ଟି କରିଛନ୍ତି। ଅଭିଷେକଙ୍କ ପୂର୍ବରୁ ଟେଷ୍ଟ ପ୍ଲେଇଂ ଦେଶଗୁଡ଼ିକର କୌଣସି ଖେଳାଳି ଏତେ କମ ବଲରେ କେବେ ବି ଟି-୨୦ରେ ଶତକ ହାସଲ କରିଥିଲେ।କିନ୍ତୁ ଆଜି ଅଭିଷେକ ଆଫଗାନିସ୍ତାନ ବିପକ୍ଷରେ ଏହି ସଫଳତା ହାସଲ କରିଛନ୍ତି। ପୂର୍ବରୁ ଏହି ରେକର୍ଡ ନ୍ୟୁଜିଲ୍ୟାଣ୍ଡର ଫିନ୍ ଆଲେନଙ୍କ ନାଁରେ ଥିଲା। ସେ ଦକ୍ଷିଣ ଆଫ୍ରିକା ବିପକ୍ଷ ଟି-୨୦ରେ ଏପରି କୀର୍ତ୍ତିମାନ ସୃଷ୍ଟି କରିଥିଲେ। ଅଭିଷେକଙ୍କ ପୂର୍ବରୁ ୨୭ ବଲରେ ଟି-୨୦ ଶତକ ହାସଲ କରିଥିବା ଖେଳାଳି ହେଉଛନ୍ତି ଇଷ୍ଟୋନିଆର ସାହିଲ ଚୌହାନ। ସେ ସାଇପ୍ରସ ବିପକ୍ଷରେ ଏହି ଇନିଂସ ଖେଳିଥିଲେ। କିନ୍ତୁ ଇଷ୍ଟୋନିଆ କିମ୍ବା ସାଇପ୍ରସ କେହି ବି ଟେଷ୍ଟ କ୍ରିକେଟ ଖେଳନ୍ତି ନାହିଁ। ସେହିପରି ଉଭୟ ଦଳ ଆଇସିସିର ପୂର୍ଣ୍ଣ ସଦସ୍ୟ ରାଷ୍ଟ୍ର




ନୁହନ୍ତି। ଉଭୟ ଆସୋସିଏଟ ନେଶନ।ସାହିଲଙ୍କ ବ୍ୟତୀତ ତୁର୍କୀର ମହମ୍ମଦ ଫହାଦ ମଧ୍ୟ ଟି-୨୦ରେ ଅନ୍ୟତମ ଦ୍ରୁତତମ ବ୍ୟାଟର। ସେ ବୁଲଗେରିଆ ବିପକ୍ଷ ଟି-୨୦ରେ ମାତ୍ର ୨୯ ବଲରେ ଶତକ ମାରିଥିଲେ। ଉଭୟ ଦଳ ଆଇସିସିର ପୂର୍ଣ୍ଣ ସଦସ୍ୟ ରାଷ୍ଟ୍ର ନୁହନ୍ତି। ଉଭୟ ଆସୋସିଏଟ ନେଶନ। ଅଭିଷେକ ଟେଷ୍ଟ ଖେଳୁଥିବା ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଦ୍ରୁତତମ ଶତକଧାରୀ ହୋଇଛନ୍ତି।ଅନ୍ୟପଟେ ଭାରତ ପାଇଁ ମଧ୍ୟ ଅଭିଷେକ ଦ୍ରୁତତମ ଟି-୨୦ ଶତକଧାରୀ ବନି ଯାଇଛନ୍ତି। ପୂର୍ବରୁ ଏହି ରେକର୍ଡ ରୋହିତ ଶର୍ମାଙ୍କ ନାଁରେ ଥିଲା। ସେ ଶ୍ରୀଲଙ୍କା ବିପକ୍ଷ ଟି-୨୦ରେ ମାତ୍ର ୩୫ ବଲରେ ଶତକ ହାସଲ କରିଥିଲେ। ରୋହିତଙ୍କ ରେକର୍ଡକୁ ୨୬ ବର୍ଷୀୟ ଅଭିଷେକ ଅତିକ୍ରମ କରି ଯାଇଛନ୍ତି।୩୪ ବଲରେ ୧୦୮ ରନର ଇନିଂସ ଖେଳିଥିବା ଅଭିଷେକଙ୍କ ବ୍ୟାଟରୁ ୧୧ଟି ଛକା ଓ ୯ଟି ଚୌକା ଦେଖିବାକୁ ମିଳିଛି। ପ୍ରଥମ ଟି-୨୦ରେ ଅଭିଷେକ ଶର୍ମା ୮୪ ରନ ଓ ଦ୍ୱିତୀୟ ମ୍ୟାଚ୍ରେ

### କୋରିଆ ବିପକ୍ଷ ଡେଭିସ୍ କପ୍

## ଦକ୍ଷିଣ କୋରିଆକୁ ଭେଟିବ ଭାରତ

ସିଓଲ,୧୭।୯ (ଏଜେନ୍ସି): ଚଳିତ ଡେଭିସ୍ କପ୍ କ୍ୱାଲିଫାୟର ରାଉଣ୍ଡ-୨ରେ ଶୁକ୍ରବାର ସିଓଲରେ ଘରୋଇ ଦଳ ଦକ୍ଷିଣ କୋରିଆକୁ ଭେଟିବ ଭାରତ। ନେଦରଲାଣ୍ଡସକୁ ହରାଇ ଏହି ରାଉଣ୍ଡକୁ ଆସିଥିବା ଭାରତ ଏବେ ଫାଇନାଲ୍-୮ରେ ପହଞ୍ଚିବା ଲକ୍ଷ୍ୟ ନେଇ କୋର୍ଟକୁ ଓହ୍ଲାଇବ। ଏକକରେ ଏକମାତ୍ର ଦକ୍ଷିଣ କୋରିଆ ଖେଳାଳି ଭାବେ ୨ଟି ଏଟିପି ଟୁର୍ ଟ୍ରଫି ଜିତିଥିବା ସୁନଉ ବିପକ୍ଷରୁ ଦକ୍ଷିଣେଶ୍ୱର ସୁରେଶ ଅଭିଯାନ ଆରମ୍ଭ କରିବେ। ସିଓଲର ସ୍ଲୋ ଓ କମ୍ ବାଉନ୍ସ ପିଚରେ ବିଶ୍ୱର ୧୫୦ ନମ୍ବର ଖେଳାଳି କ୍ୱନ୍ସବ ବିପକ୍ଷରେ ଖେଳିବା ୨୬ ବର୍ଷୀୟ ଦକ୍ଷିଣେଶ୍ୱର ବଡ଼ ଆହ୍ୱାନ ହେବ।ଗତ ଫେବ୍ରୁଆରିରେ ୩୬୭ ନମ୍ବର ଦକ୍ଷିଣେଶ୍ୱର ଚମତ୍କାର ପ୍ରଦର୍ଶନ ବଳରେ ଭାରତ ନାଟକୀୟ ଭାବେ ୩-୨ରେ ନେଦରଲାଣ୍ଡକୁ ମାତ୍ ଦେଇଥିଲା। ତେଣୁ ତାଙ୍କ ଉପରେ ଭାରତ ଭରସା ରଖିଛି। ଅନ୍ୟ ଏକକ ମ୍ୟାଚରେ ଭାରତର ୧ନମ୍ବର ଖେଳାଳି ସୁମିତ ନଗଲ ଭେଟିବେ ୫୬୭ ନମ୍ବର ହିଓନ୍ ୨୦୧୮ ଅଷ୍ଟ୍ରେଲିଆନ୍ ଓପନରେ ଆଲେକ୍ଜାଣ୍ଡର ଭେରେଭ୍ (ରାଉଣ୍ଡ-୩) ଓ ନୋଭାକ ଜୋକୋଭିକ୍ (ରାଉଣ୍ଡ-୪)ଙ୍କ ଭଳି ଖେଳାଳି ହରାଇ ସେମିଫାଇନାଲରେ ପହଞ୍ଚିଥିଲେ। ରୋଜର ଫେଡେରେର୍ଙ୍କଠୁ ହାରି ବିଦାୟ ନେଇଥିଲେ। ଚୁଙ୍ଗ ଲଗାତାର ଆହତ ଜନିତ ସମସ୍ୟାରେ ପଡ଼ିବାରୁ ତାଙ୍କ ମାନ୍ୟତାରେ ଅବନତି ଘଟିଛି। ଯୁଗଳରେ ଭାରତର ମଙ୍ଗ ଧରିବେ ଅଭିଜ୍ଞ ଏନ୍ ଶ୍ରୀରାମ ବାଲାଜୀ ଓ ଆହତ ଯୁକି ଭାମ୍ବ୍ରିଙ୍କ ସ୍ଥାନରେ ଦଳରେ ସାମିଲ ହୋଇଥିବା ନିକି ପୁନାଚା। ପୁନାଚା ଡାକରା ପାଇ ବୁଧବାର ସନ୍ଧ୍ୟାରେ ସିଓଲରେ ପହଞ୍ଚିଥିଲେ। ଏହି ଯୋଡ଼ି ଉଇସୁଙ୍ଗ ପାର୍କ ଓ ଜିସୁଙ୍ଗ ନାମକୁ ଭେଟିବେ।

### ▸▸ ଓସିଏ ନିର୍ବାଚନ ମାମଲା

## ବିସିସିଆଇ ନିୟମ ମାନିବାକୁ ବାଧ୍ୟ, ହାଇକୋର୍ଟରେ କହିଲା ଓସିଏ

କଟକ:୧୭।୯ (ସବ୍ୟୁ): ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ (ଓସିଏ)ର ଅଫିସ୍ ବିୟରର୍ ନିର୍ବାଚନ ସମ୍ପର୍କିତ ମାମଲାରେ ଓସିଏ ପକ୍ଷରୁ ହାଇକୋର୍ଟରେ କାଉଣ୍ଟର ଆଫିଡେଭିଟ୍ ଦାଖଲ କରାଯାଇଛି। ଏଥିରେ ଓସିଏ କହିଛି ଯେ, ଏହା ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଫୁଲ୍ ମେମ୍ବର ଏବଂ ବିସିସିଆଇର ମେମୋରାଣ୍ଡମ୍ ଅଫ୍ ଆସୋସିଏସନ୍ ଓ ନିୟମାବଳୀ ଅନୁସାରେ ରାଜ୍ୟ କ୍ରିକେଟ୍ ସଂଘର ଅଫିସ୍ ବିୟରର୍ଙ୍କ କାର୍ଯ୍ୟକାଳ ୩ ବର୍ଷ। ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତିଙ୍କ ପକ୍ଷରୁ ଦାଖଲ ଆଫିଡେଭିଟ୍ରେ କୁହାଯାଇଛି ଯେ, ବିସିସିଆଇର ନିୟମ ଉଲ୍ଲଂଘନ କଲେ ଓସିଏ ବିସିସିଆଇର ଅନୁଦାନରୁ ବଞ୍ଚିତ ହୋଇପାରେ। ଏପରିକି ଦୁଇ ବର୍ଷ ଧରି ଅନୁଦାନ ପାଇବାକୁ ଅଯୋଗ୍ୟ ରହିଲେ ବିସିସିଆଇ ଓସିଏର ସଦସ୍ୟତା ମଧ୍ୟ ପୁନଃବିଚାର କରିପାରେ ବୋଲି ଆଫିଡେଭିଟ୍ରେ ଉଲ୍ଲେଖ ରହିଛି। ନ୍ୟାସନାଲ ସ୍ପୋର୍ଟ୍ସ ଗଭର୍ଣ୍ଣାନ୍ସ ଆକ୍ଟ, ୨୦୨୫କୁ ନେଇ ରହିଥିବା ଅସ୍ପଷ୍ଟତା କାରଣରୁ ଓସିଏ ୩୧ ଅଗଷ୍ଟ ୨୦୨୫ର ବିଶେଷ ସାଧାରଣ ସଭାରେ ନିର୍ବାଚନ ପରବର୍ତ୍ତୀ ସମୟକୁ ଘୁଞ୍ଚାଇବାକୁ ନିଷ୍ପତ୍ତି ନେଇଥିଲା ବୋଲି ଆଫିଡେଭିଟରେ କୁହାଯାଇଛି। ବାରବାଟୀ ଷ୍ଟାଡିୟମରେ ୯ ଡିସେମ୍ବର ୨୦୨୫ରେ ଅନ୍ତର୍ଜାତୀୟ କ୍ରିକେଟ୍ ମ୍ୟାଚ୍ ଏବଂ ନୂଆ ଆଇନକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ହୋଇଥିଲା। ତେବେ ବିସିସିଆଇ ପକ୍ଷରୁ ହାଇକୋର୍ଟରେ ଦାଖଲ ଜବାବ ପରେ ସ୍ଥିତି ସ୍ପଷ୍ଟ ହୋଇଥିବା ଓସିଏ କହିଛି। ଆଫିଡେଭିଟ୍ ଅନୁସାରେ, କ୍ରିକେଟକୁ ଏପର୍ଯ୍ୟନ୍ତ ନ୍ୟାସନାଲ ସ୍ପୋର୍ଟ୍ସ ଗଭର୍ଣ୍ଣାନ୍ସ ଆକ୍ଟ ଅଧୀନରେ 'ଡିଜିଗ୍ନେଟେଡ୍ ସ୍ପୋର୍ଟ' ଭାବେ ଅଧିସୂଚିତ କରାଯାଇନାହିଁ ବୋଲି ବିସିସିଆଇ ଦର୍ଶାଇଛି। ଏହି ମାମଲାରେ ଆବେଦନକାରୀମାନେ ଓସିଏର ଅଫିସ୍ ବିୟରର୍—ସଭାପତି, ଉପସଭାପତି, ସମ୍ପାଦକ, ଯୁଗ୍ମ ସମ୍ପାଦକ ଓ କୋଷାଧ୍ୟକ୍ଷ—ପଦ ପାଇଁ ନିର୍ବାଚନ ଘୋଷଣା କରି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କରାଇବାକୁ ନିର୍ଦ୍ଦେଶ ଦେବା ପାଇଁ ହାଇକୋର୍ଟଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି।

### ଏଏଫସି ଚାମ୍ପିଅନ୍ସ ଲିଗ୍-୨

## ଇଷ୍ଟ ବେଙ୍ଗଲକୁ ଐତିହାସିକ ପଏଣ୍ଟ

ଅମାନ,୧୭।୯ (ଏଜେନ୍ସି): ଏସିଆର ଦ୍ୱିତୀୟସ୍ତରୀୟ ଫୁଟବଲ୍ ପ୍ରତିଯୋଗିତା ଚଳିତ ଏଏଫସି ଚାମ୍ପିଅନ୍ସ ଲିଗ୍ (ଏସିଏଲ୍)ରେ ଇଷ୍ଟ ବେଙ୍ଗଲ ଏଫସି ଐତିହାସିକ ପଏଣ୍ଟ ଅର୍ଜନ କରିଛି। ଗ୍ରୁପ୍-ଡି'ରେ ନିଜର ପ୍ରଥମ ମ୍ୟାଚକୁ ଇଷ୍ଟ ବେଙ୍ଗଲ ଅମୀମାଂସିତ ରଖି ୧ ପଏଣ୍ଟ ପାଇଛି। ଜୋର୍ଡାନ୍ ପ୍ରୋ ଲିଗ୍ ବିଜେତା ଅଲ୍ ହୁସେନ୍ ଏସସି ବିପକ୍ଷ ଏହି ମ୍ୟାଚର ପ୍ରଥମାର୍ଦ୍ଧରେ ଆଇଏସ୍ଏଲ୍ ବିଜେତା ଇଷ୍ଟ ବେଙ୍ଗଲ ଚମତ୍କାର ଖେଳି ୨ ଗୋଲ୍ରେ ଆଗରେ ରହିଥିଲା। ଏହି ଦୁଇ ଗୋଲ୍ ଦଳ ପକ୍ଷରୁ ଡାନିଏଲ୍ ରାମିରେଜ (୯ ମିନିଟ୍) ଓ ଅନୱାର ଅଲୀ (୪୦ ମିନିଟ୍) ଦେଇଥିଲେ।

ହେଲେ ଦ୍ୱିତୀୟାର୍ଦ୍ଧରେ ଇଷ୍ଟ ବେଙ୍ଗଲ ଧିମା ପଡ଼ି ଯାଇଥିଲା। ଅନ୍ୟପକ୍ଷରେ ନିଜ ଘରୋଇ ପଡ଼ିଆ ଅମାନ ଇଣ୍ଟରନ୍ୟାସ୍ନାଲ୍ ଷ୍ଟାଡିୟମରେ ଖେଳୁଥିବା ଅଲ୍ ହୁସେନ୍ ଏଫସି ସଫଳ ପ୍ରତ୍ୟାବର୍ତ୍ତନ କରି ୨ ଗୋଲ୍ ଲଦି ମ୍ୟାଚ୍ ଅମୀମାଂସିତ ରଖିଥିଲା। ଏହି ଦୁଇ ଗୋଲ୍ ଘରୋଇ ଦଳ ପକ୍ଷରୁ ମହମ୍ମଦ ଅଲ୍ ମାର୍ଡି (୬୧ ମିନିଟ୍) ଓ ଅହମ୍ମଦ ଆସାଫ୍ (୮୭ ମିନିଟ୍) କରିଥିଲେ। ଫଳରେ ଉଭୟ ଦଳ ଗୋଟିଏ ଲେଖାଏଁ ପଏଣ୍ଟରେ ସନ୍ତୁଷ୍ଟ ରହିଥିଲେ। ଏଥିସହ ୨୦୨୪-୨୫ରେ ଏସିଏଲ୍ ପୁନଃବ୍ରାଣ୍ଡ ହେବା ପରେ ଏସିଆର ଏହି ଦ୍ୱିତୀୟ ସ୍ତରୀୟ ପୁରୁଷ ଫୁଟ୍ବଲ୍ ପ୍ରତିଯୋଗିତାରେ ପ୍ରଥମ ଭାରତୀୟ ଦଳ ଭାବେ ଇଷ୍ଟ ବେଙ୍ଗଲ ପ୍ରଥମ ପଏଣ୍ଟ ଅର୍ଜନ କରିବାର ଗୌରବ ପାଇଥିଲା। ଇଷ୍ଟ ବେଙ୍ଗଲ ନିଜର ପରବର୍ତ୍ତୀ ମ୍ୟାଚ୍ କୋଲକାତାର ବିବେକାନନ୍ଦ ଯୁବ ଭାରତୀୟ କ୍ରୀଡ଼ାଙ୍ଗନଠାରେ ଅକ୍ଟୋବର ୧୩ ତାରିଖରେ ଇରାକ୍ର ଅଲ୍ ସୋର୍ଟା ଏସ୍ସି ବିପକ୍ଷରେ ଖେଳିବ।




## ଏସୀୟ କ୍ରୀଡ଼ା ଅଭିଯାନ: ୩୧୦ ନୂଆ ମୁହଁ, ୭୦୨ କୋଟିର ପୁଞ୍ଜି ବିନିଯୋଗ

ନୂଆଦିଲ୍ଲୀ,୧୭।୯ (ଏଜେନ୍ସି): ଆଗାମୀ ଏସୀୟ କ୍ରୀଡ଼ାରେ ଭାରତର ପଦକ ସଂଖ୍ୟାକୁ ଆହୁରି ବଢ଼ାଇବା ଲକ୍ଷ୍ୟରେ କେନ୍ଦ୍ର କ୍ରୀଡ଼ା ମନ୍ତ୍ରାଳୟ ବ୍ୟାପକ ପ୍ରସ୍ତୁତି କରିଛି। ଗତ ୩ ବର୍ଷ ମଧ୍ୟରେ ଖେଳାଳିଙ୍କ ପ୍ରଶିକ୍ଷଣ, ଉପକରଣ, ବିଦେଶୀ ପ୍ରତିଯୋଗିତାରେ ଅଂଶଗ୍ରହଣ, ପ୍ରଶିକ୍ଷକ ଓ ବିଶେଷଜ୍ଞ ନିଯୁକ୍ତି ଆଦି ପାଇଁ ଭାରତ ସରକାରଙ୍କ ପକ୍ଷରୁ ପ୍ରାୟ ୭୦୨.୮୬ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ଏହା ବ୍ୟତୀତ ଟାର୍ଗେଟ୍ ଅଲିମ୍ପିକ୍ ପୋଡିୟମ୍ ସ୍କିମ୍ (ଟପ୍ସ) ମାଧ୍ୟମରେ ଆଉ ୯୭.୮୪ କୋଟି ଟଙ୍କା ବିନିଯୋଗ ହୋଇଛି। ଜାପାନରେ ସେପ୍ଟେମ୍ବର ୧୯ରୁ ଆରମ୍ଭ ହେବାକୁ ଥିବା ଆଗାମୀ ଏସୀୟ କ୍ରୀଡ଼ାରେ ଭାରତର ୫୦୧ ଜଣ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିବେ। ଏଥିରେ ଅଛନ୍ତି ୨୬୭ଜଣ ପୁରୁଷ ଏବଂ ୨୩୪ଜଣ ମହିଳା ଖେଳାଳି। ୩୬ଟି କ୍ରୀଡ଼ାରେ ଭାରତୀୟ ଦଳ ଅଂଶଗ୍ରହଣ କରିବ। ଏଥର ୩୧୦ଜଣ ଭାରତୀୟ ଖେଳାଳି ପ୍ରଥମଥର ଏସୀୟ କ୍ରୀଡ଼ାରେ ଅଂଶଗ୍ରହଣ କରିବେ। ଏଥିନେଇ ଟପ୍ସର ମୁଖ୍ୟ କାର୍ଯ୍ୟନିର୍ବାହୀ ଏନ୍ଏସ୍ ଜୋହଲ କହିଛନ୍ତି, ବିଭିନ୍ନ କ୍ରୀଡ଼ାରେ ଭାରତୀୟ ଖେଳାଳିଙ୍କ ପ୍ରଦର୍ଶନରେ ଭଲ ଗତି ଦେଖିବାକୁ ମିଳୁଛି। ଯୁବ ଖେଳାଳିମାନେ ସ୍ୱଳ୍ପ ବୟସରେ ଶୀର୍ଷସ୍ତରୀୟ ପ୍ରତିଯୋଗିତାକୁ ଆସିବା ଭାରତୀୟ କ୍ରୀଡ଼ା ପାଇଁ ଏକ ଭଲ ସଙ୍କେତ। ଏଥର ଭାରତୀୟ ଦଳରେ ଅନେକ ଯୁବ ପ୍ରତିଭାଙ୍କ ଉପରେ ନଜର ରହିବ।

## ମୁଖ୍ୟ ଚୟନକର୍ତ୍ତା ଦୌଡ଼ରେ ପ୍ରଜ୍ଞାନ ଓଝା



ନୂଆଦିଲ୍ଲୀ,୧୭।୯ (ଏଜେନ୍ସି): ଚଳିତ ମାସରେ ଶେଷ ହେବାକୁ ଯାଉଛି ବିସିସିଆଇର ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକରଙ୍କ କାର୍ଯ୍ୟକାଳ। ସେ ୨୦୨୭ ଦିନିକିଆ ବିଶ୍ୱକପ ଯାଏ ଏହି ପଦରେ ରହିବାକୁ ଚାହୁଁଛନ୍ତି। ହେଲେ ବିସିସିଆଇ ତାଙ୍କ କାର୍ଯ୍ୟକାଳ ବୃଦ୍ଧି କରିବା ସପକ୍ଷରେ ନାହିଁ। ଅଜିତ ଅଗରକରଙ୍କୁ ମୁଖ୍ୟ ଚୟନକର୍ତ୍ତା ପଦରୁ ହଟାଇବାକୁ ବିସିସିଆଇ ବିଧିବଦ୍ଧ ଭାବେ ନିଷ୍ପତ୍ତି ନେଇ ସାରିଛି। ଅଜିତ ଅଗରକର ବିଦାୟ ନେବାକୁ ଯାଉଥିବା ବେଳେ ଏବେ ମୁଖ୍ୟ ଚୟନକର୍ତ୍ତା ହେବା ଦୌଡ଼ରେ ଦୁଇ ଜଣ ଭେଟରାନ ଖେଳାଳିଙ୍କ ନାଁ ସାମିଲ ହୋଇଛି। ସେମାନେ ହେଲେ- ପୂର୍ବତନ ଭାରତୀୟ କ୍ରିକେଟର ପାର୍ଥିବ ପଟେଲ ଓ ପ୍ରଜ୍ଞାନ ଓଝା। ଆସନ୍ତାକାଲି ଅର୍ଥାତ ଶୁକ୍ରବାର ବିସିସିଆଇର ବାର୍ଷିକ ସାଧାରଣ ପରିଷଦ ମିଟିଂ ଅନୁଷ୍ଠିତ ହେବ। ଏହି ସମୟରେ ଅଗରକରଙ୍କ ଭବିଷ୍ୟତ ଉପରେ ନିଷ୍ପତ୍ତି ନିଆଯିବ। ସୂତ୍ର ଅନୁସାରେ, ଅଗରକରଙ୍କ କାର୍ଯ୍ୟକାଳ ବୃଦ୍ଧି ନ କରିବାକୁ ବିସିସିଆଇ ଏଜିଏମ ପୂର୍ବରୁ ହିଁ ଏକମତ ହୋଇ ସାରିଛି।ସେହିପରି ଅଗରକର ବୁଧବାର ତାଙ୍କ କାର୍ଯ୍ୟକାଳର ଶେଷ ଚୟନକର୍ତ୍ତା ଟିମର ଅଧ୍ୟକ୍ଷତା କରି ସାରିଛନ୍ତି। ବୁଧବାର ୱେଷ୍ଟଇଣ୍ଡିଜ ବିପକ୍ଷ ଦିନିକିଆ, ଟି-୨୦ ଓ ଇରାନୀ ଟ୍ରଫିର ସ୍କ୍ୱାଡ ଘୋଷଣା କରିବା ବେଳେ ଏହାର ଅଧ୍ୟକ୍ଷତା ଅଗରକର କରିଥିଲେ। ଅଗରକର ବିଦାୟ ନେବାକୁ ଯାଉଥିବା ପୂର୍ବତନ ୱିକେଟ କିପର ପାର୍ଥିବ ପଟେଲ ଓ ପୂର୍ବତନ ସ୍ପିନର ପ୍ରଜ୍ଞାନ ଓଝା ମୁଖ୍ୟ ଚୟନକର୍ତ୍ତା ହେବା ଦୌଡ଼ରେ ସବୁଠାରୁ ଆଗରେ ରହିଛନ୍ତି। ଉଭୟ ପାର୍ଥିବ ଓ ପ୍ରଜ୍ଞାନ ୩ଥର ନିଜ ନିଜ ଟିମ ପାଇଁ ଆଇପିଏଲ ଟ୍ରଫି ଜିତିଛନ୍ତି।

## ଭାଙ୍ଗିଗଲା ପୃଥ୍ୱୀ ଶ'ଙ୍କ ବାହାଘର

ନୂଆଦିଲ୍ଲୀ,୧୭।୯ (ଏଜେନ୍ସି): ଭାରତୀୟ ଟିମରେ ସ୍ଥାନ ପାଇବାକୁ ସଂଘର୍ଷ କରୁଥିବା ପୃଥ୍ୱୀ ଶଦଙ୍କ ବ୍ୟକ୍ତିଗତ ଜୀବନରେ ଆସିଛି ଝଡ଼। ୬ ମାସ ତଳେ ବେଶ ଧୁମଧାରେ ନିର୍ବନ୍ଧ କରିଥିବା ପୃଥ୍ୱୀ ଶଦଙ୍କ ବାହାଘର ଏବେ ଭାଙ୍ଗି ଯାଇଛି।

ପୃଥ୍ୱୀ ଶ ଓ ଆକୃତି ଅଗ୍ରୱାଲ ଆଜି ଠାରୁ ବିଧିବଦ୍ଧ ଭାବେ ଅଲଗା ହୋଇ ଯାଇଛନ୍ତି। ସୋଶାଲ ମିଡିଆରେ ଆକୃତି ନିଜେ ଏ ସମ୍ପର୍କରେ ସୂଚନା ଦେବା ସହ ପୃଥ୍ୱୀ ଓ ସେ କାହିଁକି ଅଲଗା ହେବାକୁ ନିଷ୍ପତ୍ତି ନେଇଛନ୍ତି, ତାଦର ଖୁଲାସା କରିଛନ୍ତି। ଆକୃତି ହେଉଛନ୍ତି ଜଣେ ସୋଶାଲ ମିଡିଆ ବ୍ୟକ୍ତିବିଶେଷ ଓ ଅଭିନେତ୍ରୀ। ପ୍ରାୟ ୬ ମାସ ତଳେ ପୃଥ୍ୱୀ ଓ ସେ ନିର୍ବନ୍ଧ କରିଥିଲେ। ଖୁବଶୀଘ୍ର ଉଭୟ ବିବାହ ବନ୍ଧନରେ ବାନ୍ଧି ହେବେ ବୋଲି କହିଥିଲେ। କିନ୍ତୁ ଏବେ ସେ ଓ ପୃଥ୍ୱୀ ଶଦ ଆପୋଷ ଆଲୋଚନା ମାଧ୍ୟମରେ ଅଲଗା ହୋଇଯିବାକୁ ନିଷ୍ପତ୍ତି ନେଇଥିବା ଆକୃତି କହିଛନ୍ତି।



ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / କ୍ଷୁଦ୍ରାକାରି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭୀମ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ [illegible] / ଇମେଲ୍: classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ [illegible]ରେ ଯୋଗାଯୋଗ କରନ୍ତୁ।

## ମହିଳା କ୍ରିକେଟ୍ ସେମିରେ ଶ୍ରୀଲଙ୍କା, ପାକିସ୍ତାନ

ନୂଆଦିଲ୍ଲୀ,୧୭।୯ (ଏଜେନ୍ସି): ଏସୀୟ କ୍ରୀଡ଼ାରେ ମହିଳା କ୍ରିକେଟ୍ ପ୍ରତିଯୋଗିତା ଗୁରୁବାରଠୁ ଆରମ୍ଭ ହୋଇଛି। ବର୍ଷା ଓ ଓଦା ପଡ଼ିଆ ଯୋଗୁଁ ଶ୍ରୀଲଙ୍କା-ଚୀନ୍ ମ୍ୟାଚ୍ ବାତିଲ ହୋଇଥିଲା। ଉଚ୍ଚ ମାନ୍ୟତାରେ ଥିବାରୁ ବିନା ପରିଶ୍ରମରେ ଶ୍ରୀଲଙ୍କା ସେମିଫାଇନାଲ୍ ସ୍ଥାନ ପକ୍କା କରିଛି। ହେଲେ ପାକିସ୍ତାନ ଓ ଥାଇଲାଣ୍ଡ ମ୍ୟାଚ୍ ଓଦା ପଡ଼ିଆ ଯୋଗୁଁ ବିଳମ୍ବରେ ଖେଳାଯାଇଥିଲା। ମ୍ୟାଚ୍ ୧୧ ଓଭର ବିଶିଷ୍ଟ ହୋଇଥିଲା ବେଳେ ପାକିସ୍ତାନ ୩ ୱିକେଟରେ ଜିତି ସେମିଫାଇନାଲରେ ପହଞ୍ଚିଛି। ପ୍ରଥମେ ବ୍ୟାଟିଂ କରିଥିବା ଥାଇଲାଣ୍ଡ ନାନ୍ନାପାତ କୋଞ୍ଚାରୋଏଙ୍କାଇଙ୍କ ୪୯ ବଲରେ ୪ ୱିକେଟ୍ ହରାଇ ୯୧ ରନ୍ କରିଥିଲା। ଜବାବରେ ପାକିସ୍ତାନ ୭ ୱିକେଟ୍ ହରାଇ ୨ ବଲ୍ ପୂର୍ବରୁ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ବିଜେତା ଭାରତ ଶନିବାର ଜାପାନ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ।

## ଟେବଲ୍ ପୁରୁଷ ଯୁଗଳରୁ ଭାରତ ଆଉଟ୍

ଆଇଚି-ନଗୋୟା,୧୭।୯ (ଏଜେନ୍ସି): ଶନିବାରଠୁ ଆନୁଷ୍ଠାନିକ ଭାବେ ଏସୀୟ କ୍ରୀଡ଼ା ଆରମ୍ଭ ପୂର୍ବରୁ କିଛି ଖେଳ ଆରମ୍ଭ ହୋଇଛି। ଟେବଲରୁ ଭାରତ ଅଭିଯାନ ଆରମ୍ଭ କରିଥିଲା ବେଳେ ସଫଳତା ପାଇନି। ଭାରତୀୟ ପୁରୁଷ ଯୁଗଳ ଯୋଡ଼ି ଡେକ୍ଲାନ ମାର୍ଶାଲ ଗୋନସାଲଭେସ୍ ଓ ମହମ୍ମଦ ଆନସ ଇମ୍ରାନ ବେଗ୍ ନିଜର ଗ୍ରୁପ୍ ପର୍ଯ୍ୟାୟର ୨ଟି ଯାକ ମ୍ୟାଚ୍ ହାରି କ୍ୱାର୍ଟରଫାଇନାଲ୍ ପୂର୍ବରୁ ବିଦାୟ ନେଇଛନ୍ତି। ପ୍ରଥମ ମ୍ୟାଚରେ ଭାରତୀୟ ଯୋଡ଼ି ଭିଏତନାମର ଟ୍ରୋଙ୍ଗ ଜିଆଙ୍ଗ ବା ଓ ଆନ୍ ଖୋଆ ଲିଙ୍କଠୁ ୧୦-୧୨, ୮-୧୨ରେ ହାରିଥିଲେ। ଦ୍ୱିତୀୟ ମ୍ୟାଚରେ ଦକ୍ଷିଣ କୋରିଆର ଜୁନବୁକ୍ ଲି ଓ ତାଏବିନ୍ ଲିଙ୍କଠୁ ୪-୧୨, ୭-୧୨ରେ ପରାସ୍ତ ହୋଇଥିଲେ।

## ବଲିଉଡ୍ ସୁଟିଂ ପାଇଁ ଲିସେଷ୍ଟରସାୟରର ୨୭ ପଏଣ୍ଟ କଟିଲା

ଲିସେଷ୍ଟରସାୟର,୧୭।୯ (ଏଜେନ୍ସି): ଏକ ବଲିଉଡ୍ ଚଳଚ୍ଚିତ୍ର ସୁଟିଂ ପାଇଁ କାଉଣ୍ଟି ଚାମ୍ପିଅନସିପ ଡିଭିଜନ୍-୧ରେ ନିଜ ସ୍ଥାନ ବଜାୟ ରଖିବା ଲାଗି ଲିସେଷ୍ଟରସାୟର ଏବେ ସଙ୍କଟରେ ପଡ଼ିଛି। ପିଚ୍ ସମ୍ବନ୍ଧୀୟ ନିୟମ ଉଲ୍ଲଂଘନ ପାଇଁ ଏହି କ୍ଲବର ୨୭ ପଏଣ୍ଟ କାଟି ଦିଆଯାଇଛି। ଲିସେଷ୍ଟରରେ ଗତ ମାସରେ ଖେଳାଯାଇଥିବା ଗ୍ଲାମରଗନ୍ ବିପକ୍ଷ କାଉଣ୍ଟି ମ୍ୟାଚକୁ ୪୨ ରନରେ ଲିସେଷ୍ଟରସାୟର ଜିତିଥିଲା। ଏବେ ଏହି ପିଚକୁ ମ୍ୟାଚ୍ ରେଫରି ଖରାପ ମାନ୍ୟତା ଦେଇଛନ୍ତି।

ଫଳରେ କ୍ରିକେଟ୍ ଶୃଙ୍ଖଳାଗତ କମିଟି (ସିଡିସି) ଏହି ମ୍ୟାଚ୍ ବିଜୟ ପାଇଁ ଲିସେଷ୍ଟରସାୟର ପାଇଥିବା ୧୯ ପଏଣ୍ଟ ସହ ଅତିରିକ୍ତ ୮ ପଏଣ୍ଟ କାଟିଛି। ଫଳରେ ଏହା ୨୭ ପଏଣ୍ଟରେ ପହଞ୍ଚିଛି। ଏଥିସହ ୫୦୦୦ ପାଉଣ୍ଡ ଜରିମାନା ମଧ୍ୟ ଲଗାଇଛି। ଏହି ଦଣ୍ଡ ବିରୋଧରେ କ୍ଲବକୁ ୧୦ ଦିନ ମଧ୍ୟରେ ଅପିଲ୍ କରିବାର ସୁଯୋଗ ମିଳିଛି। ପିଚ୍ ଖରାପ ହେବାର ମୁଖ୍ୟ କାରଣ ଗ୍ରେସଗୋଡରେ ହୋଇଥିବା ଏକ ଅନିର୍ଦ୍ଧାରିତ ବଲିଉଡ୍ ଚଳିଚ୍ଚିତ୍ର ସୁଟିଂ ବୋଲି ଶୃଙ୍ଖଳାଗତ ଟ୍ରିବ୍ୟୁନାଲ ନିକଟରେ ଲିସେଷ୍ଟରସାୟାର ମୁଖ୍ୟ ଗ୍ରାଉଣ୍ଡସମ୍ୟାନ୍ କଲମ ଲେୱିନ୍ କହିଛନ୍ତି। "ଏହା ବ୍ୟବହୃତ ପିଚ୍ ଥିଲା। ୧୦ ସପ୍ତାହ ତଳେ ୨ଟି ଟି-୨୦ ମ୍ୟାଚ୍ ଏଠାରେ ଖେଳାଯାଇଥିଲା। କିଛି କାରଣ ପାଇଁ ଏହି ପିଚ୍ ମୋ ନିୟନ୍ତ୍ରଣ ବାହାରେ ଥିଲା। ଏଠାରେ ୩୫ ଡିଗ୍ରିରୁ ଅଧିକ ଗରମ ରହିଥିଲା ବେଳେ ମ୍ୟାଚର ୪ ଦିନ ପୂର୍ବରୁ ଏକ ଅନିର୍ଦ୍ଧାରିତ ବଲିଉଡ୍ ଚଳଚ୍ଚିତ୍ର ଇଭେଣ୍ଟ୍ ଏଠାରେ ହୋଇଥିଲା। ତେଣୁ ପିଚରେ କାମ କରିବାକୁ ମୋତେ ସୁଯୋଗ ଦିଆଯାଇ ନଥିଲା। ଏପରିକି ପିଚରେ ଘୋଡ଼ାଇବା ଲାଗି ବି ମୋତେ ଅନୁମତି ମିଳି ନଥିଲା ବୋଲି ଲେୱିନ କହିଛନ୍ତି । କ୍ଲବର ୨୭ ପଏଣ୍ଟ କଟିଯିବାରୁ ଦଳକୁ ଡିଭିଜନ୍-୧ରେ ତିଷ୍ଠି ରହିବାକୁ ହେଲେ ପରବର୍ତ୍ତୀ ମ୍ୟାଚକୁ ଜିତିବାକୁ ପଡ଼ିବ। ନଚେତ୍ ଡିଭିଜନ୍-୨କୁ ଖସି ଆସିବ। ଏହି ଚଳିଚ୍ଚିତ୍ର ଭାରତର ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲିଙ୍କ ଆତ୍ମଜୀବନୀ ଉପରେ ହେଉଥିବା ସୂଚନା ମିଳିଛି।



ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Dr. Gurukalyan Mohapatra,ମୁଖ୍ୟ ସମ୍ପାଦକ: ଡ. ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି